# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୩/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, August 23/2019 | ★★★★★★

୪୫ଶ ଭାଗ ୨୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






## ବିକ୍ରମ ରାଠୋର ବ୍ୟାଟିଂ କୋଚ୍

ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ ବିକ୍ରମ ରାଠୋର ଭାରତୀୟ କ୍ରିକେଟ ଦଳର ନୂଆ ବ୍ୟାଟିଂ କୋଚ୍ ନିଯୁକ୍ତ ହୋଇଛନ୍ତି।

୧୮ — ୦୭



## ସୋନମ୍ ଶେୟାର କଲେ ମୋଶନ ପୋଷ୍ଟର

ବଲିଉଡ୍ ନାୟିକା ସୋନମ୍ କପୁର ତାଙ୍କ ଅପ୍ କମିଂ ଫିଲ୍ମ 'ଦ ଜୋୟା ଫ୍ୟାକ୍ଟର'ର ଏକ ମୋଶନ ପୋଷ୍ଟର ଶେୟାର୍ କରିଛନ୍ତି।

**ଆଜିର ସମ୍ପାଦକୀୟ**

**ଅଭିବୃଦ୍ଧି ବଢ଼ାଅ**

**ଆଜିର ମନ୍ତବ୍ୟ**

"ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇ ଆଉ ରହିନାହିଁ।

– ଗୁଲାମନବୀ ଆଜାଦ୍, ବରିଷ୍ଠ କଂଗ୍ରେସ ନେତା





NATIONAL EGG CO-ORDINATION COMMITTEE — 22.08.2019 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 63 | 110 | 120 |
| CTC | 63 | 110 | 120 |
| DKL | 63 | 110 | 120 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 63 | 110 | 120 |
| BHM | 642 | 109 | 119 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers


# ସିବିଆଇ ରିମାଣ୍ଡରେ ଚିଦାମ୍ବରମ

■ ଆଇଏନ୍ଏକ୍ସ ମିଡିଆ ମାମଲାରେ ବୁଧବାର ରାତିରେ ଗିରଫ ହୋଇଥିଲେ

■ ୫ ଦିନିଆ ରିମାଣ୍ଡରେ ନେବା ପାଇଁ ସିବିଆଇ ଆବେଦନ କରିଥିଲା

■ ୪ ଦିନ ପାଇଁ ହାଜତରେ ରଖିବାକୁ ସ୍ୱତନ୍ତ୍ର ଅଦାଲତ ଅନୁମତି ଦେଲେ

■ ଓକିଲ ଓ ପରିବାର ଲୋକେ ଦିନକୁ ଅଧଘଣ୍ଟା ସାକ୍ଷାତ କରିପାରିବେ



ପି. ଚିଦାମ୍ବରମ

■ ପ୍ରତି ୪୮ ଘଣ୍ଟାରେ ହେବ ଚିଦାମ୍ବରମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ନୂଆଦିଲ୍ଲୀ, ୨୨।୮ (ପି.ଟି./ଆଇଏଏନ୍ଏସ୍)

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ବହୁଚର୍ଚ୍ଚିତ ଆଇଏନ୍ଏକ୍ସ ମିଡିଆ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ସନ୍ଧ୍ୟା ୫ଟା ୪୫ ମିନିଟରେ ୪ ଦିନିଆ ରିମାଣ୍ଡରେ ନେଇଛି। ବୁଧବାର ରାତିରେ ଗିରଫ ହୋଇଥିବା ଚିଦାମ୍ବରମଙ୍କୁ ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାର ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ହାଜତରେ ରଖି ଜେରା କରିବା ପାଇଁ ସିବିଆଇକୁ ଅନୁମତି ଦେଇଛନ୍ତି। ଏହାସହ ଚିଦାମ୍ବରମଙ୍କ ଓକିଲ ଓ ପରିବାର ଲୋକେ ହାଜତରେ ତାଙ୍କୁ ଦିନକୁ ଅଧଘଣ୍ଟା ଲେଖାଏ ଭେଟି ପାରିବେ। ପ୍ରତି ୪୮ ଘଣ୍ଟାରେ ଚିଦାମ୍ବରମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଅଦାଲତଙ୍କ ନିର୍ଦ୍ଦେଶ ରହିଛି। ଫଳରେ ଜାତୀୟ ☞ପୃଷ୍ଠା–୪



ରିପୋର୍ଟ: ପୃଷ୍ଠା–୫

କେନ୍ଦୁଝର ଜିଲା ଅଟେଇ ସଂରକ୍ଷିତ ଜଙ୍ଗଲ ବାଲିଯୋଡ଼ି ଗ୍ରାମ ନିକଟରେ ଗୁରୁବାର ଗାଡ଼ି ଧକ୍କାରେ ପ୍ରାଣ ହରାଇଥିବା ମା' ଏବଂ ଛୁଆ ହାତୀ।

# ଛାତ୍ର ସଂସଦ ନିର୍ବାଚନ ବାତିଲ

**କଲେଜ, ବିଶ୍ୱବିଦ୍ୟାଳୟକୁ ଜଣାଇଲା ଉଚ୍ଚଶିକ୍ଷା ବିଭାଗ**

ଭୁବନେଶ୍ୱର, ୨୨।୮ (ବ୍ୟୁରୋ)

ଚଳିତ ବର୍ଷ ରାଜ୍ୟରେ ଥିବା କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେବ ନାହିଁ। ଏ ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏ ନେଇ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି, ସମସ୍ତ ସରକାରୀ ଡିଗ୍ରୀ କଲେଜ ଅଧକ୍ଷ ଏବଂ ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକର ଅଧକ୍ଷମାନଙ୍କୁ ଏ ନେଇ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଛାତ୍ରୀଛାତ୍ରଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ନିର୍ବାଚନକୁ ବାତିଲ କରାଯିବା ସହ ଯେଉଁ ବିଶ୍ୱବିଦ୍ୟାଳୟ ଏବଂ କଲେଜରେ ଛାତ୍ର ପ୍ରତିନିଧିଙ୍କ ଆବଶ୍ୟକ ଥିବ ସେଠାରେ ପ୍ରତିନିଧିଙ୍କୁ ମନୋନୀତ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଛାତ୍ର ସଂସଦ ନିର୍ବାଚନ ଯୋଗୁ ଅନେକ ସମୟରେ ଶୈକ୍ଷିକ ବାତାବରଣ ବିଗିଡି ଯାଉଛି। ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଛି। ଅନେକ ସମୟରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ରାଜନୈତିକ ଦଳର ନେତାମାନେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ବିଭ୍ରାନ୍ତ କରିବାକୁ ପଛାଉ ନାହାନ୍ତି। ଏସବୁକୁ ଦୃଷ୍ଟିରେ ରଖି ନିର୍ବାଚନକୁ ବାତିଲ କରାଯାଇଥିବା କୁହାଯାଉଛି।

# ଭିସୁଟ୍‌ରେ ର୍‍ୟାଗିଂ

■ ଭିଡିଓ ଭାଇରାଲ ପରେ ସତ୍ୟ ସାମ୍ନାକୁ ଆସିଲା

■ ଗୋଟିଏ ବର୍ଷ ପରୀକ୍ଷାରୁ ବାଦ୍ ପଡ଼ିଲେ ୧୦ ଛାତ୍ର

■ ଜରିମାନା ଦେବେ ୫୨ଜଣ ଛାତ୍ର

ସମ୍ବଲପୁର, ୨୨।୮ (ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ର୍‍ୟାଗିଂ ଭିଡିଓ ଭାଇରାଲ ହୋଇଛି। ପ୍ରଥମ ବର୍ଷର ଛାତ୍ରମାନଙ୍କୁ ସିନିୟର ଛାତ୍ରମାନେ ର୍‍ୟାଗିଂ କରୁଥିବା ଏହି ଭିଡିଓରୁ ଜଣାପଡିଛି। ଏହାକୁ ନେଇ କୁଳପତି ଅଟଳ ଚୌଧୁରୀ ଗୁରୁବାର ସନ୍ଧ୍ୟାରେ କଲେଜ ଅଧିକାରୀଙ୍କୁ ଏକ ଜରୁରୀ ବୈଠକ କରି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ତଦନ୍ତକୁ ଆଧାର କରି ୧୦ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନେ ଗୋଟିଏ ବର୍ଷ ପାଇଁ ପରୀକ୍ଷାରୁ ବଞ୍ଚିତ ହେବେ ବୋଲି କଲେଜ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ୫୨ ଜଣ ଛାତ୍ରଙ୍କୁ ୨ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଭାଇରାଲ ଭିଡିଓରେ ସିନିୟର ଛାତ୍ରମାନେ ପ୍ରାୟ ୪୦ରୁ ୫୦ଜଣ ଜୁନିୟର ଛାତ୍ରଙ୍କୁ ର୍‍ୟାଗିଂ କରୁଥିବା ଦେଖିବାକୁ ମିଳିଛି। ସିନିୟର ଛାତ୍ରମାନେ ଜୁନିୟର ଛାତ୍ରଙ୍କ ଶାର୍ଟ ଚିରି କାନ ଧରି ଉଠବସ କରାଉଛନ୍ତି। ଏପରି କି ଅନ୍ତଃବସ୍ତ୍ର ପିନ୍ଧି ଏକା ସାଥିରେ ନାଚିବାକୁ କୁହାଯାଉଛି। ଏହାକୁ ବିରୋଧ କରିବାରୁ ଜୁନିୟର ଛାତ୍ରମାନଙ୍କୁ ସିନିୟର ଛାତ୍ର ☞ପୃଷ୍ଠା–୪





Model/accessories shown may not be a part of the standard fitment. Due to printing limitation, the colour that appears in this advertisement may slightly differ from the actual print. Visit www.renault.co.in or contact the nearest dealership for more details.

**SHOWROOMS: ODISHA: BHUBANESWAR**: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 9643800532. **BALANGIR:** RENAULT Balangir Mob: +91 9643800378. **JHARSUGUDA:** RENAULT Jharsuguda Mob: +91 7290055349. **ROURKELA:** RENAULT Rourkela Mob: + 91 8860875802. **SAMBALPUR:** RENAULT Sambalpur Mob: +91 8860048351.

LOK | SAATCHI & SAATCHI



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକୁ ସବୁବେଳେ ନକାରାତ୍ମକ ଭାବେ ନେଇ ଅପପ୍ରଚାର କରିବା ଠିକ୍ ନୁହେଁ।
-ଜୟରାମ ରମେଶ,
କଂଗ୍ରେସର ବରିଷ୍ଠ ନେତା



### ■ ଉପତ୍ୟକାରେ ବଡ଼ଧରଣର ଆକ୍ରମଣ ଷଡ଼ଯନ୍ତ୍ର

# ପାକ୍ ଆଣୁଛି ୧୦୦ ଆଫଗାନ ଆତଙ୍କବାଦୀ

ନୂଆଦିଲ୍ଲୀ,୨୨।୮(ପି.ଟି.)



**ଗୋଇନ୍ଦା ରିପୋର୍ଟ**

- ■ଦୁର୍ଦ୍ଦାନ୍ତ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ପାଇଁ ବୈଠକ କଲେ ଆଝାରଙ୍କ ଭାଇ
- ■ଜମ୍ମୁ-କଶ୍ମୀର,ଗୁଜରାଟ ସମେତ ବିଭିନ୍ନ ସ୍ଥାନରେ ଆକ୍ରମଣ ଆଶଙ୍କା
- ■ସୀମାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି




ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଭାରତର ନିଷ୍ପତ୍ତିରେ ଛାନିଆ ହୋଇଯାଇଥିବା ପାକିସ୍ତାନ ଉପତ୍ୟକାରେ ବଡ଼ଧରଣର ଆକ୍ରମଣ ଷଡ଼ଯନ୍ତ୍ର ରଚିଛି। ଏଥିପାଇଁ ଆଫଗାନିସ୍ତାନରୁ ୧୦୦ ଆତଙ୍କବାଦୀଙ୍କୁ କଶ୍ମୀରକୁ ଆଣୁଛି। ସେମାନେ ଉପତ୍ୟକା ସମେତ ଦେଶର ବିଭିନ୍ନ ସ୍ଥାନରେ ଆକ୍ରମଣ କରି ଅସ୍ଥିରତା ସୃଷ୍ଟି କରିପାରନ୍ତି ବୋଲି ଗୁରୁବାର ଗୋଇନ୍ଦା ରିପୋର୍ଟ ପ୍ରକାଶ ପାଇବା ପରେ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ମିଳିଥିବା ସୂଚନାନୁସାରେ ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଜମ୍ମୁ-କଶ୍ମୀରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆକ୍ରମଣ କରିପାରନ୍ତି। ସେମାନଙ୍କ ଟାର୍ଗେଟରେ କଶ୍ମୀର ଓ ଗୁଜରାଟ ସମେତ ଭାରତର ଅନେକ ସହର ରହିଛି। ଆସନ୍ତା କିଛି ସପ୍ତାହ ମଧ୍ୟରେ ଆକ୍ରମଣ କରିବା ପାଇଁ ୧୫ ଜେଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ନିୟନ୍ତ୍ରଣରେଖା (ଏଲ୍‌ଓସି) ସେପଟେ ଅନୁପ୍ରବେଶ ଅପେକ୍ଷାରେ ରହିଛନ୍ତି। ପାକ୍-ଅଧିକୃତ କଶ୍ମୀର (ପିଓକେ)ର ଲିପା ଉପତ୍ୟକାରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିଛି। ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କ ଭାଇ ମୁଫ୍‌ତି ରୌଫ୍ ଅସ୍‌ଘର ବାହୱାଲପୁରସ୍ଥିତ ସଙ୍ଗଠନର ମୁଖ୍ୟାଳୟରେ ଶୀର୍ଷ କମାଣ୍ଡରମାନଙ୍କୁ ନେଇ ଗତ ୧୯ ଓ ୨୦ ତାରିଖରେ ବୈଠକ କରିଛନ୍ତି। କଶ୍ମୀରରେ ଦୁର୍ଦ୍ଦାନ୍ତ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ଉକ୍ତ ବୈଠକର ମୁଖ୍ୟ ଏଜେଣ୍ଡା ଥିଲା। ଭାରତୀୟ ସୁରକ୍ଷା ବଳ ପକ୍ଷରୁ ଚାଲିଥିବା ଅପରେଶନ୍‌ର ସାମ୍ନା କରିବା ପାଇଁ ସେଠାର ଆତଙ୍କବାଦୀମାନେ ସକ୍ଷମ ନୁହନ୍ତି। କଶ୍ମୀରରେ ସ୍ଥାନୀୟ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ମଧ୍ୟରେ ନେତୃତ୍ୱ ସଙ୍କଟ ଲାଗିରହିଛି। ତେଣୁ କିଛି ସପ୍ତାହ ମଧ୍ୟରେ ଆଫଗାନିସ୍ତାନରୁ ଶତାଧିକ ଆତଙ୍କବାଦୀଙ୍କୁ ଆଣି କଶ୍ମୀରରେ ଅନୁପ୍ରବେଶ ପାଇଁ ପାକିସ୍ତାନ ଯୋଜନା କରୁଛି। ପାକିସ୍ତାନୀ ସେନା ଓ ସେଠାକାର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ସେହି ଆତଙ୍କବାଦୀମାନଙ୍କୁ ସମସ୍ତ ପ୍ରକାର ସହାୟତା ଦେଉଛନ୍ତି। ପାକିସ୍ତାନ ବର୍ଡର ଆକ୍ସନ ଟିମ୍ (ବିଏଟି) ଜରିଆରେ ଆକ୍ରମଣ ପାଇଁ ଯୋଜନା ଚଳାଇଛି। ଏହାକୁ ପ୍ରତିହତ କରିବା ପାଇଁ ଭାରତର ସ୍ପେଶାଲ ସର୍ଭିସ ଗ୍ରୁପ୍ କମାଣ୍ଡୋମାନଙ୍କୁ ପାକିସ୍ତାନର ଇକ୍‌ବାଲ ବାଜୱା ପୋଷ୍ଟ ବିପରୀତ ପାର୍ଶ୍ୱ ଗୁଜରାଟର ସାର୍ କ୍ରିକ୍ ପଟେ ସକ୍ରିୟ କରାଯାଇଛି। ଏହାସହ ସୀମାରେ ହାଇଆଲର୍ଟ ଜାରି କରାଯାଇଥିବା ସେନା ସୂତ୍ରରୁ ପ୍ରକାଶ। ପ୍ରକାଶ ଯେ, କେନ୍ଦ୍ର ସରକାର ଗତ ୫ ତାରିଖରେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଛନ୍ତି। ଏହି ନିଷ୍ପତ୍ତି ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଭାରତକୁ ଯୁଦ୍ଧଭୟ ଦେଖାଇ ପୁଣିଥରେ ପୁଲଓ୍ୱାମା ଭଳି ଆକ୍ରମଣ ହୋଇପାରେ ବୋଲି ଧମକ ଦେଇଥିଲେ। ପରେ ପାକିସ୍ତାନ ଏହି ପ୍ରସଙ୍ଗକୁ ନେଇ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ସହ ଜାତିସଂଘ ଯାଏ ଟାଣିଥିଲା। ହେଲେ ପାକିସ୍ତାନକୁ ସବୁଠି ନିରାଶ ହେବାକୁ ପଡ଼ିଛି। ଫଳରେ ଆଫ୍‌ଗାନ୍ ଆତଙ୍କବାଦୀଙ୍କୁ ଉପତ୍ୟକାକୁ ଆଣି ଆକ୍ରମଣ କରାଇବା ପାଇଁ ଘାତକ ଷଡ଼ଯନ୍ତ୍ର ରଚୁଥିବା ଜଣାପଡ଼ିଛି।

## 'ଭାରତ ସହ ଆଉ ଆଲୋଚନା ଚାହୁଁନୁ'

ନୂଆଦିଲ୍ଲୀ, ୨୨।୮(ପି.ଟି.)


ଇମ୍ରାନ ଖାନ୍

୩୭୦ ଧାରା ଉଚ୍ଛେଦ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିବାବେଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ହତୋତ୍ସାହିତ ହୋଇପଡ଼ିଛନ୍ତି। ଆମେ ଭାରତ ସହ ଆଉ ଦ୍ୱିପାକ୍ଷିକ ଆଲୋଚନା ଚାହୁଁନାହୁଁ ବୋଲି ସେ ବିଦେଶୀ ମିଡିଆକୁ ବିବୃତି ଦେଇ କହିଛନ୍ତି। ନ୍ୟୁୟର୍କ ଟାଇମ୍ସକୁ ସାକ୍ଷାତ୍‌କାରରେ ଇମ୍ରାନ କହିଛନ୍ତି ଯେ, ଆଲୋଚନା ଲାଗି ପ୍ରୟାସ କରାଯାଇଥିଲେ ହେଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଅଗ୍ରାହ୍ୟ କରିଆସିଛନ୍ତି। ଦ୍ୱିପାକ୍ଷିକ ଶାନ୍ତି ଆଲୋଚନା ପ୍ରୟାସ ବାରମ୍ବାର ଫସର ଫାଟିଛି। ଆଉ ଭାରତ ସହ ଦ୍ୱିପାକ୍ଷିକ ଆଲୋଚନା କରାଯିବ ନାହିଁ। ବହୁ ଦେଶ ଦ୍ୱିପାକ୍ଷିକ ଆଲୋଚନା ଉପରେ ଗୁରୁତ୍ୱ ଦେଇଥିଲେ ହେଁ ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରିଆସୁଛି। ଦୁଇ ଅଣୁଶକ୍ତି ସମ୍ପନ୍ନ ପଡ଼ୋଶୀ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବାର ଆଶଙ୍କା ରହିଥିବା ସେ କହିଛନ୍ତି। ଭାରତ ଜମ୍ମୁ-କଶ୍ମୀରରେ ଏକ ତରଫା ୩୭୦ ଧାରା ଉଚ୍ଛେଦ କରିବା ବିରୋଧରେ ଜାତିସଂଘ ସୁରକ୍ଷା ପରିଷଦର ଦ୍ୱାରସ୍ଥ ହୋଇଥିଲୁ ଓ ଏବେ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ)କୁ ଯିବୁ ବୋଲି ଇମ୍ରାନ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଜାତିସଂଘ ସୁରକ୍ଷା ପରିଷଦରେ କେବଳ ଚାଇନାକୁ ଛାଡ଼ିଦେଲେ ୧୪ ଦେଶ ଭାରତ-ପାକ୍ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ପ୍ରସ୍ତାବ ଦେଇଥିଲେ। ହେଲେ ପାକିସ୍ତାନର ଆଭିମୁଖ୍ୟ ଓ ସୀମାପାର୍ ଆତଙ୍କବାଦକୁ ନେଇ ଭାରତ ଏବେ ଆଲୋଚନା କରିବାକୁ ମନାକରିଛି। ପ୍ରଥମେ ଆତଙ୍କବାଦ ଦମନ କରାଯିବା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରାଯିବା ଉପରେ ଭାରତ ଗୁରୁତ୍ୱ ଦେଇଛି।

## 'ଆଇଏସ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ଭାରତ'

ୱାଶିଂଟନ, ୨୨।୮(ପି.ଟି.)


ଡୋନାଲ୍ଡ ଟ୍ରମ୍ପ

ଆତଙ୍କବାଦ ବିରୋଧରେ ଲଢେଇ ଜାରି ରଖିଥିବା ଭାରତ ଆଫଗାନିସ୍ତାନରେ ଆଇଏସ୍ ଆତଙ୍କବାଦୀଙ୍କ ବିରୋଧରେ ଦୃଢ ପଦକ୍ଷେପ ଗ୍ରହଣ କରୁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଭାରତ ସହ ଇରାନ, ରୁଷିଆ, ତୁର୍କୀ ଭଳି ଦେଶ ଏଥିରେ ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଆଫଗାନିସ୍ତାନରେ ଆତଙ୍କବାଦୀଙ୍କ ବିରୋଧରେ ମିଳିତ ଲଢେଇର ଆବଶ୍ୟକତା ରହିଥିବା ସେ ହ୍ୱାଇଟ ହାଉସଠାରେ ଖବରଦାତାଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ପ୍ରକାଶ କରିଛନ୍ତି। ଆମେ ଏକା ସେଠାରେ ଲଢେଇ ଜାରି ରଖିଛୁ। ଆତଙ୍କବାଦ ଦମନ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି ଟ୍ରମ୍ପ କହିଛନ୍ତି। ଆଫଗାନିସ୍ତାନରୁ ଆମେରିକା ସେନା ସମ୍ପୂର୍ଣ୍ଣ ଫେରିବେ ନାହିଁ ବୋଲି କହିବାର ଦିନକ ପରେ ଟ୍ରମ୍ପ ଏଭଳି ମତ ଦେଇଛନ୍ତି। ତାଲିବାନ ହିଂସା ଜାରି ରହିବା ମାନବ ଜଗତ ପ୍ରତି ବିପଦ। ସେଠାରେ ଶାନ୍ତି ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି ଓ ଏଥିଲାଗି ଆମେରିକା ପ୍ରୟାସ ଜାରି ରଖିଥିବା ସେ ପ୍ରକାଶ କରିଛନ୍ତି।

### ■ ପାଣି ଛାଡ଼ିଦେଲା ପାକିସ୍ତାନ

## ଭାସିଗଲା ପଞ୍ଜାବର ୧୭ ଗାଁ

**ଚଣ୍ଡିଗଡ, ୨୨।୮(ପି.ଟି.):** ପାକିସ୍ତାନ ସତ୍‌ଲେଜ ନଦୀର ଜଳ ଭାରତ ଭିତରକୁ ଛାଡ଼ିଛି। କସୁର ଜିଲାରେ ଜଳ ନିୟନ୍ତ୍ରଣ ଲାଗି ଥିବା ଗେଟ୍‌କୁ ପାକିସ୍ତାନ ଖୋଲିଦେବାରୁ ଭାରତ ସୀମାବର୍ତ୍ତୀ ଅଞ୍ଚଳର ୧୭ ଗାଁ ଜଳାର୍ଣ୍ଣବ ହୋଇପଡ଼ିଛି। ଫିରୋଜପୁର ଅଞ୍ଚଳରେ ଲଗାଣ ବର୍ଷାଜନିତ ସମସ୍ୟା ଲାଗି ରହିଥିବାବେଳେ ସତ୍‌ଲେଜ ନଦୀ ଜଳ ଏବେ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢାଇ ଦେଇଛି। ଦୂଷିତ ଜଳ ପ୍ରବାହିତ ହେଉଥିବାରୁ ରୋଗ ବ୍ୟାପିବା ଆଶଙ୍କା କରାଯାଉଛି। ତଳ ମୁଣ୍ଡରେ ଲୋକଙ୍କୁ ରିଲିଫ ଓ ଉଦ୍ଧାର ଲାଗି ପ୍ରଶାସନ ପଦକ୍ଷେପ ନେଇଛି। ବହୁ ଅଞ୍ଚଳକୁ ମୋଟର ବୋଟ୍ ପଠାଯିବା ସହ ସେନା ଏବଂ ଏନ୍‌ଡିଆର୍‌ଏଫ୍‌କୁ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ନିୟୋଜିତ କରାଯାଇଛି।



### ■ ଜନ୍ତରମନ୍ତରରେ ବିରୋଧୀଙ୍କ ବିକ୍ଷୋଭ

## କଶ୍ମୀରରେ ଅଟକ ନେତାଙ୍କ ମୁକ୍ତି ଦାବି

ନୂଆଦିଲ୍ଲୀ, ୨୨।୮(ପି.ଟି.)



ଦିଲ୍ଲୀର ଜନ୍ତର ମନ୍ତରଠାରେ ବିଭିନ୍ନ ବିରୋଧୀ ଦଳର ନେତାମାନେ ବିକ୍ଷୋଭ କରିବା ସହ ଜମ୍ମୁ-କଶ୍ମୀରରେ ଅଟକ ଥିବା ନେତାମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଛନ୍ତି। ଜମ୍ମୁ-କଶ୍ମୀରରେ ଶାନ୍ତି ଫେରାଇଆଣିବା ଓ ଆଇନଶୃଙ୍ଖଳା ରକ୍ଷା କରିବା ଉପରେ ସେମାନେ ଜୋର୍ ଦେଇଛନ୍ତି। କଂଗ୍ରେସ, ତୃଣମୂଳ କଂଗ୍ରେସ, ଡିଏମ୍‌କେ, ଏସ୍‌ପି, ସିପିଆଇ, ସିପିଏମ୍ ଆଦି ବିରୋଧୀ ଦଳର ନେତାମାନେ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ପରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ସିବିଆଇ ଦ୍ୱାରା ଗିରଫ ହୋଇଥିବା ପି. ଚିଦାମ୍ବରମ୍‌ଙ୍କ ପୁଅ କାର୍ତ୍ତି ସମାନଙ୍କ ସହ ସାମିଲ ହୋଇଥିଲେ। ଜମ୍ମୁ-କଶ୍ମୀର ବାସୀଙ୍କ ସହ ବିନା ଆଲୋଚନାରେ ଧାରା ୩୭୦ ଉଠାଯିବାକୁ ଏହି ନେତାମାନେ ବିରୋଧ କରିଥିଲେ।

## ଫ୍ରାନ୍ସରେ ପହଞ୍ଚିଲେ ମୋଦି

ପ୍ୟାରିସ୍, ୨୨।୮(ପି.ଟି.)



**ରବିବାର ଜି-୭ ସମ୍ମିଳନୀରେ ଯୋଗଦେବେ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତ୍ରିରାଷ୍ଟ୍ରୀୟ ଗସ୍ତକ୍ରମରେ ଗୁରୁବାର ଫ୍ରାନ୍ସରେ ପହଞ୍ଚିଛନ୍ତି। ବିମାନବନ୍ଦରରେ ତାଙ୍କୁ ଫ୍ରାନ୍ସର ବହିର୍ବାଣିଜ୍ୟ ତଥା ୟୁରୋପ ବ୍ୟାପାର ଦାୟିତ୍ୱରେ ଥିବା ମନ୍ତ୍ରୀ ଜିନ୍-ୟେଭ୍ସ ଲେ ଡ୍ରାଏନ ସ୍ୱାଗତ କରିଥିଲେ। ସେଠାରେ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ପ୍ରଧାନମନ୍ତ୍ରୀ ଏଡ୍‌ୱାର୍ଡ ଫିଲିପେଙ୍କ ସହ ମୋଦି ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବେ। ପ୍ରତିରକ୍ଷା, ଆତଙ୍କବାଦ, ପାଣିପାଗ ପରିବର୍ତ୍ତନ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ଏହାସହ ଭାରତୀୟ ସମ୍ପ୍ରଦାୟର ଲୋକଙ୍କ ସହ ମୋଦି ବାର୍ତ୍ତାଳାପ କରିବା କାର୍ଯ୍ୟକ୍ରମ ରହିଛି। ଫ୍ରାନ୍ସରୁ ମୋଦି ଶୁକ୍ରବାର ୟୁଏଇ ଯିବା କାର୍ଯ୍ୟକ୍ରମ ରହିଛି। ସେଠାରେ ସେ ଆବୁଧାବୀର କ୍ରାଉନ୍‌ପ୍ରିନ୍ସ ଶେଖ୍ ମୋହମ୍ମଦ ବିନ୍ ଜାୟେଦ୍ ଅଲ୍ ନାୟାମ୍‌ଙ୍କ ସହ ଆଲୋଚନା କରିବେ। ଏହା ପରେ ମୋଦି ବାହାରିନ୍ ଗସ୍ତକରି ରାଜା ଶେଖ୍ ହମାଦ୍ ବିନ୍ ଇସା ଅଲ୍ ଖଲିଫାଙ୍କ ସହ ବାର୍ତ୍ତାଳାପ କରିବା କାର୍ଯ୍ୟକ୍ରମ ରହିଛି। ରବିବାର ସେ ଫ୍ରାନ୍ସ ଫେରିବା ସହ ଜି-୭ ସମ୍ମିଳନୀରେ ଯୋଗଦେବେ ବୋଲି ଜଣାପଡ଼ିଛି।

### ୩୭୦ ଉଚ୍ଛେଦକୁ ୭୦୦ କଶ୍ମୀରୀ ପଣ୍ଡିତଙ୍କ ସମର୍ଥନ

**ଜମ୍ମୁ,୨୨।୮(ପି.ଟି.):** ସମ୍ବିଧାନର ଧାରା ୩୭୦ ଉଚ୍ଛେଦକୁ ୭୦୦ କଶ୍ମୀରୀ ପଣ୍ଡିତ ସମର୍ଥନ କରିଛନ୍ତି। ଏଥିସହ କେନ୍ଦ୍ର ସରକାର ଗ୍ରହଣ କରିଥିବା ପଦକ୍ଷେପ ଯଥାର୍ଥ ବୋଲି ଦର୍ଶାଇଛନ୍ତି। କଶ୍ମୀର ପଣ୍ଡିତ ସ୍ଥାନାନ୍ତର ନେଇ ଖୋଳତାଡ଼୍ କରୁଥିବା ଅନୁଷ୍ଠାନ 'ପନୁନ୍ କଶ୍ମୀର'ର ଆବାହକ ଅଗ୍ନିଶେଖର ଏନେଇ ଏକ ଇସ୍ତାହାର ପ୍ରକାଶ କରି ଏକଥା କହିଛନ୍ତି। ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ, କୁଳପତି, ଡାକ୍ତର, ଶିକ୍ଷାବିତ୍‌ମାନେ ଏଥିରେ ଦସ୍ତଖତ କରିଥିବା ସେ ପ୍ରକାଶ କରିଛନ୍ତି। ଗତ ୩୦ ବର୍ଷ ଧରି ସଙ୍ଗଠନ କରୁଥିବା ସଂଗ୍ରାମ ସଫଳ ରୂପ ନେଇଥିବା ଅଗ୍ନିଶେଖର କହିଛନ୍ତି। 'ପନୁନ୍ କଶ୍ମୀର' ଅଧ୍ୟକ୍ଷ ଅଜୟ ଚୁଙ୍ଗୁ ମଧ୍ୟ କେନ୍ଦ୍ରର ପଦକ୍ଷେପକୁ ସ୍ୱାଗତ କରି କଶ୍ମୀର ପଣ୍ଡିତଙ୍କ ସ୍ୱାର୍ଥରକ୍ଷା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି।

## ଚନ୍ଦ୍ରଯାନରୁ ଚନ୍ଦ୍ରର ପ୍ରଥମ ଫଟୋ



ଚନ୍ଦ୍ରଯାନ-୨ ଚନ୍ଦ୍ରର କକ୍ଷପଥରେ ଅବସ୍ଥାପିତ ହେବାର ଦିନକ ପରେ ଅର୍ଥାତ ବୁଧବାର ଏହି ଚିତ୍ର ଉତ୍ତୋଳନ କରି ପ୍ରେରଣ କରିଛି ଲ୍ୟାଣ୍ଡର ବିକ୍ରମ। ଏହି ଫଟୋକୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ଗୁରୁବାର ଟୁଇଟରରେ ଶେୟାର କରାଯାଇଛି। ଭାରତର ଦ୍ୱିତୀୟ ମିଶନ ଚନ୍ଦ୍ରଯାନ-୨ ଜୁଲାଇ ୨୨ରେ ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା।

## ୧୯ ବର୍ଷରେ ମଲେଣି ୨ ହଜାର ବାଘ

ନାଗପୁର, ୨୨।୮(ପି.ଟି.)



**ଭାରତରେ ସର୍ବାଧିକ ୬୨୬**

ଭାରତରେ ସର୍ବାଧିକ ବାଘ ୨୨୨୬ ରହିଛନ୍ତି, ଯାହାକି ବିଶ୍ୱର ୫୬ ଭାଗରୁ ଅଧିକ। ବିଗତ ୧୯ ବର୍ଷ ମଧ୍ୟରେ ପ୍ରାୟ ୨ ହଜାର ବାଘ ବିଶ୍ୱରେ ଶିକାର କରାଯାଇଥିବା ବ୍ରିଟେନର କେମ୍ବ୍ରିଜସ୍ଥିତ ଟ୍ରାଫିକ୍ ଇଣ୍ଟରନ୍ୟାଶନାଲ ନାମକ ଏକ ବିଶ୍ୱସ୍ତରୀୟ ଏନ୍‌ଜିଓ ସଂସ୍ଥାର ରିପୋର୍ଟରୁ ଜଣାପଡିଛି। ସବୁଠାରୁ ଅଧିକ ବାଘ ଥିବା ଭାରତରେ ଏହି ସମୟ ମଧ୍ୟରେ ୬୨୬ ବାଘ କୌଣସି କାରଣରୁ ମୃତ୍ୟୁବରଣ କରିଥିବାବେଳେ ୪୬୩ଙ୍କ ମୃତଦେହ ଜବତ କରାଯାଇଛି। ଥାଇଲାଣ୍ଡରେ ୩୬୯ ବାଘ ମୃତ୍ୟୁବରଣ କରିଥିବାବେଳେ ୪୯ଙ୍କ ମୃତଦେହ ଜବତ କରାଯାଇଛି। ଇଣ୍ଡୋନେସିଆରେ ୨୬୬ ବାଘ ମରି ଥିବାବେଳେ ୧୧୯ଙ୍କ ମୃତଦେହ ଜବତ କରାଯାଇଛି। ଚାଇନାରେ ୨୪୬ ବାଘଙ୍କ ଜୀବନ ଯାଇଥିବାବେଳେ ୧୨୬ଙ୍କ ମୃତଦେହ ଜବତ କରାଯାଇଛି। ଭିଏତ୍‌ନାମରେ ୨୧୬ ବାଘ ମୃତ୍ୟୁବରଣ କରିଥିବାବେଳେ ୮୯ଙ୍କ ମୃତଦେହ ଜବତ କରାଯାଇଛି। ସେହିଭଳି ନେପାଳ, ମାଲେସିଆ, ରୁଷିଆ, ଲାଓସ୍, ବାଂଲାଦେଶରେ ବହୁ ବାଘ ମରିଥିବା ରିପୋର୍ଟରେ ଦର୍ଶାଯାଇଛି। ପ୍ରତିବର୍ଷ ୧୨୪ ବାଘଙ୍କ ମୃତଦେହ ଜବତ କରାଯାଉଥିବା ଜଣାପଡ଼ିଛି। ବାଘ ଚମଡ଼ା ଓ ହାଡ଼ ଲାଗି ଏମାନଙ୍କୁ ଶିକାର କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି।

### ଅଜୟ ଭାଲ୍ଲା ନୂଆ ସ୍ୱରାଷ୍ଟ୍ର ସଚିବ

**ନୂଆଦିଲ୍ଲୀ, ୨୨।୮(ପି.ଟି.):** ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଅଫିସର-ଇନ୍-ସ୍ପେଶାଲ ଡ୍ୟୁଟିରେ ଥିବା ଅଜୟ କୁମାର ଭାଲ୍ଲାଙ୍କୁ ନୂଆ ସ୍ୱରାଷ୍ଟ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ଏନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କ୍ୟାବିନେଟର ନିଯୁକ୍ତି କମିଟି ସ୍ୱୀକୃତି ପ୍ରଦାନ କରିଛି। ଏହି ପଦରେ ଥିବା ବରିଷ୍ଠ ଆଇଏଏସ୍ ଅଧିକାରୀ ରାଜୀବ ଗୌବା ବୁଧବାର କ୍ୟାବିନେଟ ସଚିବ ଭାବେ ନିଯୁକ୍ତି ପାଇଥିଲେ। ୧୯୮୪ ବ୍ୟାଚ୍ ଆସାମ-ମେଘାଳୟ କ୍ୟାଡର ଆଇଏଏସ୍ ଅଫିସର ଭାଲ୍ଲା ପୂର୍ବରୁ କେନ୍ଦ୍ର ଶକ୍ତି ସଚିବ ଭାବେ କାର୍ଯ୍ୟ କରିଥିଲେ।



### ■ ମନ୍ଦିର ଭଙ୍ଗାକୁ ବିରୋଧକରି ଦଳିତଙ୍କ ବିକ୍ଷୋଭ

## ଭୀମ ଆର୍ମି ମୁଖ୍ୟଙ୍କ ସମେତ ୯୬ ଗିରଫ

ନୂଆଦିଲ୍ଲୀ, ୨୨।୮(ପି.ଟି.)



ଦିଲ୍ଲୀ ପୋଲିସ ତୋଗଲକବାଦ୍‌ଠାରେ ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କ ସମେତ ୯୬ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ଏମାନେ ବେଆଇନ ଭାବେ ଏକାଠି ହୋଇ ଦଙ୍ଗାସମ ପରିସ୍ଥିତି ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ରବି ଦାସ ମନ୍ଦିର ଭଙ୍ଗାଯିବାକୁ ଦଳିତମାନେ ବିରୋଧ କରିବା ସହ ହିଂସାକାଣ୍ଡ ରଚିଥିଲେ। ପରିସ୍ଥିତି ଉପରେ କାବୁ ପାଇବା ଲାଗି ପୋଲିସକୁ ମୃଦୁ ଲାଠିଚାଳନା ସହ ଲୁହବୁହା ଗ୍ୟାସ ଛାଡ଼ିବାକୁ ପଡ଼ିଥିଲା। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ଦକ୍ଷିଣାଞ୍ଚଳ ରେଞ୍ଜର ଯୁଗ୍ମ ପୋଲିସ କମିଶନର ଦେବେଶ ଶ୍ରୀବାସ୍ତବ ପ୍ରକାଶ କରିଛନ୍ତି। ଦିଲ୍ଲୀ ଡେଭେଲପ୍‌ମେଣ୍ଟ ଅଥରିଟି(ଡିଡିଏ) ପକ୍ଷରୁ ଗତ ୧୦ରେ ଏଠାରେ ଥିବା ରବି ଦାସ ମନ୍ଦିର ଭଙ୍ଗାଯାଇଥିବାବେଳେ ଦଳିତମାନେ ଏହାକୁ ବିରୋଧ କରି ବିକ୍ଷୋଭ ଆରମ୍ଭ କରିଥିଲେ। ବିକ୍ଷୋଭକାରୀମାନେ ୨ ମୋଟରସାଇକେଲ ପୋଡ଼ିଦେବା ସହ କାର୍ ଓ ପୋଲିସ ଗାଡ଼ିକୁ ଆକ୍ରମଣ କରି ଭାଙ୍ଗି ପକାଇଥିଲେ। ଏହି ଘଟଣାରେ ଜଣେ ପୋଲିସ ମଧ୍ୟ ଆହତ ହୋଇଥିଲେ। ମନ୍ଦିର ଭଙ୍ଗା ପରେ ବି ଏବେ ସେଠାରେ ବିକ୍ଷୋଭ ଜାରି ରହିଛି। ବିକ୍ଷୋଭକାରୀମାନେ ତୋଗଲକବାଦରେ ମନ୍ଦିର ନିର୍ମାଣ ଲାଗି ଜମି ଯୋଗାଇ ଦେବାକୁ ପ୍ରଶାସନ ପାଖରେ ଦାବି କରିଛନ୍ତି। ଏହାକୁ ନେଇ ହିଂସା ବଢିବାରୁ ବହୁ ବିକ୍ଷୋଭକାରୀଙ୍କୁ ପୋଲିସ ଗିରଫ କରିଛି।



ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ଅଞ୍ଚଳରେ ଲାଞ୍ଚ ନ ଦେଲେ କୌଣସି କାର୍ଯ୍ୟ ହୋଇପାରୁନି। ଗୁରୁବାର ଲାଞ୍ଚ ଟଙ୍କା ଗ୍ରହଣ କରିବା ଅଭିଯୋଗରେ ଭିଜିଲାନ୍ସ ୨ଜଣ ଗିରଫ କରିଛି। ଭଞ୍ଜନଗର ଉପଖଣ୍ଡ ମେଡିକାଲ ଅଧୀକ୍ଷକ ଡା. ପୀତାମ୍ବର ଦାସ ଓ ବେଲଗୁଣ୍ଠା ବ୍ଲକ ଖଇରପଟି ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ପଞ୍ଚାନନ ପ୍ରଧାନ ଲାଞ୍ଚ ନେଇ ଗିରଫ ହୋଇଛନ୍ତି। ଉଭୟଙ୍କୁ ଅଧିକ ପଚରାଉଚରା ପାଇଁ ବ୍ରହ୍ମପୁରସ୍ଥିତ ଭିଜିଲାନ୍ସ ଏସ୍‌ପିଙ୍କ ଅଫିସକୁ ନିଆଯାଇଥିଲା।

## ସଂକ୍ଷେପରେ

### ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

#### ବଦଳିଲେ ବରଗଡ଼, ଝାରସୁଗୁଡ଼ା ଜିଲାପାଳ

**ଭୁବନେଶ୍ୱର,୨୨।୮(ବ୍ୟୁରୋ):** ରାଜ୍ୟ ସରକାର ଗୁରୁବାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବରିଷ୍ଠ ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନଙ୍କୁ ବରଗଡ଼ ଜିଲାପାଳ ଭାବେ ନିଯୁକ୍ତି ମିଳିଛି। ସେହିପରି ସରୋଜ କୁମାର ସାମଲଙ୍କୁ ଝାରସୁଗୁଡା ଜିଲାପାଳ କରାଯାଇଛି। ସରୋଜ ଓଡ଼ିଶା ରାଜ୍ୟ ସାଧାରଣ ବଣ୍ଟନ ନିଗମ ଲିଃ(ଓଏସ୍‌ସିଏସ୍‌ସି)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଏମ୍‌ଡି)ଭାବେ କାର୍ଯ୍ୟ କରୁଥିଲେ। ଚକବନ୍ଦୀ କମିଶନର ଥିବା ଶରତ ଚନ୍ଦ୍ର ମିଶ୍ରଙ୍କୁ ଶ୍ରମ ଓ ଇଏସ୍‌ଆଇ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଓଏସ୍‌ସିଏସ୍‌ସିର ଏମ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି। ରାଜସ୍ୱ ପର୍ଷଦ ଅଧୀନରେ ଅବସ୍ଥାପିତ ଭୁବନେଶ୍ୱରସ୍ଥିତ ଅତିରିକ୍ତ ରିଭିଜନ୍ କୋର୍ଟର ଅତିରିକ୍ତ କମିଶନର ଡକ୍ଟର ବନାନୀ ମହାନ୍ତିଙ୍କୁ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ନୟାଗଡ଼ ଡିଆରଡିଏର ଏପିଡି(ଆଡ୍‌ମିନ) ସନ୍ତୋଷୀ ସାହୁଙ୍କୁ ରାଜସ୍ୱ ପର୍ଷଦର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ରାଉରକେଲା ତହସିଲଦାର ବିଶ୍ୱରଞ୍ଜନ ରଥଙ୍କୁ ସୁନ୍ଦରଗଡ଼ସ୍ଥିତ ଡିଆରଡିଏର ଏପିଡି(ଆଡ୍‌ମିନ) ଭାବେ ନିଯୁକ୍ତି ମିଳିଛି।

### ୩ ଖଣିଜ ପଦାର୍ଥ ପରିବହନ ସଂସ୍ଥାକୁ ବାରଣ

**ଯୋଡ଼ା,୨୨।୮(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଥିବା ୩ଟି ମାଲ ପରିବହନ କମ୍ପାନୀର ଯାନ ଗୁଡ଼ିକୁ ଖଣିଜ ପଦାର୍ଥ ପରିବହନ କାର୍ଯ୍ୟରେ ନ ଲଗାଇବା ପାଇଁ ଖଣି ଲିଜ୍‌ଧାରୀ ମାଲ ପରିବହନ ଲାଇସେନ୍ସ ପାଇଥିବା ସଂସ୍ଥାଗୁଡ଼ିକୁ ଗୁରୁବାର କେନ୍ଦୁଝର ଜିଲା ଯୋଡ଼ା ସର୍କଲର ଖଣି ଉପନିର୍ଦ୍ଦେଶାଳୟ ପକ୍ଷରୁ ବାରଣ କରାଯାଇଛି। ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟର ଚିଠି ସଂଖ୍ୟା ନଂ.୨୨୫୫/୨୨।୮।୨୦୧୯ ଅନୁସାରେ ଏସ୍‌ଏସ୍ ଆର୍ଥ ମୁଭର୍ସ, ସାଇ ଲୋକେସ ଏବଂ କ୍ରାଷ୍ଟା ପରିବହନ ସଂସ୍ଥାର କୌଣସି ପରିବହନ ନ କରିବାକୁ ଏଥିରେ କୁହାଯାଇଛି।




# ବିମଳ ପ୍ରସାଦ ଦାସ ରାଜ୍ୟ ମାନବାଧିକାର କମିଶନ ଅଧ୍ୟକ୍ଷ

ଭୁବନେଶ୍ୱର,୨୨।୮(ବ୍ୟୁରୋ)



ବିମଳ ପ୍ରସାଦ ଦାସ

ରାଜ୍ୟ ସରକାର ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଅଧ୍ୟକ୍ଷ ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ବିମଳ ପ୍ରସାଦ ଦାସଙ୍କୁ ନିଯୁକ୍ତି ଦେଇଛନ୍ତି। ସେହିପରି ଆଡଭୋକେଟ ଅସୀମ ଅମିତାଭ ଦାଶଙ୍କୁ କମିଶନ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟପାଳଙ୍କ ଅନୁମୋଦନ ପରେ ଏ ନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସୂଚନା ଯୋଗ୍ୟ ଯେ କମିଶନରେ ଖାଲି ପଡିଥିବା ଉକ୍ତ ଦୁଇଟି ପଦବୀ ପୂରଣ ପାଇଁ ଗତ ୧୯ ତାରିଖରେ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚୟନ କମିଟି ବୈଠକରେ ଅଧ୍ୟକ୍ଷଙ୍କୁ ମିଶାଇ ଦୁଇ ଜଣଙ୍କ ନାମ ସୁପାରିସ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ଜଷ୍ଟିସ ରଘୁବୀର ଦାଶଙ୍କୁ ଓଏଚ୍‌ଆରସି ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିବା ବେଳେ ଜଣେ ଜିଲାକୋର୍ଟ ବିଚାରପତି ଓ ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଥିବା ଜଣାପଡିଛି। ତେବେ କାହା ନାମ ସୁପାରିସ କରାଯାଇଛି ତାହା ସମ୍ପୂର୍ଣ୍ଣ ଗୋପନ ରଖାଯାଇଛି।

ସୂଚନା ଯୋଗ୍ୟ ଯେ ଜଷ୍ଟିସ ଆର.କେ. ପାତ୍ର ମାନବାଧିକାର କମିଶନ ଅଧ୍ୟକ୍ଷ ପଦବୀରୁ ଅବସର ଗ୍ରହଣ କରିବା ପରେ ୨୦୧୨ରୁ ଏହା ଖାଲି ରହିଛି। ତେବେ ଜଷ୍ଟିସ ବୀର କିଶୋର ମିଶ୍ରଙ୍କୁ ଓଏଚ୍‌ଆର୍‌ସିର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ଗତ ଅଗଷ୍ଟ ୧୫ ତାରିଖରେ ତାଙ୍କର କାର୍ଯ୍ୟକାଳ ଶେଷ ହେବା ପରେ ଅଧ୍ୟକ୍ଷ ପଦବୀ ଖାଲି ରହିଛି। ରାଜ୍ୟ ମାନବାଧିକାର କମିଶନରେ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି କିମ୍ବା ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଅଧ୍ୟକ୍ଷ ରହିବା ବ୍ୟବସ୍ଥା ଥିଲା। ତେବେ ଗତ ପାର୍ଲାମେଣ୍ଟ ଅଧିବେଶନ କାଳରେ ଏଥିରେ ସଂଶୋଧନ କରାଯାଇ ହାଇକୋର୍ଟର ବିଚାରପତିଙ୍କୁ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି କରିବା ପାଇଁ ବ୍ୟବସ୍ଥା ହୋଇଛି। ସେହି ଆଧାରରେ ରାଜ୍ୟ ସରକାର ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେବାକୁ ଚୂଡ଼ାନ୍ତ କରିଛନ୍ତି। ଏହି ବୈଠକରେ ବିଧାନସଭା ବାଚସ୍ପତି, ବିରୋଧୀ ଦଳ ନେତା ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତି ଯୋଗ ଦେଇଥିଲେ।

**ଶିଳ୍ପାୟନ ଧୂଆଁବାଣ**

# ଧ୍ୱଂସ ହୋଇଯାଉଛି କ୍ଷୁଦ୍ରଶିଳ୍ପ

## ୫ ବର୍ଷରେ ୧୫ ହଜାର କ୍ଷୁଦ୍ର, ମଧ୍ୟମ ଶିଳ୍ପରେ ତାଲା

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ଶିଳ୍ପାୟନର ସ୍ୱପ୍ନ ଦେଖାଉଛନ୍ତି ରାଜ୍ୟ ସରକାର। ରାଜ୍ୟରେ ଆଲୁମିନିୟମ, ଇସ୍ପାତ, ଆଲୁମିନା, ସାର, ପେଟ୍ରୋ କେମିକାଲ, ପ୍ଲାଷ୍ଟିକ ଭଳି ବଡ଼ ବଡ଼ ଶିଳ୍ପ ସାଙ୍ଗକୁ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ପ୍ରତିରକ୍ଷା, ଶକ୍ତି, ସୂଚନା ପ୍ରଯୁକ୍ତି କ୍ଷେତ୍ର ପାଇଁ ବୃହତ ପୁଞ୍ଜି ନିବେଶ ହେବ। ରାଜ୍ୟର ଭାଗ୍ୟ ବଦଳିଯିବ। ବେକାର ଯୁବତୀ ଯୁବକଙ୍କୁ କାମଧନ୍ଦା ମିଳିଯିବ। ଗତ ୫ ବର୍ଷ ହେବ ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ଏମିତି ସ୍ୱପ୍ନ ଦେଖାଇ ଆସୁଛନ୍ତି। ମେକ୍ ଇନ୍ ଓଡ଼ିଶା କନକ୍ଲେଭ କରି ଓଡ଼ିଶାକୁ ପୁଞ୍ଜିନିବେଶ ହବ୍‌ରେ ପରିଣତ କରିବାକୁ ଚେଷ୍ଟା ଚାଲିଛି। ହେଲେ ସରକାର ରାଜ୍ୟରେ ଥିବା ପୁରୁଣା ଶିଳ୍ପଗୁଡିକୁ ଗୋଟିଏ ପରେ ଗୋଟିଏ ବନ୍ଦ କରି ଚାଲିଛନ୍ତି। କେବଳ ବଡ଼ ଶିଳ୍ପ ନୁହେଁ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକ ମଧ୍ୟ ସରକାରୀ ପ୍ରୋତ୍ସାହନ ଏବଂ ବଜାର ସୁବିଧା ନ ପାଇ ମୁହଁମାଡି ପଡ଼ିଲେଣି।

କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ୨୦୧୫ରେ ଶିଳ୍ପ ନୀତି କାର୍ଯ୍ୟକାରୀ କରିଥିବାବେଳେ ଏମ୍‌ଏସ୍‌ଏମ୍‌ଇ ବିକାଶ ନୀତି-୨୦୧୫ ପ୍ରଣୟନ କରିଥିଲେ। ୨୦୧୭-୧୮ରେ ୫୦,୧୫୮ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ସ୍ଥାପନ କରାଯାଇଥିଲା, ଯେଉଁଥିରେ କି ୨,୩୨୪.୪୬ କୋଟି ଟଙ୍କାର ପୁଞ୍ଜି ନିବେଶ ହେବା ସହ ୧.୪୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ ଗତ ୫ ବର୍ଷରେ ରାଜ୍ୟରେ ୧,୯୮,୭୩୬ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ସ୍ଥାପନ ହୋଇଥିବା ସରକାର ୨୦୧୮-୧୯ ଅର୍ଥନୈତିକ ସର୍ଭେ ରିପୋର୍ଟରେ କହିଛନ୍ତି। ଏଥିରେ ୧୦୯.୭୫ କୋଟି ଟଙ୍କା ନିବେଶ ହେବା ସହ ୬.୨୮ ଲକ୍ଷ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିଛି। କ୍ଷୁଦ୍ରଶିଳ୍ପକୁ ପ୍ରୋତ୍ସାହନ ଦେଇ ଅନୁକୂଳ ପରିବେଶ ସୃଷ୍ଟି କରୁଥିବାରୁ ୨୦୧୮ ଷ୍ଟାର୍ଟଅପ୍ ର୍ୟାଙ୍କରେ ଓଡ଼ିଶା ଏକ ଉତ୍ତମ ପ୍ରଦର୍ଶନକାରୀ ରାଜ୍ୟ ଭାବେ ପରିଚୟ ପାଇପାରିଛି। ଜିଲାସ୍ତରରେ ସିଙ୍ଗଲଓ୍ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଡିଏଲ୍‌ଏସ୍‌ଡବ୍ଲୁସିଏ) ଗଠନ କରି ଷ୍ଟାର୍ଟଅପ୍ ଓଡ଼ିଶା ଆରମ୍ଭ କରି ଏମ୍‌ଏସ୍‌ଏମ୍‌ଇଗୁଡିକୁ ପ୍ରୋତ୍ସାହିତ କରୁଛନ୍ତି।

ଏସବୁ ସତ୍ତ୍ୱେ ରାଜ୍ୟରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କୁ ରାଜ୍ୟ ସରକାର ଆକୃଷ୍ଟ କରିବାରେ ବିଫଳ ହୋଇଛନ୍ତି। ଏମ୍‌ଏସ୍‌ଏମ୍‌ଇ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୦ଟି ଜିଲାରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକର ସ୍ଥିତି ଅତ୍ୟନ୍ତ ଦୟନୀୟ। ରାଜ୍ୟରେ ଗତ ୫ ବର୍ଷରେ ପଞ୍ଜୀକୃତ ହୋଇଥିବା ୧୫,୩୧୫ ସୂକ୍ଷ୍ମ ଓ ମଧ୍ୟମ ଶିଳ୍ପରେ ତାଲା ପଡିଛି। ଏଥିରେ ନିୟୋଜିତ ଥିବା ୧,୨୯,୯୫୦ ଜଣ ଲୋକ ବେକାର ହୋଇଯାଇଛନ୍ତି। ବନ୍ଦ ହୋଇଥିବା ଏହି ଶିଳ୍ପ ମଧ୍ୟରୁ ସୁନ୍ଦରଗଡରେ ସର୍ବାଧିକ ୨୦୨୦, କଟକ ୨୪୦୨, ଭୁବନେଶ୍ୱର ୧୫୦୪, ଗଞ୍ଜାମ ୧୦୬୧, ସମ୍ବଲପୁର ୫୩୩, ବରଗଡ ୩୩୪, କେନ୍ଦୁଝରେ ୬୮୩, ବାଲେଶ୍ୱର ୫୫୮, ଭଦ୍ରକ ୩୪୬, ଢେଙ୍କାନାଳ ୩୯୬, କଳାହାଣ୍ଡି ୪୧୮, ରାୟଗଡା ୨୫୬, ନବରଙ୍ଗପୁର ୧୫୭ ଏବଂ ମାଲକାନଗିରିରେ ୧୧୬ଟି ଶିଳ୍ପ ବନ୍ଦ ହୋଇଛି। ରାଜ୍ୟ ସରକାର ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଏବଂ ବିଦେଶରେ ରୋଡ ଶୋ କରି ବଡ଼ ବଡ଼ ଶିଳ୍ପକୁ ଓଡ଼ିଶା ଆଣିବାକୁ ପାଣି ଭଳି ଟଙ୍କା ବୁହାଇ ଚାଲିଛନ୍ତି। ମାତ୍ର ରାଜ୍ୟର ଶିକ୍ଷିତ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, ବଜାର ଓ ବ୍ୟାଙ୍କ ସୁବିଧା ଦେଇପାରୁ ନ ଥିବାରୁ ଆରମ୍ଭ ହେବାର ଅଳ୍ପ କେଇମାସ ପରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ତାଲା ପଡୁଛି । ସରକାରୀ ଉଦାସୀନତାକୁ ଯୁବ ଉଦ୍ୟୋଗୀ ମହଲ ନାପସନ୍ଦ କରିଛନ୍ତି।

## ■ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମ ନୀତି ଆଜି

# ମହାପ୍ରଭୁଙ୍କୁ ଲାଗି ହେଲା ଯେଉଡ଼ ଭୋଗ

ପୁରୀ ଅଫିସ,୨୨।୮

ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥି। ଶୁକ୍ରବାର ଏହି ପବିତ୍ର ତିଥିରେ ଜନ୍ମ ନେବେ ପ୍ରଭୁ ଶ୍ରୀକୃଷ୍ଣ। ଏଥିଲାଗି ଶ୍ରୀମନ୍ଦିରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁରୁବାର ସନ୍ଧ୍ୟା ଆଳତି ବେଶରେ ଠାକୁରଙ୍କୁ ୬ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ସନ୍ଧ୍ୟାଧୂପ ପୂଜା ପରେ ଭିତରେ ପାଣି ପଡ଼ି ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଟେରା ବନ୍ଧା ହେବା ପରେ ଯେଉଡ଼ ଭୋଗ (ଶାଗ, ତରକାରି, ପିଠା, ଝିଲି, ଓରିଆ, ଖିରି ଆଦି) ରୋଷରୁ ଆସି ଅଣସର ପିଣ୍ଡିରେ ରଖାଯାଇଥିଲା। ମୁଦିରସ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥିଲେ। ୩ ଜଣ ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା କରିଥିଲେ। ପଣ୍ଡା, ପତି ଓ ମୁଦିରସ୍ତ ୩ ବାଡ଼ରେ ବନ୍ଦାପନା କରିଥିଲେ।

### ୫ ଘଣ୍ଟା ଦର୍ଶନ ବନ୍ଦ ରହିବ

ଶୁକ୍ରବାର ଜନ୍ମାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ନୀତି ପାଳନ ପାଇଁ ମହାପ୍ରଭୁଙ୍କ ଦର୍ଶନ ୫ଘଣ୍ଟା ବନ୍ଦ ରହିବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ତାହାକୁ ଯେପରି କେହି ସାଧାରଣ ଭକ୍ତ ଦେଖି ନ ପାରିବେ ସେଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦର୍ଶନରେ କଟକଣା ଲଗାଯାଇଛି। ସନ୍ଧ୍ୟା ଧୂପ ପୂଜା ପରଠାରୁ ଅର୍ଥାତ୍ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ କରାଯିବ। ଜନ୍ମ ଚକଡ଼ାରେ ଶ୍ରୀକୃଷ୍ଣଙ୍କ ଜନ୍ମ ନୀତି ସମ୍ପନ୍ନ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ରୋଗୀଙ୍କ ଅସୁବିଧା ସିଧାସଳଖ ବୁଝିବେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷଣା କରାଯାଇଥିବା ମୋ ସରକାର ଯୋଜନା ଆସନ୍ତା ଅକ୍ଟୋବର ଗାନ୍ଧୀ ଜୟନ୍ତୀରୁ ରାଜ୍ୟରେ କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀମାନେ ଲୋକମାନଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବେ। ସେମାନଙ୍କର ଦୁଃଖ ବୁଝିବେ। ମନ୍ତ୍ରୀମାନେ ଏ ନେଇ ରିହର୍ସାଲ ଆରମ୍ଭ କରି ଦେଲେଣି। ନିଜ ନିଜ ବିଭାଗରେ ବିଭିନ୍ନ ଟିମ୍ ଗଠନ ମଧ୍ୟ ଆରମ୍ଭ ହୋଇଛି। ସରକାରୀ ହସ୍ପିଟାଲରେ ରୋଗୀମାନେ କିପରି ଅଛନ୍ତି। ସେମାନଙ୍କୁ ଚିକିତ୍ସା ସୁବିଧା ଠିକରେ ମିଳୁଛି କି ନାହିଁ ସେ କଥା ନିଜେ ବୁଝିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ଗୁରୁବାର ରାଜ୍ୟ ମେଡିକାଲ ନିଗମଠାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମଓ)ମାନଙ୍କ ସମ୍ମିଳନୀକୁ ଉଦଘାଟନ କରି ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ଲୋକମାନେ କିଭଳି ସରକାରୀ ସେବା ପାଉଛନ୍ତି ସେ ବିଷୟରେ ସରକାରୀ ଅଧିକାରୀମାନେ ଟେଲିଫୋନ କରି ଲୋକଙ୍କଠାରୁ ତାହା ପଚାରି ବୁଝିବେ। ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ରୋଗୀଙ୍କଠାରୁ ମତାମତ ସଂଗ୍ରହ କରାଯିବ। ଏ ନେଇ ଏକ ଟିମ୍ ଗଠନ କରାଯାଇଛି। ରୋଗୀଙ୍କ ମତାମତ ଆଧାରରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାର ଗୁରୁଦାୟିତ୍ୱ ସିଡିଏମ୍‌ଓମାନଙ୍କ ହାତରେ ରହିବ। ସେମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରୋଗୀମାନଙ୍କ କଥା କେହି ଶୁଣୁ ନ ଥିବା ଅଭିଯୋଗ ହେଉଥିଲା। ଏଣିକି ମନ୍ତ୍ରୀ, ସିଡିଏମଓ ଓ ବିଭାଗ ଦ୍ୱାରା ଗଠନ କରାଯାଇଥିବା ଟିମ୍ ସିଧାସଳଖ ରୋଗୀଙ୍କ ସହ କଥା ହୋଇ ଅଭିଯୋଗ ଗ୍ରହଣ କରିବେ। ଏଥିସହିତ ହସ୍ପିଟାଲକୁ ଅଧିକ ସଫାସୁତୁରା ରଖିବା ଉପରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯାଇଛି। ଏହି ଦିନିକିଆ ସମ୍ମିଳନୀରେ ମାଗଣା ଔଷଧ ଯୋଗାଣ ନିରାମୟ କାର୍ଯ୍ୟକ୍ରମ, ସ୍ୱନେତ୍ର, ଡିଜିଟାଲ ଡିସପେନସାରୀ ଆଦି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ସମ୍ମିଳନୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ମେଡିକାଲ ନିଗମ ନିର୍ଦ୍ଦେଶିକା ଯାମିନୀ ଷଡଙ୍ଗୀ, ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାରଙ୍କ ସମେତ ବରିଷ୍ଠ ସ୍ୱାସ୍ଥ୍ୟ ବିଭାଗ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।






# କାଳିଆ ଅଯୋଗ୍ୟ ସଂଖ୍ୟା ବର୍ତ୍ତମାନ ଅଢ଼େଇ ଲକ୍ଷ

ଭୁବନେଶ୍ୱର,୨୨।୮(ବ୍ୟୁରୋ)



କାଳିଆ ଯୋଜନା ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ସମ୍ପର୍କିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟ ଅଧିକାରୀମାନେ।

- ■ ତାଲିକା ପ୍ରସ୍ତୁତରେ ଭୁଲ୍ କଲେ କଡ଼ା କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ
- ■ ୩୧ରେ ସରିବ ଚୂଡାନ୍ତ ଚିହ୍ନଟ ପ୍ରକ୍ରିୟା

କାଳିଆ ଯୋଜନାରେ ସାମିଲ ହୋଇଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଖୋଜିବାରେ ସରକାର ଜୋରଦାର ପ୍ରୟାସ ଆରମ୍ଭ କରିଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ସରକାର ୨ଲକ୍ଷ ୬୬ ହଜାର ଅଯୋଗ୍ୟ କାଳିଆ ହିତାଧିକାରୀଙ୍କୁ ଚିହ୍ନଟ କରିଛନ୍ତି। ଏହି ପ୍ରକ୍ରିୟା ଆଗକୁ ଆହୁରି ଜୋର୍‌ଦାର ଭାବେ ଚାଲିବାକୁ ଥିବାବେଳେ ଏଥିରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ନ ପଡିବେ ତା'ଉପରେ ଆଲୋଚନା ଚାଲିଛି। ଆସନ୍ତା ୨୭ ତାରିଖ ସୁଦ୍ଧା ପଞ୍ଚାୟତ ସ୍ତରରେ ଏବଂ ୩୧ ସୁଦ୍ଧା ବ୍ଲକ ଓ ଜିଲା ସ୍ତରରେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କାମ ଶେଷ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର କାଳିଆ ଯୋଜନାରେ ୫୧ଲକ୍ଷ ଚାଷୀଙ୍କୁ ସାମିଲ କରି ଅର୍ଥ ପ୍ରଦାନ କରିଥିବା କହିଥିଲେ। ସେଥିରୁ ବର୍ତ୍ତମାନ ସୁଦ୍ଧା ୩୬ଲକ୍ଷ ୮୮ ହଜାର ଚାଷୀଙ୍କ ଯାଞ୍ଚ ପ୍ରକ୍ରିୟା ସରିଛି। ଏଥିରୁ ୨ଲକ୍ଷ ୬୬ ହଜାର ଅଯୋଗ୍ୟ ଚିହ୍ନଟ ହୋଇଛନ୍ତି। ଆଗକୁ ଆହୁରି କେତେ ଅଯୋଗ୍ୟ ବାହାରୁଛନ୍ତି ତାହା ପ୍ରକ୍ରିୟା ଶେଷ ହେବାପରେ ଜଣାପଡିବ। ତେବେ ଚୂଡାନ୍ତ ରିପୋର୍ଟ ଆସିବାପରେ ପରବର୍ତ୍ତୀ ପଦକ୍ଷେପ ନେଇ ନିଷ୍ପତ୍ତି ନିଆଯିବ ବୋଲି କାଳିଆ ବୈଠକ ସମୀକ୍ଷା ପରେ କୃଷିମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଯୋଗ୍ୟ ହିତାଧିକାରୀ ଯେପରି କାଳିଆରୁ ବାଦ୍ ନ ପଡିବେ ସେଥିପ୍ରତି ଧ୍ୟାନ ଦିଆଯାଉଛି। ଯଦି କୌଣସି କାରଣ ବଶତଃ ଯୋଗ୍ୟ ହିତାଧିକାରୀ ବାଦ୍ ପଡିବେ ପରବର୍ତ୍ତୀ ସମୟରେ ସେମାନଙ୍କୁ ସାମିଲ କରାଯିବ। ଏଥିପାଇଁ ନୋଡାଲ୍ ଅଫିସର୍‌ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ତଥ୍ୟ ଆସିବାପରେ ଯାଇ ପରବର୍ତ୍ତୀ ନିଷ୍ପତ୍ତି ହେବ ବୋଲି ସରକାର କହିଛନ୍ତି।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ଚାଷୀମାନଙ୍କ ଲାଗି କାଳିଆ ଯୋଜନା ଆଣିଥିଲେ। ଏହାପରେ ଯେଉଁମାନେ ଏହି ଯୋଜନାରେ ସାମିଲ ହେବାକୁ ଆବେଦନ କଲେ ସେମାନଙ୍କୁ ଅର୍ଥ ମିଳିଥିଲା। କିନ୍ତୁ କିଛିଦିନ ତଳେ ରାଜ୍ୟ ସରକାର ବିଜ୍ଞାପନ ଜରିଆରେ ଅଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ଫେରାଇବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ୭ ଦିନ ମଧ୍ୟରେ ଅଯୋଗ୍ୟ ହିତାଧିକାରୀ ନିଜ ଆଡୁ ଟଙ୍କା ଫେରାଇପାରିବେ ବୋଲି ସରକାର ଏକ ଆକାଉଣ୍ଟ ନମ୍ବର ଦେଇଥିଲେ। ଏହାସହ ଯଦି କୌଣସି ବ୍ୟକ୍ତି ଚାହିଁବ ନିଜ ନାମ ଗୋପନ ରଖି ଅଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ଦେଇପାରିବା ସହ ଯେଉଁମାନେ ଏହି ଯୋଜନାରୁ ବାଦ୍ ପଡିଛନ୍ତି ସେମାନେ ଆବେଦନ କରିପାରିବେ ବୋଲି କହିଥିଲେ।

ଆଗକୁ ଚୂଡାନ୍ତ ତାଲିକା ଆସିବାପରେ ସରକାର ଏକ ଚୂଡାନ୍ତ ନିଷ୍ପତ୍ତି ନେବେ କିପରି ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଟଙ୍କା ଫେରାଯାଇପାରିବ। ଏହାସହ ଯଦି ଅଯୋଗ୍ୟ ତାଲିକା ଠିକ୍ ଭାବେ ନିଯୁକ୍ତ ଅଧିକାରୀମାନେ ପ୍ରସ୍ତୁତ କରି ନ ଥିବେ ତେବେ ଏନେଇ ଅଭିଯୋଗ ଆସିଲେ ସରକାରଙ୍କ ପକ୍ଷରୁ କଡା ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ୩୧ତାରିଖ ପରେ ଚୂଡାନ୍ତ ତାଲିକା ଆସିଯିବାପରେ ଲୋକମାନେ ଯଦି ଗ୍ରାମପଞ୍ଚାୟତସ୍ତରର ନୋଡାଲ ଅଫିସରଙ୍କ ନାମରେ ଅଭିଯୋଗ କରନ୍ତି ଏବଂ ତାହା ସତ୍ୟ ପ୍ରମାଣିତ ହୁଏ, ତେବେ ସେ ସ୍ଥାନରେ କାର୍ଯ୍ୟାନୁଷ୍ଠାନ ବୋଲି ମନ୍ତ୍ରୀ କହିଛନ୍ତି। ଏହାସହ ବର୍ତ୍ତମାନ ସୁଦ୍ଧା ଖୁବ୍ କମ ଲୋକ କାଳିଆ ଟଙ୍କା ଫେରାଇଛନ୍ତି। ଶେଷରେ ଏକ ବଡଧରଣର ସମୀକ୍ଷା ବୈଠକ ବସିବ ବୋଲି ସେ କହିଛନ୍ତି।







କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକସ୍ଥିତ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ଡ୍ରେସ୍ କୋଡ୍ ଉପରେ ୱେଷ୍ଟ କୋଟ ଓ ଟାଇ ବାନ୍ଧିବାକୁ ବିରୋଧ କରିବା ସହ ଅଧ୍ୟକ୍ଷଙ୍କ ବଦଳି ଦାବିରେ କେତେକ ଛାତ୍ରୀଛାତ୍ର ୪ ଦିନ ଧରି ଅନଶନ ଚଳାଇଛନ୍ତି। ସେମାନଙ୍କୁ ବିରୋଧ କରି ଅନ୍ୟ କେତେଜଣ ଛାତ୍ରୀଛାତ୍ର ଗୁରୁବାର ଧାରଣା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................

ବୟସ:...............................

ଜନ୍ମ ତାରିଖ: ...............................


ଅଭିଷେକ୍
ପରିବାରବର୍ଗ


ଦିବ୍ୟାଶା
ପରିବାରବର୍ଗ


ମେହେର୍ ଫାତିମା
ପରିବାରବର୍ଗ


ଓମ୍
ପରିବାରବର୍ଗ


ସୋନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କିଛି ତଥ୍ୟ

ଚଳିତ ବର୍ଷ ଜୁଲାଇରେ ଦେଶ ମଧ୍ୟରେ ଯାତ୍ରା କରୁଥିବା ବିମାନ ଯାତ୍ରୀଙ୍କ ଟ୍ରାଫିକରେ ୩.୧୫% ବୃଦ୍ଧି ଘଟିଛି।

**– ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ**

# ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ଆଜି

**ଫୁଲବାଣୀ ଅଫିସ/ଶଙ୍କରାଖୋଲ/ତୁମୁଡ଼ିବନ୍ଧ,୨୨।୮(ଡି.ଏନ୍.ଏ.)**

କନ୍ଧମାଳ ଜିଲାର ଚକାପାଦ ଏବଂ ତୁମୁଡିବନ୍ଧସ୍ଥିତ ଜଲେଶପଟା ଆଶ୍ରମରେ ଶୁକ୍ରବାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧ ଦିବସ ଏବଂ ଜନ୍ମାଷ୍ଟମୀ ପାଳନ ହେବ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ୱାମିଜୀଙ୍କ ଶ୍ରାଦ୍ଧବାର୍ଷିକୀ ଏବଂ ଜନ୍ମାଷ୍ଟମୀ ପାଳନ ପାଇଁ ଉଭୟ ଆଶ୍ରମ ପରିସର ଚଳଚଞ୍ଚଳ ହୋଇଉଠିଛି। ଜଲେଶପଟା ସଂସ୍କୃତ କନ୍ୟାଶ୍ରମରେ ବିଶେଷ କାର୍ଯ୍ୟକ୍ରମ ରହିଛି। ସକାଳ ୮ଟାରେ ଶାନ୍ତି ଶୋଭାଯାତ୍ରା, ପୂର୍ବାହ୍ନ ୧୦ଟାରେ ହୋମଯଜ୍ଞ, ୧୧ଟାରେ ଶ୍ରଦ୍ଧାଞ୍ଜଳି, ଅପରାହ୍ନ ୧ ଟାରେ ପ୍ରସାଦସେବନ ଏବଂ ସନ୍ଧ୍ୟା ୭ଟାରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯିବ। ସେହିପରି ଚକାପାଦସ୍ଥିତ ଆଶ୍ରମରେ ସ୍ୱାମିଜୀଙ୍କ ଉତ୍ତରାଧିକାରୀ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ସମସ୍ତ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି। ଆୟୋଜନ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଆଶ୍ରମ ଦାୟିତ୍ୱରେ ଥିବା ସ୍ୱାମୀ କୃଷ୍ଣାନନ୍ଦ ସରସ୍ୱତୀ ସୂଚନା ଦେଇଛନ୍ତି। ଜନସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟିକାବାଲି, ଷ୍ଟେଗେଡାପଥର ଛକ, ଚକାପାଦକୁ ବିଭିନ୍ନ ପଟୁ ପ୍ରବେଶ କରୁଥିବା ଯାନବାହନଗୁଡିକୁ ଚକାପାଦ ଏବଂ ଟିକାବାଲି ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି। ଅତିରିକ୍ତ ଏସ୍‌ପି ବିଷ୍ଣୁପଦ ମହନ୍ତ, ଜି. ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଚକାପାଦ ଥାନାଧିକାରୀ ତରୁଣ ତପନ ବେହେରା, ୩ ସବଇନ୍ସପେକ୍ଟର, ୨ ପ୍ଲାଟୁନ ପୋଲିସ ଫୋର୍ସ ଚକାପାଦ ଆଶ୍ରମରେ ମୁତୟନ ହୋଇଛନ୍ତି। ସେହିପରି ଜଲେଶପଟା କନ୍ୟାଶ୍ରମରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏଠାରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଆଇନଶୃଙ୍ଖଳାକୁ ତଦାରଖ କରିବା ପାଇଁ ୨ ଜଣ ଡିଏସ୍‌ପି ରହିଛନ୍ତି ବୋଲି ତୁମୁଡ଼ିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ବାବା ଶଙ୍କର ସରାଫ କହିଛନ୍ତି। ସୂଚନାଯୋଗ୍ୟ, ୨୦୦୮ ଅଗଷ୍ଟ ୨୩ ତାରିଖରେ ଜନ୍ମାଷ୍ଟମୀ ଦିନ ଜଲେଶପଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ତାଙ୍କ ୪ ଜଣ ସହଯୋଗୀଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ସେବେଠାରୁ କଡା ସୁରକ୍ଷା ମଧ୍ୟରେ ଜନ୍ମାଷ୍ଟମୀ ଓ ସ୍ୱାମିଜୀଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଉଛି।

**ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

# କୋମ୍ବିଂରେ ଯାଇଥିବା ଯବାନଙ୍କ ମୃତ୍ୟୁ

**କୋଟଗଡ,୨୨।୮(ଡି.ଏନ.ଏ.)**

କନ୍ଧମାଳ ଜିଲା କୋଟଗଡ ବ୍ଲକ ଶ୍ରୀରାମପୁର ସିଆରପିଏଫ ୮ ବାଟାଲିୟନ କ୍ୟାମ୍ପରେ କାର୍ଯ୍ୟରତ ଜଣେ ଯବାନଙ୍କ ଗୁରୁବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସେ ହେଲେ ସୁନ୍ଦରଗଡ ଜିଲା ଭସ୍ମା ଗ୍ରାମର ଦିଲେସର ବୁଡୁ। ଗୁରୁବାର ଦିଲେଶ୍ୱର ମାଟିଗାଡା ଜଙ୍ଗଲକୁ ସାଥୀ ଯବାନଙ୍କ ସହ କୋମ୍ବିଂରେ ଯାଇଥିଲେ। ସେଠାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସହଯୋଗୀମାନେ ପ୍ରଥମେ ଶ୍ରୀରାମପୁର ସିଆରପିଏଫ କ୍ୟାମ୍ପକୁ ଆଣିଥିଲେ। ସେଠାରେ ଭୀଷଣ ଯନ୍ତ୍ରଣା ହେବାରୁ କୋଟଗଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ


ଛାତ୍ରମାନଙ୍କୁ ର୍‍ୟାଗିଂ କରାଯାଉଥିବା ଭାଇରାଲ ଭିଡିଓର ଫଟୋ।

### ଭିସୁଟ୍‌ରେ...

ମାଡ଼ ମାରୁଥିବା ଭିଡିଓରେ ରହିଛି। ଏପରି କି କଲେଜ ଶିଡ଼ିରେ ଛାତ୍ରମାନଙ୍କୁ ଦୌଡିବାକୁ ନିର୍ଦ୍ଦେଶ ଦିଆଯାଉଛି। କିଛି ସିନିୟର ଛାତ୍ର ବାଡ଼ିରେ ଜୁନିୟରଙ୍କୁ ବାଡ଼େଇ ଗୋଡ଼ାଉ ଥିବା ଭିଡିଓରେ ରହିଛି। ଭୟରେ ଛାତ୍ରମାନେ ସିନିୟରଙ୍କ ନିର୍ଦ୍ଦେଶ ମାନି ନେଉଛନ୍ତି। ଏଭଳି ଘଟଣାର ଭିଡିଓ କିଛି ଛାତ୍ର ଉତ୍ତୋଳନ କରିଥିଲେ, ଯାହାକି ବର୍ତ୍ତମାନ ଭାଇରାଲ ହୋଇଛି। ଏନେଇ ଭିସୁଟ୍ କୁଳପତି ଚୌଧୁରୀ କୁହନ୍ତି, ଛାତ୍ରମାନଙ୍କୁ ର୍‍ୟାଗିଂ କରିବା ଏକ ଦଣ୍ଡନୀୟ ଅପରାଧ। କଲେଜ ପକ୍ଷରୁ ଏହାକୁ ଗୁରୁତର ସହ ନିଆଯାଇଛି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ସିବିଆଇ ରିମାଣ୍ଡରେ...

ରାଜନୀତିର ଏହି ପ୍ରଭାବଶାଳୀ ରାଜନେତା ଓ ବରିଷ୍ଠ ଆଇନଜୀବୀଙ୍କୁ ଶକ୍ତ ଝଟକା ଲାଗିଛି। କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଚିଦାମ୍ବରମଙ୍କୁ ଗିରଫ କରିଥିବା କଂଗ୍ରେସ ଅଭିଯୋଗ ଆଣିଥିବାବେଳେ ଗିରଫଦାରି ପ୍ରତିବାଦରେ ଦେଶର ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଦୁଇଦିନ ଧରି ଲୁଚକାଳି ଖେଳ ଖେଳିବା ପରେ ଚିଦାମ୍ବରମ ବୁଧବାର ରାତିରେ ନାଟକୀୟ ଢଙ୍ଗରେ ଏଆଇସିସି ମୁଖ୍ୟାଳୟରେ ଆବିର୍ଭାବ ହୋଇଥିଲେ। ସେ ଏକ ଖବରଦାତା ସମ୍ମିଳନୀରେ ନିଜକୁ ନିର୍ଦ୍ଦୋଷ ଦର୍ଶାଇବା ସହ ଆଇନକୁ ସମ୍ମାନ ଦେବେ ବୋଲି କହିଥିଲେ। ସିବିଆଇର ଏକ ଟିମ୍ କଂଗ୍ରେସ ଅଫିସକୁ ଯାଇଥିବାବେଳେ ଦଳୀୟ କର୍ମୀଙ୍କ ବିରୋଧ ଯୋଗୁ ତାଙ୍କୁ ଧରିପାରି ନ ଥିଲା। ଚିଦାମ୍ବରମ ସେଠାରୁ ଜୋରବାଗ୍‌ସ୍ଥିତ ନିଜ ବାସଭବନକୁ ଯାଇଥିବାବେଳେ ସିବିଆଇ ଅଧିକାରୀମାନେ ପାଚେରି ଡେଇଁ ଘରେ ପଶି ତାଙ୍କୁ ଧରିଥିଲେ। ପରେ ତାଙ୍କୁ ସିବିଆଇ ମୁଖ୍ୟାଳୟ ଗେଷ୍ଟହାଉସ୍‌ର ଲକ୍-ଅପ୍ ସୁଟ୍ ୩କୁ ନିଆଯାଇଥିଲା, ଯାହାକି ସେ ୨୦୧୧ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସହ ମିଶି ଉଦ୍‌ଘାଟନ କରିଥିଲେ। ସେଠାରେ ତାଙ୍କୁ ଜେରା କରାଯାଇ ଗୁରୁବାର ଅପରାହ୍ନ ୩ଟା ୨୦ରେ ତଦନ୍ତକାରୀ ଅଧିକାରୀମାନେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରାଉଜ୍ ଆଭେନ୍ୟୁସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟକୁ ନେଇ ହାଜର କରିଥିଲେ। ଚିଦାମ୍ବରମ କୋର୍ଟ କାଠଗଡ଼ାରେ ଛିଡ଼ା ହୋଇଥିବାବେଳେ ସିବିଆଇ ପକ୍ଷରୁ ମାମଲା ପରିଚାଳନା କରୁଥିବା ସୋଲିସିଟର ଜେନେରାଲ ତୁଷାର ମେହେଟା ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେବା ପାଇଁ ଅଦାଲତଙ୍କୁ ଅନୁମତି ମାଗିଥିଲେ। ସେ କହିଥିଲେ, ଆଇଏନ୍‌ଏକ୍ସ ମିଡିଆ ମାମଲାର ସହଅଭିଯୁକ୍ତ ଇନ୍ଦ୍ରାଣୀ ମୁଖାର୍ଜିଆ ୫ ନିୟୁତ ଡଲାର ଦେଇଥିବା ତଦନ୍ତରୁ ପ୍ରଘଟ ହୋଇଛି। କିନ୍ତୁ ସିବିଆଇ ପକ୍ଷରୁ ଏନେଇ କରାଯାଇଥିବା ପ୍ରଶ୍ନକୁ ଚିଦାମ୍ବରମ ଏଡାଇଦେଇଇଛନ୍ତି। ଏସମ୍ପର୍କିତ ଦସ୍ତାବିଜ ଚିଦାମ୍ବରମଙ୍କୁ ଦେଖାଯିବାବେଳେ ସେ ନୀରବ ରହିଥିଲେ। ସେ ତଦନ୍ତରେ ସିବିଆଇକୁ ସହଯୋଗ କରୁନାହାନ୍ତି। ତାଙ୍କ ଉତ୍ତରରେ ତଦନ୍ତକାରୀ ସଂସ୍ଥା ସନ୍ତୁଷ୍ଟ ନୁହେଁ। ତେଣୁ ଅଧିକ ଦସ୍ତାବିଜ ନେଇ ତାଙ୍କୁ ଜେରା କରିବା ଲାଗି ସିବିଆଇ ହାଜତକୁ ନିଆଯିବା ଆବଶ୍ୟକ ବୋଲି ତୁଷାର ଯୁକ୍ତି ବାଢ଼ିଥିଲେ। ସେହିପରି ଦିଲ୍ଲୀ ହାଇକୋର୍ଟ ଚିଦାମ୍ବରମଙ୍କୁ ଉକ୍ତ ମାମଲାର 'କିଙ୍ଗ୍‌ପିନ୍' ଦର୍ଶାଇ ଆଗୁଆ ଜାମିନ ଦେବାକୁ ମନାକରିଦେଇଥିବା ବିଷୟ ମଧ୍ୟ ସେ ଅବତାରଣା କରିଥିଲେ। ଏହି ଅବସରରେ ତୁଷାର ସୁପ୍ରିମକୋର୍ଟଙ୍କ ଅନେକ ରାୟ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଥିଲେ। ଅନ୍ୟପକ୍ଷରେ ଚିଦାମ୍ବରମଙ୍କ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ କପିଲ ସିବଲ ଓ ଅଭିଷେକମନୁ ସିଂଘ୍‌ଭି କୋର୍ଟରେ ପ୍ରତିନିଧିତ୍ୱ କରିଥିଲେ। ସିବଲ କହିଥିଲେ, ଏହି ମାମଲାର ଅଭିଯୁକ୍ତ ହେଉଛନ୍ତି ଚିଦାମ୍ବରମଙ୍କ ପୁଅ କାର୍ତ୍ତି ଚିଦାମ୍ବରମ, ଯାହାଙ୍କୁ ଦିଲ୍ଲୀ ହାଇକୋର୍ଟ ଜାମିନ ଦେଇସାରିଛନ୍ତି। ଏକ ଚିଠା ଚାର୍ଜଶିଟ୍ ପ୍ରସ୍ତୁତ ହୋଇସାରିଥିବାରୁ ଉକ୍ତ ମାମଲାର ତଦନ୍ତ ଶେଷ ହୋଇଛି। ଚିଦାମ୍ବରମଙ୍କୁ ଗୁରୁବର ପୂର୍ବାହ୍ନ ୧୧ଟାରେ ସିବିଆଇ ପ୍ରଶ୍ନ କରିବା ଆରମ୍ଭ କରିଥିଲା। ତାଙ୍କୁ କେବଳ ୧୨ଟି ପ୍ରଶ୍ନ ପଚରାଯାଇଛି। ବିଦେଶୀ ପୁଞ୍ଜିନିବେଶ ପ୍ରୋତ୍ସାହନ ବୋର୍ଡ (ଏଫ୍‌ଆଇପିବି)ରେ କେନ୍ଦ୍ର ସରକାରଙ୍କ ୬ ଜଣ ସଚିବ ରହିଥାନ୍ତି। ସେମାନେ ତତ୍କାଳୀନ ଅର୍ଥମନ୍ତ୍ରୀ ଚିଦାମ୍ବରମଙ୍କ ନିକଟକୁ ଫାଇଲ ପଠାଇଥିଲେ ବୋଲି ସିବଲ କହିଥିଲେ। ଜଣେ ଅଭିଯୁକ୍ତଙ୍କ ବୟାନ ଉପରେ ପର୍ଯ୍ୟବସିତ ଦସ୍ତାବିଜ ସିବିଆଇ ପକ୍ଷରୁ ଉପସ୍ଥାପିତ କରାଯାଇଥିବା ଦର୍ଶାଇ ସେଗୁଡ଼ିକର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଏହାସହ ସିବିଆଇର ରିମାଣ୍ଡ ଆବେଦନକୁ ବିରୋଧ କରି ଜାମିନ ସକାଶେ ସନ୍ତୋଷ ରାୟର ଅବତାରଣା କରିଥିଲେ। ସେହିପରି ଆଇନଜୀବୀ ସିଂଘ୍‌ଭି କହିଥିଲେ, ଆଇଏନ୍‌ଏକ୍ସ ମିଡିଆକୁ ବିଦେଶୀ ପୁଞ୍ଜି ଗ୍ରହଣ କରିବା ନିଷ୍ପତ୍ତି ଏଫ୍‌ଆଇପିବିର ୬ ସଦସ୍ୟ ନେଇଥିଲେ। ଚିଦାମ୍ବରମ ଏହାକୁ କେବଳ ଅନୁମୋଦନ କରିଥିଲେ। ସେହିପରି ଇନ୍ଦ୍ରାଣୀ ମୁଖାର୍ଜିଆଙ୍କ ବୟାନ ପରେ ଚିଦାମ୍ବରମଙ୍କୁ ସମନ କରାଯିବାରେ ବିଳମ୍ବିତ ହୋଇଥିବାରୁ ଏହାକୁ ନେଇ ସିଂଘ୍‌ଭି ପ୍ରଶ୍ନ ଉଠାଇଥିଲେ। ଚିଦାମ୍ବରମ କୋର୍ଟଙ୍କୁ କହିଥିଲେ, ୨୦୧୮ ଜୁନ୍ ୬ରେ ସିବିଆଇ ତାଙ୍କୁ ସମନ କରିବା ପରଠୁ ସେ କୌଣସି ପ୍ରଶ୍ନ ଏଡ଼ାଇନାହାନ୍ତି। ତଦନ୍ତକାରୀ ଅଧିକାରୀମାନେ ଯାହା ପ୍ରଶ୍ନ କରିଛନ୍ତି ସେସବୁର ଉତ୍ତର ସେ ଦେଇଛନ୍ତି। ଏହାର ପ୍ରମାଣ ସ୍ୱରୂପ ସେ କେସ୍ ଡାଏରିର ଏକ ଅଂଶରେ ଉଲ୍ଲେଖ ରହିଥିବା ପ୍ରଶ୍ନ-ଉତ୍ତରର ଲେଖକୁ ବିଚାରପତିଙ୍କୁ ଦେଖାଇଥିଲେ।

ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାର ଉଭୟ ପକ୍ଷଙ୍କ ଯୁକ୍ତିକୁ ଶୁଣିବା ପରେ କିଛି ସମୟ ପାଇଁ ରାୟ ସଂରକ୍ଷିତ ରଖିଥିଲେ। ସେ ସନ୍ଧ୍ୟା ୬ଟା ୪୫ରେ ସିବିଆଇର ଅବେଦନକୁ ଗ୍ରହଣ କରି ରାୟ ଶୁଣାଇ କହିଥିଲେ, ତଥ୍ୟ ଓ ପାରିପାର୍ଶ୍ୱିକ ସ୍ଥିତିକୁ ବିଚାର କରି ଚିଦାମ୍ବରମଙ୍କୁ ପୋଲିସ ହାଜତରେ ରଖିବା ପାଇଁ ଅଗଷ୍ଟ ୨୬ ପର୍ଯ୍ୟନ୍ତ ଅନୁମତି ଦିଆଯାଉଛି। ଅଦାଲତ ରାୟ ଶୁଣାଇବାବେଳେ କୋର୍ଟରୁମ୍‌ରେ ଚିଦାମ୍ବରମଙ୍କ ସ୍ତ୍ରୀ ନଳିନୀ ଓ ପୁଅ କାର୍ତ୍ତି ଉପସ୍ଥିତ ଥିଲେ। ସିବିଆଇ ୫ ଦିନିଆ ରିମାଣ୍ଡ ପାଇଁ ଅନୁରୋଧ କରିଥିବାବେଳେ ଚିଦାମ୍ବରମଙ୍କୁ ୪ ଦିନ ହାଜତରେ ରଖିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ଅଦାଲତ ରାୟ ଶୁଣାଇବାର କିଛି ସମୟ ପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାଙ୍କୁ ପୁଣି ସିବିଆଇ ମୁଖ୍ୟାଳୟକୁ ନିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ନୂତନ କର୍ମାରମ୍ଭ ପ୍ରୀତିପଦ ହେବାରୁ ମାନସିକ ସ୍ତରରେ ବହୁତ ଖୁସି ରହିବେ। ରାଜନୀତିରେ କିମ୍ବା ସାମାଜିକ ସ୍ତରରେ ବହୁତ ଲୋକଙ୍କଠାରୁ ଆଦର ସମ୍ମାନ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପିଲାମାନଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଆର୍ଥିକସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବ।

**ବୃଷ**
କର୍ମକ୍ଷେତ୍ରରେ ସହଯୋଗ ଲାଭକରି କାର୍ଯ୍ୟ ହାସଲ କରିବେ। ଅପେକ୍ଷା କରିଥିବା କାମରେ ବନ୍ଧୁଙ୍କ ନିକଟରୁ ନାସ୍ତିସୂଚକ ସୂଚନା ପାଇ ବିଚଳିତ ହୁଅନ୍ତୁ ନାହିଁ। ପ୍ରିୟବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସରୁ ଦୂରେଇ ରହିବାକୁ ବାଧ ହେବେ। ସହଜାତପ୍ରବୃତ୍ତି ଜନିତ ନିଜର କୃତି ଓ କୃତିତ୍ୱ ହେତୁ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି।

**ମିଥୁନ**
ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବାରୁ ମାନସିକ ଶାନ୍ତି ଫେରି ଆସିବ। ଅଟକି ରହିଥିବା କାମଟି ବନ୍ଧୁଙ୍କ ମାଧ୍ୟମରେ କାର୍ଯ୍ୟ ହାସଲ କରାଇବାରେ ସମର୍ଥ ହେବେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ପୁରସ୍କୃତ ହେବାର ସୌଭାଗ୍ୟ ଜୁଟିବାର ସମ୍ଭାବନା ରହିଛି। ପଡ଼ୋଶୀଙ୍କ ମାଧ୍ୟମରେ ଆନନ୍ଦଦାୟକ ଖବର ପାଇ ବିସ୍ମିତ ହୋଇପାରନ୍ତି।

**କର୍କଟ**
ଦୀର୍ଘ ଦିନର ଅଭିଳଷିତ କାର୍ଯ୍ୟ ସାଧନ ନିମିତ୍ତ ଅନୁକୂଳ ବାତାବରଣ ସୃଷ୍ଟି ହେବାରୁ ଖୁସି ହେବେ। ସମସ୍ୟା ସମାଧାନ କ୍ଷେତ୍ରରେ ଅଧୀର ନ ହୋଇ ମନ୍ଥର ଗତିରେ ଆଗକୁ ବଢ଼ିବା ଭଲ। ମାନସିକ ଅଶାନ୍ତିକୁ ଦୂରେଇବାରେ ପ୍ରିୟବନ୍ଧୁଙ୍କ ଅବଦାନକୁ ଭୁଲିହେବନି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ଆଲୋଚନା କ୍ଷେତ୍ରରେ ଅନୁକୂଳ ଫଳ ମିଳିବ।

**ସିଂହ**
ଆର୍ଥିକ ସ୍ଥିତିର ଅଭିବୃଦ୍ଧି ଅଭିଳଷିତ କାର୍ଯ୍ୟ ସମ୍ପାଦନ ଦିଗରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବେ। ଦେହ ଭଲ ରହିବ। ଆଜ୍ଞାବହ ଭାବେ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଯାହା ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କନ୍ୟା**
ବନ୍ଧୁଙ୍କ ମାଧ୍ୟମରେ ଅର୍ଥ ଲାଭ ସାଙ୍ଗକୁ ସମସ୍ୟା ସମାଧାନ କରିବା ସକାଶେ ପ୍ରଯତ୍ନ କରିପାରନ୍ତି। ଗୁରୁଜନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାମ କରିବା ଠିକ୍ ହେବ, ଯାହାକି ଆପଣଙ୍କ ପାଇଁ ଭଲ ମଧ୍ୟ ହେବ। ଦେହ ଭଲ ରହିବ। ବ୍ୟବସାୟ, ପରିବହନ, ହୋଟେଲ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**
ଅସମର୍ଥିତ ସୂତ୍ରରୁ ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ଆତ୍ମୀୟମାନଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। ଦୁଶ୍ଚିନ୍ତା ଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଗତ କିଛି ଦିନ ହେଲା ଦୋକାନୀ ନିକଟରୁ କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବ।

**ବିଛା**
ଯେତେ ଚେଷ୍ଟା କଲେ ମଧ୍ୟ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେବା ସମସ୍ୟାବହୁଳ ହୋଇପାରେ। ଘଟିଯାଇଥିବା ଘଟଣାଗୁଡ଼ିକ ଅସାଧାରଣ ମନେହେବ। ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ କେତେକ ଅନିଚ୍ଛାକୃତ କାରଣକୁ ନେଇ ମନ ଭଲ ରହିବ ନାହିଁ।

**ଧନୁ**
ପୂର୍ବ ବିବାଦକୁ କେନ୍ଦ୍ରକରି ନିଜ ଲୋକମାନେ ଦୂରେଇ ଯିବା କାରଣରୁ ମନଟା ଭଲ ଲାଗିବ ନାହିଁ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନତୁବା ଅସୁବିଧାର ସମ୍ମୁଖୀନ ହେବେ। ନିଜର ଦକ୍ଷତା ହେତୁ ସଭାସମିତିରେ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ନୀରବ ରହିବା ଆପଣଙ୍କ ସକାଶେ ଭଲ ହେବ।

**ମକର**
ଅବହେଳା ଯୋଗୁ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା ସକାଶେ ଅନୁତାପ କରିବେ। ସାମାଜିକ ସ୍ତରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ଲାଭ କରିବେ। ବନ୍ଧୁମାନଙ୍କ ଅସହିଷ୍ଣୁ ମନୋଭାବରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ବିଶେଷ କିଛି ଅସୁବିଧା ହେବନାହିଁ।

**କୁମ୍ଭ**
ପରୋକ୍ଷଭାବେ ଶତ୍ରୁତା କରୁଥିବା ଅନେକ ଲୋକ ଆପଣଙ୍କ ପଛରେ କିନ୍ତୁ କିଛି ଅସୁବିଧା ହେବନାହିଁ। ତଥାପି କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ଚିନ୍ତାଧାରା ପୋଷଣ କଲେ ଅସୁବିଧାରେ ପଡ଼ିବେ। ଆଜିର ଯାତ୍ରା, କଳା, ସାହିତ୍ୟରୁ ପ୍ରଶଂସିତ ହେବେ। ଯାନବାହନ ଚାଳନାରେ, କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ।

**ମୀନ**
ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଭଙ୍ଗା ପଡ଼ିଯାଇଥିବା ବନ୍ଧୁସମ୍ପର୍କ ପୁନଶ୍ଚ ଦୃଢ଼ୀଭୂତ ହୋଇପାରିବ। ରୋଗ, ଋଣ ଓ ଶତ୍ରୁତା ବିଷୟରେ ଚିନ୍ତାକରି ମାନସିକ ସ୍ଥିତି ଭଲ ରହିବ ନାହିଁ।

ଆଜି ସ୍ମାର୍ତ୍ତସମ୍ମତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଅଗଷ୍ଟ ୨୩ ତାରିଖ, ଶୁକ୍ରବାର, ରାଶି ନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ୧୦।୦୦ମି. ଗତେ, ବୃଷ ଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ୬।୫୦ମି. ମଧ୍ୟେ ଘ୪।୪୪ ମି. ଗତେ, ଘ୬।୨୦ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୫୦ମି. ଗତେ ଘ୮।୨୨ମି. ମଧ୍ୟେ, ଘ୧୧।୪୩ମି. ଗତେ ଘ୧।୧୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୧୫ମି. ଗତେ ଘ୧୧।୪୯ମି. ମଧ୍ୟେ ରାହୁକାଳ।


# classifieds

**Everyday 0674-2580101, 2549302**

real estate

**SALE**

Own stithiban residential 1200 sqft. plot for sale. 9937816565, 9937568585. D-13942

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760

**2 Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999.** D-66282

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67355

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66764

4BHK duplex with Gated Community at Balianta (Land-1400 construction-2200 @ 55lakh and 2600 @ 65lakh) Contact Mplanets: 9938219397, 9861022055. D-13981

Corner plot (5,200 sqft. approx., stithiban status) with newly constructed three storied building with compound wall having two separate entry for vehicles on both sides. Suitable for Residence, Guest House, Holiday Home, Bank etc. Address: Jagannath Colony, near Railway Phatak, Puri-Konark Road, Puri- 752002 (Odisha) Approx. 2.5 km from Gundicha Mandir. Approx. roof area in Sqft.: 1st floor (1,500) + 2nd floor (1,500) + 3rd floor (500) + outhouse (540)= 4,040 Contact details: 9835532641, rajeshkrsarangi@gmail.com D-63781

construction

Contact for interior design of ceiling, TV Unit, Wardrobe and modular kitchen from the experts call: 7008550473. D-13980

**GENERAL**

**SALE**

ଅଟା ମିଲ୍ ଯନ୍ତ୍ରପାତି ସୁଲଭ ମୂଲ୍ୟରେ କିଣିବାପାଇଁ ଯୋଗାଯୋଗ କରନ୍ତୁ: 9861442380, 9937713209. D-13997

to-let

Ground floor with toilet at Changing chowck, suitable for office, consultancy, Dr. Chamber, Diagnostic, medicine store, Parlour. Call: 7008813110. D-14008

Two bedroom, drawing room, Verandah, car parking at Shivaji Nagar, Deulasahi, Cuttack (Preferably small family). Contact: 9937039177, Rent-8000. D-14006

3BHK Apartment with garage for rent, family only at Bomikhal, Bhubaneswar: 9238574993. D-14009

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66945

Newly open Herbal full body massage lady & gents. 8018246332. D-66942

Experience full body massage with us (expert). Call: 7377048581, 06742597822. D-67359

Kajal ayurvedic massage club fully relaxed by smart lady, home service available. 9937637219. D-66943

Herbal full body massage by smart / expert therapist. Contact: 8338067247. D-67356

Summer special mesmerizing offer expert therapeutic refreshing massage appointment. 9668374480. D-67357

Full body herbal massage with refreshment expert therapist. 7381239385, 06742540855. D-67358

**AFFIDAVIT**

By virtue of an affidavit before Executive Magistrate, Bhubaneswar vide CF No. 78 dt. 21.08.2019 I, Sanket Sujogya Mishra solemnly affirm that I shall be known as Sanket Sujogya Mishra. Sujogya Mishra and Sanket S. Mishra is one and same person instead of Sujogya Mishra wrongly mentioned in my birth certificate. Sanket Sujogya Mishra. D-14002


## ଆଶ୍ରମ ସ୍କୁଲ ଛାତ୍ରୀଙ୍କୁ ଗର୍ଭବତୀ କରିବା ମାମଲା

# ଅଭିଯୁକ୍ତ ରୋକ୍ଷେୟାଙ୍କୁ ଆଜୀବନ କାରାଦଣ୍ଡ

**ମାଲକାନଗିରି, ୨୨।୮ (ଡି.ଏନ୍.ଏ.):** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକସ୍ଥିତ ଏକ ଆଶ୍ରମ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଗର୍ଭବତୀ କରିବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ମାମଲାର ବିଚାର କରି ମାଲକାନଗିରି ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଜ୍ଞା ନଳିନୀ ମିଶ୍ର ନିଜ ରାୟରେ ଅଭିଯୁକ୍ତ ପର୍ଶୁରାମ ପଡିଆମୀଙ୍କୁ ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଅର୍ଥ ଅନାଦାୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ଦୁଇମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତଙ୍କ ରାୟରେ ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ଆଶ୍ରମ ବିଦ୍ୟାଳୟରେ ପଢୁଥିବା ଜଣେ ୫ମ ଶ୍ରେଣୀ ନାବାଳିକାଙ୍କୁ ଉକ୍ତ ବିଦ୍ୟାଳୟର ରୋକ୍ଷେୟା ପର୍ଶୁରାମ ପଡିଆମୀ ଭୟ ଦେଖାଇ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିଥିଲେ। ଏ ନେଇ ପୀଡିତାଙ୍କ ବାପା ଥାନାରେ ମାମଲା ରୁଜୁ କରିଥିଲେ। ଓର୍କେଲ ଥାନା କେସ୍.ନଂ ୬୨/୧୭ ଅନୁଯାୟୀ ମାମଲାରେ ୩୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜିଲା ଦୌରାଜଜ୍ ଏହି ରାୟ ଶୁଣାଇଥିଲେ। ଓର୍କେଲ ଥାନାଧିକାରୀ ସନ୍ତୋଷୀ ବାରିକ ଘଟଣାର ତଦନ୍ତ କରିଥିବାବେଳେ ସରକାରୀ ଓକିଲ ଲମ୍ବୋଦର ତୁରୁକ ମାମଲା ପରିଚାଳନା କରିଥିଲେ।



ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ବିଭାଗ ବାରଣ୍ଡାରେ ବୁଧବାର ବିଳମ୍ବିତ ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଏହି ସମୟରେ ପ୍ରସୂତି, ଗର୍ଭବତୀ ଓ ସେମାନଙ୍କ ସମ୍ପର୍କୀୟମାନେ ବିଚଳିତ ହୋଇ ଏଣେ ତେଣେ ଦୌଡ଼ିଥିଲେ। ପାଖାପାଖି ୨ ଘଣ୍ଟା କାଳ ସେମାନେ ମେଡିକାଲ ପରିସର ଫାଟକ ନିକଟରେ ରୁଣ୍ଡ ହୋଇରହିଥିଲେ। ସେମାନଙ୍କୁ ପରବର୍ତ୍ତୀ ସମୟରେ ଭେସଜ ୱାର୍ଡକୁ ସ୍ଥାନାନ୍ତର କରାଯିବା ସହ ପରିସ୍ଥିତି ସ୍ୱାଭାବିକ କରାଯାଇଥିଲା।

# ଟ୍ରକ୍, ବସ୍ ଧକ୍କାରେ ୩ ହାତୀ ମୃତ

**କେନ୍ଦୁଝର/ଢେଙ୍କାନାଳ/ଘଟଗାଁ/ବଡବିଲ, ୨୨।୮(ଡି.ଏନ.ଏ./ସ୍ୱ.ପ୍ର.)**

ଐରାବତ ନାମକ ଏକ ଯାତ୍ରୀବାହୀ ବସ୍ ଓ ଲୁହାପଥର ବୋଝେଇ ଟ୍ରକ ଧକ୍କାରେ ୩ ହାତୀଙ୍କ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଉପରହିହା ପଞ୍ଚାୟତ ବାଲିଯୋଡି ଗ୍ରାମ ନିକଟ ୨୦ ନଂ. ଜାତୀୟ ରାଜପଥରେ ଏହି ଦୁଃଖଦ ଘଟଣା ଘଟିଛି। ବୁଧବାର ବିଳମ୍ବିତ ରାତିରେ ହାତୀପଲ ରାସ୍ତା ପାରି ହେଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ଓ ଗୋଟିଏ ବସ୍ ୩ ହାତୀକୁ ଧକ୍କା ମାରିଥିବା ସ୍ପଷ୍ଟ ହୋଇଛି। ବନ ବିଭାଗ ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ବସ୍‌କୁ ଜବତ କରିଛି। ଟ୍ରକ ଚାଳକ ଓ ହେଲପର ଫେରାର ଥିବା ବେଳେ ବସ୍ ଡ୍ରାଇଭରଙ୍କୁ ଗିରଫ କରାଯାଇଛି।

ମିଳିଥିବା ସୂଚନାନୁଯାୟୀ, ବୁଧବାର ରାତି ପ୍ରାୟ ୧ଟା ସମୟରେ ଅଟେଇ ସଂରକ୍ଷିତ ଜଙ୍ଗଲ ବାଲିଯୋଡ଼ି ଗ୍ରାମ ନିକଟରେ ୨ ମାଈ ହାତୀ ଏବଂ ଗୋଟିଏ ଛୁଆ ହାତୀ ରାସ୍ତା ପାର ହେଉଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ଲୁହାପଥର ବୋଝେଇ ଟ୍ରକ (ନଂ.ଓଡି ୦୫ ଏକ୍ୟୁ ୨୯୯୯) ହାତୀପଲକୁ ଧକ୍କା ମାରି ରାସ୍ତା ତଳକୁ ଖସିଯାଇଥିଲା। ଫଳରେ ୩ ହାତୀ ରାସ୍ତା ଉପରେ ଛିଟିକି ପଡିଥିଲେ। ଦୁର୍ଘଟଣାର କିଛି ସମୟ ମଧ୍ୟରେ ମା' ହାତୀ ଏବଂ ଛୁଆ ହାତୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ହାତୀଟି ରାସ୍ତା ଉପରେ ଛଟପଟ ହେଉଥିଲା। ଏହି ସମୟରେ କଟକରୁ ବଡବିଲ ଆସୁଥିବା ଏକ ଯାତ୍ରୀବାହୀ ବସ୍ (ନଂ.ଓଡି୦୫ଏଏଫ୫୫୩୦) 'ଐରାବତ' ଦ୍ରୁତଗତିରେ ଆସି ସେହି ହାତୀକୁ ଧକ୍କା ମାରିଥିଲା। ଫଳରେ ଆହତ ହାତୀଟି ଗୁରୁତର ହୋଇପଡିଥିଲା। ପରେ ଡ୍ରାଇଭର ବସ୍ ନେଇ ବଡ଼ବିଲ ଚାଲି ଯାଇଥିଲେ। ଏହି ସୁଯୋଗରେ ରାସ୍ତା ତଳକୁ ଖସି ଯାଇଥିବା ଟ୍ରକର ଡ୍ରାଇଭର ଓ ହେଲପର ବି ଫେରାର ହୋଇଯାଇଥିଲେ। ଖବର ପାଇ ବୁଧବାର ରାତିରୁ ଘଟଗାଁ ରେଞ୍ଜ ବନକର୍ମଚାରୀ ଓ ଫରେଷ୍ଟର ମୃତ ଓ ଆହତ ହାତୀକୁ ଜଗି ରହିଥିଲେ। ଘଟଗାଁ ପୋଲିସ ମଧ୍ୟ ଉପସ୍ଥିତ ଥିଲା। ସକାଳୁ ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଲୋକେ ସେଠାରେ ଭିଡ ଜମାଇଥିଲେ। କେନ୍ଦୁଝର ଡିଏଫ୍‌ଓ ସନ୍ତୋଷ ଯୋଶୀ ଉଦ୍ଧାର କାର୍ଯ୍ୟର ତଦାରଖ କରିବା ସହିତ ଆହତ ହାତୀର ଚିକିତ୍ସା ବ୍ୟବସ୍ଥା କରିଥିଲେ। ହେଲେ ଗୁରୁବାର ମଧ୍ୟାହ୍ନରେ ଆହତ ହାତୀର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଐରାବତ ବସ୍‌କୁ ବନ ବିଭାଗ ବଡବିଲ ନିକଟ ମାଟକାମବେଡାସ୍ଥିତ କଳିଙ୍ଗ କଲୋନୀ ଅଞ୍ଚଳରୁ ଜବତ କରିଛି। ବସ୍‌ର ଡ୍ରାଇଭର ଝୁମ୍ପୁରା ଥାନା ଅନ୍ତର୍ଗତ ଅର୍ଶଳା ଗ୍ରାମର ରାଜ କିଶୋର ମହାନ୍ତଙ୍କୁ କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶ ଅନୁଯାୟୀ ଗିରଫ କରାଯାଇଥିବା ବଡବିଲ ବନାଞ୍ଚଳ ଅଧିକାରୀଙ୍କ ଦାୟିତ୍ୱରେ ଥିବା ଚମ୍ପୁଆ ଡେପୁଟି ରେଞ୍ଜର ଘାସିନାଥ ପାତ୍ର କହିଛନ୍ତି। ଗିରଫ ବସ୍ ଚାଳକ ମହାନ୍ତଙ୍କ କହିବା ଅନୁଯାୟୀ, ବସ୍ ଆଗରେ ଦ୍ରୁତଗତିରେ ଯାଉଥିବା ଟ୍ରକ ପ୍ରଥମେ ହାତୀ ପଲକୁ ଧକ୍କା ମାରି ରାସ୍ତା ତଳକୁ ଖସିଯାଇଥିଲା। ଟ୍ରକ ଧକ୍କାରେ ୨ ହାତୀ ଛିଟିକି ପଡିଥିଲେ। ଏହାପରେ ମୁଁ ବସ୍ ଉପରୁ ନିୟନ୍ତ୍ରଣ ହରାଇ ବସିଥିଲି। ଫଳରେ ବସ୍‌ଟି ଅନ୍ୟ ଏକ ହାତୀକୁ ଧକ୍କା ମାରିଥିଲା। ଟ୍ରକ ଧକ୍କାରେ ୨ ହାତୀଙ୍କ ମୃତ୍ୟୁ ଘଟିଥିଲା ବେଳେ ବସ୍ ଧକ୍କାରେ ଆହତ ହାତୀର ମୃତ୍ୟୁ ଘଟିଥିଲା ବୋଲି ସେ କହିଛନ୍ତି।

ଦୁର୍ଘଟଣା ପରେ ସେହି ରାସ୍ତାରେ ଯାତାୟାତ ବ୍ୟାହତ ହୋଇଥିଲା। ସଡ଼କ ଦୁର୍ଘଟଣାରେ ଏକସଙ୍ଗେ ୩ ହାତୀଙ୍କ ମୃତ୍ୟୁ ଘଟିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ହାତୀମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ହାତୀ କରିଡରରେ କିପରି ଯାନବାହନ ଚଳାଚଳ କରିବ ସେଥିପ୍ରତି ବନ ବିଭାଗ ସଚେତନତା ସୃଷ୍ଟି କରୁ ନ ଥିବାରୁ ଏପରି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଘଟଗାଁ ଫରେଷ୍ଟ ରେଞ୍ଜର କର୍ମଚାରୀମାନେ ରାତିରେ ପାଟ୍ରୋଲିଂ କରୁ ନ ଥିବାରୁ ଏପରି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ହେଲେ ଏପରି ଅଭିଯୋଗକୁ ଡିଏଫଓ ଖଣ୍ଡନ କରିଛନ୍ତି।

## ଜିଲା ଚିଠି — କନ୍ଧମାଳ



### ଡେପୁଟେଶନ ଚିନ୍ତା

କନ୍ଧମାଳ ଜିଲାରେ ଜୋରଯାର ମୁଲକ ତା'ର ନୀତି ବେଶି ଚାଲିଛି। ଜିଲାର ଛାମୁଆ ନେତା କି ଜନପ୍ରତିନିଧିଙ୍କ କୌଣସି କ୍ଷମତା ଥିବା କେବେ ଦେଖିବାକୁ ମିଳେନାହିଁ। ଅଫିସରମାନେ କେବଳ ଲୋକ ଦେଖାଣିଆ ଭାବେ ହଁ ମାରନ୍ତି। କିନ୍ତୁ ନିଜ ଇଚ୍ଛାରେ କାମ କରନ୍ତି। କାହାକୁ ଧରିଲେ ଜିଲାରେ କାମ ହେବ ତାହା ଏଠାର ଅଫିସର ଏବଂ କର୍ମଚାରୀଙ୍କୁ ବେଶ୍ ଜଣା। ତେଣୁ ନିଜ ସ୍ୱାର୍ଥ ହାସଲ ପାଇଁ ମେଡିକାଲର ନର୍ସ, ଡାକ୍ତର, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ସେହି ଅଦୃଶ୍ୟ କ୍ଷମତା କେନ୍ଦ୍ର ପାଖକୁ ଯାଆନ୍ତି। କାମ ବି ହାସଲ ହୋଇଯାଏ। ଅନ୍ୟପଟେ କିନ୍ତୁ ଜିଲାର ଉନ୍ନତି ବଦଳରେ ଖାଲି କ୍ଷତି ସହିବାକୁ ପଡ଼େ। ଏହାକୁ ନେଇ ଅନ୍ୟମାନେ ଯେତେ ଆର୍ତ୍ତନାଦ କଲେ ବି କେହି ଶୁଣନ୍ତି ନାହିଁ। ଯାହା ଜିଲାର ସ୍ୱାସ୍ଥ୍ୟସେବା ଏବଂ ଉନ୍ନୟନ କାର୍ଯ୍ୟରେ ଦେଖିବାକୁ ମିଳିଛି। କେତେଜଣ ଡାକ୍ତର, ନର୍ସ, ଫାର୍ମାସିଷ୍ଟଙ୍କ ନିଯୁକ୍ତି କ୍ଷେତ୍ର କନ୍ଧମାଳ ହୋଇଥିବା ସତ୍ତ୍ୱେ ସେମାନେ ଏଠାରେ ସେବା ଯୋଗାଉ ନାହାନ୍ତି। ଡେପୁଟେଶନରେ ଯାଇ ବାହାରେ କାମ କରୁଛନ୍ତି। କିନ୍ତୁ କନ୍ଧମାଳରୁ ଦରମା ନେଉଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଚିଠି କରି ଥକି ଗଲେଣି ହେଲେ କିଛି ଫଳ ମିଳୁନାହିଁ। ୨୦୧୪ରୁ ଗୋଛାପଡାରୁ ଜଣେ ଓ ୨୦୧୮ରୁ ବ୍ରାହ୍ମଣପାଦରୁ ଜଣେ ଫାର୍ମାସିଷ୍ଟ ବ୍ରହ୍ମପୁର ବଡ଼ ମେଡିକାଲକୁ ଡେପୁଟେଶନରେ ଯାଇ କାମ କରୁଛନ୍ତି। ସେହିପରି ୨୦୧୫ରୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରୁ ଜଣେ ନର୍ସ କଟକ ବଡ଼ ମେଡିକାଲ ଏବଂ ଗତ ମେ ମାସରୁ ଜଣେ ଇଏନ୍‌ଟି ଡାକ୍ତର ବ୍ରହ୍ମପୁରକୁ ଡେପୁଟେଶନରେ ଯାଇ କାମ କରୁଛନ୍ତି। କେହି ହେଲେ ଏ ଯାଏ ନିଜ ନିଯୁକ୍ତି ସ୍ଥାନକୁ ଫେରିନାହାନ୍ତି। ଡେପୁଟେଶନରେ ଯାଇଥିବା ସ୍ଥାନରେ ଥାଇ କନ୍ଧମାଳରୁ ଦରମା ନେଇ ଚାଲିଛନ୍ତି। ଏପଟେ ଲୋକେ ଚିକିତ୍ସା ସେବା ନ ପାଇ ହଇରାଣ ହେଉଛନ୍ତି। ସେହିପରି ଆଉ ଗୋଟିଏ ଗୋଲକ ଧନ୍ଦା ଯନ୍ତ୍ରୀମାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ବର୍ତ୍ତମାନ ସରକାର ଯେଉଁ ୫–ଟି କଥା କହୁଛନ୍ତି, ତାହା କନ୍ଧମାଳ ଆସିଲେ ବେଶ୍ ଭଲ ଭାବେ ବାରି ହୋଇପଡ଼ିବ। ୨ ଜଣ ଯନ୍ତ୍ରୀ ନିଜର ଫାଇଦା ପାଇଁ ଦୁଇ ଦୁଇଟି ବିଭାଗ ଚତୁରତାର ସହ ମାଡ଼ି ବସିଛନ୍ତି। ସେହି ଅଦୃଶ୍ୟ କ୍ଷମତା କେନ୍ଦ୍ରର ଚାପରେ ଜିଲା ପ୍ରଶାସନ ଚୁପ୍ ରହିବାକୁ ବାଧ ହୋଇଥିବା ଆଲୋଚନା ହେଉଛି। ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ)ର ଜଣେ ଯନ୍ତ୍ରୀଙ୍କୁ ତୁମୁଡ଼ିବନ୍ଧ ବ୍ଲକ ଦାୟିତ୍ୱ ଦିଆଯାଇଛି। ସେହିପରି ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅନ୍ୟ ଜଣେ ଯନ୍ତ୍ରୀ ମେଡିକାଲ ବାହାନା ଦେଖାଇ ଫୁଲବାଣୀ ଆଇଟିଡିଏକୁ ଡେପୁଟେଶନରେ ଆସିଛନ୍ତି। ମାତ୍ର ତାଙ୍କୁ ପୁଣି ଫୁଲବାଣୀ ବ୍ଲକର ସହକାରୀ ଯନ୍ତ୍ରୀ ଦାୟିତ୍ୱ ଦିଆଯାଇଛି। ଯଦି କାହା ଦେହ ଖରାପ ହେବ ସେ ଚିକିତ୍ସିତ ହେବା ପରେ ତା'ର ନିଜ ସ୍ଥାନକୁ ଫେରି ଯିବା କଥା ବା ଜିଲା ପ୍ରଶାସନ ଫେରାଇ ଦେବା କଥା। ଏହା ନ ହୋଇ ଯନ୍ତ୍ରୀଙ୍କୁ କାହିଁକି ଦୁଇଟି ବିଭାଗ ଦାୟିତ୍ୱରେ ରଖାଯାଇଛି ତାହା ସମସ୍ତଙ୍କୁ ଜଳଜଳ ଦିଶୁଛି। ସବୁଆଡ଼େ ଖାଲି ଗୋଟିଏ କଥା ଆଉ ଫେରିବା ନାଁ ଧରୁନାହାନ୍ତି।

– ରାକେଶ କୁମାର ରାଉତ

## ■ ଉଚ୍ଚଶିକ୍ଷା ଏବଂ ଗଣଶିକ୍ଷା ବିଭାଗର ମିଳିତ ବୈଠକ

# ଜମିଜମା ସଂକ୍ରାନ୍ତୀୟ ସମସ୍ୟା ଦୂର ଉପରେ ପ୍ରାଥମିକତା

- ୩ରୁ ୪ ବର୍ଷରେ ପୃଥକ୍ ହେବ ଯୁକ୍ତ ୩ ଓ ଯୁକ୍ତ ୨ କଲେଜ
- ୨ ମାସରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ଯୁକ୍ତ ୩ ଏବଂ ଯୁକ୍ତ ୨ କଲେଜକୁ ପୃଥକ୍ କରିବା ପାଇଁ ସରକାରଙ୍କ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଆରମ୍ଭ କରାଯାଇଛି। ଏହା ଉପରେ ସରକାରୀସ୍ତରରେ ପ୍ରାଥମିକତା ସହ ବିଚାର କରିବା ଆରମ୍ଭ ହୋଇଛି। ଗୁରୁବାର ଲୋକସେବା ଭବନଠାରେ ଉଚ୍ଚଶିକ୍ଷା ବିଭାଗ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ମିଳିତ ବୈଠକରେ ଏହା ଉପରେ ନିଷ୍ପତ୍ତି ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଯୁକ୍ତ ୩ ସରକାରୀ କଲେଜର ୭୭୭ଜଣ ଅଧ୍ୟାପକ ବର୍ତ୍ତମାନ ଯୁକ୍ତ ୨ କଲେଜ ଛାତ୍ରୀଛାତ୍ରଙ୍କୁ ପାଠ ପଢାଉଛନ୍ତି, ଯାହାଫଳରେ ଯୁକ୍ତ ୩ କଲେଜର ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ହେଉଛି। ତେଣୁ ଏନେଇ ସରକାର ପ୍ରାଥମିକତା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଯୁକ୍ତ ୨ କଲେଜରେ ପାଠ ପଢାଇବା ପାଇଁ ସରକାର ପ୍ରଥମେ ନୂଆ ଅଧ୍ୟାପକ ନିଯୁକ୍ତ କରିବେ। ସେହିପରି ଉଚ୍ଚଶିକ୍ଷା ବିଭାଗର ୬ଶହ ସରକାରୀ ଅଧ୍ୟାପକ ପଦବୀ ଖାଲି ରହିଥିବା ବେଳେ ଏହାକୁ ପୂରଣ କରିବାକୁ ବିଭାଗ ଉଦ୍ୟମ ଆରମ୍ଭ କରିଛି। ଏଥିରୁ ୩ଶହ ପଦବୀ ପାଇଁ ଅର୍ଥ ବିଭାଗ ଅନୁମତି ପ୍ରଦାନ କରିସାରିଥିବା ବେଳେ ବାକି ପଦବୀ ପାଇଁ ଫାଇଲ ଯାଇଥିବା ଜଣାପଡିଛି। ସେହିପରି କଲେଜଗୁଡିକର ଜମିଜମା ସଂକ୍ରାନ୍ତୀୟ ସମସ୍ୟା ଉପରେ ମଧ୍ୟ ବିଶେଷ ଆଲୋଚନା ହୋଇଛି। ଉଭୟ ଯୁକ୍ତ ୩ ଏବଂ ଯୁକ୍ତ ୨ କଲେଜ ଏକାଠି ଥିବାବେଳେ କେଉଁ କଲେଜ ନାମରେ କେଉଁ ଜମି ରହିଛି ସେନେଇ ଠିକ୍ ଭାବେ ଜଣାପଡିନାହିଁ। ଯେଉଁଥିଲାଗି ସରକାର ଯୁକ୍ତ ୨ କଲେଜ ନାଁରେ କେଉଁ ଜମି ରହିଛି ଏବଂ ଯୁକ୍ତ ୩ କଲେଜ ନାଁରେ କେଉଁ ଜମି ଅଛି ତା'ର ତଥ୍ୟ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସମସ୍ୟା କାରଣରୁ ବିଶ୍ୱବ୍ୟାଙ୍କ ଏବଂ ନାକ୍‌ଠାରୁ ଯେତିକି ଅର୍ଥ ମିଳିବା କଥା ତାହା କଲେଜଗୁଡିକୁ ମିଳିପାରୁ ନାହିଁ ବୋଲି ବୈଠକରେ ଆଲୋଚନା ହୋଇଛି। ତେଣୁ ୨ ମାସ ମଧ୍ୟରେ ପ୍ରତ୍ୟେକ କଲେଜ ଅଧ୍ୟାପକ ସମସ୍ୟା, ଶ୍ରେଣୀଗୃହ ପୃଥକୀକରଣ ଏବଂ ଜମିଜମା ସମସ୍ୟା ଉପରେ ତଥ୍ୟ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏହାସହିତ କେତେକ ମହାବିଦ୍ୟାଳୟରେ ଯୁକ୍ତ୨ କଲେଜ ଏକାଠି ରହିଛି ଏହାର ହିସାବ ୭ ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ମଧ୍ୟ କୁହାଯାଇଛି। ବୈଠକ ଶେଷରେ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି, ବିଭିନ୍ନ କଲେଜରେ ଥିବା ସମସ୍ୟାକୁ ସମାଧାନ କରିବା ଲାଗି ପ୍ରାୟ ୩ରୁ ୪ ବର୍ଷ ଲାଗିଯିବ। ପ୍ରଥମେ ଯୁକ୍ତ ୩ ଏବଂ ଯୁକ୍ତ ୨ କଲେଜର ଅଧ୍ୟାପକମାନଙ୍କୁ ଅଲଗା କରାଯିବ। ଏହି ସମସ୍ୟାର ସମାଧାନ କରାଯିବା ପରେ ଯାଇ ଉଭୟ ଯୁକ୍ତ ୨ ଏବଂ ଯୁକ୍ତ ୩ କଲେଜ ପୃଥକ୍ ହୋଇପାରିବ ବୋଲି ସେ କହିଛନ୍ତି। ଏହି ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ବିଭାଗୀୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବେଙ୍ଗାଲୁରୁରେ ଗଜପତି ଯୁବକଙ୍କ ଡେଙ୍ଗୁରେ ମୃତ୍ୟୁ

**ପାରଳାଖେମୁଣ୍ଡି, ୨୨।୮(ସ୍ୱ.ପ୍ର.):** ଗଜପତି ଜିଲା ଗୁମ୍ମା ବ୍ଲକ୍ ଅନ୍ତର୍ଗତ ଲବାର ଗ୍ରାମର ଜଣେ ଯୁବକ ଡେଙ୍ଗୁରେ ଆକ୍ରାନ୍ତ ଥାଇ ବେଙ୍ଗାଲୁରୁରେ ତାଙ୍କର ମୃତ୍ୟୁ ହୋଇଛି। ଗ୍ରାମର ମହିପାଳ ରଇତ(୨୦) ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସିଲେଇ ତାଲିମ ନେଇ ବେଙ୍ଗାଲୁରୁର ଘରୋଇ ଶିଳ୍ପାନୁଷ୍ଠାନରେ ୪ମାସ ହେଲା କାର୍ଯ୍ୟ କରୁଥିଲେ। ସେ ୫ଦିନ ତଳେ ଅସୁସ୍ଥ ହୋଇଥିଲେ। ବୁଧବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଛି। ତେବେ ପ୍ରଶାସନର ଜଣେ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ମୃତକଙ୍କ ସମ୍ପର୍କୀୟ ବେଙ୍ଗାଲୁରୁ ଯାଇଛନ୍ତି। ସେଠାରୁ ଯୁବକଙ୍କ ମୃତଦେହ ଏକ ଆମ୍ବୁଲାନ୍ସ ଯୋଗେ ଗଜପତି ଆଣୁଛନ୍ତି।

# ଯୁକ୍ତ ୨ରେ ଦୁଇବର୍ଷ ପାଠପଢ଼ା ଉପରେ ଗୁରୁତ୍ୱ

- ବୃଥା ଯାଉଛି ଯୁକ୍ତ ୨ ପ୍ରଥମ ବର୍ଷ ପାଠପଢ଼ା: ମନ୍ତ୍ରୀ
- ଦ୍ୱିତୀୟ ବର୍ଷ ପରୀକ୍ଷାରେ ଆସିପାରେ ପ୍ରଥମ ବର୍ଷର ପ୍ରଶ୍ନ
- ଏକାଡେମିକ କାଉନ୍ସିଲ ନେବ ନିଷ୍ପତ୍ତି

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ଆଗକୁ ଯୁକ୍ତ ୨ ପରୀକ୍ଷା କ୍ଷେତ୍ରରେ ନୂଆ ବ୍ୟବସ୍ଥା ଆସିବାକୁ ଯାଉଛି। ଯାହା ପୁରୁଣା ବ୍ୟବସ୍ଥା ଥିଲା ସେହି ଢାଞ୍ଚାରେ ପିଲାଙ୍କ ପରୀକ୍ଷା କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଯୁକ୍ତ ୨ରେ ପାଠ ପଢୁଥିବା ପିଲାମାନେ ପ୍ରଥମ ବର୍ଷର ସିଲାବସ୍ ଅନୁଯାୟୀ ସେହି ବର୍ଷର ପରୀକ୍ଷା ଦେଉଥିଲେ। ଏହାପରେ ଦ୍ୱିତୀୟ ବର୍ଷ ପାଇଁ ସେହି ବର୍ଷର ସିଲାବସ ଅନୁଯାୟୀ ପରୀକ୍ଷା ହେଉଥିଲା। ପରୀକ୍ଷାର ପାସ୍ ଏବଂ ଫେଲ୍‌ର ତୁଳନା ଦ୍ୱିତୀୟ ବର୍ଷ ପରୀକ୍ଷାରୁ କରାଯାଉଥିଲା, ଯାହାଫଳରେ ପ୍ରଥମ ବର୍ଷର ପରୀକ୍ଷାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେତେଟା ଆଗ୍ରହ ଦେଖାଯାଉ ନ ଥିବା ବିଭାଗ ଚିନ୍ତା କରିଛି। ତେଣୁ ଆଗକୁ ଏହି ଦୁଇବର୍ଷର ସିଲାବସକୁ ନେଇ କେମିତି ପୁରୁଣା ଢାଞ୍ଚାରେ ପରୀକ୍ଷା ହେବ ତା'ଉପରେ ଆଲୋଚନା ଆରମ୍ଭ ହୋଇଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ଶୁକ୍ରବାର ଅନୁଷ୍ଠିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବୈଠକରେ ଏନେଇ ଆଲୋଚନା ହୋଇଥିବା ଜଣାପଡିଛି। ମନ୍ତ୍ରୀ ଦାଶ ଏହା ଉପରେ ବିଶେଷ ଗୁରୁତ୍ୱ ଦେବା ସହିତ ପ୍ରଥମ ବର୍ଷ ପାଠପଢାକୁ କିଭଳି ଅଧିକ ଗୁରୁତ୍ୱ ଦିଆଯାଇପାରିବ ସେନେଇ ତୁରନ୍ତ କିଛି ସୁଚିନ୍ତିତ ନିଷ୍ପତ୍ତି ନେବା ସକାଶେ ଏକାଡେମିକ କାଉନ୍ସିଲକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପସ୍ଥିତ ଥିବା ବହୁ ଅଧିକାରୀ ଏହା ଉପରେ ଭିନ୍ନଭିନ୍ନ ମତ ରଖିଛନ୍ତି। ଯୁକ୍ତ୨ର ଦ୍ୱିତୀୟ ବର୍ଷର ଫାଇନାଲ(ଚୂଡାନ୍ତ) ପରୀକ୍ଷାରେ ପ୍ରଥମ ବର୍ଷ ସିଲାବସର ପାଠ ଉପରୁ ପ୍ରାୟ ୩୦ରୁ ୫୦ ପ୍ରତିଶତ ମଧ୍ୟରେ ପ୍ରଶ୍ନ ଆଣିବା ଲାଗି ମଧ୍ୟ ପ୍ରସ୍ତାବ ରଖାଯାଇଛି। ଯଦି ଏନେଇ ନିଷ୍ପତ୍ତି ସରିଯାଏ ଚଳିତ ଶିକ୍ଷା ବର୍ଷରୁ ଏହି ବ୍ୟବସ୍ଥା ଲାଗୁ ହେବ ନଚେତ୍ ଆସନ୍ତା ଶିକ୍ଷାବର୍ଷରୁ ଏହା ଚାଲିବ ବୋଲି ବୈଠକରେ ଉପସ୍ଥିତ ଜଣେ ଅଧିକାରୀଙ୍କଠାରୁ ଜଣାପଡିଛି। ଅପରପକ୍ଷରେ ଆଗରୁ ପରୀକ୍ଷାର ସମୟ ନିର୍ଦ୍ଧାରଣରେ ଏପଟ ସେପଟ ଏବଂ ପରୀକ୍ଷା ଫଳ ବାହାରିବାରେ ବିଳମ୍ବ ହେବା ଯୋଗୁ ସରକାରଙ୍କୁ ବହୁ ସମାଲୋଚନାର ଶିକାର ହେବାକୁ ପଡୁଥିଲା, ଯାହାକୁ ଆସନ୍ତା ଥରରୁ ରୋକିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କିପରି ପରୀକ୍ଷା ହେବା ସାଙ୍ଗକୁ ପରୀକ୍ଷା ଫଳ ଏବଂ ପିଲାମାନେ ରିଚେକିଂ ପାଇଁ ଆବେଦନ କରିପାରିବେ ତା'ଉପରେ ଧ୍ୟାନ ଦେବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଜାତୀୟ ସାମାଜିକ ଯୋଜନା(ଏନ୍‌ଏସ୍‌ଏସ୍)କୁ ଅଧିକ କ୍ରିୟାଶୀଳ କରାଯିବ। ଏଥିପାଇଁ କେନ୍ଦ୍ର ସରକାର ଗତ ୩ ବର୍ଷ ହେବ ଅର୍ଥ ପ୍ରଦାନ କରିନାହାନ୍ତି। ଏନେଇ କେନ୍ଦ୍ର ସରକାରଙ୍କଠାରୁ ଅର୍ଥ ଆଣିବାକୁ ମନ୍ତ୍ରୀ ଦାଶ ଚିଠି ଲେଖିବେ ବୋଲି ସେ କହିଛନ୍ତି। ପରୀକ୍ଷା କାର୍ଯ୍ୟକୁ ତଦାରଖ କରିବା ସମ୍ପର୍କରେ ଅଧିକାରୀଙ୍କୁ କୁହାଯାଇଛି।








**UTKAL UNIVERSITY**
VANI VIHAR, BHUBANESWAR - 751004
ODISHA, INDIA

No. DRS/RUSA-1041-2016 (PhD Fellowship)/ 24065 /2019 dated the 22 August 2019

RUSA Doctoral Fellowship @ ₹50,000 to ₹75,000 per month

*Established in 1943, Utkal University, a NAAC A+ and Category I University with graded autonomy, is a premier Higher Education Institution in India. The main campus at Vani Vihar is located in the capital city of Bhubaneswar spread over nearly 400 acres adjacent to National Highway 16. The new rural campus spreads over nearly 67 acres of land in the mountainous ranges of Chandikhole in Jajpur district. The University provides ample opportunities for research, innovation, and modern knowledge delivery system. The University is in receipt of Rashtriya Uchchatar Shiksha Abhiyan (RUSA) for enriching quality and excellence in higher education.*

*With 29 Post-Graduate Departments and recently opened several Centres of Excellence (CoEs) with assistance from RUSA and World Bank, the University is engaged with cutting-edge research, innovative teaching pedagogy and knowledge production.*

The University announces **RUSA Doctoral Fellowship** @ ₹50,000 to ₹75,000 per month depending on academic qualifications, research competencies and publications in high impact factor journals for maximum period of four years. Interested candidates may apply for the fellowship through the Common Research Entrance Test (CRET) for M.Phil/PhD admission of Utkal University.

**The entrance examinations will be conducted on 14 September 2019** at Bhubaneswar, New Delhi, Guwahati, Hyderabad and Pune. Aspirants of RUSA Fellowship must have to appear the CRET and viva-voce test irrespective of qualifying NET/JRF. The details of it is available at **www.utkaluniversity.nic.in.** For queries, candidates may contact at **uurusaphdfellowship@gmail.com.**

**Coordinator, RUSA 2.0**

CLASSIFIED DISPLAY












# ଅଭିବୃଦ୍ଧି ବଢ଼ାଅ

ଚଳିତ ମାସର ଅଧିକାଂଶ ସମୟ ଅର୍ଥନୈତିକ ଆଲୋଚନା ଦେଶର ଲୋକମାନଙ୍କ ବୈଠକଖାନାରୁ ନେପଥ୍ୟକୁ ଚାଲିଯାଇଛି। ସମ୍ବିଧାନରୁ ୩୭୦ ଧାରା ଉଚ୍ଛେଦ, ଜମ୍ମୁ-କଶ୍ମୀରକୁ ଦୁଇଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଲାଗି କେନ୍ଦ୍ର ସରକାରଙ୍କ ଆକସ୍ମିକ ନିଷ୍ପତ୍ତିକୁ ନେଇ ଚାଲିଥିବା ହାଇ ଭୋଲ୍‌ଟେଜ୍ ରାଜନୀତି ଦେଶବାସୀଙ୍କ ପାଇଁ ମୁଖ୍ୟ ଆଲୋଚନାର ବିଷୟ ହୋଇଛି। ତେବେ ଯେତେ ଦ୍ରୁତଗତିରେ ଭୂ-ରାଜନୈତିକ ଘଟଣାଗୁଡ଼ିକ ଘଟିଯାଉ ନା କାହିଁକି ଦେଶର ସଙ୍ଗିନ ଅର୍ଥନୈତିକ ପରିସ୍ଥିତିକୁ ତାହା କେବେହେଲେ ଚାପିଦେଇ ପାରିନାହିଁ। ଦେଶରେ ଅର୍ଥନୈତିକ ମାନ୍ଦାବସ୍ଥା ତୀବ୍ରତର ହେଉଥିବା ବେଳେ ନିଯୁକ୍ତି କ୍ଷେତ୍ରରେ ସଂକଟ ଦେଖାଦେଇଛି। କମ୍ପାନୀଗୁଡ଼ିକରେ କର୍ମଚାରୀମାନଙ୍କ ଛଟେଇ ସଂଖ୍ୟା ବୃଦ୍ଧି ପାଉଛି। ଅଟୋମୋବାଇଲ କମ୍ପାନୀ ଏବଂ ନିର୍ମାଣ ଶିଳ୍ପଠାରୁ ଆରମ୍ଭକରି ସେବା ଶିଳ୍ପ ପର୍ଯ୍ୟନ୍ତ ସବୁଠି ମାନ୍ଦାବସ୍ଥା ଓ ଛଟେଇ ଦେଖିବାକୁ ମିଳୁଛି। ଏସିଆ ମହାଦେଶର ତୃତୀୟ ବୃହତ୍ତମ ଅର୍ଥନୀତିର ଏପରି ନିମ୍ନଗତି ଫଳରେ କାର୍‌ଠାରୁ ଆରମ୍ଭ କରି ବସ୍ତ୍ର ପର୍ଯ୍ୟନ୍ତ ସବୁ ଜିନିଷର ବିକ୍ରିବଟା ହ୍ରାସ ପାଇଛି, ଯାହାଫଳରେ କମ୍ପାନୀଗୁଡ଼ିକ ସେମାନଙ୍କର ଦ୍ରବ୍ୟସୂଚୀ କମେଇ ଦେବାକୁ ବାଧ୍ୟ ହେଉଛନ୍ତି। ବିଭିନ୍ନ କ୍ଷେତ୍ରର କମ୍ପାନୀ ସେମାନଙ୍କ ଉତ୍ପାଦନ ହ୍ରାସ କରିବା ଆରମ୍ଭ କରିଛନ୍ତି। ଅଭିବୃଦ୍ଧି ତଳକୁ ଖସିଯାଇଛି।

ଅଭିବୃଦ୍ଧିକୁ ପୁନରୁଜ୍ଜୀବିତ କରିବା ପାଇଁ ସମସ୍ତେ ଚାହୁଁଛନ୍ତି ସରକାର ଏକ ଆର୍ଥିକ ପ୍ୟାକେଜ୍ ପ୍ରଦାନ କରନ୍ତୁ। ଅଭିବୃଦ୍ଧିକୁ ଉଦ୍ଦୀପିତ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ତାଙ୍କ ପକ୍ଷେ ଯେତିକି ସମ୍ଭବ ତା'ଠୁ ଅଧିକ କରିଛନ୍ତି। ଗତ ଜାନୁୟାରୀଠାରୁ ଏ ପର୍ଯ୍ୟନ୍ତ ସେ ମୋଟ ୧୧୦ ବେସିସ୍ ପଏଣ୍ଟ ରେପୋ ରେଟ୍ ହ୍ରାସ କରିସାରିଲେଣି। ତେବେ ବ୍ୟାଙ୍କଗୁଡ଼ିକ ଏହାର ସମାନୁପାତିକ ଲାଭ ଗ୍ରାହକମାନଙ୍କୁ ନ ଦେବା ଏକ ଭିନ୍ନ ପ୍ରସଙ୍ଗ। ତଥାପି କେତେକ ବ୍ୟାଙ୍କ ସମାନୁପାତିକ ନ ହେଲେ ବି କିଛି ଋଣ ସୁଧହାର ହ୍ରାସ କରିଛନ୍ତି ଓ ଆଉ କେତେକ ବ୍ୟାଙ୍କ ତାହା ହ୍ରାସ କରିବା ଆରମ୍ଭ କରିଛନ୍ତି। ଆଗାମୀ ପାର୍ବଣ ଋତୁ ଅବସରରେ ଖାଉଟିମାନଙ୍କୁ ବିଭିନ୍ନ ଖାଉଟି ସାମଗ୍ରୀ କିଣିବା ଲାଗି ଉତ୍ସାହିତ କରିବା ନିମନ୍ତେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଋଣ ସୁଧହାର କମାଇବା ପାଇଁ ସରକାର ପରାମର୍ଶ ଦେଇଛନ୍ତି। ପ୍ରମୁଖ ବ୍ୟାଙ୍କ ଏସ୍‌ବିଆଇ ମଙ୍ଗଳବାର ଏକ ପାର୍ବଣ ଉପହାର ଘୋଷଣା କରିବା ସହ ବ୍ୟାଙ୍କରୁ ଋଣ ନେଉଥିବା ଖାଉଟିମାନଙ୍କ ପାଇଁ ବିଭିନ୍ନ ଅଫର ଘୋଷଣା କରିଛି। ପାର୍ବଣ ପୂର୍ବରୁ ବିଭିନ୍ନ ଋଣ ଉପରେ ଏହା ପ୍ରସେସିଂ ଫି ଛାଡ଼ କରିଛି। ସ୍ୱଳ୍ପ ଓ ନଗଣ୍ୟ ହେଲେ ମଧ୍ୟ ଏସ୍‌ବିଆଇର ଏହି ପଦକ୍ଷେପ ଖାଉଟିମାନଙ୍କୁ ଉତ୍ସାହିତ କରିଛି। ଆମେ ଆଶା କରୁଛୁ ଅନ୍ୟ ପ୍ରମୁଖ ରାଷ୍ଟ୍ରାୟତ୍ତ ତଥା ଘରୋଇ ବ୍ୟାଙ୍କଗୁଡ଼ିକ ଅନୁରୂପ ପଦକ୍ଷେପ ଗ୍ରହଣ କରିବେ।

## ଆଜିର ଅର୍ଥନୀତି

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏକ ଉଦ୍ଦୀପନୀ ପ୍ୟାକେଜ୍ ମାଧ୍ୟମରେ ସରକାର ନିମ୍ନଗାମୀ ଅର୍ଥନୀତିକୁ ଊର୍ଦ୍ଧ୍ୱକୁ ନେବା ପାଇଁ ଚେଷ୍ଟା କରିବେ ବୋଲି ସାଧାରଣରେ ଆଶା କରାଯାଉଛି। ଚଳିତମାସ ପ୍ରାରମ୍ଭରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବ୍ୟାଙ୍କିଙ୍ଗ୍, ଅଟୋମୋବାଇଲ, ବିଦେଶୀ ନିବେଶକ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶିଳ୍ପସଂଘ ଓ ରିୟଲ ଇଷ୍ଟେଟ୍ ମାଲିକଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଅର୍ଥନୀତିକୁ ସୁଧାରିବା ପାଇଁ ସରକାର କ'ଣ କରିବାକୁ ଚାହୁଁଛନ୍ତି, ତା' ଉପରେ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରି ନ ଥିଲେ ମଧ୍ୟ ଆଶା କରାଯାଉଛି ଏହା ଟିକସ ହ୍ରାସ କରିବା ସହ ରିହାତି ପ୍ରଦାନ ଭଳି ପଦକ୍ଷେପ ନେବେ। ଭିତ୍ତିଭୂମିରେ ନିବେଶ ଲାଗି ପ୍ରୋତ୍ସାହନ ପ୍ରଦାନ, ଅଟୋମୋବାଇଲ କ୍ଷେତ୍ର ସମେତ କେତେକ ଶିଳ୍ପ ପାଇଁ ଦ୍ରବ୍ୟ ଓ ସେବା କର ଛାଡ଼ ବା ହ୍ରାସ, ସୀମାପାର ବ୍ୟବସାୟକୁ ପ୍ରୋତ୍ସାହନ ପ୍ରଦାନ ଏବଂ ବ୍ୟବସାୟିକ କାରବାର ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି (ease of do-ing business) ଆଦି ନିମନ୍ତେ ସରକାର ପଦକ୍ଷେପ ନେଇପାରନ୍ତି। ଅଟୋମୋବାଇଲ ଶିଳ୍ପର ଅଭିବୃଦ୍ଧି ଲାଗି ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ ବା ଗାଡ଼ିଗୁଡ଼ିକ ଉପରୁ ଅତିରିକ୍ତ ସେସ୍ ଉଠାଇଦେବାର ଆବଶ୍ୟକତା ରହିଛି। ବୈଦ୍ୟୁତିକ ଯାନର ପ୍ରବର୍ତ୍ତନ ଧୀର ଗତିରେ କରିବା ଲାଗି ମଧ୍ୟ ଗାଡ଼ିନିର୍ମାତାମାନଙ୍କ ଚାପ ଆଗରେ ସରକାର ମୁଣ୍ଡ ନୁଆଇଁଛନ୍ତି।

ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ଟିକସ ଆଦାୟ ହେବା ଏବଂ ବିତ୍ତୀୟ ଦାୟିତ୍ୱ ଓ ବଜେଟ ପରିଚାଳନା (ଏଫ୍‌ଆର୍‌ବିଏମ୍) ଅଧିନିୟମ ମଧ୍ୟ ଗତ ବଜେଟରେ ସରକାରଙ୍କୁ ବିଭିନ୍ନ କ୍ଷେତ୍ରକୁ ଆର୍ଥିକ ସହଯୋଗ ପ୍ରଦାନ ପାଇଁ ବାଧା ସୃଷ୍ଟି କରିଥିବା ବେଳେ ସରକାର ଏବେ ଏଫ୍‌ଆର୍‌ବିଏମ୍ ଅଧିନିୟମରୁ ବିଚ୍ୟୁତ ହେବା ଲାଗି ନିଷ୍ପତ୍ତି ନେବେ ବୋଲି ମନେ ହେଉଛି। ବର୍ତ୍ତମାନ ଘରୋଇ ନିବେଶ ସଂକୁଚିତ ହୋଇଯାଇଥିବା ବେଳେ ସାମ୍ପ୍ରତିକ ଅର୍ଥନୈତିକ ଦୃଶ୍ୟପଟରୁ ସରକାର ଏପରି ପଦକ୍ଷେପ ନେବାର ସୂଚନା ମିଳୁଛି। ଯଦି ଅର୍ଥ ମନ୍ତ୍ରଣାଳୟ ଏହି ବିକଳ୍ପ ଆପଣାନ୍ତି, ତେବେ ଏହା ଚଳିତ ଆର୍ଥିକ ବର୍ଷରେ ସରକାରଙ୍କୁ ଅତିରିକ୍ତ ୧.୧୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ। ରପ୍ତାନି କ୍ଷେତ୍ରକୁ ଦେଖିଲେ ଆମେରିକା ଓ ଚାଇନା ମଧ୍ୟରେ ଚାଲିଥିବା ବାଣିଜ୍ୟିକ ଉତ୍ତେଜନା ପରିପ୍ରେକ୍ଷୀରେ ସରକାର ରପ୍ତାନିକାରୀମାନଙ୍କ ପାଇଁ ପ୍ରୋତ୍ସାହନ ଘୋଷଣା କରିବା ଉଚିତ। ଗତ ଜୁନ୍ ମାସରେ ପ୍ରଥମ ଥର ପାଇଁ ଭାରତର ପଣ୍ୟଦ୍ରବ୍ୟ ରପ୍ତାନି ସଂକୁଚିତ ହୋଇଛି। ମୋଟ ଉପରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ତୁରନ୍ତ କିଛି ଆର୍ଥିକ ପ୍ୟାକେଜ୍ ଘୋଷଣା କରିବେ ବୋଲି ଆଶା କରାଯାଉଛି।

# ଓଡ଼ିଶା କଂଗ୍ରେସର ଇତିବୃତ୍ତ



ଶରତ ଚନ୍ଦ୍ର ମିଶ୍ର

ପ୍ରାୟ ଏକଶହ ବର୍ଷ ପୂର୍ବେ (୧୯୨୦) ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ପଣ୍ଡିତ ଗୋପବନ୍ଧୁଙ୍କ ନେତୃତ୍ୱରେ ଗଠିତ ହୋଇଥିଲା। ତା' ପୂର୍ବରୁ ଅବଶ୍ୟ ପୁରୀରେ ଗୋଟିଏ ଜିଲା କମିଟି ଥିଲା। ପ୍ରାଦେଶିକ କଂଗ୍ରେସ କମିଟିରେ ସାଧାରଣ ସମ୍ପାଦକ ଭାଗୀରଥି ମହାପାତ୍ରଙ୍କ ବ୍ୟତୀତ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ବିଶ୍ୱନାଥ ଦାସ, ଗୋପବନ୍ଧୁ ଚୌଧୁରୀ ଓ ତତ୍କାଳୀନ ଯୁବନେତା ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ଓ ନିତ୍ୟାନନ୍ଦ କାନୁନ୍‌ଗୋ ଅନ୍ତର୍ଭୁକ୍ତ ଥିଲେ। ଏଇମାନେ ହିଁ ଓଡ଼ିଶା କଂଗ୍ରେସର ପ୍ରଥମ ପିଢ଼ିର ନେତା। ଏହି ନେତାମାନଙ୍କ ମଧ୍ୟରେ ଶ୍ରେଣୀ ଚରିତ୍ର ହିସାବରେ ଗୋପବନ୍ଧୁ ଓ ନୀଳକଣ୍ଠ ସ୍ୱଚ୍ଛଳ, ଗୋଦାବରୀଶ ଦରିଦ୍ର, ବିଶ୍ୱନାଥ ଦାସ ବିଶାଳ ଭୂମି ଅଧିକାରୀ ଓ ଅନ୍ୟମାନେ ମଧ୍ୟମ ବର୍ଗର ଜମିଦାର। ଗୋପବନ୍ଧୁଙ୍କ ନେତୃତ୍ୱକୁ ଜମିଦାର ଗୋଷ୍ଠୀ ସହଜରେ ଗ୍ରହଣ କରୁ ନ ଥିଲେ ମଧ୍ୟ ଗୋପବନ୍ଧୁଙ୍କ ଜନପ୍ରିୟତା ହେତୁ ତାଙ୍କୁ ପ୍ରତ୍ୟକ୍ଷ ଭାବେ ବିରୋଧ କରିପାରୁ ନ ଥିଲେ।

ଓଡ଼ିଶା କଂଗ୍ରେସ ପ୍ରତିଷ୍ଠା ଦିନରୁ ଗୋଷ୍ଠୀ କନ୍ଦଳରେ ସଂକ୍ରମିତ। ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକମାନଙ୍କର ଗୋଟିଏ ଗୋଷ୍ଠୀ ଓ କଟକରେ ଭାଗୀରଥି ମହାପାତ୍ରଙ୍କ ନେତୃତ୍ୱରେ 'ଭାରତୀ ମନ୍ଦିର' ନାମରେ ଆଉ ଗୋଟିଏ ଗୋଷ୍ଠୀ ଥାଏ। ହରେକୃଷ୍ଣ ମହତାବ 'ଭାରତୀ ମନ୍ଦିର' ଗୋଷ୍ଠୀର ସମର୍ଥକ ଥିଲେ। ଗୋପବନ୍ଧୁଙ୍କର ୧୯୨୮ରେ ମୃତ୍ୟୁ ପରେ ଦୁଇଗୋଷ୍ଠୀ ମଧ୍ୟରେ କନ୍ଦଳ ତୀବ୍ର ହେଲା। ପଣ୍ଡିତ ନୀଳକଣ୍ଠଙ୍କ ନେତୃତ୍ୱକୁ 'ଭାରତୀ ମନ୍ଦିର' ଗୋଷ୍ଠୀ ପ୍ରାୟତଃ ବିରୋଧ କରୁଥାନ୍ତି ଓ ଦୁଇ ଗୋଷ୍ଠୀ ମଧ୍ୟରେ ସାଙ୍ଗଠନିକ ପଦପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେଉଥାଏ। ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ କଂଗ୍ରେସ ୧୯୩୭ ନିର୍ବାଚନରେ ଜୟଯୁକ୍ତ ହେଲେ ହେଁ ନୀଳକଣ୍ଠ ଦାସ ନିଜେ ଆସେମ୍ବ୍ଲି ସଭ୍ୟ ହୋଇ ନ ଥିବାରୁ ତାଙ୍କ ମନୋନୀତ ପ୍ରାର୍ଥୀ ବିଶ୍ୱନାଥ ଦାସ ମୁଖ୍ୟମନ୍ତ୍ରୀ ହୋଇଥିଲେ। ବିଶ୍ୱନାଥ ଦାସ ୩୬ଜଣ ବିଧାୟକଙ୍କ ମଧ୍ୟରୁ ୨୪ ଜଣଙ୍କ ଭୋଟ୍ ପାଇଥିଲେ ଓ ଅନ୍ୟ ୩ ଜଣ ପ୍ରାର୍ଥୀ ୪ଟି ଲେଖାଏଁ ଭୋଟ ପାଇଥିଲେ। ହରେକୃଷ୍ଣ ମହତାବ ୧୯୩୮ ମସିହାରେ କେନ୍ଦ୍ର କଂଗ୍ରେସ କାର୍ଯ୍ୟକାରୀ କମିଟିକୁ ସଭାପତି ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ମନୋନୀତ ହେଲେ ଓ ୧୯୪୨ ମସିହାରେ ଦେଶର ବିଶିଷ୍ଟ ନେତାମାନଙ୍କ ସହ କାରାରୁଦ୍ଧ ହେଲେ। ସେଠାରେ ସେ ସର୍ଦ୍ଦାର ପଟେଲଙ୍କର ଘନିଷ୍ଠ ହେଲେ। କାଳକ୍ରମେ ହରେକୃଷ୍ଣ ମହତାବ ଓ ବିଶ୍ୱନାଥ ଦାସ ସହଯୋଗ କରି ନୀଳକଣ୍ଠ ଦାସଙ୍କୁ ଦଳରେ ସଂଖ୍ୟାଲଘୁ କରିବାରେ ସକ୍ଷମ ହେଲେ। ନୀଳକଣ୍ଠ ଦାସ ଓ ଗୋଦାବରୀଶ ମିଶ୍ର କଂଗ୍ରେସରୁ ଇସ୍ତଫା ଦେଲେ।

ହରେକୃଷ୍ଣ ମହତାବ ୧୯୪୬ରେ ପ୍ରଧାନମନ୍ତ୍ରୀ ହେଲେ। ତା'ପରଠାରୁ କଂଗ୍ରେସରେ ଦୁଇଟି ଗୋଷ୍ଠୀ, ମହତାବ ଗୋଷ୍ଠୀ ଓ ବିଶ୍ୱନାଥ ଦାସ ଗୋଷ୍ଠୀ। ମହତାବ ୧୯୫୦ ମସିହାରେ କେନ୍ଦ୍ରମନ୍ତ୍ରୀ ହୋଇଗଲା ବେଳେ ସଂଖ୍ୟାଧିକ ଏମ୍‌ଏଲ୍‌ଏ ବିଶ୍ୱନାଥ ଦାସଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଥିଲେ ମଧ୍ୟ ମହତାବ ନିଜ ପ୍ରଭାବ ବଳରେ ନବକୃଷ୍ଣ ଚୌଧୁରୀଙ୍କୁ ମୁଖ୍ୟମନ୍ତ୍ରୀ କଲେ। ଏହି ପ୍ରକ୍ରିୟାରେ କଂଗ୍ରେସର ଯୁବଗୋଷ୍ଠୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ମହତାବଙ୍କୁ ସାହାଯ୍ୟ କରିଥିଲେ। ଇତିମଧ୍ୟରେ ଗଡ଼ଜାତ ମିଶ୍ରଣ ହୋଇ ଓଡ଼ିଶାର କଳେବର ବୃଦ୍ଧି ପାଇଥାଏ ଓ ପ୍ରଜାମଣ୍ଡଳ ଆନ୍ଦୋଳନ ମାଧ୍ୟମରେ ପବିତ୍ର ମୋହନ ପ୍ରଧାନ, ସାରଙ୍ଗଧର ଦାସ ଓ ରାଧାନାଥ ରଥ କଂଗ୍ରେସରେ ନେତୃସ୍ଥାନ ଅଧିକାର କରିଥାନ୍ତି। ସାମ୍ୟବାଦୀ ନେତା ସୁରେନ୍ଦ୍ର ଦ୍ୱିବେଦୀ ଓ ସାରଙ୍ଗଧର ଦାସ କଂଗ୍ରେସରୁ ପରେ ଅଲଗା ହୋଇଗଲେ।

ମହତାବ ତାଙ୍କର ଚାରିବର୍ଷ (୧୯୪୬-୫୦)ର ମୁଖ୍ୟମନ୍ତ୍ରିତ୍ୱ ସମୟରେ ନୂଆ ପିଢ଼ିର ନେତାଙ୍କୁ ଉତ୍ସାହ ପ୍ରଦାନ କରିଥିଲେ। ଏହି ପିଢ଼ିର ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର, ନୀଳମଣି ରାଉତରାୟ, ଦୀନବନ୍ଧୁ ସାହୁ ଓ ବନମାଳୀ ପଟ୍ଟନାୟକ ପ୍ରମୁଖ କଂଗ୍ରେସ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରି ମହତାବଙ୍କର ଘନିଷ୍ଠ ହେଲେ। ଏଇ ଦ୍ୱିତୀୟ ପିଢ଼ିର ନେତାମାନେ ୧୯୪୨ ଭାରତଛାଡ଼ ଆନ୍ଦୋଳନ ଜରିଆରେ ନିଜକୁ ଆଖିଦୃଶିଆ କରାଇପାରିଥିଲେ। 'ସମାଜ' ଖବରକାଗଜ ମହତାବ ସରକାରକୁ ସମର୍ଥନ କରୁନାହିଁ ବୋଲି ଅନୁଭବକରି 'ପ୍ରଜାତନ୍ତ୍ର' ଖବରକାଗଜର ଦୈନିକ ସଂସ୍କରଣ କଟକରୁ ଆରମ୍ଭ ହେଲା। 'ପ୍ରଜାତନ୍ତ୍ର' କେତେକ ଭବିଷ୍ୟତ ପିଢ଼ିର କଂଗ୍ରେସ ନେତାଙ୍କ ଅନ୍ତୁଡ଼ିଶାଳ। ଏଇ ଦ୍ୱିତୀୟ ପିଢ଼ିର ନେତାମାନେ ବମ୍ବେରୁ ମହତାବଙ୍କୁ ଆଣି ଦ୍ୱିତୀୟ ଥର ନିମନ୍ତେ ମୁଖ୍ୟମନ୍ତ୍ରୀ କରାଇଥିଲେ ଓ ମହତାବଙ୍କ ସଙ୍ଗେ ମତଭେଦ ହୋଇ ତାଙ୍କୁ ୧୯୬୦ରେ ଗାଦିଚ୍ୟୁତ କରାଇଥିଲେ। ଏହି ପିଢ଼ିର ମୁଖ୍ୟ ନେତା ବିଜୁ ପଟ୍ଟନାୟକ ୧୯୬୧ରେ ମୁଖ୍ୟମନ୍ତ୍ରୀ ହେଲେ ଓ ୧୯୭୦ରେ ଉତ୍କଳ କଂଗ୍ରେସ ଗଠନ ପର୍ଯ୍ୟନ୍ତ ଓଡ଼ିଶା କଂଗ୍ରେସର ତୁଙ୍ଗ ନେତା ଥିଲେ। ମହତାବଙ୍କ ଜନ କଂଗ୍ରେସ ଓ ବିଜୁ ପଟ୍ଟନାୟକଙ୍କ ଉତ୍କଳ କଂଗ୍ରେସରେ ଏହି ପିଢ଼ିର ସବୁ ମୁଖ୍ୟ ନେତା ଯୋଗଦେବାରେ କଂଗ୍ରେସ ନେତୃତ୍ୱରେ ଏକ ଶୂନ୍ୟତା ଦେଖାଦେଲା ଓ ଏକ ନୂତନ ପିଢ଼ିର ନେତା ବାହାରିଲେ। ସେମାନେ ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ଭାଗ ନେଇ ନ ଥିଲେ, କିନ୍ତୁ ଛାତ୍ରାବସ୍ଥାରେ ରାଜନୀତି ସହିତ ସମ୍ପୃକ୍ତ ଥିଲେ। ସେମାନେ କେନ୍ଦ୍ର ନେତୃତ୍ୱର ଅନୁକମ୍ପା ଉପରେ ଅତ୍ୟନ୍ତ ନିର୍ଭରଶୀଳ ଥିଲେ। ଏହି ପିଢ଼ିର ନେତାମାନେ ହେଲେ ନନ୍ଦିନୀ ଶତପଥୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ବ୍ରଜମୋହନ ମହାନ୍ତି, ବାଙ୍କବିହାରୀ ଦାସ ଓ ବିନାୟକ ଆଚାର୍ଯ୍ୟ। ନନ୍ଦିନୀ ଦେବୀ ଓ ବିନାୟକ ଆଚାର୍ଯ୍ୟଙ୍କର କମ୍ୟୁନିଷ୍ଟ ପୃଷ୍ଠଭୂମି ଓ ବାଙ୍କବାବୁଙ୍କର ସାମ୍ୟବାଦୀ ପୃଷ୍ଠଭୂମି ଥିଲା। କେନ୍ଦ୍ର ନେତୃବୃନ୍ଦଙ୍କ ଦ୍ୱାରା ମନୋନୀତ ହୋଇ ନନ୍ଦିନୀ ଶତପଥୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ। ମୁଖ୍ୟମନ୍ତ୍ରୀ କଂଗ୍ରେସ ହାଇକମାଣ୍ଡଙ୍କ ଦ୍ୱାରା ନିଯୁକ୍ତ ହେବାର ପରମ୍ପରା ଆରମ୍ଭ ହେଲା ଓ ପ୍ରଦେଶ କଂଗ୍ରେସ ମୁଖ୍ୟ ଏବେ ମଧ୍ୟ ଦଳୀୟ କର୍ମୀମାନଙ୍କ ଦ୍ୱାରା ନିର୍ବାଚିତ ନ ହୋଇ ହାଇକମାଣ୍ଡଙ୍କ ଦ୍ୱାରା ମନୋନୀତ ହେଉଛନ୍ତି।

ତୃତୀୟ ପିଢ଼ିର ନେତାଙ୍କ ପରେ ଆଉ ଏକ ଗ୍ରହଣଯୋଗ୍ୟ ଚତୁର୍ଥ ପିଢ଼ିର ନେତା ସୃଷ୍ଟି ହୋଇପାରିନାହାନ୍ତି। ସେ ଦିଗରେ ତୃତୀୟ ପିଢ଼ିର ନେତାମାନେ ଉଦ୍ୟମ କରିବା ଉଚିତ ହୋଇଥାନ୍ତା। ଏହା ମଧ୍ୟରେ ରାଜନୀତିର ପରିଭାଷା ମଧ୍ୟ ପରିବର୍ତ୍ତିତ। ରାଜନୀତି ଆଉ ଦେଶସେବାର ମାଧ୍ୟମ ନ ହୋଇ ଏକ ବୃତ୍ତି ବା ପେସା ହୋଇଗଲାଣି, ଯାହାର ଉଦ୍ଦେଶ୍ୟ ହେଲା କ୍ଷମତାକୁ ଆସିବା ଓ ନ ଆସିପାରିଲେ ଯିଏ କ୍ଷମତାରେ ଅଛି ତାକୁ ଗାଦିଚ୍ୟୁତ କରିବାକୁ ଉଦ୍ୟମ କରିବା। ରାଜନେତାଙ୍କର ଶ୍ରେଣୀ ଚରିତ୍ର ମଧ୍ୟ ପରିବର୍ତ୍ତିତ। ଅଧିକାଂଶ ଧନିକ ଶ୍ରେଣୀର ଓ ସେଥି ମଧ୍ୟରୁ କେତେଜଣ ବ୍ୟବସାୟୀ ଶ୍ରେଣୀର। ଦଳ ମଧ୍ୟରେ ଦେଶ ସେବା ଓ ଜନ ଆନ୍ଦୋଳନରୁ ଉତ୍ପନ୍ନ ନେତା ନାହାନ୍ତି। ଦଳ ମଧ୍ୟରେ ବହୁକାଳୁ 'ଗ୍ରାମକୁ ଫେରିଚାଲ'ର କାର୍ଯ୍ୟକ୍ରମ ହୋଇନାହିଁ। ସମାଜର ମଣ୍ଡଳୀକରଣ ପରେ, ଦଳିତମାନଙ୍କର ନିଜର ଦଳ ସୃଷ୍ଟି ହେଲା ପରେ ଓ ମୁସଲମାନମାନେ କଂଗ୍ରେସ ଉପରୁ ଭରସା ତ୍ୟାଗ କଲା ପରେ ଦଳର ଆଉ ଭୋଟ୍‌ବ୍ୟାଙ୍କ ନାହିଁ। ଜାତୀୟ ସ୍ତରରେ ଦଳର ଏହି ଅବକ୍ଷୟ ରାଜ୍ୟ କଂଗ୍ରେସକୁ ମଧ୍ୟ ପ୍ରଭାବିତ କରୁଛି।

କଂଗ୍ରେସର ହୃତଗୌରବକୁ ଫେରାଇ ଆଣିବାକୁ ହେଲେ ଦଳକୁ ଆତ୍ମସମୀକ୍ଷା କରି ଗ୍ରାମାଞ୍ଚଳକୁ ଫେରିଚାଲି, ଯେଉଁ ଯେଉଁ କାରଣ ଯୋଗୁ ଭୋଟର ସେମାନଙ୍କ ପ୍ରତିବିମୁଖ ହୋଇଛନ୍ତି, ସେ କାରଣଗୁଡ଼ିକର ନିରାକରଣ ନିମନ୍ତେ ଉଦ୍ୟମ କରିବା ଆବଶ୍ୟକ। ଦଳ ପରିଚାଳନା ବର୍ତ୍ତମାନ ଊର୍ଦ୍ଧ୍ୱରୁ ନିମ୍ନମୁଖୀ, ତା' ବଦଳରେ ନିମ୍ନରୁ ଊର୍ଦ୍ଧ୍ୱମୁଖୀ ହେବା ଆବଶ୍ୟକ।

ମୋ-୯୩୩୭୪୨୨୫୨୧

# ପରମାତ୍ମାଙ୍କ ଅବତରଣ

ଭୁଜେନ୍ଦ୍ର କୁମାର ସ୍ୱାଇଁ

ପରଂବ୍ରହ୍ମଙ୍କ ଶରୀର ଧାରଣକୁ ଅବତାର କୁହାଯାଏ। କଳିଯୁଗରେ ପରମାତ୍ମା ବୁଦ୍ଧ ରୂପରେ ଓ କଳିଯୁଗର ଶେଷ ଭାଗ ଏବଂ ପରବର୍ତ୍ତୀ ଯୁଗର ସନ୍ଧି କାଳରେ କଳ୍କୀ ଅବତାର ରୂପେ ପ୍ରକଟ ହେବେ ବୋଲି ଭବିଷ୍ୟତ ବାଣୀ ଅଛି। ଭଗବାନଙ୍କ ଅବତାରତ୍ୱ ସୀମିତ ନୁହେଁ। ମାନବ ସୃଷ୍ଟି କାଳରୁ ମାନବର ହିତ ପାଇଁ ସେ ଅନେକବାର ଅବତରିତ ହୋଇସାରିଲେଣି ଓ ଭବିଷ୍ୟତରେ ବି ହେବେ। ଅଜ୍ଞାନ ମନୁଷ୍ୟ କାମ, କ୍ରୋଧ, ମୋହ ଓ ଆସକ୍ତିରେ ବୁଡ଼ିରହି ଅହେତୁକ ଦୁଃଖ ଯନ୍ତ୍ରଣା ପାଉଛି। ବିଭିନ୍ନ ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତରହି ସମାଜର କ୍ଷତି ସାଧନ କରୁଛି। ଭଗବାନଙ୍କ ଅବତାର ନେବାର ମୁଖ୍ୟ କାରଣ ହେଲା ଏହି ଅଜ୍ଞାନମାନଙ୍କୁ ପାପପଙ୍କିଳ ସଂସାରରୁ ଉଦ୍ଧାର କରିବା। ଦୁଃଖର କାରଣ ବିଷୟରେ ସଚେତନ କରାଇବା। ପାପୀମାନଙ୍କୁ ପାପମୁକ୍ତ କରି ସମାଜରେ ଶାନ୍ତି ସ୍ଥାପନ କରିବା।

ଭାଗବତରେ ଯେତେ ଅବତାରଙ୍କ କଥା ଉଲ୍ଲେଖ କରାଯାଇଛି ସେଥିମଧ୍ୟରୁ ରାମ ଓ କୃଷ୍ଣାବତାର ଦ୍ୱୟଙ୍କୁ ଛାଡ଼ିଦେଲେ ଅନ୍ୟ ସବୁ ଅବତାରର କାର୍ଯ୍ୟାବଳୀ ସୀମିତ। ଭଗବାନ ଶ୍ରୀରାମ ଓ ଶ୍ରୀକୃଷ୍ଣ ଆବିର୍ଭାବ ହେବା ଫଳରେ ଆଧ୍ୟାତ୍ମିକ କ୍ଷେତ୍ରରେ ଅପୂର୍ବ ଆଲୋଡନ ଖେଳିଥିଲା। ତାହା ଆଜି ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହି ମାନବ ସମାଜକୁ ସତ୍‌ପଥରେ ପରିଚାଳିତ କରିଆସୁଛି। ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ଚରିତ୍ର ଅତ୍ୟନ୍ତ ଆଦର୍ଶସ୍ଥାନୀୟ ଓ ସର୍ବଜନପ୍ରିୟ। ଦ୍ୱାପର ଯୁଗର ଅନ୍ତିମ କାଳରେ ଭଗବାନ ଶ୍ରୀକୃଷ୍ଣ ଅବତରିତ ହୋଇ ଭକ୍ତିରସର ପ୍ଲାବନ ସୃଷ୍ଟି କରିଥିଲେ। ନାରଦଙ୍କ 'ଭକ୍ତିସୂତ୍ର', ବ୍ୟାସଦେବଙ୍କ ଭାଗବତ ଓ ଶ୍ରୀକୃଷ୍ଣଙ୍କ ଗୀତାରେ ସନ୍ନିବେଶିତ ଭକ୍ତିରସାମୃତ ସୁଧୀଜନଙ୍କ ପ୍ରାଣକୁ ଆପ୍ଲୁତ କରୁଛି।

ଦ୍ୱାପରର ଶେଷ ଭାଗରେ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ପୂର୍ବରୁ ସମାଜରେ ବ୍ୟାପକ ଅସ୍ଥିରତା ସୃଷ୍ଟି ହୋଇଥିଲା। ଅନ୍ୟାୟ, ଅତ୍ୟାଚାର, ହତ୍ୟା, ଲୁଣ୍ଠନ, ବ୍ୟଭିଚାର ଆଦି ସର୍ବତ୍ର ବ୍ୟାପିଥିଲା। ସେତେବେଳେ ଭଗବାନ ଅବତାର ନେବାର ପ୍ରକୃଷ୍ଟ ସମୟ ଉପନୀତ ହୋଇଥିଲା। ପ୍ରଥମେ ଶିଶୁ ଭଗବାନ ଜନ୍ମଲାଭ କରି ପିତା ବସୁଦେବ ଓ ମାତା ଦେବକୀଙ୍କୁ ନିଜର ଭଗବତ୍ ସ୍ୱରୂପ ଦର୍ଶନ କରାଇଥିଲେ। ତାଙ୍କର ଜନ୍ମବାଣୀ ଶୁଣି କଂସ ଓ ତା'ର ଅନୁଗତମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଛ' ଦିନର ଶିଶୁ ଶ୍ରୀକୃଷ୍ଣ କଂସ ଦ୍ୱାରା ପ୍ରେରିତ ପୁତନାକୁ ଦୁଗ୍ଧପାନ ଛଳରେ ହତ୍ୟାକରି ନିଜର ଈଶ୍ୱରୀୟ ପରାକାଷ୍ଠା ଦେଖାଇଥିଲେ। ଶୈଶବ କାଳରେ ଗୋଟି ଗୋଟି କରି ସମସ୍ତ ପରାକ୍ରମୀ ଦୈତ୍ୟଙ୍କୁ ସଂହାର କରି ସମାଜରେ ଶାନ୍ତି ଓ ଭୟଶୂନ୍ୟ ବାତାବରଣ ପ୍ରତିଷ୍ଠା



ଜନ୍ମାଷ୍ଟମୀ ଉପଲକ୍ଷେ

କରିଥିଲେ। ତାଙ୍କର ବାଲ୍ୟକାଳ ଥିଲା ଅତୀବ ଲୀଳାମୟ। ସେ ଥିଲେ ସକଳ ବ୍ରଜବାସୀଙ୍କ ଆନନ୍ଦର ଉତ୍ସ। ଗୋପାଳ ସଂସ୍କୃତିକୁ ସମ୍ପୂର୍ଣ୍ଣ ରୂପେ ଆବୋରି ନେଇଥିଲେ। କଉପୁନି ପିନ୍ଧି ଗୋପାଳ ବାଳକମାନଙ୍କ ଗହଣରେ ବଣକୁ ଯାଉଥିଲେ ଗୋରୁପଲ ନେଇ। ଖେଳକୌତୁକରେ ମାତି ସେମାନଙ୍କୁ ଆନନ୍ଦ ଦେଉଥିଲେ। ଗୋପାଳ ଛୁଆଙ୍କ ମେଳରେ ଲହୁଣି ଚୋରାଇ ଖାଇବା ଥିଲା ଏକ ନିତିଦିନିଆ ଘଟଣା। ଗୋପୀମାନଙ୍କର ସେ ଥିଲେ ଗେହ୍ଲା 'କହ୍ନେଇ'। ଗୋପୀମାନଙ୍କ ମନୋବାଞ୍ଛା ପୂରଣ ନିମିତ୍ତ ସେ ରଚିଥିଲେ ରାସଲୀଳା।

ଗୋପଲୀଳା ସମାପନ କରି ଏଗାର ବର୍ଷ ବୟସରେ ମଥୁରା ଆସି ଆଉ ବ୍ରଜକୁ ଫେରି ନ ଥିଲେ। ସେଠାରେ କଂସ ଓ ତା'ର ଅନୁଚରମାନଙ୍କୁ ହତ୍ୟାକରି ରାଜ୍ୟରେ ଶାନ୍ତି ଫେରାଇ ଆଣିଥିଲେ। ଜରାସନ୍ଧର ବାରମ୍ବାର ମଥୁରା ଆକ୍ରମଣରେ ଅତିଷ୍ଠ ହୋଇ ବଛା ବଛା ଯାଦବଙ୍କୁ ସଙ୍ଗରେ ଧରି ଦ୍ୱାରକା ଚାଲି ଯାଇଥିଲେ। ପରବର୍ତ୍ତୀ ଜୀବନରେ ସେ ଥିଲେ ବିଚକ୍ଷଣ କୂଟନୀତିଜ୍ଞ, ଦକ୍ଷ ରାଜନୀତିଜ୍ଞ, ମହାଗୁରୁ, ମହାନ୍ ଦାର୍ଶନିକ ଓ ମହାଭାରତ ଯୁଦ୍ଧର ମହାନାୟକ। ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ଭଗବାନ ନିଜେ ଅର୍ଜୁନଙ୍କୁ ନିମିତ୍ତ କରି ମନୁଷ୍ୟର କଲ୍ୟାଣ ନିମିତ୍ତ ଯେଉଁ ରହସ୍ୟମୟ ଦିବ୍ୟବାଣୀ ପ୍ରଦାନ କରିଥିଲେ ତାହା ଗୀତା ନାମରେ ଖ୍ୟାତ। ଏଥିରେ ତାଙ୍କ ହୃଦୟର ଅନେକ ଗଭୀରତମ ବିଲକ୍ଷଣ ଭାବ ସନ୍ନିବେଶିତ ହୋଇଛି। ତାଙ୍କର ଅନ୍ତିମ ସମୟ ଉପସ୍ଥିତ ହେବା ଜାଣି ପୃଥିବୀର ଭାର ଯାହା କିଞ୍ଚିତ୍ ଥିଲା, ଉଚ୍ଛୃଙ୍ଖଳିତ ବ୍ରହ୍ମଶାପଗ୍ରସ୍ତ ନିଜ ବଂଶର ବିନାଶ ଘଟାଇ ତାହା ଉଶ୍ୱାସ କରିଥିଲେ। ଜରାର ଶରାଘାତରେ ସ୍ୱଧାମ ପ୍ରତ୍ୟାବର୍ତ୍ତନ କରି ମାନବୀୟ ଲୀଳା ସମାପ୍ତ କରିଥିଲେ।

ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ପରଂବ୍ରହ୍ମ ପରମାତ୍ମା, ପରମ ଭକ୍ତବତ୍ସଳ । ଭକ୍ତଜନଙ୍କ ପଦରଜ ଉଡ଼ିଆସି ସ୍ୱଦେହରେ ପଡ଼ି ପବିତ୍ର ହେବା ଲାଗି ଭକ୍ତଙ୍କ ପଛେ ପଛେ ସେ ଧାଉଁଥାନ୍ତି। ଯେ ଯେପରି ଡାକନ୍ତି ସେ ସେପରି ଶୁଣନ୍ତି। ସେ ସର୍ବଦା କୁହନ୍ତି, "ସବୁ ଧର୍ମ ଓ ଆଶ୍ରୟ ଛାଡ଼ି ମୋର ଶରଣକୁ ଚାଲିଆସ। ମୁଁ ସମସ୍ତ ପାପରୁ ମୁକ୍ତ କରିଦେବି। ଚିନ୍ତା କର ନାହିଁ।" ଦେଖନ୍ତୁ ଭଗବାନ କେତେ ଦୟାଳୁ । କାହାରି ଦୁଃଖ ଦେଖିଲେ ସହିପାରନ୍ତି ନାହିଁ। ମନୁଷ୍ୟ ନିଜର ଅଜ୍ଞାନତା ହେତୁ ଚିର ଦୁଃଖୀ ହୋଇପଡ଼ିଛି। ଭଗବାନଙ୍କର ଇଚ୍ଛା ମନୁଷ୍ୟ ନିଜର ଦୁଃଖ ଦୁର୍ଦ୍ଦଶାର କାରଣ ଜାଣୁ। ଏଥିରୁ ଉଦ୍ଧାର ପାଇବା ପାଇଁ ପ୍ରଚେଷ୍ଟା କରୁ। ସେ ସାଧାରଣତଃ ସାଧୁସନ୍ଥ, ସଦ୍‌ଗୁରୁ, ମୁନିଋଷି, ମହାପୁରୁଷ ରୂପେ ଅବତରିତ ହୋଇଥାନ୍ତି। ସମସ୍ତ ଦୁଃଖକଷ୍ଟ ସହି ମନୁଷ୍ୟର ସମସ୍ୟାଗୁଡ଼ିକର କାରଣ ବିଷୟରେ ସେମାନଙ୍କୁ ଅବଗତ କରାନ୍ତି ଓ ଏଗୁଡ଼ିକର ନିରାକରଣ ନିମିତ୍ତ ପଥ ଦେଖାଇଦିଅନ୍ତି। ଭକ୍ତିଯୋଗ, ଜ୍ଞାନଯୋଗ ଓ କର୍ମଯୋଗ ଉପରେ ଜ୍ଞାନ ପ୍ରଦାନ କରି ଅଜ୍ଞାନତା ଦୂର କରନ୍ତି। ସମସ୍ତ ଧର୍ମଗ୍ରନ୍ଥ ଓ ଗୁରୁବାଣୀର ଏକମାତ୍ର ସାରତତ୍ତ୍ୱ ହେଲା ପାର୍ଥିବ କାମନା ହେତୁ ମନୁଷ୍ୟ ବାରମ୍ବାର ଜନ୍ମମୃତ୍ୟୁଜନିତ ଦାରୁଣ ଦୁଃଖଦୁର୍ଦ୍ଦଶା ଭୋଗୁଛି। ଏଥିରୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ରହିଲେ ଆଉ ଏ ସମସ୍ୟା ସବୁ ଉତ୍ପନ୍ନ ହେବନାହିଁ। ଭଗବାନଙ୍କ ଇଚ୍ଛା ପୂର୍ତ୍ତି ନିମିତ୍ତ ଆଉ କାଳବିଳମ୍ବ ନ କରି ଆସନ୍ତୁ ସଦ୍‌ଗୁରୁଙ୍କଠାରେ ଆଶ୍ରୟ ନେବା। ସେ ଆମର ସବୁ ଦାୟିତ୍ୱ ବହନ କରିବେ। ସଦ୍‌ଗୁରୁ ଓ ଭଗବାନ୍ ଅଭିନ୍ନ- 'ମୁହିଁ ବସଇ ଗୁରୁ ଦେହେ। ମୋ ତହୁଁ ଗୁରୁ ଭିନ୍ନ ନୋହେ।।' (ଭାଗବତ)

ଭୁବନେଶ୍ୱର, ମୋ-୯୪୩୯୧୭୬୮୧୮

## ଏଇ ଭାରତରେ

ଭାରତରେ ପୁଣି ତାଲିବାନୀ ନିଷ୍ପତ୍ତି- ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଘଟଣାଟି ପୂରା ସତ। ବିହାରର ମଧୁବନୀ ଜିଲାର ହତ୍ତାପୁର ପରସା ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ନେତୃତ୍ୱରେ ଓ ଏବକାର ସରପଞ୍ଚଙ୍କ ଅଧ୍ୟକ୍ଷତାରେ ପରସା ଗାଁରେ ଅନୁଷ୍ଠିତ ବୈଠକରେ ଅଜବ ନିଷ୍ପତ୍ତି ନିଆଯାଇଛି। ପଞ୍ଚାୟତ ଲଗାଇଛି ତୋଗଲକୀ କଟକଣା। ଗାଁର କୌଣସି ଝିଅ ଏକୁଟିଆ ମୋବାଇଲରେ କଥା ହୋଇପାରିବେ ନାହିଁ। ଯଦି ଚାହିଁବେ ଅଭିଭାବକଙ୍କ ସମ୍ମୁଖରେ କଥା ହୋଇପାରିବେ। ଝିଅମାନେ ବାହାରକୁ ଯାଇଥିଲେ ସନ୍ଧ୍ୟା ପୂର୍ବରୁ ଘରକୁ ଫେରିବାକୁ ବାଧ୍ୟ। କଟକଣାରୁ ଶୌଚ ବି ବାଦ୍ ପଡିନି। ସନ୍ଧ୍ୟା ପରେ ଓ ସକାଳ ହେବା ପୂର୍ବରୁ ପରସା ଗାଁର କୌଣସି ଝିଅ ପଦାକୁ ଶୌଚ ପାଇଁ ଯାଇପାରିବେ ନାହିଁ ବୋଲି ପଞ୍ଚାୟତର ବୈଠକରେ ନିଷ୍ପତ୍ତି ନିଆଯାଇଛି। କେହି ଗାଁରେ ଅଶ୍ଳୀଳ ଭୋଜପୁରୀ ସଙ୍ଗୀତ ବଜାଇପାରିବେ ନାହିଁ। ଗାଁର କୌଣସି ବ୍ୟକ୍ତି ବି ନିଶାସେବନ କରିପାରିବେ ନାହିଁ। କେହି ରାସ୍ତାକଡରେ ଖୋଲାରେ ଶୌଚ କରିପାରିବେ ନାହିଁ। ରାତି ସାଢେ ୮ଟା ପରେ ଦଳ ଦଳ ହୋଇ ରାସ୍ତାରେ ବୁଲିବା ଉପରେ କଟକଣା ଲଗାଯାଇଛି। ଗାଁର ସବୁ ଉତ୍ସବରେ ବାଜା ବନ୍ଦ। ବିବାହ ଉତ୍ସବରେ ରାସ୍ତାରେ ଝିଅ-ପୁଅ ନାଚିବା ମନା। ଯଦି ନାଚିବେ ତେବେ ଘର ଭିତରେ ନାଚିପାରିବେ। ପରିବେଶ ଦୂଷିତ ନ ହେବା, ସାମାଜିକ ଶାନ୍ତି କେମିତି ବଜାୟ ରହିବ ସେଥିପାଇଁ ଏହି ନିଷ୍ପତ୍ତି ଗ୍ରାମବାସୀଙ୍କ ସହ ବିଚାରବିମର୍ଶ କରାଯାଇ ନିଆଯାଇଥିବା ସରପଞ୍ଚ କହିଛନ୍ତି।

## ଚିରନ୍ତନୀ

କେତେ ମେଘ ଉଦେ ହୋଇ ଗିରି ଚୂଡ଼ାପରେ
ଯାଏ ଯେ ମିଳାଇ ପଲକରେ
ନ ଦେଖୁଁ ନିଜର ପଥ, ଦେହେ ତା'ର ବିଜୁଳି ଚମକ
ନ ଲାଗୁଁ, ଅସୀମ ଦେଶେ ନିଭିଯାଏ ନ ହୁଏ ବିଲୋକ।
(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଅଗଷ୍ଟ ୧୯୯୪**

- ୧୫ଶ ରାଜ୍ୟଗୋଷ୍ଠୀ କ୍ରୀଡା ପ୍ରତିଯୋଗିତାର ସୁଟିଂରେ ଭାରତର ଯଶପାଳ ରାଣା ଏବଂ ଅଶୋକ ପଣ୍ଡିତଙ୍କ ଯୋଡ଼ିଙ୍କୁ ସ୍ୱର୍ଣ୍ଣପଦକ।
- ମରକ୍କୋର ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୪୪ ମୃତ।

## su | do | ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଜେଡିକୁ ଧନ୍ୟବାଦ

ମହାଶୟ,
ତିନି ତଲାକ୍ ବିଲ୍‌କୁ ମଞ୍ଜୁରୀ ମିଳିବା ଭାରତର ଗଣତାନ୍ତ୍ରିକ ଇତିହାସରେ ଏକ ମାଇଲଖୁଣ୍ଟ। ଏହି ପ୍ରସ୍ତାବ ସପକ୍ଷରେ ୯୯ଟି ଭୋଟ ମିଳିଥିବା ବେଳେ ବିପକ୍ଷରେ ୮୪ଟି ଭୋଟ ମିଳିବାରୁ ଏଇ ବିଲ୍‌ଟି ରାଜ୍ୟ ସଭାରେ ଗୃହୀତ ହୋଇଛି। ଏଥିରେ ବିଜେଡି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ବିଜେଡିର ରାଜ୍ୟ ସଭାରେ ୬ ଜଣ ଯାକ ସଦସ୍ୟ ଏହି ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିବାରୁ ଏହା ଗୃହୀତ ହେଲା। ମୂଳରୁ କଂଗ୍ରେସ ଓ ଏହାର ସହଯୋଗୀ ଦଳ ମୁସଲମାନ ଭୋଟ ବ୍ୟାଙ୍କକୁ ଆଖିରେ ରଖି ଏହାର ବିରୁଦ୍ଧାଚରଣ କରୁଥିଲେ। ତେଣୁ ରାଜ୍ୟ ସଭାରେ ଏନ୍‌ଡିଏର ସଂଖ୍ୟାଗରିଷ୍ଠତା ନ ଥିବା ହେତୁ ଏହା ଦୁଇବର୍ଷ ହେବ ଝୁଲି ରହିଥିଲା। ତେବେ ବିଜେଡି ଏହି ବିଲ୍‌ରେ କେତେକ ସଂଶୋଧନ ପ୍ରସ୍ତାବ ଆଣି ଲୋକ ସଭାରେ କକ୍ଷତ୍ୟାଗ କରିଥିଲେ ହେଁ ରାଜ୍ୟ ସଭାରେ ସେମାନଙ୍କ ଆଭିମୁଖ୍ୟ ପରିବର୍ତ୍ତନ କରିବାରୁ ଦେଶର ଏହି ବହୁ ପ୍ରତୀକ୍ଷିତ ବିଲ୍ ପାସ୍ ହୋଇ ମୁସଲିମ୍ ମହିଳାଙ୍କ ପାଇଁ ଆଶ୍ୱସ୍ତିକର ହୋଇଛି। ସେଥିପାଇଁ ବିଜେଡିକୁ ଧନ୍ୟବାଦ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

### ଅନୁପଯୁକ୍ତ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ

ଧରିତ୍ରୀ(୨୭।୭)ରେ ପ୍ରକାଶିତ 'ଗହୀର ମଝିରେ ଭାଙ୍ଗିଲା ୮ ବିଦ୍ୟୁତ୍ ଖୁଣ୍ଟ' ଖବର ପଢ଼ିଲି। ଖୁଣ୍ଟ ପକାଇବା ସମୟରେ ଅନେକ ବ୍ୟକ୍ତି ଏହାକୁ ବିରୋଧ କରିଥିଲେ ମଧ୍ୟ ସମ୍ପୃକ୍ତ ଯନ୍ତ୍ରୀ କର୍ଣ୍ଣପାତ କରି ନ ଥିଲେ। ବର୍ତ୍ତମାନ ଯେଉଁ ସ୍ଥାନରେ ଖୁଣ୍ଟ ପକାଉଛନ୍ତି ତାହା ମଧ୍ୟ ବେଆଇନ। ଯେଉଁଠି ଖୁଣ୍ଟ ପୋତା ହେଉଛି ତାହା କଟକ-ପାରାଦୀପ ମୁଖ୍ୟରାସ୍ତା। ଏଥିରେ ୧୧ କେଭି ତାର ଟାଣିବା ଏବଂ ତଳେ ଗାର୍ଡିଂ ନ ଦେବାରୁ ଭବିଷ୍ୟତରେ ଧନଜୀବନ ନଷ୍ଟ ହୋଇପାରେ। ଆର୍ ଆଣ୍ଡ ବି ଅନୁମତି ଦେଇଛି କି ନାହିଁ ସନ୍ଦେହ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୩ ଅଗଷ୍ଟ ,୨୦୧୯



"କଂଗ୍ରେସ ନେତା ପି. ଚିଦାମ୍ବରମଙ୍କ ବିରୋଧରେ ଗ୍ରହଣ କରାଯାଇଥିବା ପଦକ୍ଷେପ କୌଣସି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ।
-ଶିବରାଜ ସିଂ ଚୌହାନ,
ଭାଜପା ଉପାଧ୍ୟକ୍ଷ



# ଆତଙ୍କର ପରିବେଶ ସୃଷ୍ଟି କରି ନ ଥିଲେ ରାଜୀବ

## ମୋଦି ସରକାରଙ୍କୁ ସୋନିଆଙ୍କ ଟାର୍ଗେଟ

ନୂଆଦିଲ୍ଲୀ,୨୨।୮(ପି.ଟି.)

୧୯୮୪ ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ବୃହତ୍ ଜନାଦେଶ ପାଇ କ୍ଷମତାସୀନ ହୋଇଥିଲେ। ହେଲେ ସେ ତାକୁ ନେଇ କେବେ ଆତଙ୍କର ପରିବେଶ ସୃଷ୍ଟି କରି ନ ଥିଲେ। ରାଜୀବ କ୍ଷମତାର ଅପବ୍ୟବହାର କରି କେବେହେଲେ ଲୋକଙ୍କୁ ଭୟଭୀତ କରାଉ ନ ଥିଲେ କି କାହାକୁ ଧମକ ଦେଉ ନ ଥିଲେ। ଏପରି କି ତାଙ୍କ ଅମଳରେ କୌଣସି ସାମ୍ବିଧାନିକ ସଂସ୍ଥାକୁ ଧ୍ୱଂସ କରାଯାଇ ନ ଥିଲା ବୋଲି ଗୁରୁବାର କେନ୍ଦ୍ରର ମୋଦି ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ।

ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ପାଳନ ଅବସରରେ ନୂଆଦିଲ୍ଲୀର କେଡି ଯାଦବ ଇନ୍ଡୋର ଷ୍ଟାଡିୟମ୍‌ରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ସୋନିଆ ଏଥିରେ ସମ୍ବୋଧିତ କରି କହିଥିଲେ, ଏବେ କଂଗ୍ରେସ କେତେକ କଠିନ ଚ୍ୟାଲେଞ୍ଜକୁ ସାମ୍ନା କରୁଥିଲେ ହେଁ ବିଭାଜନକାରୀ ଶକ୍ତିଗୁଡ଼ିକ ବିରୋଧରେ ଆଦର୍ଶଗତ ଲଢ଼େଇ ଜାରି ରଖିବା ଜରୁରୀ ହୋଇପଡ଼ିଛି ବୋଲି ସୋନିଆ କହିଛନ୍ତି। ଆଇଏନ୍‌ଏକ୍ସ ମିଡିଆ ମାମଲାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ଗିରଫ କରାଯାଇଥିବାବେଳେ ସିବିଆଇ ଏବଂ ଇଡିର ଅପବ୍ୟବହାର ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ବ୍ୟକ୍ତିଗତ ପ୍ରତିଶୋଧ ନେବା ପାଇଁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଅପବ୍ୟବହାର କରୁଥିବା ଅଭିଯୋଗ ଆଣୁଥିବାବେଳେ ଦଳର ଅଧ୍ୟକ୍ଷା ସୋନିଆ ରାଜୀବ ଗାନ୍ଧୀଙ୍କ ଉଦାହରଣ ଦେଇ ପରୋକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ ଶିରୋମଣି ଅକାଳୀ ଦଳ ସୋନିଆଙ୍କ ସମାଲୋଚନାର ଜବାବ ରଖିଛି। ରାଜୀବଙ୍କ ଶାସନ ଅମଳରେ ଲୋକଙ୍କୁ ହତ୍ୟା କରି ବିଜୟର ପୁରସ୍କାର ଦିଆଯାଇଥିଲା ବୋଲି ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ବେଳର କଥା ମନେପକାଇ ଦେଇଛନ୍ତି ଅକାଳୀ ଦଳ ମୁଖପାତ୍ର ମନ୍‌ଜିନ୍ଦର ସିଂ ସିର୍ସା। ଶିଖ୍‌ମାନଙ୍କୁ ହତ୍ୟା କରିବା ପାଇଁ ଲୋକଙ୍କୁ ଉସୁକାଇଥିବା କଂଗ୍ରେସ ନେତା ସଜ୍ଜନ କୁମାର ଓ ଜଗଦୀଶ ଟାଇଟଲରଙ୍କ ବିରୋଧରେ କଂଗ୍ରେସ କିଛି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ସେ ସମାଲୋଚନା କରିଛନ୍ତି।

### ରାଜୀବଙ୍କ ଅମଳରେ ଶିଖ୍‌ଙ୍କୁ ହତ୍ୟାକରି ବିଜୟର ପୁରସ୍କାର ଦିଆଯାଇଥିଲା: ଅକାଳୀ ଦଳ

ପ୍ରକାଶ ଯେ, ୧୯୮୪ ଲୋକ ସଭା ନିର୍ବାଚନରେ କଂଗ୍ରେସ ୪୦୦ରୁ ଅଧିକ ଆସନରେ ବିଜୟୀ ହେବା ପରେ ରାଜୀବ ପ୍ରଧାନମନ୍ତ୍ରୀ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ୩୦୩ ଆସନ ଦଖଲ କରିଥିବାବେଳେ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଛନ୍ତି।

■ ଚିଦାମ୍ବରମଙ୍କ ଗିରଫଦାରିକୁ କଂଗ୍ରେସର ବିରୋଧ

# 'ଦିବାଲୋକରେ ଗଣତନ୍ତ୍ରର ହତ୍ୟା'





ଚିଦାମ୍ବରମଙ୍କ ଗିରଫଦାରି ପ୍ରତିବାଦରେ କୋଲକାତାରେ କଂଗ୍ରେସର ବିକ୍ଷୋଭ।

ନୂଆଦିଲ୍ଲୀ,୨୨।୮

ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ଗିରଫଦାରି ବେଆଇନ। କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଗିରଫ କରାଇଛନ୍ତି। ଏହା ସ୍ପଷ୍ଟ ଦିବାଲୋକରେ ଗଣତନ୍ତ୍ରର ହତ୍ୟା ବୋଲି ଅଭିଯୋଗ ଆଣିଛି କଂଗ୍ରେସ।

ଏଆଇସିସି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ହତାଶ କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଚିଦାମ୍ବରମଙ୍କୁ ଗିରଫ କରାଇଛନ୍ତି। ଦେଶରେ ଅର୍ଥନୈତିକ ସଙ୍କଟ ସୃଷ୍ଟି ହୋଇଥିବାବେଳେ ଏଥିରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ସରକାର ଉଦ୍ୟମ କରୁଛନ୍ତି। ସିବିଆଇ ଏବଂ ଇଡି ସେମାନଙ୍କ ରାଜନୈତିକ ମାଷ୍ଟର୍ସଙ୍କୁ ଖୁସି କରିବା ପାଇଁ ଚିଦାମ୍ବରମଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଆଇଏନ୍‌ଏକ୍ସ ମିଡିଆ ମାମଲାରେ ଚିଦାମ୍ବରମଙ୍କୁ ୨୦ ଥର ସମନ କରାଯାଇଥିବାବେଳେ ତାଙ୍କ ଘରେ ୪ ଥର ଚଢ଼ାଉ କରାଯାଇସାରିଛି। ତାଙ୍କ ବିରୋଧରେ ମିଥ୍ୟା ଓ ମନଗଢ଼ା ଅଭିଯୋଗ ଆଣି ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯିବା ସ୍ପଷ୍ଟ ଦିବାଲୋକରେ ଗଣତନ୍ତ୍ରର ହତ୍ୟା ସହ ସମାନ ବୋଲି ସୁର୍ଜେୱାଲା ସମାଲୋଚନା କରିଛନ୍ତି। ସେହିପରି ଚିଦାମ୍ବରମଙ୍କ ଗିରଫଦାରି ପ୍ରତିବାଦରେ ଦେଶର ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

# ପିସିଙ୍କୁ ତିହାର ଜେଲରେ ରଖାଯିବ

ନୂଆଦିଲ୍ଲୀ,୨୨।୮(ଆଇଏଏନ୍‌ଏସ୍)

ଆଇଏନ୍‌ଏକ୍ସ ମିଡିଆ ମାମଲାରେ ଗିରଫ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ (ପିସି)ଙ୍କୁ ସିବିଆଇ ୪ ଦିନିଆ ରିମାଣ୍ଡରେ ତଦନ୍ତକାରୀ ସଂସ୍ଥାର ଲୋଧିରୋଡ୍‌ସ୍ଥିତ ମୁଖ୍ୟାଳୟକୁ ନେଇଛି। ସିବିଆଇ ଅଧିକାରୀମାନେ ଜେରା କରିସାରିବା ପରେ ଏହି ହାଇପ୍ରୋଫାଇଲ୍ ବନ୍ଦୀଙ୍କୁ ତିହାର ଜେଲ୍‌ରେ ରଖିବା ପାଇଁ ଯୋଜନା କରିଛନ୍ତି। ତାଙ୍କୁ ଅର୍ଥନୈତିକ ଅପରାଧୀଙ୍କ ପାଇଁ ଉଦ୍ଦିଷ୍ଟ ଜେଲ୍ ନମ୍ବର ୭ରେ ରଖାଯିବ। ସେଠାରେ ତାଙ୍କୁ ଖାଦ୍ୟରେ ଭାତ, ଡାଲି ଓ ଚପାତି ଏବଂ କାଠ ପଟାରେ ଶୋଇବାକୁ ଦିଆଯିବ। ଏଥିସହ ପ୍ରତି ୪୮ ଘଣ୍ଟାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏଥିଲାଗି ଏସିଆର ସର୍ବବୃହତ୍ କାରାଗାର ତିହାର ଜେଲ୍‌ରେ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି। ଏନେଇ ତିହାର ଜେଲର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।



ଚିଦାମ୍ବରମଙ୍କୁ ସିବିଆଇ ଅଧିକାରୀମାନେ କୋର୍ଟକୁ ନେଉଛନ୍ତି।

## ନିଜେ ଉଦ୍‌ଘାଟନ କରିଥିବା କୋଠାରେ ରାତ୍ରିଯାପନ କଲେ

ନୂଆଦିଲ୍ଲୀ,୨୨।୮(ପି.ଟି./ଆଇଏଏନ୍‌ଏସ୍)

ପି. ଚିଦାମ୍ବରମ୍ ବୁଧବାର ରାତିରେ ସିବିଆଇ ମୁଖ୍ୟାଳୟ ଗେଷ୍ଟହାଉସ୍‌ର ଲକ୍-ଅପ୍ ସୁଟ୍ ୩ରେ ରାତି ବିତାଇଥିଲେ, ଯାହାକୁ ସେ ୮ ବର୍ଷ ତଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସହ ମିଶି ଉଦ୍‌ଘାଟନ କରିଥିଲେ। ୨୦୧୧ ଏପ୍ରିଲ ୩୦ରେ ନୂଆଦିଲ୍ଲୀସ୍ଥିତ ଜିସିଓ କମ୍ପ୍ଲେକ୍ସର ଏହି ବିଲ୍ଡିଂ ଉଦ୍‌ଘାଟନ ବେଳେ ତତ୍କାଳୀନ ଆଇନମନ୍ତ୍ରୀ ଏମ୍. ବୀରାପ୍ପା ମୋଇଲି ଓ ମାନବସମ୍ବଳ ବିକାଶ ମନ୍ତ୍ରୀ କପିଲ ସିବଲ ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ କୋଠା ଯେଉଁ ସ୍ଥାନରେ ଅଛି ସେଠାରେ ପୂର୍ବରୁ ଏକ ସମାଧି ପୀଠ ଥିଲା ଏବଂ ଏହାର ବାସ୍ତୁ ଠିକ୍ ନାହିଁ ବୋଲି ସିବିଆଇର କେତେଜଣ ଅଧିକାରୀ ମତ ଦେଇଛନ୍ତି। କାରଣ ଏଠାରେ ସିବିଆଇ ମୁଖ୍ୟାଳୟ ଖୋଲାଯିବା ପରଠୁ ତଦନ୍ତକାରୀ ସଂସ୍ଥାର ସମସ୍ତ ନିର୍ଦ୍ଦେଶକ ବିବାଦୀୟ ହୋଇ ରହିଛନ୍ତି।

## ଜଷ୍ଟିସ୍ ବାନୁମଥିଙ୍କ ଖଣ୍ଡପୀଠରେ ଶୁଣାଣି ଆଜି

ନୂଆଦିଲ୍ଲୀ,୨୨।୮(ପି.ଟି.)

ଆଇଏନ୍‌ଏକ୍ସ ମିଡିଆ ମାମଲାରେ ସିବିଆଇ ହାଜତରେ ଥିବା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମଙ୍କ ଆବେଦନର ଶୁଣାଣି ଶୁକ୍ରବାର ସୁପ୍ରିମକୋର୍ଟରେ ହେବ। ଜଷ୍ଟିସ୍ ଆର୍. ବାନୁମଥିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିବେ। ଚିଦାମ୍ବରମ ମଙ୍ଗଳବାର ଆଗୁଆ ଜାମିନ ପାଇଁ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ। ଏହାକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ହାଇକୋର୍ଟଙ୍କ ରାୟ ବିରୋଧରେ ଚିଦାମ୍ବରମ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ତାଙ୍କ ଆବେଦନର ଜରୁରୀ ଶୁଣାଣି କରିବାକୁ ସିଜେଆଇ ରଞ୍ଜନ ଗୋଗୋଇ ମନାକରିଦେଇଥିଲେ। ଜଷ୍ଟିସ୍ ବାନୁମଥି ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ତାଙ୍କ ପିଟିଶନର ଶୁଣାଣି କରିବେ ବୋଲି ଜଣାପଡ଼ିଛି।


**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କର ଏକ ଉପକ୍ରମ)
ମଣ୍ଡଳୀୟ କାର୍ଯ୍ୟାଳୟ: ୩/୧-ବି, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଗାଡି ବିକ୍ରୟ**

"ଯେପରି ଅଛି ଯେଉଁଠାରେ ଅଛି" ଭିତ୍ତିରେ (ରେଜିଷ୍ଟ୍ରେସନ ନମ୍ବର: ଓଆର୍-୦୨-ବିସି-୦୮୪୮ ଏବଂ ଓଆର୍-୦୨-ବିପି-୬୮୧୮, ମେକ୍: ଟାଟା, ମଡେଲ: ଇଣ୍ଡିକା ଭିସ୍ତା, ଗାଡିର କ୍ରୟ ହୋଇଥିବା ବର୍ଷ: ୨୦୧୦ ଏବଂ ୨୦୧୧) ଗାଡି ବିକ୍ରୟ ପାଇଁ ଉପଲବ୍ଧ । ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଆଲ୍ଲାହାବାଦ ବ୍ୟାଙ୍କ, ମଣ୍ଡଳୀୟ କାର୍ଯ୍ୟାଳୟ, ଭୁବନେଶ୍ୱର (୦୬୭୪-୨୩୬୦୪୩୩)କୁ ଫୋନ୍ କରିପାରନ୍ତି କିମ୍ବା ଆମର ୱେବସାଇଟ୍: **www.allahabadbanktenders.in** କୁ ଦେଖିପାରନ୍ତି ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୩.୦୮.୨୦୧୮

ଉପ ମହାପ୍ରବନ୍ଧକ ଏବଂ ମଣ୍ଡଳ ମୁଖ୍ୟ, ଭୁବନେଶ୍ୱର

**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
ଭୁବନେଶ୍ୱର-୭୫୧୦୦୧
ସମ୍ପଦ ବିଭାଗ

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ମୁଖ୍ୟ କାର୍ଯ୍ୟାଳୟ ପରିସର ମଧ୍ୟରେ ଏକ୍ସରେ ସ୍କାନର ର ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ ନିୟୁକ୍ତ

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଙ୍କ ତରଫରୁ ଉପରୋକ୍ତ କାର୍ଯ୍ୟ (ଆନୁମାନିକ ମୂଲ୍ୟ ୧୭ ଲକ୍ଷ) ପାଇଁ ଯୋଗ୍ୟ ଠିକାଦାରମାନଙ୍କ ଠାରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । MSTC Portal ରେ ଏହି ଟେଣ୍ଡର ଜମା କରିବାର ଶେଷ ସମୟ ଦିନାଙ୍କ ୨୭ ସେପ୍ଟେମ୍ବର ୨୦୧୯ ଅପରାହ୍ନ ୨ ଟା ଅଟେ । ଅଧିକ ବିବରଣୀ ପାଇଁ ବ୍ୟାଙ୍କ ର ୱେବ୍‌ସାଇଟ୍ www.rbi.org.in କୁ ଦେଖନ୍ତୁ । କ୍ଷେତ୍ରୀୟ ନିର୍ଦ୍ଦେଶକ



**ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀ ରବିନାୟକ ସାର୍**
ଭୀମଟାଙ୍ଗୀ, ଭୁବନେଶ୍ୱର

ଆପଣ ଜଣେ ବରିଷ୍ଠ ଆଇନଜୀବୀ, RN B.Ed College, RN +2 Junior College ଓ RN Degree College ର ପ୍ରତିଷ୍ଠା କରି ଶିକ୍ଷା କ୍ଷେତ୍ରରେ ଆପଣ ଅନନ୍ୟ ଭୂମିକା ନିଭାଇଛନ୍ତି। ଆପଣଙ୍କ ପବିତ୍ର ଜନ୍ମଦିନରେ ଆମ୍ଭେ ଆପଣଙ୍କୁ ଶୁଭେଚ୍ଛା ଜଣାଉଛୁ।

RN Group of College ର କର୍ମଚାରୀ ବୃନ୍ଦ।

ଧ-୬୭୨୧୬

**ଜନ୍ମଦିନ ଶୁଭେଚ୍ଛା**



**ଦେବାଶିଷ ଦେବାଙ୍ଗ (ସୋମୁ)**

ଆଜି ତୋର ଜନ୍ମବାର୍ଷିକରେ ପ୍ରଭୁ ସୋମନାଥ ତୋ ଜୀବନରେ ସର୍ବଦା ସୁଖ, ଶାନ୍ତି ଭରିଦିଅନ୍ତୁ, ଦୀର୍ଘାୟୁ ଓ ଯଶସ୍ୱୀ କରି ଜଣେ ଉତ୍ତମ ମଣିଷ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛାସହ:
ଜେଜେ, ଜେଜେମା, ବାପା- ବିପିନ, ମା'- ତନ୍ମୟୀ, ବୋଉ, ଦାଦା, ଖୁଡ଼ୀ ଓ ପରିବାରବର୍ଗ।

ଧ-୧୩୯୬୫

**ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀ ରବିନାୟକ ସାର୍**

ହେ ରବିନାୟକ ସାର, ଆପଣ ଓଡ଼ିଶାର ରାଜେଶଖାନା ଅଟନ୍ତି। ଆପଣ Orissa Film & TV Institute / Indian School of Drama, Ravi Nayak Academy of Film & TV ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା। ୧୯୯୩ ମସିହାରୁ ଦୀର୍ଘ ୨୬ ବର୍ଷଧରି ଚଳଚ୍ଚିତ୍ର, ଦୂରଦର୍ଶନ ନାଟକ ଓ ଯାତ୍ରା ଜଗତକୁ ବହୁ ନାମୀ କଳାକାର ଦାନ କରିଛନ୍ତି। ସେଥିପାଇଁ ଆଜି ଆପଣଙ୍କ ଜନ୍ମତିଥିରେ ଆମ୍ଭେ ଭକ୍ତିପୂତ ପ୍ରଣାମ ଜଣାଉଛୁ।

ଶୁଭେଚ୍ଛା ସହ
Indian School of Drama ର ଛାତ୍ରଛାତ୍ରୀ ମାନେ।

ଧ-୬୭୨୧୪

**ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀ ରବିନାୟକ ସାର୍**
ଭୀମଟାଙ୍ଗୀ, ଭୁବନେଶ୍ୱର

ହେ ରବିନାୟକ ସାର୍, ଆପଣ Rabi Nayak Film Studio/ Rabi Nayak TV Studio/ Rabi Nayak Acting Studio/ Rabi Nayak Dance Studio/ RN Films/ Rabi Nayak TV.com (Youtube)/ Rabi Nayak Bhati TV/ Rabi Nayak Music Studio/ Rabi Nayak Editing Studio ପ୍ରତିଷ୍ଠା କରି କଳା ଜଗତକୁ ଋଦ୍ଧିମନ୍ତ କରିଛନ୍ତି। ଆପଣଙ୍କର ଏହି ପବିତ୍ର ଜନ୍ମଦିନରେ ଆମ୍ଭେ ଆପଣଙ୍କର ଆଶୀର୍ବାଦ ଭିକ୍ଷା କରୁଛୁ। RN Studio ର ସମସ୍ତ ଟେକ୍ନିସିଆନ୍‌ମାନେ।

ଧ-୬୭୨୧୫


## ଇତିହାସର ଆଇନାରେ

### ଅଗଷ୍ଟ. ୨୩ର ପ୍ରମୁଖ ଘଟଣା

୧୯୯୦ ଅଗଷ୍ଟ ୨୩ରେ ପୂର୍ବ ଜର୍ମାନୀ ଓ ପଶ୍ଚିମ ଜର୍ମାନୀ ଏକ ହେବା ଲାଗି ଘୋଷଣା କରିଥିଲେ। ୪ ଦଶନ୍ଧି ଅଲଗା ହୋଇ ରହିବା ପରେ ଏହି ଦିନରେ ଉଭୟ ଏକାଠି ହେବା ଲାଗି ନିଷ୍ପତ୍ତି ନେଇଥିଲେ। ଉଭୟ ଦେଶର ପାର୍ଲାମେଣ୍ଟ ଏନେଇ ସଂଶୋଧିତ ଚିଠା ପ୍ରସ୍ତୁତ କରିଥିଲେ।

୨୦୧୩ ଅଗଷ୍ଟ ୨୩ରେ ବଲିଭିଆର ସର୍ବବୃହତ୍ ସହର ସାନ୍ତା କ୍ରୁଜ୍‌ସ୍ଥିତ ପାଲ୍‌ମାସୋଲା ଜେଲ୍‌ରେ ଗୋଷ୍ଠୀ ସଂଘର୍ଷ ଘଟି ୩୧ ଜଣଙ୍କ ପ୍ରାଣହାନି ଘଟିଥିଲା। ଏଥିରେ ୩୭ ଜଣ ଗୁରୁତର ମଧ ହୋଇଥିଲେ। ଜେଲ୍‌ରେ ଅଧିକ ସଂଖ୍ୟକ କଏଦୀ ରହିବା ଓ ଜେଲ୍ ସଂସ୍କାରକୁ ଗୁରୁତ୍ୱ ଦିଆ ନ ଯିବା ବିରୋଧରେ କଏଦୀମାନେ ହିଂସ୍ର ହୋଇ ଉଠିଥିଲେ। ଗୋଷ୍ଠୀ ସଂଘର୍ଷ ପରେ ଦଙ୍ଗାରେ ପରିଣତ ହୋଇଥିଲା।

# ସୋନମ୍ ଶେୟାର କଲେ ମୋଶନ ପୋଷ୍ଟର

ମୁମ୍ବାଇ

ବଲିଉଡ୍ ନାୟିକା ସୋନମ୍ କପୁର ତାଙ୍କ ଅପ୍ କମିଂ ଫିଲ୍ମ 'ଦ ଜୋୟା ଫ୍ୟାକ୍ଟର'କୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ନିକଟରେ ଏହାର ଫାଷ୍ଟ ଲୁକ୍ ରିଲିଜ୍ ହୋଇଥିବା ବେଳେ ଦର୍ଶକମାନେ ଏହାକୁ ବେଶ୍ ପସନ୍ଦ କରିଥିଲେ। ଗତ ବୁଧବାର ଏହାର ଏକ ମୋଶନ ପୋଷ୍ଟର ଶେୟାର୍ କରିଛନ୍ତି ସୋନମ୍। ଆଉ ଏହି ପୋଷ୍ଟର୍‌କୁ ଦେଖିବା ପରେ ଦର୍ଶକଙ୍କ ମଧ୍ୟରେ ଫିଲ୍ମକୁ ନେଇ ଆଗ୍ରହ ବଢ଼ିଥିବା ଦେଖାଯାଇଛି। ଏହି ଫିଲ୍ମରେ ସେ ଦଲକିର ସଲମାନଙ୍କ ସହ ନଜର ଆସିବେ। ଦଲକିରଙ୍କର ଏହା ଡେବ୍ୟୁ ଫିଲ୍ମ ହୋଇଥିବା ବେଳେ ଏହା ଅନୁଜା ଚୌହାନଙ୍କ ସବୁଠାରୁ ଅଧିକ ବିକ୍ରି ହୋଇଥିବା ଉପନ୍ୟାସ 'ଦ ଜୋୟା ଫ୍ୟାକ୍ଟର' ଉପରେ ଆଧାରିତ। ଅଭିଶେକ ଶର୍ମା ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଥିବା ବେଳେ ଏହା ଆସନ୍ତା ସେପ୍ଟେମ୍ବର ୨୦ରେ ରିଲିଜ ହେବାର ଯୋଜନା ରହିଛି।




**STONA - 2020**

Applications are hereby invited from Entrepreneurs / Artisans dealing with Stone Carving craft of the State for participation in up - coming **STONA - 2020**, to be held from **06-02-2020** to **09-02-2020** at Bengaluru (Karnatak). Interested Entrepreneurs / Artisans may apply to SIDAC on or before **20-09-2019** giving details as follows: Name, detail address with contact numbers, type of business, product to be displayed, type of stone used, annual turnover and past experience in execution of export order (if any) etc.Only selected Entrepreneurs / Artisans will be allowed to participate in the event.

Member Secretary

**State Institute for Development of Arts & Crafts**
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O- Khandagiri, Bhubaneswar - 751030
Tel No.+91 (0) 674 2350318, 2350310,E-mail: sidacorissa@gmail.com, Web site: www.sidacodisha.org.in
SIDAC



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 58 of 2019**

**Syndicate Bank, Paradeep Port Branch, Paradeep, Dist.: Jagatsinghpur** ...Applicant
-Versus-
**Narayan Swain and others** ...Defendants

To,
1. **Mr. Narayan Swain,** S/o- Ghana Swain, At.: Nimidhi, P.O.: Paradeepgarh, P.S.: Paradeep, Dist.: Jagatsinghpur-754141.
2. **Mr. Dushasan Swain,** S/o- Kailash Chandra Swain, At: Pipal, P.O.: Bhutmundai, P.S.: Paradeepgarh, Dist.: Jagatsinghpur-754141.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 58 of 2019** in the Court of Debts Recovery Tribunal at Cuttack for a recovery of **Rs.32,42,278.98** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **27th day of September 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **09th day of August 2019.**

**Sd/- Registrar**
**Debts Recovery Tribunal**



**ମନେ ପଡ଼ନ୍ତି**

**୧୯ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ନରେନ୍ଦ୍ର ପ୍ରସାଦ ସିଂ (ଓପିଏସ୍)**
(ପୂର୍ବତନ ଅବସରପ୍ରାପ୍ତ ଡି.ଏସ୍.ପି)
ଜଗନ୍ନାଥ ଭବନ, କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ: ୨୭।୦୩।୧୯୪୩
ତିରୋଧାନ: ୨୩।୦୮।୨୦୦୦

ଆଜି ୧୯ତମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ:
ବନ୍ଧୁ ଓ ପରିବାରବର୍ଗ।

ଧ-୬୭୮୧୫

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**√ସୁମନ୍ ପଟ୍ଟନାୟକ**
ଏରୋଡ୍ରମ ଏରିଆ, ଭୁବନେଶ୍ୱର
ତିରୋଧାନ : ୨୩.୦୮.୨୦୧୦

ଆଜିର ପୁଣ୍ୟତିଥିରେ ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ପରିବାରବର୍ଗ
ବନ୍ଧୁ ଓ ଆତ୍ମୀୟସ୍ୱଜନ।

ଧ-୧୪୦୦୫

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଅଧ୍ୟାପିକା ସ୍ୱାତୀ ମହାନ୍ତି**
ବି-୮, ମେଟ୍ରୋ ଟାୱାର, ଭୋଇନଗର, ଭୁବନେଶ୍ୱର-୨୨
ଆବିର୍ଭାବ: ୧୯।୦୪।୧୯୫୮
ତିରୋଧାନ: ୦୭।୦୯।୨୦୦୪
(ଜନ୍ମାଷ୍ଟମୀ)

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି।

ଶୋକସନ୍ତପ୍ତ
ଲକ୍ଷ୍ମୀନୃସିଂହ ଓ ରୋନିତ୍

ଧ-୬୧୦୬୧

**ଦଶାହ ଉପଲକ୍ଷେ**



**√ ପ୍ରାଣ ରଞ୍ଜନ ପାଣି**
ଆବିର୍ଭାବ : ୧୭.୧୨.୧୯୬୨
ତିରୋଧାନ : ୧୪.୦୮.୨୦୧୯

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥

ଆପଣଙ୍କର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିବୁ । ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ : ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ

ଧ-୬୧୯୨୦



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 59 of 2019**

**Syndicate Bank, Paradeep Port Branch, Paradeep, Dist.: Jagatsinghpur** ...Applicant
-Versus-
**Laxmidhar Sahoo and others** ...Defendants

To,
1. **Mr. Laxmidhar Sahoo,** S/o- Parikshit Sahoo, At/P.O.: Paradeepgarh, P.S.: Paradeep, Dist.: Jagatsinghpur-754142.
2. **Mr. Saroj Kumar @ Kanta Sahoo,** S/o- Parikshit Sahoo, At/P.O.: Paradeepgarh, P.S.: Paradeep, Dist.: Jagatsinghpur- 754142.
3. **Mr. Ananta Biswal,** S/o.: Prahallad Biswal, At: Katakula, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 59 of 2019** in the Court of Debts Recovery Tribunal at Cuttack for a recovery of **Rs.36,41,176.84** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **27th day of September 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **09th day of August 2019.**

**Sd/- Registrar**
**Debts Recovery Tribunal**



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 56 of 2019**

**Syndicate Bank, Paradeep Port Branch, Paradeep, Dist.: Jagatsinghpur** ...Applicant
-Versus-
**Mamata Swain and others** ...Defendants

To,
1. **Smt. Mamata Swain,** W/o- Pramod Swain, At: Santara, P.O.: Mangarajpur, P.S.: Kujanga, Dist.: Jagatsinghpur-754141.
2. **Mr. Sudhansu Bhusan Baral,** S/o- Nrusingh Chandra Baral, At: Fatepur, P.O.: Gopiakud, P.S.: Kujanga, Dist.: Jagatsinghpur-754141.
3. **Mr. Pramod Swain,** S/o.: Late Gopi Swain, At: Santara, P.O.: Mangarajpur, P.S.: Kujanga, Dist.: Jagatsinghpur-754141.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 56 of 2019** in the Court of Debts Recovery Tribunal at Cuttack for a recovery of **Rs.50,000.00** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **27th day of September 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **09th day of August 2019.**

**Sd/- Registrar**
**Debts Recovery Tribunal**

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଗଜରାଜପୁର ପଞ୍ଚାୟତରେ ଥିବା ଗୋପାଳଜୀଉ ଉ.ପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷକ ଉମାକାନ୍ତ ଆଚାର୍ଯ୍ୟଙ୍କୁ ନିଲମ୍ବନ କରିବା ପ୍ରତିବାଦରେ ଗୁରୁବାର ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷା କମିଟି ସଦସ୍ୟମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଦେବା ସହ ଟାୟାର ଜାଳି ଅବରୋଧ କରିଛନ୍ତି ।



## ପୋଲିସ ହେପାଜତରେ ଥିବା ବନ୍ଦୀ ହାତ କାଟି ଦେଲେ

ବରଗଡ଼ ଅଫିସ୍,୨୨।୮- କୋର୍ଟରେ ହାଜର ପାଇଁ ଅଣାଯାଇଥିବା ଜଣେ ବିଚାରାଧୀନ ବନ୍ଦୀ ଗୁରୁବାର ପୋଲିସ ହେପାଜତରେ ଥିବାବେଳେ ଧାରୁଆ ସାମଗ୍ରୀରେ ନିଜ ହାତ କାଟି ଦେଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଆହତ ବନ୍ଦୀ ହେଲେ ବରପାଲିର ନକୁଳ ମାଝି । ସେ ଜମୁର୍ଡ଼ା ଗୁଳିକାଣ୍ଡ, ବରପାଲିରେ ପିସ୍ତଲ ମୁନରେ ଜଣେ ସରପଞ୍ଚଙ୍କୁ ଧମକ ଦେବା ଘଟଣାରେ ଗିରଫ ହୋଇ ବରଗଡ଼ ସବଜେଲରେ ଥିଲେ ।

ପ୍ରକାଶ ଯେ, ଗୁରୁବାର ପୋଲିସ ସୁରକ୍ଷା ବଳୟରେ ନକୁଳଙ୍କ ସମେତ ଅନ୍ୟ କେତେକ ବନ୍ଦୀଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିବା ପାଇଁ ଅଣାଯାଇଥିଲା । ସମସ୍ତ ବନ୍ଦୀ ପୋଲିସ ହେପାଜତରେ ଥିବାବେଳେ ନକୁଳ କୌଣସି ଏକ ଧାରୁଆ ସାମଗ୍ରୀରେ ନିଜ ହାତ ଓ ଶରୀରର ଅନ୍ୟ କିଛି ଅଂଶକୁ କାଟି ହୋଇଥିଲେ। ଏହାପରେ ପୋଲିସ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛି । ପୋଲିସ ସୁରକ୍ଷା ବଳୟରେ ତାଙ୍କ ଚିକିତ୍ସା ଚାଲିଛି। ଏ ସମ୍ପର୍କରେ ବରଗଡ଼ ସବଜେଲ ସୁପରିଣ୍ଟେଣ୍ଡେଣ୍ଟ ନମିତା କୁଲୁଙ୍କୁ ପଚାରିବାରୁ କୋର୍ଟରେ ହାଜର କରିବାକୁ ନିଆଯାଇଥିବାବେଳେ ସେଠାରେ ନକୁଳ ହାତ କାଟି ଦେଇଥିଲେ । ବର୍ତ୍ତମାନ ସେ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଥିବା କହିଥିଲେ ।

ଉଲ୍ଲେଖନୀୟ, ଗତ ଜୁନ ୯ତାରିଖ ଜମୁର୍ଡ଼ା ଗ୍ରାମରେ ଏକ ଗୁଳିକାଣ୍ଡ ଘଟିଥିଲା ଏବଂ ଏଥିରେ ସମ୍ବଲପୁର ଜିଲା ଧମା ଥାନା ବରଗାଁ ଗ୍ରାମର ମୂଳ ବାସିନ୍ଦା ବସନ୍ତ ପ୍ରଧାନଙ୍କ ମୃତ୍ୟୁ ହୋଇଥିଲା । ପୋଲିସ ଏହି ଗୁଳିକାଣ୍ଡ ଘଟଣାରେ ୬ ଅଭିଯୁକ୍ତ ସାମିଲ ଥିବା ପୋଲିସ ତଦନ୍ତରେ ଜଣାପଡ଼ିଥିବା ବେଳେ ପୋଲିସ ୫ଜଣଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ନକୁଳ ଜଣେ ହୋଇଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଅମ୍ବାଭୋନା ଗ୍ରାମର ରାକେଶ ବେହେରା ଗୁଳି ଫୁଟାଇ ଆତ୍ମହତ୍ୟା କରିଥିବା ପୋଲିସ କହିଥିଲା । ସେହିପରି ନକୁଳ ଫେରାର ଥିବା ସମୟରେ ବରପାଲିରେ ମହଦା ସରପଞ୍ଚ ନାରାୟଣ ପ୍ରଧାନଙ୍କୁ ପିସ୍ତଲ ମୁନରେ ଧମକ ଦେଇ ଗତ ଜୁନ ୨୩ ତାରିଖରେ ଗିରଫ ହୋଇଥିଲେ । ଅନ୍ୟ ୪ ଅଭିଯୁକ୍ତଙ୍କୁ ପୋଲିସ ଜୁନ୍ ୨୯ତାରିଖରେ ଗିରଫ କରିଥିଲା । ସେହିଦିନଠାରୁ ନକୁଳ ଏବଂ ଅନ୍ୟ ଅଭିଯୁକ୍ତ ବରଗଡ଼ ସବଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି ।

# ଘଉଡ଼ାଇବା ବେଳେ ହାତୀ ଗୋଡ଼ାଇଲା: ଫରେଷ୍ଟର, ୨ କର୍ମଚାରୀ ଗୁରୁତର

**କଣିହାଁ/ବନ୍ତଲା/ପାଲଲହଡ଼ା/ଅନୁଗୋଳ, ୨୨।୮ (ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବନଖଣ୍ଡ ରେଙ୍ଗାଳି ଫରେଷ୍ଟ ସେକ୍ସନର ସୁଲେଇପାଳ ଗ୍ରାମ ନିକଟରେ ଗୁରୁବାର ହାତୀ ଘଉଡାଇବା ବେଳେ ଫରେଷ୍ଟର ଓ ୨ କର୍ମଚାରୀ ଗୁରୁତର ହୋଇଛନ୍ତି। ହଠାତ୍ ଏକ ଦନ୍ତାହାତୀ ବୁଲିପଡ଼ି ଗୋଡ଼ାଇବାରୁ ରେଙ୍ଗାଳି ଫରେଷ୍ଟର ପଦ୍ମଲୋଚନ ସ୍ୱାଇଁ, ହାତୀ ସ୍କ୍ୱାଡ୍‌ର ପ୍ରମୋଦ କୁମାର ବିଶି ଓ ଶରତ ଚନ୍ଦ୍ର ବିଶ୍ୱାଳ ଦୌଡ଼ିବା ବେଳେ ଟ୍ରେଞ୍ଚରେ ପଡ଼ିଯାଇଥିଲେ। ତେବେ ଦନ୍ତା ହାତୀର ଶୁଣ୍ଢ ଓ ଗୋଡ଼ ଫରେଷ୍ଟରଙ୍କ ଦେହରେ ବାଜିଥିବାରୁ ତାଙ୍କ ଅଣ୍ଟାରେ ଗୁରୁତର ଆଘାତ ଲାଗିଥିବା ଫରେଷ୍ଟର ସ୍ୱାଇଁ ପ୍ରକାଶ କରିଛନ୍ତି। ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।


ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଫରେଷ୍ଟର।

ଅନୁଗୋଳ ବନଖଣ୍ଡ ଭାରପ୍ରାପ୍ତ ଡିଏଫ୍‌ଓ, ପ୍ରଦୀପ କୁମାର ମହାପାତ୍ର କହିଛନ୍ତି, ସୁଲେଇପାଳ ଗ୍ରାମ ନିକଟକୁ ୧୭ଟି ହାତୀ ଆସିଥିଲେ। ଖବରପାଇ ଫରେଷ୍ଟର ସ୍ୱାଇଁଙ୍କ ସମେତ ହାତୀ ସ୍କ୍ୱାଡ୍‌ର ପ୍ରାୟ ୧୨ ସଦସ୍ୟ ସେଠାରେ ପହଞ୍ଚି ଘଉଡାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପଲ ମଧ୍ୟରୁ ଏକ ଦନ୍ତାହାତୀ ହଠାତ୍ ପଛକୁ ବୁଲି ଆକ୍ରମଣ କରିବାକୁ ଗୋଡ଼ାଇଥିଲା। ଜୀବନ ବଞ୍ଚାଇବାକୁ ଫରେଷ୍ଟରଙ୍କ ସହ ଅନ୍ୟମାନେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ହାତୀର ଶୁଣ୍ଢ ଓ ଗୋଡ଼ ବାଜିବାରୁ ଫରେଷ୍ଟର ସ୍ୱାଇଁଙ୍କ ସହ ସ୍କ୍ୱାଡ୍ କର୍ମଚାରୀ ଶରତ ବିଶ୍ୱାଳ ପଡ଼ିଯାଇଥିଲେ। ସ୍ୱାଇଁଙ୍କ ମୁହଁ ସହ ଅଣ୍ଟାରେ ଗୁରୁତର ଆଘାତ ଲାଗିଥିବା ବେଳେ ବିଶ୍ୱାଳଙ୍କ ହାତ ଓ ଗୋଡ଼ରେ ଆଘାତ ଲାଗିଛି। ଫରେଷ୍ଟର ସ୍ୱାଇଁ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡିଥିଲେ। ସ୍କ୍ୱାଡ୍ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ରାତି ପ୍ରାୟ ୧୦ଟାରେ ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ସେଠାରେ ଅଧିକ ଚିକିତ୍ସା କରାଯାଉଛି। ଡିଏଫ୍‌ଓ ମହାନ୍ତି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଗୁରୁତର ୩ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଛନ୍ତି। କଣିହାଁ ବନାଞ୍ଚଳ ଅଧିକାରୀ ପ୍ରତାପ ରାଉଳ କହିଛନ୍ତି, କଣ୍ଟାବୁଦାରେ ପଡ଼ିଯିବା ଯୋଗୁ କର୍ମଚାରୀମାନେ ଆହତ ହୋଇଛନ୍ତି। ସମସ୍ତଙ୍କ ଚିକିତ୍ସା ଜାରି ରହିଛି। ହାତୀ ପଲ ଯୋଗୁ ଯେପରି ଧନଜୀବନ ହାନି ନ ହୁଏ ତାହା ଉପରେ ନଜର ରଖାଯିବା ସହ ଅନ୍ୟ ଟିମ୍ ହାତୀ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିକିଟା ମାଟି**
**ଖରାକଲେ ଯାଏ ଫାଟିଫୁଟି**
**ବରଷାରେ ଚକଟା ଚକଟି ।**

ଚିକିଟା ମାଟି ଅତ୍ୟଧିକ ଖରାହେଲେ ଶୁଷ୍କ ହୋଇ ଫାଟିଯାଇଥାଏ । ସେହିପରି ବର୍ଷା ଅଧିକ ପରିମାଣରେ ହେଲେ ପାଣି ଲାଗି ଏହା ନରମ ବା କାଦୁଆ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚଷା ହୁଡ଼ିଲେ ବରଷେ**
**ମୂଲିଆ ହୁଡ଼ିଲେ ଦିବସେ ।**

ଚାଷବାସରେ ହେଳା କରିବା ଉଚିତ ହୋଇ ନ ଥାଏ। ଚାଷକାର୍ଯ୍ୟରେ ହେଳା କଲେ ଚାଷୀଟିକୁ ପୁନଶ୍ଚ ଚାଷକାର୍ଯ୍ୟ କରିବା ପାଇଁ ପୂରା ବର୍ଷଟିଏ ଅପେକ୍ଷା କରିବାକୁ ପଡ଼ିଥାଏ । ମୂଲିଆ କାମ କରି ମିଳୁଥିବା ପାରିଶ୍ରମିକରେ ନିଜର ଗୁଜୁରାଣ ମେଣ୍ଟାଇଥାଏ। କୌଣସି କାରଣବଶତଃ କାମକୁ ଯାଇ ନ ପାରିଲେ କାମ କରି ପେଟପୋଷିବାକୁ ତାକୁ ତା'ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

■ଠିକ୍ ସମୟରେ ବିଶ୍ୱବିଦ୍ୟାଳୟରେ ପରୀକ୍ଷା କରିବା ଉପରେ ଗୁରୁତ୍ୱ

## ଆସନ୍ତା ୨୮ରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭୁବନେଶ୍ୱର,୨୨।୮(ବ୍ୟୁରୋ):**

ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟରେ ପରୀକ୍ଷା ବ୍ୟବସ୍ଥାକୁ ଠିକ୍ ଢଙ୍ଗରେ ପରିଚାଳନା କରିବା ଉପରେ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱଦେବା ଆରମ୍ଭ କରିଦେଇଛି। ଏନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ସବୁ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ପରୀକ୍ଷା ନିୟନ୍ତ୍ରକ ଏବଂ ବିତ୍ତ ନିୟନ୍ତ୍ରକ ଅଧିକାରୀମାନଙ୍କ ବୈଠକ ଡକାଇଛନ୍ତି। ଆସନ୍ତା ୨୮ତାରିଖରେ ଏହା ଉପରେ ଏକ ବୈଠକ ପାଠ୍ୟ ପୁସ୍ତକ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ଶିକ୍ଷା ବର୍ଷଗୁଡିକରେ ପିଲାମାନଙ୍କ ପରୀକ୍ଷାକୁ ନେଇ ସରକାର ସମାଲୋଚନାର ଶିକାର ହେଉଛନ୍ତି। ତେଣୁ ଆସନ୍ତା ଶିକ୍ଷା ବର୍ଷରୁ ଯେପରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରୀକ୍ଷା ହେବା ସହିତ ଫଳାଫଳ ମଧ୍ୟ ଠିକ୍ ସମୟରେ ବାହାରିପାରିବ ତା' ଉପରେ ଆଲୋଚନା କରାଯିବ। ଏଥିରେ ରହିଯାଉଥିବା ଅସଙ୍ଗତି ଦୂର କରିବା ଉପରେ ମଧ୍ୟ ମତାମତ ଲୋଡାଯିବ। ବିଭିନ୍ନ ସମୟରେ ପରୀକ୍ଷା ଫଳ ବାହାରିବାରେ ବିଳମ୍ବ ହେଉଥିବା କାରଣରୁ ବହୁ ଯୋଗ୍ୟ ଛାତ୍ରୀଛାତ୍ର ଭଲ ବିଶ୍ୱବିଦ୍ୟାଳୟରେ ପାଠ ପଢିବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏହିସବୁ ସମସ୍ୟାରେ ସୁଧାର ଆଣିବା ଲାଗି ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱ ଦେବା ଆରମ୍ଭ କରିଛି। ଏଥିପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଉପରେ ସରକାର ନିଷ୍ପତ୍ତି ନେବାକୁ ଯାଉଥିବା ସୂଚନା ମିଳିଛି। ଏହାସହ ବିଶ୍ୱବିଦ୍ୟାଳୟଗୁଡିକର ପ୍ରଶାସନିକ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ଉପରେ ମଧ୍ୟ ଆଲୋଚନା କରିବା ପାଇଁ ମନ୍ତ୍ରୀ ସାହୁ ଚିଠି ଲେଖି ସବୁ ବିଶ୍ୱବିଦ୍ୟାଳୟକୁ ଅବଗତ କରାଇଛନ୍ତି।

## ଜଳସେଚନ ଡିଭିଜନ ବୁଲି ସମସ୍ୟା ଦେଖିଲେ ମନ୍ତ୍ରୀ

**ଭୁବନେଶ୍ୱର,୨୨।୮(ବ୍ୟୁରୋ):**

ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ଖୋର୍ଦ୍ଧା କ୍ଷୁଦ୍ର ଜଳସେଚନ ଡିଭିଜନ ଅନ୍ତର୍ଗତ ଝୁମୁକା, ଡେରାସ ଓ ଜଟଣୀ ଏମ୍.ଆଇ. ଡିଭିଜନ ଅନ୍ତର୍ଗତ କଜଳଗଣ୍ଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍‌ଆଇପି) ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଦାସ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିବା ଅବସରରେ ଏହି ଜଳସେଚନ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ, ଜଳଧାରଣ କ୍ଷମତା ବୃଦ୍ଧି ଓ ଜଳସେଚନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ୀକରଣ କରିବା ଉପରେ ଗୁରୁତ୍ୱ ଦେଇ ବିଭାଗୀୟ ଯନ୍ତ୍ରୀମାନଙ୍କୁ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

■ଦଣ୍ଡୁଆ ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାଶ

## କାର୍ପଟଦାର ବାପପୁଅ ଗିରଫ

**ନୟାଗଡ଼ ଅଫିସ,୨୨।୮:**

ନୟାଗଡ଼ ଜିଲା ପୋଲିସ ଦୀର୍ଘବର୍ଷ ହେଲା ଜିଲାରେ କୋକୁଆ ଭୟ ସୃଷ୍ଟି କରିଥିବା ଦଣ୍ଡୁଆ ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଏହି ଗ୍ୟାଙ୍ଗର ମୁଖ୍ୟ କାର୍ପଟଦାର ବାପପୁଅଙ୍କୁ ପୋଲିସ ଗିରଫ କରିଥିବାବେଳେ ୬ ସହଯୋଗୀ ଫେରାର ହୋଇଯାଇଛନ୍ତି। ଗିରଫ ଦ୍ୱୟ ହେଲେ ଇଟାମାଟି ଥାନା ଲାଠିପଡ଼ା ଗ୍ରାମ କାଦୁଆସାହିର ବଂଶୀଧର ଓରଫ କସ୍ତୁରୀ ମହାରଣା (୫୮) ଓ ତାଙ୍କ ପୁଅ ଦୀନବନ୍ଧୁ ମହାରଣା ଓରଫ ଦଣ୍ଡୁଆ (୩୪)। ଏମାନେ ନିଜ ଗ୍ୟାଙ୍ଗକୁ ଦଣ୍ଡୁଆ ଗ୍ରୁପ ନାମରେ ନାମିତ କରିଥିଲେ। ଗୁରୁବାର ଜିଲା ପୋଲିସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ ଏହି ସୂଚନା ଦେଇଛନ୍ତି।

ଗତ ୧୯ ତାରିଖରେ ରଣପୁର ଥାନା କାଲିମେଳା ଛକଠାରେ ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଦଣ୍ଡୁଆ ଗ୍ରୁପ ସଦସ୍ୟମାନେ ୮୯ ହଜାର ୪୬୦ ଟଙ୍କା ଓ ବାଇକ୍ ଛଡ଼ାଇ ନେଇଥିଲେ। ଏ ନେଇ ରଣପୁର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ପୋଲିସ ଏହି ଗ୍ୟାଙ୍ଗ ଜିଲାର ବିଭିନ୍ନ ଅଞ୍ଚଳରେ ଲୁଟ୍ କରୁଥିବା ଜାଣିବାକୁ ପାଇଥିଲା। ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବାପପୁଅଙ୍କୁ ଗିରଫ କରିବା ସହ ବହୁ ମୂଲ୍ୟବାନ ସାମଗ୍ରୀ ଜବତ କରିଥିଲା। ପୋଲିସ ଏମାନଙ୍କଠାରୁ ଗୋଟିଏ ପିସ୍ତଲ, ୪ ଜୀବନ୍ତ ବୋମା, ୨ କାର୍, ଗୋଟିଏ ଆଟୋ, ୪ ବାଇକ୍, ୧୦ ମୋବାଇଲ, ଏଲ୍‌ଇଡ଼ି ଟିଭି, କିଛି ସୁନା ଜିନିଷ, ୨ ଛୁରି, କଟର ଓ ଡ୍ରିଲିଂ ମେଶିନ ଜବତ କରିଥିଲା। ଜିଲାର ୫ ଥାନାରେ ଦଣ୍ଡୁଆ ଓ ତାଙ୍କ ଗ୍ରୁପ ନାମରେ ୨୨ ମାମଲା ରହିଛି।

ଓଡ଼ିଶା ସୀମାନ୍ତରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ନିଜେ ଚା' ପ୍ରସ୍ତୁତ କରି ପିଆଇଲେ

**ଭୋଗରାଇ, ୨୨।୮(ଡି.ଏନ.ଏ.)**

ଓଡ଼ିଶା ସୀମାନ୍ତ ଦୀଘା ସୈକତ ସହରକୁ ୪ ଦିନିଆ ଗସ୍ତରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆସି ଗୁରୁବାର ଫେରିଯାଇଛନ୍ତି। ସେ ଦୀଘାରେ ୪ଦିନ ରହଣି କାଳରେ ୭୪ ଶିଳାନ୍ୟାସ ଓ ୪୭ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ସେଥିମଧ୍ୟରୁ ଓଡ଼ିଶା ସୀମାନ୍ତ ୫ଶହ ମିଟର ବ୍ୟବଧାନରେ ୭୦କୋଟି ୬୩ଲକ୍ଷ ଟଙ୍କା ବ୍ୟୟରେ ଆନ୍ତର୍ଜାତିକ କନଭେନସନ ସେଣ୍ଟର ଉଦ୍‌ଘାଟନ କରିବା ସହିତ ବୁଧବାର ଓଲ୍ଡ ଦୀଘାରେ ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ସୀମାନ୍ତ ଉଦୟପୁରସ୍ଥିତ ପଶ୍ଚିମବଙ୍ଗ ଅଧୀନ ବିଓପୁର ଗାଁକୁ ଆକସ୍ମିକ ଭାବେ ପରିଦର୍ଶନ କରି ଏହି ଗାଁର ଆଦିବାସୀ ପରିବାରଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ସେହି ଗାଁରେ ରହି ପିଲାମାନଙ୍କୁ ବସ୍ତ୍ର ବଣ୍ଟନ କରିବା ସହିତ ଛୋଟ ପିଲାଙ୍କୁ ଧରି ସ୍ନେହ କରିବା ସହ ଚକୋଲେଟ୍ ବାଣ୍ଟିଥିଲେ। ମମତା ସୀମାନ୍ତ ଗାଁକୁ ଯାଉଥିବାବେଳେ ହଠାତ୍ ଗାଡ଼ି ଅଟକାଇ ରାସ୍ତାରେ ଓହ୍ଲାଇ ଏକ ଚା' ଦୋକାନ ବେଞ୍ଚରେ ବସି ପଡ଼ିଥିଲେ। ସେଠାରେ ଚା' ବିକାଳିଙ୍କୁ ଉଠାଇ ସେ ନିଜେ ଚା' ପ୍ରସ୍ତୁତ କରିଥିଲେ। ମୁଖ୍ୟମନ୍ତ୍ରୀ ଦୋକାନରେ ଚା' ପ୍ରସ୍ତୁତ କରି ନିଜେ ପିଇବା ସହିତ ତାଙ୍କ ସହିତ ଆଗତ ସମସ୍ତ ଭିଆଇପିମାନଙ୍କୁ ଚା' ପିଆଇଥିଲେ। ଏହି ଚା'ପାନ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ପୂର୍ବରୁ ଚା' ଦୋକାନରେ ବସୁଥିଲି। ସେଠାରେ ସମସ୍ତ କଥା ଶୁଣୁଥିଲି ଓ ବହୁ କଥା ଜାଣୁଥିଲି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଅଭିନବ କାର୍ଯ୍ୟକୁ ସୀମାନ୍ତବାସୀ ପ୍ରଶଂସା କରିଛନ୍ତି।


ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଚା' ପ୍ରସ୍ତୁତ କରୁଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡ଼ା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା
୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ, ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି ।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

See Color Display Classified on every Tuesday & Friday

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍‌ୟୁମାଟଏଡ୍ ଆର୍ଥାଇଟିସ୍, ଓଷ୍ଟିଓ ଆର୍ଥାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ - ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୂପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ!!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରିମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାଡଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗାଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

BUSINESS

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା
ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କେରଳର ୱାୟନାଡ଼ ଲୋକ ସଭା ଆସନରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଏନ୍‌ଡିଏ ପ୍ରାର୍ଥୀ ହୋଇଥିବା ଥୁସାରା ଭେଲାପାଲି ୟୁଏଇରେ ଗିରଫ ହୋଇଛନ୍ତି। ଗତ ମଙ୍ଗଳବାର ଆଜମନ୍‌ରୁ ତାଙ୍କୁ ଏକ ଠକେଇ ମାମଲାରେ ଗିରଫ କରାଯାଇଥିବା ଜଣାପଡ଼ିଛି। ଏନେଇ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟର ସହଯୋଗ ଲୋଡ଼ିଛନ୍ତି। ଭେଲାପାଲି ସେଠାରେ ୧୦ ବର୍ଷ ପୂର୍ବରୁ ଏକ କମ୍ପାନୀ ଖୋଲିଥିଲେ। ଏହା କ୍ଷତିରେ ଚାଲିବାରୁ ଠିକାଦାରମାନେ ଟଙ୍କା ଦାବି କରିଥିଲେ।



## ସଂକ୍ଷେପରେ

### ୨୬ରୁ ଯୁକ୍ତ ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ

**ଭୁବନେଶ୍ୱର,୨୨।୮(ବ୍ୟୁରୋ):** ଯୁକ୍ତ ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଲାଗି ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯୁକ୍ତ ୩ ଡିଗ୍ରୀ କଲେଜ ସହ ସ୍ୱୟଂଶାସିତ ମହାବିଦ୍ୟାଳୟ, ସେଲ୍ଫ ଫାଇନାନ୍ସିଂ ଓ ସଂସ୍କୃତ କଲେଜରେ ଖାଲି ପଡ଼ିଥିବା ସିଟ୍ ପୂରଣ କରିବାକୁ ଆସନ୍ତା ୨୬ ତାରିଖରୁ ନାମଲେଖା ଆରମ୍ଭ ହେବ। ଉକ୍ତଦିନଠାରୁ ଉଚ୍ଚଶିକ୍ଷା ବିଭାଗ ୱେବ୍‌ସାଇଟରେ କମନ୍ ଆପ୍ଲିକେଶନ ଫର୍ମ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ୩୧ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ କରିପାରିବେ। ଛାତ୍ରୀଛାତ୍ରଙ୍କ ମେରିଟ୍ ଲିଷ୍ଟ ସେପ୍ଟେମ୍ବର ୧୦ରେ ପ୍ରକାଶ ପାଇବାକୁ ଥିବାବେଳେ ୧୦ରୁ ୧୨ ତାରିଖ ମଧ୍ୟରେ ନାମଲେଖା ଅନୁଷ୍ଠିତ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ କେଉଁ କଲେଜରେ ସିଟ୍ ଖାଲି ରହିଛି ସେ ସମ୍ପର୍କରେ ପ୍ରଥମେ ଛାତ୍ରୀଛାତ୍ର ଜାଣିବା ପରେ ଆବେଦନ କରିବାକୁ କୁହାଯାଇଛି। ଆବେଦନକାରୀ କେବଳ ଅନ୍‌ଲାଇନରେ ନାମଲେଖା ଫି' ପୈଠ କରିପାରିବେ। ଅଫ୍‌ଲାଇନରେ କୌଣସି ପ୍ରକାର ଫି' ଗ୍ରହଣ କରାଯିବ ନାହିଁ। ସାଧାରଣ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ୨୭୫ ଟଙ୍କା ଫି' ରହିଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ୧୭୫ ଟଙ୍କା ରହିଛି। ଦିବ୍ୟାଙ୍ଗ ଓ ତୃତୀୟ ଲିଙ୍ଗ ଛାତ୍ରୀଛାତ୍ରଙ୍କୁ କୌଣସି ଦେୟଦେବାକୁ ପଡ଼ିବ ନାହିଁ। ସାମ୍‌ସ ୱେବ୍‌ସାଇଟ୍ ଏବଂ ଆପ୍ଲିକେଶନରେ ମେଧା ତାଲିକା ପ୍ରକାଶ କରାଯିବ।

### ଆଜିଠାରୁ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଗଣନା

**ରାଜନଗର,୨୨।୮(ଡି.ଏନ.ଏ.):** କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ଏବେ ଦେଶୀୟ ପକ୍ଷୀଙ୍କ କଳରବରେ ମୁଖରିତ ହୋଇଉଠିଛି। ପକ୍ଷୀବିହାର ରୂପେ ପରିଚିତ ବଗଗହନ ପରିବର୍ତ୍ତେ ଚଳିତବର୍ଷ ମଠଆଡିଆରେ ଦେଶୀୟ ପକ୍ଷୀମାନେ ଭିଡ ଜମାଇଛନ୍ତି। ଶୁକ୍ରବାର ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଦେଶୀୟ ପକ୍ଷୀଙ୍କ ଗଣନା ଆରମ୍ଭ ହେବ। ଭିତରକନିକାର ମଠଆଡିଆ ଓ ବଗଗହନରେ ପକ୍ଷୀ ଗଣନା କରାଯିବ। ଏଥିପାଇଁ କନିକା ରେଞ୍ଜ ଅଫିସର ସୁବ୍ରତ କୁମାର ପାତ୍ର ଓ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମ୍‌ରେ ୫ଜଣ ଲେଖାଏଁ ବନ କର୍ମଚାରୀ ରହିଛନ୍ତି। ପକ୍ଷୀ ଗବେଷକ କଳ୍ପତରୁ ଜେନା ଏହି ଗଣନା ଅନୁଧ୍ୟାନ କରିବାକୁ ଡାଙ୍ଗମାଳ ଠାରେ ପହଞ୍ଚିଛନ୍ତି। କେତେ ପ୍ରକାରର ଦେଶୀୟ ପକ୍ଷୀ ଭିତରକନିକାକୁ ଆସିଛନ୍ତି ତାର ଗଣନା କରାଯିବ। ଚଳିତବର୍ଷ ପୂର୍ବବର୍ଷଗୁଡିକ ତୁଳନାରେ କମ ପକ୍ଷୀ ଭିତରକନିକା ଆସିଥିବା କୁହାଯାଉଛି। ସୂଚନାଯୋଗ୍ୟ, ଗତ ୩୦ ବର୍ଷ ହେଲା ଭିତରକନିକାର ବଗଗହନରେ ଦେଶୀୟ ପକ୍ଷୀଙ୍କ ସମାଗମ ହେଉଥିଲା । ସେଥିପାଇଁ ବଗଗହନରେ ପକ୍ଷୀଙ୍କୁ ଦେଖିବା ପାଇଁ ୱାଚ୍‌ଟାୱାର ନିର୍ମାଣ କରାଯାଇଛି। ମାତ୍ର ଗତ ଦୁଇ ତିନି ବର୍ଷ ହେଲା ବଗଗହନ ଠାରୁ ଅଢେଇ କି.ମି. ଦୂର ମଠଆଡିଆରେ ଅଧିକ ସଂଖ୍ୟକ ଦେଶୀୟ ପକ୍ଷୀ ଭିଡ ଜମାଉଛନ୍ତି।

### ବଜ୍ରପାତରେ ୨ ଚାଷୀ ମୃତ, ଜଣେ ଗୁରୁତର

**ରାଜକନିକା, ୨୨।୮ (ଡି.ଏନ୍.ଏ.):** ବଜ୍ରପାତରେ କେନ୍ଦ୍ରାପଡ଼ା ଜିଲାର ୨ ଚାଷୀଙ୍କ ଗୁରୁବାର ମୃତ୍ୟୁ ଘଟିଛି। ଏଥିସହ ଜଣେ ଗୁରୁତର ହେଇଛନ୍ତି। ମୃତକମାନେ ହେଲେ ରାଜକନିକା ଥାନା ଚରପଡ଼ାର ଜଗନ୍ନାଥ ଦାସ (୩୨) ଓ ରାଜନଗର ବ୍ଲକ ରାଜପୁର ଗ୍ରାମର ପ୍ରହଲ୍ଲାଦ ମଲ୍ଲିକ(୬୦)। ଗୁରୁତର ଜଣକ ହେଲେ ରାଜପୁର ଗ୍ରାମର ଅନନ୍ତ ଚରଣ ଦାସ (୩୨)। ପ୍ରକାଶ ଯେ, ଜଗନ୍ନାଥ ବିଲରେ ଚାଷ କାର୍ଯ୍ୟ କରୁଥିବା ସମୟରେ ବର୍ଷା ସହ ବଜ୍ରପାତ ହୋଇଥିଲା। ସେ ବିଲରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ପ୍ରହଲ୍ଲାଦ ଓ ଅନନ୍ତ ଧାନ ରୋଉଥିବା ବେଳେ ବଜ୍ରପାତ ହେବା ଯୋଗୁ ସେମାନେ ବିଲରେ ପଡ଼ିଯାଇଥିଲେ। ପାଖ ବିଲରେ କାମ କରୁଥିବା ଚାଷୀମାନେ ଉଭୟଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରହଲ୍ଲାଦଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରାଥମିକ ଚିକିତ୍ସା ପରେ ଅନନ୍ତଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନାଯୋଗ୍ୟ, ବୁଧବାର ବଜ୍ରପାତ ଘଟି ୫ ଚାଷୀଙ୍କର ମୃତ୍ୟୁ ଘଟିଥିଲା।

---

■ ୨୦୧୮-୧୯ ଆର୍ଥିକ ବର୍ଷ

# ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୪୨୭ କୋଟି ସେସ୍ ସଂଗୃହୀତ

**ଏଯାବତ୍ ଆଦାୟ ହୋଇଛି ୧୯୨୦ କୋଟି ଟଙ୍କା**

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷରେ ୪୨୭ କୋଟି ଟଙ୍କାର ସେସ୍ ସଂଗୃହୀତ କରାଯାଇଛି, ଯାହାକି ବିଗତ ବର୍ଷଗୁଡ଼ିକ ତୁଳନାରେ ସର୍ବାଧିକ। କଲ୍ୟାଣ ବୋର୍ଡର ଅଦ୍ୟାବଧି ମୋଟ ୧୯୨୦ କୋଟି ଟଙ୍କା ସେସ୍ ସଂଗୃହୀତ ହୋଇଛି । ସେହିପରି ଏ ପର୍ଯ୍ୟନ୍ତ ୧୪୦୮ କୋଟି ଟଙ୍କା ୧୨ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ବିଭିନ୍ନ କଲ୍ୟାଣମୁଖୀ ଯୋଜନାରେ ପ୍ରଦାନ କରାଯାଇଥିବା ଜଣାପଡିଛି। ଅନୁରୂପ ଭାବେ ଚଳିତ ବର୍ଷ ସେସ୍ ଆଦାୟକୁ ବିଭାଗ ତରଫରୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଶ୍ରମ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ନେଇ କରିଥିବା ଏକ ସମୀକ୍ଷା ବୈଠକରୁ ଏହା ଜଣାପଡିଛି।

ନିର୍ମାଣ ଶ୍ରମିକ ପଞ୍ଜୀକରଣ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ କାର୍ଯ୍ୟସ୍ଥଳରେ ଶ୍ରମିକମାନଙ୍କ ନିକଟରେ ପହଞ୍ଚି ପଞ୍ଜୀକରଣ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି । ଖିଲାପି ସଂସ୍ଥା ଓ ବ୍ୟକ୍ତିବିଶେଷ ସେମାନଙ୍କ ଦେୟ ଠିକଣା ସମୟରେ ପ୍ରଦାନ କରିବାକୁ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଓଡ଼ିଶାର ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଅଧୀନରେ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ସ୍ଥାପନ କରାଯାଇ ଏକ ରାଜ୍ୟସ୍ତରୀୟ କଲ୍ୟାଣ ପାଣ୍ଠି ଗଠନ କରାଯାଇଛି।

କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସେସ୍ ଆଇନ ଅନୁଯାୟୀ ରାଜ୍ୟ ସରକାର ୨୦୦୮ ଡିସେମ୍ବରରେ ବିଜ୍ଞପ୍ତି ଜାରି କରିଥିଲେ। ତଦନୁଯାୟୀ ରାଜ୍ୟର ପ୍ରତ୍ୟେକ ନିର୍ମାଣ ସଂସ୍ଥାଠାରୁ ନିର୍ମାଣ ପ୍ରକଳ୍ପର ମୋଟ ଖର୍ଚ୍ଚ (ଜମିର ମୂଲ୍ୟ ଓ କର୍ମଚାରୀ କ୍ଷତିପୂରଣ ଆଇନରେ ମିଳୁଥିବା କ୍ଷତିପୂରଣ ବ୍ୟତୀତ)ର ଏକ ପ୍ରତିଶତ ସେସ୍ ବାବଦ ଦେୟ ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପାଣ୍ଠିରେ ପଇଠ କରିବା ଜରୁରୀ। ମାତ୍ର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗତ ବାସଗୃହ ନିର୍ମାଣ କ୍ଷେତ୍ରରେ ଏହି ଏକ ପ୍ରତିଶତ ସେସ୍ ଆଦାୟକୁ ବାଦ ଦିଆଯାଇଛି। କଲ୍ୟାଣ ବୋର୍ଡ ତରଫରୁ ପଞ୍ଜୀକୃତ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ ନିମନ୍ତେ ଏହି ପାଣ୍ଠିରୁ ଅର୍ଥ ବ୍ୟବସ୍ଥା କରାଯାଉଛି। ଶ୍ରମ ବିଭାଗରେ ପ୍ରଯୁକ୍ତି ବିଦ୍ୟା ଉପଯୋଗ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଏପରିକି ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ବର୍ତ୍ତମାନ ମାଲିକ କର୍ତ୍ତୃପକ୍ଷଙ୍କଠାରୁ ସିଧାସଳଖ ସେସ୍ ପାଇବା ନିମନ୍ତେ ଷ୍ଟେଟ୍ ବ୍ୟାଙ୍କର ଏସ୍‌ବି କଲେକ୍ଟକୁ ଉପଯୋଗ କରାଯାଇଛି।

# ଆଇଆର୍‌ସିଟିସି ଆଣିବ ଆଇପିଓ

■ ବିକ୍ରି ହେବ ୧୨% ଅଂଶଧନ

**ନୂଆଦିଲ୍ଲୀ,୨୨।୮**




ରେଳୱେର ପର୍ଯ୍ୟଟନ ଏବଂ ଖାଦ୍ୟ ବ୍ୟବସ୍ଥା ତଦାରଖ କରୁଥିବା ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟ୍ୟୁରିଜମ୍ କର୍ପୋରେଶନ (ଆଇଆର୍‌ସିଟିସି) ଖୁବଶୀଘ୍ର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଆଣିବାକୁ ଯାଉଛି। ଏଥିଲାଗି ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ନିକଟରେ ଏହା ଆବଶ୍ୟକୀୟ ଦସ୍ତାବିଜ ଜମା କରାଯାଇଛି। ସରକାର ଆଇଆର୍‌ସିଟିସିର ୧୨% ଅଂଶଧନ ବିକ୍ରି କରିବାକୁ ଯାଉଛନ୍ତି। ବଜାର ସୂତ୍ର ଅନୁଯାୟୀ ଆଇଆର୍‌ସିଟିସି ପକ୍ଷରୁ ପ୍ରାୟ ୫୦୦ରୁ ୬୦୦ କୋଟି ଟଙ୍କାର ଆଇପିଓ ଆସିବାକୁ ଯାଉଛି। ଆଇଡିବିଆଇ କ୍ୟାପିଟାଲ ମାର୍କେଟ୍ସ ଆଣ୍ଡ ସିକ୍ୟୁରିଟିଜ, ଏସ୍‌ବିଆଇ କ୍ୟାପିଟାଲ ମାର୍କେଟ୍ସ ଏବଂ ୟେସ୍ ସିକ୍ୟୁରିଟିଜ ଇଣ୍ଡିଆ ଏହି ଆଇପିଓକୁ ପରିଚାଳନା କରିବ। ଆଇପିଓ ଆସିବା ପରେ ଆଇଆର୍‌ସିଟିସିକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ରେ ତାଲିକାଭୁକ୍ତ କରାଯିବ।

# ଓଲଟିଲା ସ୍କୁଲ ଭ୍ୟାନ୍

■ ୫ ଛାତ୍ରୀଛାତ୍ର ଆହତ, ଶିକ୍ଷୟିତ୍ରୀ ଗୁରୁତର



ଓଲଟି ପଡିଥିବା ସ୍କୁଲଭ୍ୟାନ୍।

**ବଲାଙ୍ଗୀର ଅଫିସ, ୨୨।୮**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଫାସଡସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଏକ ବସ୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ୫ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ନିକିତା ପଧାନ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁବାର ସ୍କୁଲ ଛୁଟି ପରେ ଏହି ଭ୍ୟାନ୍‌ଟି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଗାଁରେ ଛାଡି ଦୁର୍ଗାପାଲି ଅଭିମୁଖେ ଯାଉଥିଲା । ବାଟରେ ରାସ୍ତା ଉପରେ ଥିବା ଗୋରୁଙ୍କୁ ବଞ୍ଚାଇବାକୁ ଯାଇ ଡ୍ରାଇଭର ଭାରସାମ୍ୟ ହରାଇବାରେ ଭ୍ୟାନ୍ ରାସ୍ତାକଡକୁ ଓଲଟି ପଡିଥିଲା । ଏହି ସମୟରେ ଭ୍ୟାନ୍‌ରେ ୧୨ଜଣ ଛାତ୍ରୀଛାତ୍ର ବସିଥିଲେ । ବର୍ଷାଦିନରେ ରାସ୍ତାକଡ ଚାଷ ଜମିରେ କାଦୁଅ ଥିବାରୁ ଭ୍ୟାନ୍‌ଟି ଓଲଟି ପଡିଥିଲେ ବି ବଡ ଦୁର୍ଘଟଣାରୁ ଛାତ୍ରୀଛାତ୍ରମାନେ ବର୍ତ୍ତିଯାଇଥିଲେ।

# ରାଜ୍ୟରେ ମାଓବାଦୀ ହିଂସା କମିଛି: ଅସିତ୍

■ ୨୬ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ
■ ଯୋଗ ଦେବେ ୧୦ ରାଜ୍ୟର ମୁଖ୍ୟମନ୍ତ୍ରୀ
■ ଅଧିକ ମୋବାଇଲ ଟାୱାର, ବ୍ୟାଙ୍କିଙ୍ଗ୍ ସେବା ଦାବି କରିବ ରାଜ୍ୟ

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ରାଜ୍ୟରେ ମାଓବାଦୀଙ୍କ ଦ୍ୱାରା ଘଟୁଥିବା ହିଂସା ବହୁ ପରିମାଣରେ ହ୍ରାସ ପାଇଛି। ଏକଦା ୧୫ଟିଜିଲା ମାଓବାଦ କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ ରହିଥିଲା, ଏବେ ତାହା ୫କୁ ହ୍ରାସ ପାଇଛି। ଏହି ୫ଟି ଜିଲାରେ କିପରି କଠୋରପନ୍ଥୀ ଲାଲ ବାହିନୀଙ୍କ ପ୍ରାଦୁର୍ଭାବ ହ୍ରାସ ପାଇବ, ସେଥିପ୍ରତି ଦୃଷ୍ଟି ଦିଆଯିବ। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ବସିଥିବା ବୈଠକରେ ଏ ନେଇ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି। ଆସନ୍ତା ୨୬ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ନକ୍ସଲ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କମାନଙ୍କ ବୈଠକ ଡକାଇଛନ୍ତି। ଏହା ପୂର୍ବରୁ ରାଜ୍ୟ ସ୍ତରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକ ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ମାଲକାନଗିରି ଜିଲାରେ ବିଗତ ଦିନରେ ଗୁରୁପ୍ରିୟା ସେତୁର ଉଦ୍‌ଘାଟନ କରାଯାଇଥିଲା। ଏହା ଦ୍ୱାରା ବିଚ୍ଛିନ୍ନାଞ୍ଚଳରେ ଯାତାୟାତ ସମ୍ଭବ ହୋଇପାରିଛି। ସ୍ଥାନୀୟ ଲୋକମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି, ଏହି ମଡେଲକୁ କଳାହାଣ୍ଡି, ରାୟଗଡା, କନ୍ଧମାଳ ଏବଂ ଦକ୍ଷିଣ ଓଡ଼ିଶାରେ ପ୍ରୟୋଗ କରାଯିବ। ରାଜ୍ୟ ପକ୍ଷରୁ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଅଧିକ ମୋବାଇଲ ଟାୱାର ସ୍ଥାପନ ଏବଂ ବ୍ୟାଙ୍କିଙ୍ଗ୍ ସେବା ପ୍ରଚଳନ କରିବା ପାଇଁ କେନ୍ଦ୍ରକୁ ଅନୁରୋଧ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଯୋଗ ଦେବେ। ରାଜ୍ୟ ପକ୍ଷରୁ ହୋଇଥିବା ବୈଠକରେ ଗୃହ ସଚିବ ସଞ୍ଜୀବ ଚୋପ୍ରା ଏବଂ ପୋଲିସ ମହାନିର୍ଦ୍ଦେଶକ ବି.କେ. ଶର୍ମା ପ୍ରମୁଖ ଉପସ୍ଥିତ ରହିଥିଲେ। ପୋଲିସ ମହାନିର୍ଦ୍ଦେଶକ ବି.କେ. ଶର୍ମା କହିଛନ୍ତି ଯେ, ରାଜ୍ୟ ସରକାର ସଫଳ ଭାବେ ମାଓବାଦ ସମସ୍ୟାର ସମାଧାନ କରୁଛନ୍ତି। କେନ୍ଦ୍ର ପକ୍ଷରୁ ଜାରି କରାଯାଉଥିବା ସର୍କୁଲାର ଆଧାରରେ ବୈଠକ କରାଯାଇଛି। ଏଥିପାଇଁ କେନ୍ଦ୍ର ପକ୍ଷରୁ ଯେଉଁସବୁ ସହାୟତା ଆବଶ୍ୟକତା ରହିଛି, ସେନେଇ ଜଣାଯିବ ବୋଲି ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି। ୨୬ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶା ସମେତ ଛତିଶଗଡ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ବିହାର, ଛତିଶଗଡ, ଝାଡଖଣ୍ଡ, ପଶ୍ଚିମ ବଙ୍ଗ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି।

# ସାମଗ୍ରୀ ଦର ବଢ଼ାଇବ ବ୍ରିଟାନିଆ

**କୋଲକାତା,୨୨।୮:** ଏଫ୍‌ଏମ୍‌ସିଜି କମ୍ପାନୀ ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ ବିକ୍ରି ହ୍ରାସ ପାଉଥିବାରୁ ଅଧିକ କ୍ଷତିରୁ ମୁକ୍ତି ପାଇବା ଲାଗି ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରୁ ନିଜର ସମସ୍ତ ଉତ୍ପାଦର ଦର ବଢ଼ାଇବ ବୋଲି ଘୋଷଣା କରିଛି। କମ୍ପାନୀ ମୁଖ୍ୟ(ବିପଣନ) ବିନୟ ସୁବ୍ରମଣ୍ୟମ ଗୁରୁବାର କହିଛନ୍ତି ଯେ, ଗତ ୫-୬ ମାସ ହେବ କମ୍ପାନୀ ଉତ୍ପାଦଗୁଡ଼ିକର ବିକ୍ରି ହ୍ରାସ ପାଇଚାଲିଛି। ଆସନ୍ତାବର୍ଷ ଜାନୁୟାରୀ ପର୍ଯ୍ୟନ୍ତ ଏହି ସ୍ଥିତିରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଏହି କାରଣରୁ ତୃତୀୟ ତ୍ରୈମାସରୁ ଉତ୍ପାଦର ମୂଲ୍ୟ ବଢ଼ାଯିବ। ମୂଲ୍ୟ ଦୃଷ୍ଟିରୁ ଦେଖିଲେ କମ୍ପାନୀ ଉତ୍ପାଦ ବିକ୍ରି ପ୍ରାୟ ଅଧା ହୋଇଗଲାଣି। କମ୍ପାନୀ ସମ୍ପୂର୍ଣ୍ଣ ସ୍ଥିତି ଉପରେ ନଜର ରଖିଛି। ଦର ବଢ଼ାଇବା ସହିତ କମ୍ପାନୀ ଖର୍ଚ୍ଚ କାଟ ପ୍ରତି ଗୁରୁତ୍ୱ ଦେଉଛି ବୋଲି ସେ କହିଛନ୍ତି।

■ ଇ-ବିଧାନ ସମ୍ପର୍କିତ ଜ୍ଞାନାର୍ଜନ

# ହିମାଚଳ ପ୍ରଦେଶରେ ବିଧାନସଭା ଗୃହ କମିଟି

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ଓଡ଼ିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ନେତୃତ୍ୱରେ କମ୍ପ୍ୟୁଟରୀକରଣ ସମ୍ପର୍କିତ ଗୃହ କମିଟି ଅଧ୍ୟୟନ ଗସ୍ତରେ ହିମାଚଳ ପ୍ରଦେଶ ଶିମ୍ଲାଠାରେ ପହଞ୍ଚିଛନ୍ତି। ସେଠାରେ ହିମାଚଳପ୍ରଦେଶ ବିଧାନସଭାର ବାଚସ୍ପତିଙ୍କୁ ସାକ୍ଷାତ୍ କରିବା ସହ ବିଧାନସଭାର ପଦାଧିକାରୀଙ୍କ ସହିତ ଇ-ବିଧାନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହା ବ୍ୟତୀତ କମିଟି ହିମାଚଳ ପ୍ରଦେଶ ବିଧାନସଭା ଅଧିବେଶନର ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିବ ଓ ବିଧାନସଭାର ବିଭିନ୍ନ ଶାଖା ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଅନୁରୂପଭାବେ ଏହି କମିଟି ପଞ୍ଜାବ ଓ ନୂଆଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ୨୦ କୋଟି ଟଙ୍କା ବ୍ୟୟରେ ବିଧାନସଭାର କାର୍ଯ୍ୟକୁ ଡିଜିଟାଲାଇଜେଶନ୍ କରିବାର ଯୋଜନା ରହିଛି। ବିଧାନସଭା ପକ୍ଷରୁ ପ୍ରାଥମିକଭାବେ ୧୯ କୋଟି ୩୯ ଲକ୍ଷ ଟଙ୍କାର ଏକ ଡିପିଆର ପ୍ରସ୍ତୁତ କରାଯାଇଛି। ଏହିସବୁ କାର୍ଯ୍ୟ ପାଇଁ କେନ୍ଦ୍ର ପକ୍ଷରୁ ୧୨ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯିବ ବୋଲି ଜଣାପଡିଛି।

ଏହି କମିଟିରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ତାରାପ୍ରସାଦ ବାହିନୀପତି, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ବିଧାନସଭା ସଚିବ ଦାଶରଥି ଶତପଥୀ, ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳାଇ, ଉପବିଭାଗ ଅଧିକାରୀ ଆଶିଷ ରଞ୍ଜନ ଖୁଣ୍ଟିଆ ଓ ରିପୋର୍ଟର ଦିଲୀପ କୁମାର ମହାନ୍ତି ମଧ୍ୟ ବାଚସ୍ପତି ଡ. ପାତ୍ରଙ୍କ ସହ ଅଧ୍ୟୟନ ଗସ୍ତରେ ଯାଇଛନ୍ତି।

■ ପାରାଦୀପ-ହରିଦାସପୁର ରେଳପଥ

# କାର୍ଯ୍ୟରେ ଅଙ୍କୁଶ ଲଗାଇଲେ ଏନ୍‌ଜିଟି

**ପାରାଦୀପ,୨୨।୮(ସ୍ୱ.ପ୍ର.)**

ପାରାଦୀପ-ହରିଦାସପୁର ରେଳପଥ ନିର୍ମାଣକୁ ନେଇ ଏବେ ପୁଣି ବିବାଦ ସୃଷ୍ଟି ହୋଇଛି। ଏହି ରେଳପଥ ନିର୍ମାଣ କ୍ଷେତ୍ରରେ ଅନିୟମିତତା ଏବଂ ଇଆଇଏ (ଏନଭର୍ନମେଣ୍ଟ ଇମ୍ପ୍ୟାକ୍ଟ ଆସେସମେଣ୍ଟ)କୁ ନେଇ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ) କାର୍ଯ୍ୟରେ ଅଙ୍କୁଶ ଲଗାଇଛନ୍ତି। ସୂଚନା ଅନୁଯାୟୀ, ଏହି ନିର୍ମାଣ କାର୍ଯ୍ୟରେ ଅନିୟମିତତା ନେଇ କେନ୍ଦ୍ରାପଡ଼ା ଜିଲାର ଶଶିଭୂଷଣ ପଟ୍ଟନାୟକ ନାମକ ଜଣେ ବ୍ୟକ୍ତି ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ନଂ.୫୫/୨୦୧୮ରେ ଏକ ମାମଲା ରୁଜୁ ହୋଇଛି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ କ୍ରମେ ଏକ ୪ଜଣିଆ କମିଟି ଏହାର ଯାଞ୍ଚ କରି ଗତ ୯ ତାରିଖରେ ଯେଉଁ ରିପୋର୍ଟ ଦେଇଛନ୍ତି, ସେଥିରୁ ରେଳପଥ ନିର୍ମାଣ କାର୍ଯ୍ୟରେ ବ୍ୟାପକ ତ୍ରୁଟି ରହିଥିବା ଜଣାଯାଇଛି। ଏସ୍‌ସିବି ମେଡିକାଲ କଲେଜର ଜଣେ ଡାକ୍ତର, କୃଷି ଓ ଉଦ୍ୟାନ ବିଭାଗର ୨ଜଣ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଅଧିକାରୀ ଏହି କମିଟିରେ ସଦସ୍ୟ ଅଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ରେଳପଥ ନିର୍ମାଣବେଳେ ଯେଉଁ ମାଟି ଖୋଳାଯାଉଛି ସେଥିପାଇଁ ବିଭାଗୀୟ ଅଧିକାରୀଙ୍କଠାରୁ ଅନୁମତି ନିଆଯାଇନାହିଁ। କେନ୍ଦ୍ରାପଡ଼ା ଜିଲାର ୪୦ କି.ମି. ରେଳପଥ ପାଇଁ ସମ୍ପୃକ୍ତ ଅଞ୍ଚଳର ତହସିଲଦାର ଦେଇଥିବା ରିପୋର୍ଟରେ ତାଳମେଳ ନାହିଁ। ଯେଉଁ ଅଞ୍ଚଳ ଦେଇ ରେଳପଥ ନିର୍ମାଣ ହେଉଛି, ସେହି ଅଞ୍ଚଳର କୃଷି, ମୃତ୍ତିକା, ଜୀବନଶୈଳୀ ଉପରେ ପଡିବାକୁ ଥିବା ପ୍ରଭାବ ଉପରେ ଆବଶ୍ୟକ ତର୍ଜମା କରାଯାଇନାହିଁ। ଏହି ରିପୋର୍ଟ ଆଧାରରେ ସମ୍ପୃକ୍ତ ଠିକାସଂସ୍ଥା ମାଟି ଖୋଳା ବାବଦ ଜରିମାନା ଦେବାକୁ ମଧ୍ୟ ସ୍ଥିର ହୋଇଛି।



ନିର୍ମାଣାଧୀନ ପାରାଦୀପ-ହରିଦାସପୁର ରେଳ ପ୍ରକଳ୍ପ।

■ ଯାଞ୍ଚ କରି ରିପୋର୍ଟ ଦେଲା ୪ ଜଣିଆ କମିଟି
■ ଜରିମାନା ଗଣିବ ଠିକାସଂସ୍ଥା

ସୂଚନାଯୋଗ୍ୟ, ୮୧ କିମିର ଏହି ରେଳପଥ ପାଇଁ ୨୦୦୯ରୁ ସରକାର ଉଦ୍ୟମ ଚଳାଇଛନ୍ତି। ଅନେକ ବିବାଦ, ରେଳ ବଜେଟ୍‌ରେ ଅର୍ଥ ବୃଦ୍ଧି ଆଦି ଯୋଗୁ କାର୍ଯ୍ୟରେ ବହୁ ବିଳମ୍ବ ହୋଇସାରିଲାଣି। ଗତ ମାସରେ କେନ୍ଦ୍ର ସରକାର ଘୋଷଣା କରିଥିଲେ ଯେ ୨୦୧୯ ଡିସେମ୍ବର ମାସ ସୁଦ୍ଧା ଏହି ରେଳପଥରେ ଟ୍ରେନ ଚଳାଚଳ କରିବ। ଏପରି କି ଉକ୍ତ ରେଳପଥରେ ପରୀକ୍ଷାମୂଳକ ଭାବେ ଏକ ରେଳ ଇଞ୍ଜିନ ଗଡ଼ି ସାରିଲାଣି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ରେଳପଥ କାମ ଚାଲିଥିଲା। ଏହି ସମୟରେ ଏବେ ଏନଜିଟି ନିର୍ମାଣ କାମ ଉପରେ ଅଙ୍କୁଶ ଲଗାଇବା ଫଳରେ ତାହା ପୁଣି ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଏହି ୮୧ କି.ମି. ରେଳପଥ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ୪୦ କି.ମି. ରହୁଛି, ଯାହା କି କେନ୍ଦ୍ରାପଡ଼ା ଜିଲା ପାଇଁ ପ୍ରଥମ ରେଳଲାଇନ୍ ବୋଲି କୁହାଯାଉଛି।

■ ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ବଳାତ୍କାର

# ଜେଲ ଗଲେ ପ୍ରେମିକ

**ଗଣିଆ,୨୨।୮(ଡି.ଏନ.ଏ.)**



ଗିରଫ ଗୋପୀନାଥ

ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ନୟାଗଡ ଜିଲା ଗଣିଆ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଖଣ୍ଡପଡା ବ୍ଲକ ଗଡିଆସାହି ଫାଣ୍ଡି ସେରଜଙ୍ଗ ଗ୍ରାମର ଗୋପୀନାଥ ବିଶ୍ୱାଳ(୩୦)। ତାଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଗଣିଆ ପୋଲିସ ସୂତ୍ରରୁ ପ୍ରକାଶ, ଗଣିଆ ଥାନା ଅଞ୍ଚଳର ଜଣେ ଯୁବତୀ(୨୨)ଙ୍କ ସହ ଗୋପୀନାଥଙ୍କ ଗତ ୧ ବର୍ଷ ହେବ ପ୍ରେମ ସମ୍ପର୍କ ରହିଥିଲା। କିଛିଦିନ ତଳେ ଯୁବତୀ ଜଣଙ୍କ ନିଜ ସାଙ୍ଗମାନଙ୍କ ସହ କଳାପାଟ ପୀଠ ପରିସରକୁ ବଣଭୋଜି କରିବାକୁ ଆସିଥିଲେ। ବଣଭୋଜିସ୍ଥଳକୁ ଯୁବତୀ ପ୍ରେମିକ ଗୋପୀନାଥଙ୍କୁ ଫୋନ ଯୋଗେ ଡାକିଥିଲେ। ଭୋଜି ସରିବା ପରେ ସମସ୍ତେ ଘରକୁ ଫେରିଯାଇଥିବା ବେଳେ ଗୋପୀନାଥ ସଂପୃକ୍ତ ଯୁବତୀଙ୍କୁ ଘରେ ଛାଡିଦେବା ପାଇଁ କହିଥିଲେ। ପରେ ଗୋପୀନାଥ ଯୁବତୀଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ । ଯୁବତୀ ଜଣଙ୍କ ବହୁବାର ବିବାହ କରିବାକୁ ଜିଦ୍ ଧରିଥିଲେ ମଧ୍ୟ ଚତୁରତାର ସହ ଗୋପୀନାଥ ଏଡାଇ ଚାଲିଥଲେ। ଶେଷରେ ନିରୁପାୟ ହୋଇ ସମ୍ପୃକ୍ତା ଯୁବତୀ ଜଣଙ୍କ ଗତ ୨୦ତାରିଖରେ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଏନେଇ ନଂ ୩୧/୧୯ରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଗୁରୁବାର ସକାଳୁ ଗୋପୀନାଥଙ୍କୁ ତାଙ୍କ ନିଜ ଗ୍ରାମ ସେରଜଙ୍ଗରୁ ଗିରଫ କରିଥିଲେ। ପରେ ଉଭୟଙ୍କୁ ଡାକ୍ତରୀମାଇନା କରିବା ପରେ ଗୋପୀନାଥଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ନୟାପଲ୍ଲୀ ଦୁର୍ଗାପୂଜା ସମିତି ପକ୍ଷରୁ ମାଟି ଅନୁକୂଳ, କୁଆଖାଇ ନଦୀକୂଳ, ପୂର୍ବାହ୍ନ ୧୦ଟା ୩୦।
- ସାର୍ବଜନୀନ ଦୁର୍ଗାପୂଜା ସମିତି, ପୁରୁଣା ଷ୍ଟେଶନ ବଜାରର ୬୪ତମ ମାଟି ଅନୁକୂଳ କାର୍ଯ୍ୟକ୍ରମ, ଦୟାନଦୀ କୂଳ, ମଧ୍ୟାହ୍ନ ୧୨ଟା ୩୦।
- ସାଇକୁଟୀରର ୮ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ବନ ମହୋତ୍ସବ, ନୀଳାଦ୍ରିବିହାର ହିଲଟପ୍‌ସ୍ଥିତ କୁଟୀର, ସନ୍ଧ୍ୟା ୬ଟା।
- ଗୌରାଙ୍ଗ ସେବା ଫାଉଣ୍ଡେଶନ ପକ୍ଷରୁ ଜନ୍ମାଷ୍ଟମୀ ଏବଂ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା, ଜନତା ମଇଦାନ, ସନ୍ଧ୍ୟା ୬ଟା।
- ମୀରାମ୍ବିକା ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ତରାନେ ନୈୟ୍ ପୁରାନେ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**ପୁରୀ**

- ଟାଲେଣ୍ଟ ଫେଷ୍ଟ, ପୌର ସଦନ, ଅପରାହ୍ନ ୨ଟା
- ଜନ୍ମାଷ୍ଟମୀ ଉତ୍ସବ, ସଶୀମ, ଘୋଡାବଜାର, ସକାଳ ୮ଟା
- ଜନ୍ମାଷ୍ଟମୀ ଉତ୍ସବ, ସଶୀମ, ହରଚଣ୍ଡି ସାହି, ସକାଳ ୮ଟା
- ଜନ୍ମାଷ୍ଟମୀ ଉତ୍ସବ, ସଶୀମ, ମଧୁବନ, ସକାଳ ୮ଟା

**ଖୋର୍ଦ୍ଧା**

- ନେହେରୁ ସେବା ସଂଘ ପକ୍ଷରୁ ଜନ୍ମାଷ୍ଟମୀ, ବାଣପୁର, ଅପରାହ୍ନ ୫ଟା।

**ବାଲିଅନ୍ତା**

- ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ, ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର, ସକାଳ ୭ଟା।

**ବ୍ରହ୍ମଗିରି**

- ଶ୍ରୀ ଶ୍ରୀ ସତ୍ୟମହାବୀର ଦେବଙ୍କ ପୀଠରେ ଭାଗବତ ସପ୍ତାହ, ବ୍ରହ୍ମଗିରି ଥାନା ପରିସର, ସନ୍ଧ୍ୟା ୭ଟା।

**ସାକ୍ଷୀଗୋପାଳ**

- ଶ୍ରୀକୃଷ୍ଣ ଜନ୍ମୋତ୍ସବ ଉପଲକ୍ଷେ ମାଗଣା ସ୍ୱାସ୍ଥ୍ୟ ଶିବିର, ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ଓଡ଼ିଶୀ ନୃତ୍ୟ ଓ ଭଜନ ସମାରୋହ, ମନ୍ଦିର ସିଂହଦ୍ୱାର, ସନ୍ଧ୍ୟା ୬ଟା।
- ଶ୍ରୀକୃଷ୍ଣ ଜନ୍ମବିଧି ପାଳନ, ମନ୍ଦିର ପରିସର, ରାତି ୧୧ଟା।

**ଡେଲାଙ୍ଗ**

- ଶ୍ରୀକୃଷ୍ଣ ଜନ୍ମୋତ୍ସବ, ଘୋରଡ଼ିଆ ରାଧାକାନ୍ତ ମଠ, ସନ୍ଧ୍ୟା ୭ଟା।
- ଶ୍ରୀକୃଷ୍ଣ ଜନ୍ମବିଧି ପାଳନ, ବେନୁପଡ଼ା ଗାଦିବ୍ରହ୍ମ ପୀଠ, ସନ୍ଧ୍ୟା ୮ଟା ୩୦।

## ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କର ବହୁସ୍ତରୀୟ ପରାମର୍ଶ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୨।୮:** ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ ପକ୍ଷରୁ ରାଜ୍ୟର ସମସ୍ତ ଶାଖା ପ୍ରବନ୍ଧକ ଏବଂ ବରିଷ୍ଠ ପ୍ରବନ୍ଧକଙ୍କୁ ନେଇ ଏକ ବହୁସ୍ତରୀୟ ପରାମର୍ଶ କାର୍ଯ୍ୟକ୍ରମ କଟକମୁଖ୍ୟ ଶାଖାଠାରେ ଅନୁଷ୍ଠିତ ହୋଇଯାଇଛି। ଅଭିନବ ବିଚାର ଏବଂ ବ୍ୟାଙ୍କିଙ୍ଗ ସମ୍ପର୍କିତ ବିଭିନ୍ନ ବିଷୟ ବସ୍ତୁ ଉପରେ ଏଠାରେ ଆଲୋଚନା ହୋଇଥିଲା। ବ୍ୟାଙ୍କର ଉଚ୍ଚ ଅଧିକାରୀମାନେ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଶାଖା ପ୍ରବନ୍ଧକଙ୍କ ସହ ବିଚାର ବିମର୍ଷ କରିଛନ୍ତି। ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏଭଳି ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଞ୍ଚଳିକ ପ୍ରବନ୍ଧକ ଏସ୍.ଭି.ଏମ୍ କ୍ରୀଷ୍ଣା ରାଓ, ସହାୟକ ମହାପ୍ରବନ୍ଧକ ବସନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ■ ଟୋପି ନ ପିନ୍ଧି କାର୍ଯ୍ୟ କରୁଥିଲେ

# ଏଜି ଛକରେ ଟ୍ରାଫିକ କନଷ୍ଟେବଲଙ୍କୁ ତାଗିଦ କଲେ ଡିଜିପି

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ଠିକ୍ ୟୁନିଫର୍ମରେ ନ ଥିଲେ ଟ୍ରାଫିକ କନଷ୍ଟେବଲ। ସେହିବାଟ ଦେଇ ଯାଉଥିବା ପୋଲିସ ଡିଜି ବି.କେ. ଶର୍ମାଙ୍କ ନଜର ପଡ଼ିଥିଲା। ହଠାତ୍ ଗାଡି ରଖି କର୍ତ୍ତବ୍ୟରେ ଅବହେଳା କରିଥିବା ସମ୍ପୃକ୍ତ ଟ୍ରାଫିକ୍ କନଷ୍ଟେବଲଙ୍କୁ ତାଗିଦ କରିଥିଲେ। ଗୁରୁବାର ଭୁବନେଶ୍ୱର ଏଜି ଛକରେ ଦେଖିବାକୁ ମିଳିଥିଲା ଏହି ଘଟଣା।

ମିଳିଥିବା ସୂଚନାନୁସାରେ, ଅପରାହ୍ନ ପ୍ରାୟ ୨ଟା ସମୟରେ ଏକ ଗ୍ୟାସ୍ ବୋଝେଇ ଟ୍ରକ୍ କ୍ୟାପିଟାଲ ହସ୍ପିଟାଲ ଛକରେ ନ ଅଟକି ଏଜି ଛକ ଆଡକୁ ଚାଲି ଆସିଥିଲା। ସୂଚନା ପାଇବା ପରେ ଏଜି ଟ୍ରାଫିକ ଛକରେ ଡ୍ୟୁଟିରେ ଥିବା କନଷ୍ଟେବଲ ଉକ୍ତ ଟ୍ରକ୍‌କୁ ଅଟକାଇଥିଲେ। ଏହି ସମୟରେ ଖାରବେଳ ଭବନରେ ଏକ ବୈଠକ ସାରି ଡିଜିପି ଶର୍ମା କାର୍‌ରେ ଏଜି



ଏଜି ଛକରେ ଡିଜିପି ବି.କେ. ଶର୍ମା ଜଣେ କନଷ୍ଟେବଲଙ୍କୁ ତାଗିଦ କରୁଛନ୍ତି ।

ଛକ ଦେଇ ଯାଉଥିଲେ। ସେଠାରେ ଡ୍ୟୁଟିରେ ଥିବା ଜଣେ କନଷ୍ଟେବଲ ଠିକ୍ ୟୁନିଫର୍ମରେ ନ ଥିଲେ। ସେ ଟୋପି ପିନ୍ଧି ନ ଥିବା ଦେଖିବା ପରେ ଟ୍ରାଫିକ ପୋଷ୍ଟ ନିକଟରେ ଗାଡ଼ି ଅଟକାଇବାକୁ ଡ୍ରାଇଭରଙ୍କୁ କହିଥିଲେ। ଡିଜିପିଙ୍କ ଗାଡ଼ି ହଠାତ୍ ଅଟକିବା ଦେଖି ସମସ୍ତ ଟ୍ରାଫିକ୍ କର୍ମଚାରୀ ଓ ଅଟକିଥିବା ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ଡିଜିପି ଶର୍ମା ସମ୍ପୃକ୍ତ ଟ୍ରାଫିକ କନଷ୍ଟେବଲଙ୍କୁ କ'ଣ ପାଇଁ ଟୋପି ପିନ୍ଧିନାହାନ୍ତି ବୋଲି ପଚାରିଥିଲେ। କନ୍‌ଷ୍ଟେବଲ ଜଣକ ନିଜର ଭୁଲ ସ୍ୱୀକାର କରିବା ସହ ଆଗକୁ ଏଭଳି ଭୁଲ ହେବ ନାହିଁ ବୋଲି ପୋଲିସ ଡିଜିଙ୍କୁ କହିଥିଲେ। ପରେ ଡିଜିପି ଶର୍ମା ଉପସ୍ଥିତ ଅନ୍ୟ କର୍ମଚାରୀଙ୍କୁ କେତେକ ପରାମର୍ଶ ଦେଇ ଚାଲିଯାଇଥିଲେ। ଅଟକି ରହିଥିବା ଲୋକେ ଡିଜିପିଙ୍କର ଏପରି ପଦକ୍ଷେପ ଦେଖି ଚକିତ ହୋଇଯିବା ସହ ପ୍ରଶଂସା କରିଥିଲେ। ନିୟମ ଓ ଆଇନ ମାନିବାକୁ ପରାମର୍ଶ ଦେଉଥିବା ପୋଲିସ ଅନେକ ସମୟରେ ନିଜେ ନିୟମ ଭାଙ୍ଗୁଥିବା ଦେଖାଯାଏ। ସବୁ କ୍ଷେତ୍ରରେ ଡିଜିପି ଶର୍ମା ଏପରି ପଦକ୍ଷେପ ନେବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଅନେକ ସମୟରେ ଡ୍ୟୁଟିରେ ଥିବା ଟ୍ରାଫିକ ପୋଲିସ ଫୋନ୍‌ରେ କଥା ହେବା ଓ ଅନ୍ୟମନସ୍କ ରହୁଥିବା ଦେଖିବାକୁ ମିଳୁଛି। ଏପିରକି ଜୁଲମ କରି ଫାଇନ୍ କାଟିବା ଆଳରେ ଲୋକଙ୍କୁ ହଇରାଣ କରି ହାତଗୁଞ୍ଜା ନେଉଥିବା ମଧ୍ୟ ଅଭିଯୋଗ ହୋଇଛି। ତେଣୁ ପୋଲିସ ଡିଜିଙ୍କ ଏହି ତାଗିଦ ଟ୍ରାଫିକ ପୋଲିସକୁ କେତେ ସଚେତନ କରୁଛି ତାହା ଆଗାମୀ ଦିନରେ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି।



# ପର୍ଯ୍ୟଟନ ବିକାଶରେ ମହିଳାଙ୍କୁ ସାମିଲ କରିବା ଲକ୍ଷ୍ୟ

**ଓଟିଡିସି ଅଧ୍ୟକ୍ଷ ଦାୟିତ୍ୱ ନେଲେ ଶ୍ରୀମୟୀ**

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ରାଜ୍ୟ ସରକାରଙ୍କ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା। ରାଜ୍ୟ ସରକାରଙ୍କ ଆୟର ବଡ଼ ଅଂଶ ପର୍ଯ୍ୟଟନ କ୍ଷେତ୍ରରୁ ଆସିଥାଏ। ଏହି କ୍ଷେତ୍ରର ବିକାଶରେ ଓଟିଡିସି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପାନ୍ଥନିବାସର ପରିଚାଳନାରୁ ଆରମ୍ଭକରି ପର୍ଯ୍ୟଟକଙ୍କ ଯାତାୟାତ ପାଇଁ ସ୍ୱତନ୍ତ୍ର ପରିବହନ ବ୍ୟବସ୍ଥା, ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ଟୁର୍ ପ୍ୟାକେଜ୍ ଉପଲବ୍ଧ କରିବା ଏବଂ ରାଜ୍ୟକୁ ପର୍ଯ୍ୟଟକ ଆଗମନ ବୃଦ୍ଧି ପାଇଁ ଦେଶ ବିଦେଶର ଟୁର୍ ଅପରେଟରଙ୍କ ସହ ଯୋଗାଯୋଗ ରଖିବା କାର୍ଯ୍ୟ ଓଟିଡିସି କରିଥାଏ। ଗୁରୁବାର ଓଟିଡିସିର ନୂତନ ଅଧ୍ୟକ୍ଷଭାବେ ଦାୟିତ୍ୱ ଗ୍ରହଣ କରିଥିବା ଅବସରରେ ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ।

**■ ଓଟିଡିସିର ଅଧ୍ୟକ୍ଷ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ପର୍ଯ୍ୟଟନ ଓ ପର୍ଯ୍ୟଟକଙ୍କ ପାଇଁ କ'ଣ ଲକ୍ଷ୍ୟ ରଖିଛନ୍ତି?**

ଭଗବାନଙ୍କ ଆଶୀର୍ବାଦ ଏବଂ ମୁଖ୍ୟମନ୍ତ୍ରୀଙ୍କ ଭରସା ଯୋଗୁ ଏତେବଡ଼ ଗୁରୁଦାୟିତ୍ୱ ମିଳିଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କ ପାଇଁ ମୁଁ ଆଜି ଏହି ପରିଚୟ ପାଇଛି। ସେମାନଙ୍କୁ ଶ୍ରେୟ ଦେବି। ଓଟିଡିସି ଏକ ହସ୍ପିଟାଲିଟି ସେକ୍ଟର। ପର୍ଯ୍ୟଟକଙ୍କ ଆତିଥ୍ୟ ସବୁବେଳେ ଓଟିଡିସିର ପ୍ରାଥମିକତା ହୋଇ ରହିଆସିଛି। ସେହି ପରମ୍ପରାକୁ କିଭଳି ମୁଁ ଆଗକୁ ବଜାୟ ରଖିବି ସେ ଦିଗରେ କାର୍ଯ୍ୟକରିବି। ଆମେ ଆମ ମନ ମୁତାବକ କାର୍ଯ୍ୟ କଲେ କିଛି ସୁଫଳ ମିଳିବନି। ତେଣୁ ପର୍ଯ୍ୟଟକମାନଙ୍କଠାରୁ ମତ ସଂଗ୍ରହ କରି ସେହି ଅନୁଯାୟୀ କାମ କରିବା ମୋର ପ୍ରଥମ ଲକ୍ଷ୍ୟ ରହିବ।

**■ ରାଜ୍ୟର ଅଧିକାଂଶ ପାନ୍ଥନିବାସ ଏବେ କ୍ଷତିରେ ଚାଲିଛି। ବାହାରର ପର୍ଯ୍ୟଟକମାନେ ପାନ୍ଥନିବାସରେ ରହିବାକୁ ନାପସନ୍ଦ କରୁଛନ୍ତି। ସେ ଦିଗରେ କ'ଣ ପଦକ୍ଷେପ ନେବେ?**

ପାନ୍ଥନିବାସ କଥା କହିପାରିବି ନାହିଁ। ଓଟିଡିସି କିନ୍ତୁ ଏବେ ଲାଭରେ ଚାଲିଛି। ପାନ୍ଥନିବାସର ଲାଭ କ୍ଷତିକୁ ନେଇ

### ଧରିତ୍ରୀ ଆଳାପ

ପ୍ରଥମେ ସମୀକ୍ଷା କରିବି। ପର୍ଯ୍ୟଟକମାନେ କେଉଁଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହା ଜାଣିବାକୁ ଚେଷ୍ଟା କରିବୁ। କାହିଁକି ସେମାନେ ପାନ୍ଥନିବାସକୁ ଆସୁନାହାନ୍ତି ତାହାର ତର୍ଜମା କରାଯାଇ ପରବର୍ତ୍ତୀ ପଦକ୍ଷେପ ନେବୁ। ପର୍ଯ୍ୟଟକଙ୍କ ପାଇଁ ଏକ ଫିଡ୍‌ବ୍ୟାକ୍ ସେଲ୍ କରିବାକୁ ମୁଁ ଯୋଜନା ରଖିଛି।

**■ ପାନ୍ଥନିବାସର ଘରୋଇକରଣ ହେଲେ ସମସ୍ୟା ଦୂର ହୋଇପାରିବ ବୋଲି ଭାବୁଛନ୍ତି?**

ମୁଁ ସଂସ୍ଥାରେ ନୂତନ ଭାବେ ଯୋଗଦେଇଛି। ତେଣୁ ମୋର ଏ ବିଷୟରେ କିଛି କହିବା ଉଚିତ୍ ନୁହେଁ। ମନ୍ତ୍ରୀ, ସଚିବ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଯାହା କିଛି କହିପାରିବି।

**■ ରାଜ୍ୟରେ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ସହ କିଭଳି ଓଟିଡିସିକୁ ଯୋଡିବେ ବୋଲି ଭାବୁଛନ୍ତି? କିଛି ମାଷ୍ଟରପ୍ଲାନ୍ ଅଛି କି?**

ମୁଁ ଆଗରୁ ମିଶନ ଶକ୍ତି ସହ କାମ କରିଛି। ତେଣୁ ମିଶନ ଶକ୍ତିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ଙ୍କୁ ପର୍ଯ୍ୟଟନ ବିକାଶରେ ଅନ୍ତର୍ଭୁକ୍ତ କରିପାରିଲେ ତାହା ଏକ ବଡ଼ ସଫଳତା ହେବ। କମ୍ୟୁନିଟି ପ୍ରକଳ୍ପ ମାଧ୍ୟମରେ ଏସ୍ଏଚ୍‌ଜିଗୁଡ଼ିକୁ ଦାୟିତ୍ୱ ଦେଇହେବ। ଗାଁ ଗହଳିର ମହିଳାଙ୍କ ପାଖରେ କୌଣସି ରୋଜଗାର ପନ୍ଥା ନ ଥାଏ। ସେମାନେ ଆମଭଳି ଅଫିସ ଯାଇପାରନ୍ତି ନା ନିଜର ବ୍ୟବସାୟ କରିପାରନ୍ତି। ତେଣୁ ଅଂଶୁପା, ଖଣ୍ଡାଧାରରେ ଏବେ ଏସ୍ଏଚ୍‌ଜିମାନଙ୍କୁ ନେଇ ଯେମିତି ପର୍ଯ୍ୟଟନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ସେମିତି ଅଧିକରୁ ଅଧିକ ପର୍ଯ୍ୟଟନସ୍ଥଳୀରେ କିଭଳି ମହିଳାଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିହେବ ସେ ଦିଗରେ କାର୍ଯ୍ୟ କରିବି। ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ମିଳିତଭାବେ କାର୍ଯ୍ୟକଲେ ପର୍ଯ୍ୟଟନ ଜରିଆରେ ମହିଳାଙ୍କ ସଶକ୍ତୀକରଣ ହୋଇପାରିବ।

**ସାକ୍ଷାତ: ସସ୍ମିତା ପାଇକରାୟ, ଭୁବନେଶ୍ୱର**
**ଫଟୋ: ବିକାଶ ନାୟକ**

# ବିନା ଟିକେଟ୍‌ରେ ମୋ ବସ୍ ଯାତ୍ରା: ସେପ୍ଟେମ୍ବର ୧ରୁ ଜରିମାନା

**ଭୁବନେଶ୍ୱର, ୨୨।୮(ବ୍ୟୁରୋ)**

କ୍ୟାପିଟାଲ୍ ରିଜନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ) ବିନା ଟିକେଟ୍ ଯାତ୍ରୀଙ୍କ ଉପରେ ଆସନ୍ତା ୧ ସେପ୍ଟେମ୍ବରରୁ ଜରିମାନା ଜାରି କରିବ। ଯାତ୍ରୀମାନେ ଟିକେଟ୍ ନିରୀକ୍ଷକ ଦଳ ସହ ସହଯୋଗ କରନ୍ତୁ ଏବଂ ଉପଯୁକ୍ତ ଟିକେଟ୍ ଓ ମାସିକ ପାସ୍ ଯାତ୍ରା ସମୟରେ ବ୍ୟବହାର କରନ୍ତୁ ବୋଲି କ୍ରୁଟ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। କ୍ରୁଟର ପ୍ରଶାସନିକ ଅଧିକାରୀ ଦୀପ୍ତି ମହାପାତ୍ର କହିଛନ୍ତି, କେତେଜଣ ଯାତ୍ରୀ 'ମୋ ବସ୍'ରେ ଯାତ୍ରା ସମୟରେ ଉପଯୁକ୍ତ ମୂଲ୍ୟର ଟିକେଟ୍ କରୁନାହାନ୍ତି, ଫଳରେ ରାଜକୋଷର ରାଜସ୍ୱ କ୍ଷତି ହେଉଛି। ଯାତ୍ରୀଙ୍କ ଅନୁଶାସନ ପାଇଁ ଆଗାମୀଦିନରେ ଟିକେଟ୍ ନିରୀକ୍ଷଣର ମାତ୍ରା ବଢ଼ିବ ଏବଂ ବିନା ଟିକେଟ୍ ଯାତ୍ରୀଙ୍କୁ ଦଣ୍ଡିତ କରାଯିବ। ଯଦି କେହି ଏପରି କାର୍ଯ୍ୟ କରୁଥିବାର ଦେଖିବାର ମିଳେ ତାହା ହେଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ। ଏ ସମ୍ବନ୍ଧିତ ନିୟମର ପ୍ରଚାର ଓ ପ୍ରସାର ପାଇଁ ବସ୍ ଭିତରେ ଏବଂ ବାହାରେ ଉପଯୁକ୍ତ ସୂଚନାର ବ୍ୟବସ୍ଥା କରାଯିବ। ଏଥିରେ ଟିଭି, ଖବରକାଗଜ ଓ ସୋସିଆଲ୍ ମିଡିଆର ବ୍ୟବହାର କରାଯିବ। ଧାରା ୧୨୪ ଓ ୧୭୮, ୧୭୯(୧), ୧୭୯(୨) ମୋଟର ଆକ୍ଟ ୧୯୮୮ ଅନୁସାରେ ଯେକୌଣସି ଯାତ୍ରୀ ବିନା ଟିକେଟ୍ କିମ୍ବା ପାସ୍‌ରେ ଯାତ୍ରା କଲେ ନ୍ୟାୟଗତ ଭଡାର ୧୦ ଗୁଣା ଅଥବା ୫ଶହ ଟଙ୍କା ଜରିମାନା ଦେବେ। ଅସହଯୋଗ କଲେ କିମ୍ବା କାର୍ଯ୍ୟରତ ନିରୀକ୍ଷକ ଦଳର ପ୍ରତିରୋଧ କଲେ ମଧ୍ୟ ୫ ଶହ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ।



ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡ କର୍ପୋରେଶନ (ଓଏସ୍ଏଚ୍‌ବି)ର ଅଧ୍ୟକ୍ଷ ଭାବେ ପ୍ରିୟଦର୍ଶୀ ମିଶ୍ର ଦାୟିତ୍ୱ ଗ୍ରହଣ କରୁଛନ୍ତି।

# ଭାଇ ସହ ବିହାର ଫେରିଲେ ମନୀଷ

**ଝାଁଳା, ୨୨।୮(ଡି.ଏନ.ଏ)**

ପୋଲିସ ଦ୍ୱାରା ଉଦ୍ଧାର ହୋଇ ଝାଁଳାସ୍ଥିତ ମିଶନ ଆଶାଲୋକରେ ଚିକିତ୍ସିତ ହୋଇ ଭଲ ହେବା ପରେ ବିହାର ଅଞ୍ଚଳର ମନୀଷ କୁମାର ଘରକୁ ଫେରିଛନ୍ତି। ସେ ବିହାର ପାଟନାସ୍ଥିତ ଜମୁଇ ଗ୍ରାମର ବାସିନ୍ଦା। କିଛିଦିନ ପୂର୍ବେ ମାନସିକ ଭାରସାମ୍ୟ ହରାଇ ସେ ଓଡ଼ିଶା ଚାଲି ଆସିଥିଲେ। ଝାଁଳା ପୋଲିସ ତାଙ୍କୁ ଉଦ୍ଧାର କରି ମିଶନ ଆଶାଲୋକରେ ଚିକିତ୍ସା ପାଇଁ ଛାଡ଼ିଥିଲେ। ମିଶନ ଆଶାଲୋକ ପକ୍ଷରୁ ମନୀଷଙ୍କ ଚିକିତ୍ସା ଆରମ୍ଭ କରାଯିବା ସହ ଅନୁସନ୍ଧାନ କରି ସେ ବିହାର ଅଞ୍ଚଳର ବୋଲି ଜାଣିବାକୁ ପାଇଥିଲେ। ପରେ ଝାଁଳା ପୋଲିସ ସହାୟତାରେ ତାଙ୍କ ଘର ଠିକଣାରେ ପରିବାର ଲୋକଙ୍କ ସହ ଯୋଗାଯୋଗ କରିବାରେ ସଫଳ ହୋଇଥିଲେ। ଯୋଗାଯୋଗ ସମୟରେ ମନୀଷଙ୍କୁ ପରିବାର ଲୋକେ ଚାରିଆଡ଼େ ଖୋଜୁଥିବା ଜାଣିବାକୁ ପାଇଥିଲେ। ପରେ ତାଙ୍କ ଭାଇ ନୀତିଶ କୁମାର ମଙ୍ଗଳବାର ଏଠାକୁ ଆସି ବହୁତ ଦିନ ପରେ ମନୀଷଙ୍କୁ ଦେଖି ଖୁସି ହୋଇଯାଇଥିଲେ। ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଭାଇ ମନୀଷଙ୍କୁ ସାଙ୍ଗରେ ଧରି ବିହାର ଫେରି ଯାଇଛନ୍ତି। ମିଶନ ଆଶାଲୋକର କର୍ମକର୍ତ୍ତା ଜୟନ୍ତ ପ୍ରଧାନ, ଜଟାଧାରୀ ସାହୁ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଦୁଇଭାଇ ବିହାରର ଫେରି ଯାଇଛନ୍ତି।




ଘରକୁ ଫେରିବା ପୂର୍ବରୁ ଅନ୍ୟମାନଙ୍କ ସହ ମନୀଷ (ମଝି)।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ପବିତ୍ର



କେଦାର



ସଂଘମିତ୍ରା



ରୁଦ୍ର



ଇପ୍‌ସିତା



ଅଶୋକ



ବିଶୁ



କ୍ଷିତୀଶ



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



**ସଂକ୍ଷେପରେ**

## ଜୁଆ ଆଡ୍ଡାରେ ଚଢ଼ାଉ, ୩ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୨।୮(ବ୍ୟୁରୋ):** ଖାରବେଳନଗର ଥାନା ଅଧୀନ ୟୁନିଟ୍ ୩ ଅଞ୍ଚଳରେ ଜୁଆ ଆଡ୍ଡାରେ ଚଢାଉ କରି ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ସେମାନଙ୍କ ନିକଟରୁ ୧୮ ହଜାର ଟଙ୍କା ଓ ୩ଟି ହଳଦିଆ ରଙ୍ଗର ଜୁଆ ଖେଳରେ ବ୍ୟବହୃତ ଗୋଟି ଜବତ କରିଛି। ସେମାନେ ହେଲେ ୟୁନିଟ୍ ୩ ମସ୍‌ଜିଦ କଲୋନୀ ଅଞ୍ଚଳରେ ରହୁଥିବା ନରସିଂହ ରେହମାନ(୩୨), ଶେଖ ଆଲାମିନ(୩୦) ଓ ବୁଦ୍ଧିଆ କୁମାର(୨୦)। ସୂଚନା ମୁତାବକ ମାଷ୍ଟର କ୍ୟାଣ୍ଟିନ, ରେଲୱେ ଷ୍ଟେଶନରୁ ମସ୍‌ଜିଦ କଲୋନୀ ଯିବା ରାସ୍ତାରେ ଅନେକ ସ୍ଥାନରେ ଜୁଆ ଆଡ୍ଡା ଜମୁଥିଲା। ବୁଧବାର ଅପରାହ୍ନରେ ମସ୍‌ଜିଦ କଲୋନୀ ଅଞ୍ଚଳରେ ଜୁଆ ଖେଳ ଚାଲିଥିବା ନେଇ ଖବର ମିଳିଥିଲା। ପୋଲିସ ତୁରନ୍ତ ଉକ୍ତ ଜୁଆ ଆଡ୍ଡାରେ ଚଢାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ପାସେଞ୍ଜର ଆମେନିଟି କମିଟି ପକ୍ଷରୁ ରେଳ ଷ୍ଟେଶନ ପରିଦର୍ଶନ

**ଜଟଣୀ, ତା୨୨।୮(ଡି.ଏନ.ଏ):** ଟ୍ରେନ୍ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା କିପରି ଉପଲବ୍ଧ ହେଉଛି ସେନେଇ ପାସେଞ୍ଜର ଆମେନିଟି କମିଟି (ପିଏସ୍‌ସି) ସଦସ୍ୟମାନେ ବିଭିନ୍ନ ରେଳ ଷ୍ଟେଶନ ପରିଦର୍ଶନ କରିଛନ୍ତି। ଚଳିତମାସ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଏହି କମିଟିର ସଦସ୍ୟମାନେ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନର ବିଭିନ୍ନ ଷ୍ଟେଶନ ପରିଦର୍ଶନ କରିବେ। ଗୁରୁବାର ପର୍ଯ୍ୟନ୍ତ ପୁରୀ, କାଲୁପଡ଼ାଘାଟ, ଖୋର୍ଦ୍ଧାରୋଡ଼, ଭୁବନେଶ୍ୱର ଷ୍ଟେଶନ ପରିଦର୍ଶନ କରି ଫୁଟଓଭରବ୍ରିଜ, କ୍ୟାଟେରିଙ୍ଗ ଷ୍ଟଲ, ଏସ୍କାଲେଟର, ପରିଷ୍କାର ପରିଚ୍ଛନ୍ନତା ଆଦି ଯାତ୍ରୀଙ୍କ ପାଇଁ ଥିବା ବିଭିନ୍ନ ସେବା ଓ ସୁବିଧା ମିଳୁଛି କି ନାହିଁ ଦେଖିଥିଲେ। ଏ ନେଇ ଯାତ୍ରୀଙ୍କ ସହ ଆଲୋଚନା ମଧ କରିଥିଲେ। କମିଟି ସଦସ୍ୟ ଅମରେଶ ରୟ, ହୀମାଦ୍ରି ବଳ, ଅଜିତ କୁମାର, ଭିର କୁମାର ଯାଦବ ଏହି ପରିଦର୍ଶନରେ ସାମିଲ ଥିଲେ। ପରେ ଜଟଣୀସ୍ଥିତ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ମୁଖ୍ୟ ଦପ୍ତରରେ ରେଲୱେ ଅଧିକାରୀଙ୍କ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଭିଜନର ଡିଆର୍‌ଏମ୍ ଶଶୀକାନ୍ତ ସିଂ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। କାଲୁପଡ଼ାଘାଟ, ପୁରୀ ଓ ଅନ୍ୟ କେତେକ ଷ୍ଟେଶନରେ ଯାତ୍ରୀଙ୍କ ସୁବିଧା ପ୍ରଦାନ ଉପରେ କମିଟି ପକ୍ଷରୁ କେତେକ ପ୍ରସ୍ତାବ ଦିଆଯାଇଥିଲା। ନିୟମ ଅନୁଯାୟୀ ଆଗାମୀଦିନରେ ଯାତ୍ରୀଙ୍କୁ ସୁବିଧା ଯୋଗାଇ ଦିଆଯିବ ବୋଲି ଡିଆର୍‌ଏମ୍ ଶଶୀକାନ୍ତ କମିଟି ସଦସ୍ୟମାନଙ୍କୁ କହିଥିଲେ।

**ତଦନ୍ତ ଡର ନା ଆଉ କିଛି?**

# ସାଇବର ଠକେଇ ଅଭିଯୋଗ ରଖୁନି ପୋଲିସ

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

■ **ବାରମ୍ବାର ଦୌଡ଼ାଇ ନିରାଶ କଲା ମଞ୍ଚେଶ୍ୱର ଥାନା**

■ **କମିଶନରଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ଅଧିକାରୀ**



ଦିବ୍ୟଲୋଚନ ବେହେରା



ପଙ୍କଜ ସାହୁ

ରାଜ୍ୟରେ ବଢ଼ି ଚାଲିଛି ସାଇବର ଠକେଇ। ପ୍ରତିଦିନ କେଉଁଠି ନା କେଉଁଠି ଏହି ଠକେଇର ଶିକାର ହେଉଛନ୍ତି ଲୋକେ। ତେବେ ଏପରି ଅଭିଯୋଗକୁ ଥାନାରେ ଗ୍ରହଣ କରାଯାଉ ନ ଥିବାରୁ ଲୋକେ କାନମୁଣ୍ଡ ଆଉଁସି ଚୁପ୍ ରହୁଛନ୍ତି। ସହରାଞ୍ଚଳରେ ଏପରି ଠକେଇ ଅଧିକ ହେଉଥିଲେ ମଧ ଖୋଦ୍ କମିଶନରେଟ ପୋଲିସର ଅସହଯୋଗ ଦେଖିବାକୁ ମିଳିଛି। ବିଗତ କିଛିଦିନ ହେବ ଏକାଧିକ ଅଭିଯୋଗ ମଞ୍ଚେଶ୍ୱର ଥାନାକୁ ଆସିଥିଲେ ମଧ ସେଗୁଡିକୁ କଟକ ସାଇବର ଥାନାକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ବେଳେବେଳେ ଅଭିଯୋଗ ଗ୍ରହଣ କରାଯାଉଥିଲେ ମଧ ବାରମ୍ବାର ଥାନାକୁ ଦୌଡ଼ାଇ ଶେଷରେ ନିରାଶ କରାଯାଉଥିବା ମଧ ଅଭିଯୋଗ ହେଉଛି। ଗୁରୁବାର ମଧ ଆଉ ୩ ଘଟଣା ଦେଖିବାକୁ ମିଳିଛି। ସାଇବର ଠକେଇର ଶିକାର ହୋଇଥିବା ଛାତ୍ରୀ, ସରକାରୀ କର୍ମଚାରୀ ଓ ଆଉଜଣେ ବ୍ୟାଙ୍କ୍ କର୍ମଚାରୀଙ୍କୁ ଥାନାରୁ ବିଦା କରାଯିବା ପରେ ସେମାନେ ଗଣମାଧମରେ ଅଭିଯୋଗ କରିଛନ୍ତି। ପ୍ରତି ଥାନାରେ ସାଇବର ଅଭିଯୋଗ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର ନିର୍ଦ୍ଦେଶ ଦେଇଥିବାବେଳେ ପୋଲିସ କାହିଁକି ତଦନ୍ତ କରିବାକୁ ଡରୁଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ମଞ୍ଚେଶ୍ୱର ଥାନା ଅଧୀନ ଫ୍ଲଟ ନଂ.୭୮୬ରେ ରହୁଥିବା ଦିବ୍ୟଲୋଚନ ବେହେରା ରାଜ୍ୟ ସରକାରଙ୍କ ଏକ ସଂସ୍ଥାରେ କାର୍ଯ୍ୟ କରନ୍ତି। ଗତ ମେ’ ୧୮ରେ ତାଙ୍କ ଏଟିଏମ କାର୍ଡ ଚୋରି ହୋଇଯିବା ପରେ ବ୍ୟାଙ୍କ ଯାଇ ତାହାକୁ ବ୍ଲକ କରିଥିଲେ। ହେଲେ ସେତେବେଳକୁ ଉକ୍ତ ଏଟିଏମ୍ ମାଧମରେ ତାଙ୍କ ଆକାଉଣ୍ଟରୁ ୨୦ ହଜାର ଟଙ୍କା ଉଠାଣ ହୋଇଥିବା ବ୍ୟାଙ୍କ ଅଧିକାରୀ କହିଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଫୁଟେଜ ଆଣି ଯାଞ୍ଚ କରିବେ ଓ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ଡକାଯିବ କହିଥିଲେ। ହେଲେ ୨ଥର ଅଭିଯୋଗ ଦେଇ ତିନି ମାସ ଥାନାକୁ ଦୌଡ଼ିବା ପରେ ଏବେ ତାଙ୍କୁ କଟକ ସାଇବର ସେଲରେ ଅଭିଯୋଗ କରିବାକୁ କୁହାଯାଉଥିବା ସେ ଜଣାଇଛନ୍ତି।

ସେହିପରି ପଳାଶୁଣୀ ଅଞ୍ଚଳରେ ରହୁଥିବା ବ୍ୟାଙ୍କ କର୍ମଚାରୀ ପଙ୍କଜ କୁମାର ସାହୁଙ୍କର ଗୁରୁବାର ସକାଳେ ଆକାଉଣ୍ଟରୁ ହଠାତ୍ ଟଙ୍କା ଉଠାଣ ହୋଇଥିବା ମେସେଜ୍ ଆସିଥିଲା। ସେ ଏନେଇ ବ୍ୟାଙ୍କରେ ଯୋଗାଯୋଗ କରିବାରୁ ଥାନାରେ ଲିଖିତ ଅଭିଯୋଗ କରି ନକଲ ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ପଠାଇବାକୁ କୁହାଯାଇଥିଲା। ଏଥିପାଇଁ ସେ ଥାନାରେ ପହଞ୍ଚିଥିଲେ। ହେଲେ ଡ୍ୟୁଟିରେ ଥିବା ପୋଲିସ ଅଧିକାରୀ କୌଣସି ଅଭିଯୋଗ ନ ରଖି ଓଲଟା ବିରକ୍ତି ପ୍ରକାଶ କରି ସାଇବର ସେଲ୍ ଯିବାକୁ କହି ନିରାଶ କରିଥିଲେ ବୋଲି ସାହୁ କହିଛନ୍ତି।

ଅନ୍ୟ ଏକ ଠକେଇର ଶିକାର ଦୁଇ କଲେଜ ଛାତ୍ରୀଙ୍କ ଅଭିଯୋଗ ଅନୁସାରେ, ଫେସବୁକରୁ ବିଜ୍ଞାପନ ଦେଖି ଜଣେ ଯୁବତୀ ଅନ୍‌ଲାଇନରେ ଏକ ଡ୍ରେସ କିଣିଥିଲେ। ଡ୍ରେସ୍ ମୂଲ୍ୟ ୪୦୦ଟଙ୍କା ରହିଥିବାବେଳେ ତାଙ୍କ ଆକାଉଣ୍ଟରୁ ୪ ହଜାର ଟଙ୍କା କଟିଯାଇଥିଲା। ଏନେଇ ଅଭିଯୋଗ କରିବାକୁ ସେ ତାଙ୍କ ସାଙ୍ଗଙ୍କ ସହ ମଞ୍ଚେଶ୍ୱର ଥାନାକୁ ଯାଇଥିଲେ। ହେଲେ ଡିସିଓ ତାଙ୍କୁ କଟକ ଯିବାକୁ କହିଥିଲେ। ହେଲେ ଛାତ୍ରୀ ଜଣକ ମାମଲା କରିବାକୁ ବାଧ କରିବାରୁ ସେ ଗାଳିଗୁଲଜ କରିଥିଲେ। ଯଦି ଅନ୍‌ଲାଇନରେ ଶପିଙ୍ଗ୍ ଜାଣିନ କାହିଁକି କରୁଛ ବୋଲି କହି ଫେରାଇ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

ଏ ନେଇ ଥାନା ଅଧିକାରୀ ଯତୀନ୍ଦ୍ର ନାଥ ସେଠୀ କୁହନ୍ତି, ଅନେକ ସାଇବର ଠକେଇ ଘଟଣାରେ ମାମଲା ରୁଜୁ କରାଯାଉଛି। ଯଦି ବ୍ୟାଙ୍କରେ କାମ କରୁଥିବା କର୍ମଚାରୀ ଠକେଇର ଶିକାର ହେବେ, ତେବେ ଅନ୍ୟମାନେ କିପରି ସଚେତନ ହେବେ। କେଉଁ କାରଣରୁ ଅବହେଳା କରାଯାଇଛି ତାହାର ତଦନ୍ତ ହେବ। ଫେରିଯାଇଥିବା ଅଭିଯୋଗକାରୀଙ୍କୁ ଷ୍ଟେଶନ ଡାଏରୀ କପି ଦିଆଯିବା ସହ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

■ **ଫନୀ ଉଜାଡ଼ିଦେଲା ବ୍ୟବସାୟ**

# ମିଳୁନି କଞ୍ଚାମାଲ୍, ଚିନ୍ତାରେ ମୂର୍ତ୍ତି କାରିଗର

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ଏବର୍ଷ ଫନୀ ଉଜାଡ଼ିଦେଲା ମୂର୍ତ୍ତି ବ୍ୟବସାୟ। ଚିନ୍ତାରେ ମୂର୍ତ୍ତି କାରିଗର। ଭଲ ରୋଜଗାର ଦେଉଥିବା ଏହି ଋତୁକାଳୀନ ବ୍ୟବସାୟ ଏଥର ବାତ୍ୟା ଫନୀ ଯୋଗୁ ମାନ୍ଦା ପଡ଼ିଯାଇଛି। ମୂର୍ତ୍ତି ଗଢିବାକୁ ମାଟି, ନଡ଼ା ଆଦି କଞ୍ଚାମାଲ ମିଳିବା କଷ୍ଟକର ହୋଇପଡୁଛି। ଯାହା ବି ମିଳୁଛି ଦର ଆକଶଛୁଆଁ ରହୁଛି। ଏପରି କି ମୂର୍ତ୍ତି ନିର୍ମାଣ ପାଇଁ ଆବଶ୍ୟକ ଅନ୍ୟାନ୍ୟ ଉପକରଣ ମଧ ସହଜରେ ଉପଲବ୍ଧ ହେଉନି। ବାତ୍ୟାରେ ଅଧିକାଂଶ ବାଉଁଶ ଗଛ ଭାଙ୍ଗିଯାଇଥିବାରୁ ଏଥର ପୁରୀ ଏବଂ ଖୋର୍ଦ୍ଧା ଜିଲାରେ ମୂର୍ତ୍ତି କାରିଗରଙ୍କ ପାଇଁ ବାଉଁଶ ସଙ୍କଟ ଦେଖାଦେଇଛି। ତେଣୁ ଅଧିକ ଅର୍ଡର ଆସିଲେ ବି କାରିଗରମାନେ ମନା କରିବାକୁ ବାଧ ହେଉଛନ୍ତି।

ପାର୍ବଣ ଋତୁ ପାଖେଇ ଆସୁଥିବାବେଳେ ପ୍ରଥମେ ପ୍ରଭୁ ଗଜାନନଙ୍କ ପୂଜା ପାଇଁ ପ୍ରସ୍ତୁତ ହେଲାଣି ପେଣ୍ଡାଲ୍। ପୂଜାପେଣ୍ଡାଲର ସାଜସଜ୍ଜାକୁ ଆକର୍ଷଣୀୟ କରିବାପାଇଁ ବିଭିନ୍ନ ପୂଜା କମିଟି ଓ କ୍ଲବ୍ ଲାଗିପଡ଼ିଥିବାବେଳେ ମୂର୍ତ୍ତି ତିଆରି କାମ ବି ଜୋରଦାର ଚାଲିଛି। ସମୟ ଆଗରୁ କାମ ଶେଷ କରିବାକୁ କାରିଗରମାନେ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେବାପାଇଁ ବ୍ୟସ୍ତ। ଛଣପଟ ଉପରେ ମାଟି ଲେପ ଓ ଖଡ଼ିକାମ ସରିବା ପରେ ଅଧିକାଂଶ ସ୍ଥାନରେ ଏବେ ମୂର୍ତ୍ତିରେ ରଙ୍ଗଦିଆ କାମ ଚାଲିଛି। ବିଭିନ୍ନ ଆକୃତି ଓ ଡିଜାଇନ୍‌ରେ ଗଣପତିଙ୍କ ମୂର୍ତ୍ତି ତିଆରି କରିବାକୁ ଗ୍ରାହକଙ୍କ ଡିମାଣ୍ଡ ରହୁଥିବାବେଳେ କାରିଗରମାନେ କିଭଳି ନିଜ ମୂର୍ତ୍ତିକୁ ସ୍ୱତନ୍ତ୍ର କରିପାରିବେ ସେଥିପାଇଁ ଦିନରାତି ଲାଗିପଡ଼ି କାମ କରୁଛନ୍ତି। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ମୂର୍ତ୍ତି ନିର୍ମାଣ ପାଇଁ ଓଡିଶା ସହ ପଶ୍ଚିମବଙ୍ଗରୁ କାରିଗରମାନେ ଆସି କାମରେ ଲାଗିଛନ୍ତି। ହେଲେ ସବୁଠାରୁ ବଡ଼ ସମସ୍ୟା ରହିଛି କଞ୍ଚାମାଲ୍‌ର ଅଭାବ। ଆଗରୁ ମୂର୍ତ୍ତି ତିଆରି ପାଇଁ ମାଟି ଅଭାବ ଏକ ପ୍ରମୁଖ ସମସ୍ୟା ସାଜୁଥିବାବେଳେ ଏଥର ବାତ୍ୟା ଯୋଗୁ ଅନ୍ୟାନ୍ୟ କଞ୍ଚାମାଲ୍ ମିଳିବା ମଧ କଷ୍ଟସାଧ ହୋଇପଡ଼ିଛି।

ବିଶେଷକରି ଭୁବନେଶ୍ୱରରେ ମାଟିର ଘୋର ଅଭାବ ରହିଛି। ସହରରେ ୩୦୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ପୂଜା ମଣ୍ଡପରେ ଗଜାନନ ପୂଜା ପାଉଥିବାବେଳେ କାରିଗରଙ୍କ ପାଇଁ ମାଟି, ନଡ଼ା, ବାଉଁଶ ଖୋଜିବା ଚ୍ୟାଲେଞ୍ଜରେ ପରିଣତ ହୋଇଛି। ଅଧିକାଂଶ ମଣ୍ଡପ କଲିକତାରୁ ମାଟି ଆଣିଛନ୍ତି। ଅନ୍ୟପକ୍ଷରେ ଆଗରୁ ଧଉଳିରୁ ମାଟି ଆସୁଥିବାବେଳେ ଏବେ କିନ୍ତୁ ଆଉ ସେଠାରେ ମାଟି ମିଳୁନାହିଁ। ତେଣୁ ଜଗତସିଂହପୁର, ନୟାଗଡ଼ ଭଳି ଜିଲା ଉପରେ ନିର୍ଭର କରିବାକୁ ପଡୁଛି। ଦୂର ଦୂରାନ୍ତରୁ ଅଧିକ ଦରରେ ମାଟି କିଣି କାରିଗରଙ୍କୁ ଓଲଟା କ୍ଷତି ସହିବାକୁ ପଡୁଛି। ଅନ୍ୟପକ୍ଷରେ ମୂର୍ତ୍ତି ନିର୍ମାଣର ମୁଖ୍ୟ ଉପାଦାନ ନଡା ଏବଂ ବାଉଁଶ ମିଳିବା ଆଉଏକ ସମସ୍ୟା ହୋଇଛି। ଫନୀ ଯୋଗୁ ଚଢା ଦରରେ ନଡା କିଣିବାକୁ ପଡୁଛି। ନଡା ବିଡା ଆଗରୁ ୨ ଟଙ୍କାରେ ମିଳୁଥିବାବେଳେ ଏବେ ତାହା ୧୦ଟଙ୍କା ପଡୁଛି।

■ **କଲିକତା ଓ ଦୂର ଅଞ୍ଚଳରୁ ଆସୁଛି ମାଟି**

■ **ମିଳୁନି ସାରଙ୍ଗି ବାଉଁଶ, ଚଢ଼ା ଦରରେ କିଣାଯାଉଛି ନଡ଼ା**



ଜଟଣୀ କୁଦିଆରିରେ ଶିଳ୍ପୀ ସୁକାନ୍ତ ବେହେରା ତିଆରି କରିଥିବା ମୂର୍ତ୍ତି।

ଏହାବ୍ୟତୀତ ପୂର୍ବରୁ ସାରଙ୍ଗି ବାଉଁଶରେ ମୂର୍ତ୍ତି ତିଆରି କରାଯାଉଥିଲା। ମାତ୍ର ବାଉଁଶ ଗଛର ଅଭାବ ଯୋଗୁ ଏବେ ଚାକୁଣ୍ଡା କିମ୍ବା ଆକାଶିଆ ଗଛ କାଠରେ ମୂର୍ତ୍ତି ତିଆରି କରାଯାଉଛି। ଏ ପରିସ୍ଥିତି ଯୋଗୁ ପୂର୍ବରୁ ଅର୍ଡର ନ ଦେଲେ ଗ୍ରାହକଙ୍କୁ ମୂର୍ତ୍ତି ମିଳୁନି। ଆଗକୁ ସ୍ଥିତି ଆହୁରି ଜଟିଳ ହେବାସହ ବ୍ୟବସାୟ ଗୁରୁତର ପ୍ରଭାବିତ ହେବ ବୋଲି କାରିଗରମାନେ ଆଶଙ୍କା କରୁଛନ୍ତି।

# ୫୦ ଫୁଟ୍ ମୂର୍ତ୍ତିକୁ ୪୦ କେଜି ଲଡୁ

**ଭୁବନେଶ୍ୱର, ୨୨।୮(ବ୍ୟୁରୋ)**

ବିଘ୍ନରାଜ ଶ୍ରୀଗଣେଶଙ୍କ ସ୍ୱାଗତ ଲାଗି ରାଜଧାନୀ ଭୁବନେଶ୍ୱର ଚଳଚଞ୍ଚଳ ହୋଇ ଉଠିଛି। ସେପ୍ଟମ୍ବର ୨ ରେ ଗଜାନନଙ୍କୁ ସ୍ୱାଗତ କରିବାକୁ ସଙ୍ଗଠନଗୁଡ଼ିକ ବହୁ ଯୋଜନା କରିଥିବା ଦେଖିବାକୁ ମିଳୁଛି। କିଏ ଅଭିନେତାଙ୍କୁ ଡ଼ାକୁଛି ତ କିଏ କମେଡିଆନଙ୍କୁ ଡ଼ାକୁଛି ଓ ଆଉ କିଏ କଣ୍ଠଶିଳ୍ପୀଙ୍କୁ। ଏଥିରେ ପଛରେ ପଡ଼ିନି ବଡ଼ଗଡ଼ ଗାଁର ବ୍ରାଇଷ୍ଟାର ୱ୍ରିଥ୍ ଆସୋସିଏଶନ୍। ଚଳିତବର୍ଷ ଗଣେଶ ପୂଜାରେ ବଲିଉଡ଼ ଓ ଓଲିଉଡ଼ର ଚର୍ଚ୍ଚିତ କଳାକାରଙ୍କୁ ବଡ଼ଗଡ଼ ଗାଁ ମଞ୍ଚକୁ ଆଣିବାକୁ ସହମତି ପ୍ରକାଶ କରାଇଛି ଆସୋସିଏଶନ। ଗଣେଶ ପୂଜାଦିନ ବଲିଉଡ କଣ୍ଠଶିଳ୍ପୀ ନାଭିଆ ଜ୍ୟୋତି ମୁଖ୍ୟ ଆକର୍ଷଣ ସାଜିବାକୁ ଥିବା ବେଳେ ସେହିଦିନ ଓଡ଼ିଆ ଯୁବ କଣ୍ଠଶିଳ୍ପୀ ସତ୍ୟଜିତ୍ ସନ୍ଧ୍ୟାରେ ନିଜର ସୁରର ଯାଦୁ ବିଛାଇବେ। ସେହିପରି ୩ରେ ଇଣ୍ଡିଆନ ଆଇଡ଼ଲର ସିଙ୍ଗର ଅମ୍ରିତା ପଣ୍ଡା, ୪ରେ ଅସୀମା ପଣ୍ଡା ଓ ତାଙ୍କ ବ୍ୟାଣ୍ଡ, ୫ରେ ହ୍ୟୁମାନ ସାଗର ଓ ତାଙ୍କ ବ୍ୟାଣ୍ଡ, ୬ରେ ଅଭିଜିତ୍ ମଜୁମଦାର ଓ ତାଙ୍କ ବ୍ୟାଣ୍ଡ, ୭ରେ ଟି ସୌରି ଓ ତାଙ୍କ ବ୍ୟାଣ୍ଡ ମଞ୍ଚରେ ସଙ୍ଗୀତ ପରିବେଷଣ କରିବେ।

ସଭାପତି ଅବନୀ ପାଟଶାଣୀ ଓ ସମ୍ପାଦକ ସଂଗ୍ରାମ ମାର୍ଥା କହିଛନ୍ତି, ଚଳିତଥର ଏଠାରେ ୫୦ ଫୁଟ୍ ଉଚ୍ଚତାର ଲାଲବାଗ ଗଣେଶଙ୍କ ମୂର୍ତ୍ତି ସହ ୪୦ କେଜିର ଲଡୁ ସମସ୍ତଙ୍କୁ ଉତ୍ସାହିତ କରିବ। ଚଳିତବର୍ଷକୁ ଲଗାଇଲେ ଆସୋସିଏଶନ ପକ୍ଷରୁ ଲଗାତାର ଦୁଇବର୍ଷ ହେବ ବଡ ମୂର୍ତ୍ତି କରାଯାଉଛି। ଅନ୍ୟବର୍ଷ ପରି ଚଳିତବର୍ଷ ମଧ ମୂର୍ତ୍ତିରେ କୌଣସି ପ୍ରକାର ରାସାୟନିକ ରଙ୍ଗର ବ୍ୟବହାର କରାଯାଉନାହିଁ। ଚଳିତଥର ଆସୋସିଏଶନ ପକ୍ଷରୁ ଉନ୍ନତମାନର ଆଲୋକସଜ୍ଜା ସାଙ୍ଗକୁ ୬ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଶେଷରେ ସେପ୍ଟେମ୍ବର ୮ରେ ପାରମ୍ପରିକ ବାଜା, ବାଣ, ଡିଜେ ସାଙ୍ଗକୁ ସମ୍ବଲପୁରୀ ନାଚରେ ନଗର ପରିକ୍ରମା ସହ ଭସାଣି ଉତ୍ସବ ସମ୍ପନ୍ନ ହେବ ବୋଲି ସେମାନେ କହିଛନ୍ତି। ଏହାଛଡ଼ା ବଡ଼ଗଡ଼ ଗାଁର ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯିବ। ଚିତ୍ରାଙ୍କନ, ବକ୍ତୃତା ପରି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ପୁରସ୍କୃତ କରାଯିବ। ପ୍ରତ୍ୟେକ ଦିନ ପ୍ରସାଦ ସେବନ ଏବଂ ମନୋରଞ୍ଜନ କରାଇବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ବହୁ ତାରକା ଯୋଗଦେବେ। ଉଲ୍ଲେଖଥାଉ କି, ୧୯୮୫ରୁ ଆସୋସିଏଶନ ଦ୍ୱାରା ଶୃଙ୍ଖଳାର ସହ ଗଜାନନଙ୍କ ପୂଜା ଏଠାରେ ସମ୍ପାଦନ କରୁଥିବା ବେଳେ ୨ ବର୍ଷ ହେଲା ବଡ଼ ଗଣେଶ ମୂର୍ତ୍ତି ସହ ବଡ଼ ଲଡୁ ପ୍ରସ୍ତୁତ କରି ଚର୍ଚ୍ଚାରେ ରହୁଛି।

**ବଡ଼ଗଡ଼ରେ ବିରାଜିବେ ଲାଲବାଗ ଗଣେଶ**



ବିଭାଗ-ନିର୍ଦ୍ଦେଶାଳୟ ସମ୍ମିଶ୍ରଣ ପ୍ରସଙ୍ଗ

# ସଚିବାଳୟ କର୍ମଚାରୀ ମହଲରେ ମିଶ୍ର ପ୍ରତିକ୍ରିୟା

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ରାଜ୍ୟ ପ୍ରଶାସନିକ ବିଭାଗ ସହ ନିର୍ଦ୍ଦେଶାଳୟର ସମ୍ମିଶ୍ରଣ କରାଯିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ପରେ ଗୁରୁବାର ଓଡ଼ିଶା ସଚିବାଳୟ ସେବା ସଂଘ(ଓଏସ୍‌ଏସ୍‌ଏ)ପକ୍ଷରୁ ଏନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଲୋକସେବା ଭବନ ପରିସରରେ ଥିବା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗସ୍ଥିତ ବଗିଚାରେ ମଧ୍ୟାହ୍ନ ୧୨ଟା ସମୟରେ ଏଏସ୍‌ଓ, ଏସ୍‌ଓ ଏବଂ ଅନ୍ୟାନ୍ୟ କେତେକ ପଦାଧିକାରୀ ଉପସ୍ଥିତ ହୋଇଥିଲେ।

ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ନିଷ୍ପତ୍ତିକୁ ନେଇ କେତେକ ଅଧିକାରୀ ଆଶଙ୍କା ବ୍ୟକ୍ତ କରିଥିବାବେଳେ ଅନେକେ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି। ନବାଗତ ଏଏସ୍‌ଓ ଭାବେ ନିଯୁକ୍ତ ହୋଇଥିବା ବ୍ୟକ୍ତିବିଶେଷ ଆଶଙ୍କା କରୁଛନ୍ତି ଯେ, ସଚିବାଳୟର ସ୍ୱାତନ୍ତ୍ର୍ୟ ଓ ସମ୍ମାନ ଉପରେ ଆଞ୍ଚ ଆସିବ। ଆଗାମୀ ଦିନରେ ଉଭୟ କ୍ୟାଡରର ମିଶ୍ରଣ କରାଯାଇପାରେ। ଛଟେଇ ବୃଦ୍ଧି ସହ କର୍ମଚାରୀଙ୍କ ଉପରେ କାର୍ଯ୍ୟର ବୋଝ ଅଧିକ ହେବ। ଦୀର୍ଘଦିନର ଦରମା ଦାବି ସରକାର ଶୁଣି ନ ପାରନ୍ତି । ସର୍ବୋପରି କ୍ୟାଡରର ପୁନଃ ବିନ୍ୟାସ ସମ୍ଭାବନା କମିପାରେ। ଏହି ପ୍ରସଙ୍ଗରେ ସଂଘର ସଭାପତି କୃଷ୍ଣ ପ୍ରସାଦ ମହାପାତ୍ର କହିଛନ୍ତି ଯେ, ପ୍ରକାଶ ପାଇଥିବା ସଂକଳ୍ପ ପତ୍ରରୁ ସେମାନଙ୍କର କ’ଣ କ୍ଷତି ହେବ, ତାହା ଜଣାନାହିଁ। ହେଲେ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ କର୍ମଚାରୀମାନେ ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି ସଭାପତି ଆଶଙ୍କା କରିଛନ୍ତି। ଅପରପକ୍ଷରେ ସଂଘ ସମ୍ପାଦକ ବିବେକାନନ୍ଦ ସାମଲ କହିଛନ୍ତି ଯେ, ସଂକଳ୍ପ ଆଧାରରେ ଏପରି କୌଣସି ଆଶଙ୍କାର କାରଣ ନାହିଁ। ଯଦି ସରକାର ସଂକଳ୍ପ ଅନୁଯାୟୀ ଭବିଷ୍ୟତରେ କାର୍ଯ୍ୟ କରନ୍ତି, ତେବେ ସେବା ବର୍ଗ କଳେବର ବୃଦ୍ଧି ପାଇବ ଏବଂ କର୍ମଚାରୀଙ୍କ ପଦୋନ୍ନତିର ରାସ୍ତା ପ୍ରଶସ୍ତ ହେବ।

# ଜଟଣୀ ଗଣେଶ ପୂଜା: ପ୍ରସ୍ତୁତି ଜୋରଦାର, ଶିଳ୍ପୀ ତତ୍ପର

**ଜଟଣୀ, ୨୨।୮(ଡି.ଏନ.ଏ)**

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଇଁ ବିଭିନ୍ନ ପୂଜା ପେଣ୍ଡାଲ ପକ୍ଷରୁ ଏଠାରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମୂର୍ତ୍ତି ପ୍ରସ୍ତୁତକାରୀ ଶିଳ୍ପୀମାନେ ମଧ ତତ୍ପର ହୋଇଉଠିଛନ୍ତି। ଲୋକଙ୍କୁ ଆକର୍ଷିତ କରିବା ପରି ଓ ପୂଜା ପେଣ୍ଡାଲ କର୍ମକର୍ତ୍ତାଙ୍କ ପସନ୍ଦର ମୂର୍ତ୍ତି ନିର୍ମାଣ କରିବାରେ ସେମାନେ ନିମଗ୍ନ ହୋଇଛନ୍ତି। ଜଟଣୀର ମୁଖ୍ୟ ପେଣ୍ଡାଲଗୁଡିକ ୨୩ ବର୍ଷ ପୂର୍ବେ କଟକରୁ ମୂର୍ତ୍ତି ଆଣୁଥିଲେ। ମାତ୍ର ଏବେ ଜଟଣୀର ବିଭିନ୍ନ ସ୍ଥାନରେ ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ମୃଣ୍ମୟ ମୂର୍ତ୍ତିକୁ ଆଣି ପୂଜା କରୁଛନ୍ତି। ଶିଳ୍ପୀମାନେ ରଥଯାତ୍ରା ପୂର୍ବରୁ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ମୂର୍ତ୍ତି ନିର୍ମାଣ ପାଇଁ ଆବଶ୍ୟକ ବିଭିନ୍ନ ସାମଗ୍ରୀର ମୂଲ୍ୟ ପ୍ରତିବର୍ଷ ବୃଦ୍ଧି ପାଉଥିଲେ ମଧ ସେହି ତୁଳନାରେ ମୂର୍ତ୍ତି ଦର ବୃଦ୍ଧି ପାଉ ନ ଥିବା ଶିଳ୍ପୀମାନେ ପ୍ରକାଶ କରିଛନ୍ତି। ପୂଜା ପେଣ୍ଡାଲ କର୍ମକର୍ତ୍ତାମାନେ ଆଲୋକ, ତୋରଣ, ବାଜା, ମେଲୋଡି ଆଦି ଉପରେ ଯେତିକି ଗୁରୁତ୍ୱ ଦେଇ ଅର୍ଥ ଖର୍ଚ୍ଚ କରୁଛନ୍ତି ସେହି ତୁଳନାରେ ମୂର୍ତ୍ତି ପାଇଁ ଅଧିକ ଟଙ୍କା ବ୍ୟୟ କରିବାକୁ କୁଣ୍ଠାବୋଧ କରୁଥିବା ସେମାନେ କହିଛନ୍ତି। ମୂର୍ତ୍ତି ତିଆରି ପାଇଁ ଆବଶ୍ୟକ ସାମଗ୍ରୀ ମଧରୁ କେତେକ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ବେଳେ ଅନ୍ୟ ସବୁ ପାଇଁ କଟକ, କଲିକତା ଉପରେ ନିର୍ଭର କରିବାକୁ ପଡୁଥିବା କହିଥିଲେ।



### ଏମାନେ ଯାହା କହନ୍ତି

■ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଅଞ୍ଚଳରୁ ଓଡ଼ିଶାର ଜଟଣୀକୁ ୪୫ ବର୍ଷ ପୂର୍ବେ ଭାଇ ନିଶିକାନ୍ତଙ୍କ ସହ ଆସିଥିଲି। ଜଟଣୀରେ ରହୁଥିବା ବଙ୍ଗାଳି ସମାଜର ଲୋକେ ଦୁର୍ଗାମୂର୍ତ୍ତି ନିର୍ମାଣ କରିବାକୁ ୧୯୭୩ରେ ଏଠାକୁ ତାଙ୍କୁ ଆଣିଥିଲେ। ସେହିଦିନରୁ ସେ ଜଟଣୀ କୁଦିଆରୀ ଅଞ୍ଚଳରେ ରହି ଆସୁଛନ୍ତି। ବିଭିନ୍ନ ଡିଜାଇନ୍‌ର ମୂର୍ତ୍ତି ନିର୍ମାଣ କରୁଛନ୍ତି। ଚଳିତବର୍ଷ ନଟରାଜ ଗଣେଶ, ବିଷ୍ଣୁ ଓ ଗଣେଶ ଅର୍ଦ୍ଧେଶ୍ୱର ରୂପ, ବାହୁବଳୀ ଗଣେଶ, ଅଜନ୍ତା ଗଣେଶ, ଆକାଶରେ ଉଡିକି ଯାଉଥିବା ହନୁମାନଙ୍କ ଉପରେ ଗଣେଶ, ସପ୍ତଫେଣା ଓ ପଞ୍ଚ ଫେଣା ସର୍ପ ବେଶରେ ଗଣେଶ, ମତ୍ସ୍ୟ ଓ ରାମ ଅବତାରରେ ଗଣେଶ ଏହିପରି ବିଭିନ୍ନ ଆକର୍ଷଣୀୟ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଉଛି। ଏ ବର୍ଷ ସ୍ଥାନୀୟ ଅଞ୍ଚଳର ଗୋଲେଇ ମାର୍କେଟ ଭଳି ମୁଖ୍ୟ ପେଣ୍ଡାଲର ୧୨ ଫୁଟ ଉଚ୍ଚର ମୂର୍ତ୍ତି ସହିତ ଅନ୍ୟ ବଜାର କମିଟି ପାଇଁ ମୂର୍ତ୍ତି ପ୍ରସ୍ତୁତ କରୁଛି। ମୂର୍ତ୍ତି ନିର୍ମାଣ ପାଇଁ ପଟା, କଣ୍ଟା, ବାଉଁଶ, ନଡା, ସୁତୁଲି, ଚିକିଟା ଓ ବାଲିଆ ମାଟି, ଝୋଟ ଆଦି ଆବଶ୍ୟକ ହେଉଥିବା ସାମଗ୍ରୀ ଜଟଣୀ ଓ ନିକଟବର୍ତ୍ତୀ ଅଞ୍ଚଳରୁ ଉପଲବ୍ଧ ହେଉଥିବା ବେଳେ ସାଟିନ୍ କନା, ବସ୍ତ୍ର, କ୍ରେପ୍ ଚୁଟି, ଷ୍ଟୋନ୍, ରଙ୍ଗ ଆଦି କଲିକତାରୁ ଆଣିବାକୁ ପଡୁଛି। ଜଟଣୀ ସମେତ ଭୁବନେଶ୍ୱର, ପୁରୀ, ନିମାପଡା, ଖୋର୍ଦ୍ଧା, ଟାଙ୍ଗୀ, ଚାନ୍ଦପୁର, କୁହୁଡି, ବାଲୁଗାଁ, ପଲାସା ଓ ଅନ୍ୟ କେତେକ ଅଞ୍ଚଳକୁ ଏଠାରୁ ମୂର୍ତ୍ତି ଯାଇଥାଏ। ୨୦ଜଣ କାରିଗରଙ୍କୁ ନେଇ ୧୦୦ ପାଖାପାଖି ମାଟିର ଗଣେଶ ମୃଣ୍ମୟ ମୂର୍ତ୍ତି ତିଆରି କରାଯାଉଛି। ୨ ହଜାରରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ ମୂର୍ତ୍ତି ନିର୍ମାଣ କରାଯାଉଛି। ଜଟଣୀର କୁଦିଆରୀସ୍ଥିତ ହରିହର କ୍ଲବ ପରିସରରେ ଏହି ମୂର୍ତ୍ତି ନିର୍ମାଣ କରାଯାଉଛି। ଏଥିପାଇଁ କ୍ଲବ୍ ସଦସ୍ୟଙ୍କ ସହ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗ ମଧ ମିଳୁଛି।

**–ଅଶୋକ ପଟ୍ଟନାୟକ, ଶିଳ୍ପୀ, କୁଦିଆରୀ, ଜଟଣୀ**

■ ମତ୍ସ୍ୟ ଅବତାରରେ, ମୂଷିକାସୁର, ନଟରାଜ ଗଣେଶ, ଘୋଡା, ହାତୀ, ବୃଷଭ ଉପରେ ଗଣେଶ ବିରାଜମାନ କରିଥିବା, ମରାଠୀ ଓ କ୍ଷେତ୍ରୀୟ ବେଶରେ, ମୟୂର ଓ ପକ୍ଷୀରାଜ ଘୋଡ଼ା ଉପରେ ଗଣେଶ ଏହିପରି ବିଭିନ୍ନ ଡିଜାଇନ୍‌ର ମାଟିର ମୂର୍ତ୍ତି ନିର୍ମାଣ ଚାଲିଛି। ଏଥର ସେ ୫୦ଟି ମୂର୍ତ୍ତି ତିଆରି କରୁଛନ୍ତି। ୨୭ ବର୍ଷ ହେବ ଏହି କାର୍ଯ୍ୟ ସେ କରି ଆସୁଛନ୍ତି। ତାଙ୍କୁ ଏହି କାର୍ଯ୍ୟରେ ପୁଅ ଓ ପରିବାରର ଅନ୍ୟମାନେ ସହଯୋଗ କରୁଛନ୍ତି। କୁଦିଆରୀସ୍ଥିତ ନିଜ ଘରେ ଏହି କାମ ସେ କରୁଛନ୍ତି।

**–ସୁକାନ୍ତ ବେହେରା, ଶିଳ୍ପୀ, କୁଦିଆରୀ, ଜଟଣୀ**

■ ୧୯୯୬ ପର୍ଯ୍ୟନ୍ତ ମୂର୍ତ୍ତି ପାଇଁ କଟକ ଉପରେ ନିର୍ଭର କରିବାକୁ ପଡୁଥିଲା। ମାତ୍ର କଟକ ଓ କଲିକତାରୁ ଆସି ଏଠାରେ ମୂର୍ତ୍ତି ତିଆରି କରୁଥିବା ଶିଳ୍ପୀମାନେ ସୁନ୍ଦର ମୂର୍ତ୍ତି ନିର୍ମାଣ କରୁଥିବାରୁ ଆଉ ବାହାରକୁ ଯିବାକୁ ପଡୁନାହିଁ।

**–ଶରତ ସାହୁ, ସଭାପତି, ରାଜାବଜାର ପୂଜା କମିଟି**



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ଗଜପତି ମହାରାଜା ଦିବ୍ୟସିଂହଦେବ



## ସଂକ୍ଷେପରେ

### ଡକାୟତି ଘଟଣାକୁ ବିତିଲା ୧୩ ଦିନ
### କଲିକତାରୁ ଆସିପାରୁନି ସିସି ଟିଭି ଫୁଟେଜ

ଗୋପ, ୨୨।୮(ଡି.ଏନ୍.ଏ.): ଗୋପ-ବାଲିଘାଇ ରାସ୍ତାର ଦଳନଇ ନିକଟରେ ଚିତ୍ତରଞ୍ଜନ ସେନାପତିଙ୍କ ଘରୁ ଡକାୟତି ଘଟଣାକୁ ୧୩ ଦିନ ବିତିଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନି। ସିସି ଟିଭି ଯାଞ୍ଚ ହେଲେ ଅଭିଯୁକ୍ତ ଧରା ହେବେ ବୋଲି ପୋଲିସ ସୂଚନା ଦେଉଥିବାବେଳେ କଲିକତାରୁ ଫୁଟେଜ୍ ମରାମତି ହୋଇ ଫେରିପାରୁ ନ ଥିବାରୁ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିପାରୁ ନ ଥିବା ଜଣାପଡ଼ିଛି। କେବେ ଏହି ଡକାୟତି ଘଟଣାର ପର୍ଦ୍ଦାଫାଶ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ୧୦ ତାରିଖ ବିଳମ୍ବିତ ରାତିରେ ୪-୫ ଜଣ ଯୁବକ ଚିତ୍ତରଞ୍ଜନଙ୍କ ଘରେ ପଶି ମାଡ଼ ମାରିବା ସହ ତାଙ୍କର ୧୨ ବର୍ଷର ପୁଅ ପାଟିରେ ମାଉଜର ଲଗାଇ ସୁନା ଅଳଙ୍କାର ସହିତ ଲକ୍ଷାଧିକ ଟଙ୍କା ଲୁଟିନେଇଥିଲେ। ଗତ ୧୧ ତାରିଖ ଦିନ ଏହି ଡକାୟତି ଘଟଣାକୁ ନେଇ ଗୋପ ଥାନାରେ ଏତଲା ଦେଇଥିଲେ। ଏନେଇ ଗୋପ ଥାନାରେ ୧୦୫/୧୯ରେ ମୋକଦ୍ଦମା ରୁଜୁ କରାଯାଇ ଗୋପ ପୋଲିସ ତଦନ୍ତ କରି ଘର ନିକଟରେ ଏକ ପୋଖରୀରୁ ସିସି ଟିଭି ଫୁଟେଜ୍‌କୁ ଜବତ କରିବା ସହ ସନ୍ଦେହରେ ଦୁଇଜଣ ଯୁବକଙ୍କୁ ଦୁଇ ଦିନ କାଳ ରଖି ପଚରା ଉଚରା ମଧ କରିଥିଲା। ହେଲେ ଏହି ପଚରା ଉଚରା ସମୟରେ ପୋଲିସ୍ ହାତରେ କୌଣସି ସୁରାକ ନ ଲାଗିବା ଯୋଗୁ ଅଟକ ରଖିଥିବା ଦୁଇ ଯୁବକଙ୍କୁ ଛାଡ଼ିଥିଲା। ଜବତ ସିସି ଟିଭି ଫୁଟେଜ୍‌ଟି ପାଣିରେ ପଡ଼ିଥିବାରୁ ଏହା ଦେହରୁ କୌଣସି ସୁରାକ ପୋଲିସ ପାଇପାରି ନ ଥିଲା। ଫଳରେ ଏହାକୁ ମରାମତି କରିବା ଲାଗି କଲିକତା ପଠାଇଥିଲା। ଏହି ସିସି ଟିଭି ଫୁଟେଜ୍ ମରାମତି ହୋଇ ଫେରିଲେ ଡକାୟତି ଘଟଣାରେ ସଂପୃକ୍ତ ଥିବା ଅଭିଯୁକ୍ତମାନଙ୍କର ସୁରାକ ମିଳିବ ବୋଲି ପୋଲିସ୍ ଆଶା ରଖିଛି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ସୁଧୀର ରଞ୍ଜନ ସାହୁଙ୍କୁ ପଚାରିବାରେ ଅଳ୍ପ ଦିନ ହେବ ଏଠାରେ ଯୋଗଦେଇଛି। ତଦନ୍ତ ଚାଲିଛି ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ।

### ମୃତଦେହ ଉଦ୍ଧାର ଘଟଣା
### ହତ୍ୟା ଅଭିଯୋଗ ଆଣିଲେ ବାପା

କୋଣାର୍କ, ୨୨।୮(ଡି.ଏନ୍.ଏ.): ଗତ ବୁଧବାର କୋଣାର୍କ ଥାନା ଅଧୀନ ଶିରିପୁର ଗ୍ରାମର ରାଜଶ୍ରୀ ସେଠୀ(୨୫)ଙ୍କ ଝୁଲନ୍ତା ମୃତଦେହ ନିଜ ବାସଗୃହରୁ ଉଦ୍ଧାର ହୋଇଥିଲା। ଏନେଇ ଗୁରୁବାର ରାଜଶ୍ରୀଙ୍କ ବାପା କୁଞ୍ଜ ବାରିକ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘରେ ଝିଅର ସ୍ୱାମୀ ନ ଥିବାରୁ ତାଙ୍କ ଶାଶୁ, ଶ୍ୱଶୁର ଓ ଦିଅର ମିଶି ମାରିଥିବା ନେଇ ପିତା କୁଞ୍ଜ ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି କୋଣାର୍କ ଥାନାରେ ନଂ୮୫/୧୯ ଏକ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରାଯାଇ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ କହିଛନ୍ତି।

# ପୁଣି କୂଳ ଲଂଘିଲା ସମୁଦ୍ର

ପୁରୀ ଅଫିସ,୨୨।୮:

ପୁଣି କୂଳ ଲଂଘିଛି ପୁରୀ ସମୁଦ୍ର। ଦେଖାଇଛି ଭୟଙ୍କର ରୂପ। ଗୁରୁବାର ସମୁଦ୍ର ଉଗ୍ର ରୂପ ଧାରଣ କରି ପ୍ରାୟ ୫ଫୁଟ ଗଭୀରରେ ତାଡ଼ି ନେଇଛି ବାଲି। ରାଜଭବନ ପଛ ପାର୍ଶ୍ୱରୁ ମେ ଫେୟାର ହୋଟେଲ ପର୍ଯ୍ୟନ୍ତ ବେଳାଭୂମିରେ ପ୍ରାୟ ୨୦୦ ମିଟର ଲମ୍ବରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। 'ବ୍ଲୁ ଫ୍ଲାଗ ବିଚ୍' ଅଞ୍ଚଳରେ ସମୁଦ୍ର କୂଳ ଖାଇଯିବା ଫଳରେ ବ୍ଲୁ ଫ୍ଲାଗ ବିଚ୍ ପ୍ରତି ବିପଦ ସୃଷ୍ଟି ହୋଇଛି। ତେବେ ଏହା ସମୁଦ୍ରର ସ୍ୱାଭାବିକ ପ୍ରକ୍ରିୟା। ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ। ଅବକ୍ଷୟ ସ୍ଥାନ ପୁଣି ବାନ୍ଧି ହୋଇଯିବ ବୋଲି କହିଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଦେବାନନ୍ଦ ବେଉରା।
ରାଜଭବନ ପଛପାର୍ଶ୍ୱରୁ ମେ ଫେୟାର ପର୍ଯ୍ୟନ୍ତ ଅଞ୍ଚଳ 'ବ୍ଲୁ ଫ୍ଲାଗ ବିଚ୍' ମାନ୍ୟତା ପାଇଛି। ବର୍ତ୍ତମାନ ଏଠାରେ ବିଭିନ୍ନ ପ୍ରକାର କାମ ଚାଲିଛି। ଏହି ଚିହ୍ନଟ ଅଞ୍ଚଳରେ ହିଁ ପ୍ରାୟ ୫ ଫୁଟ ଗଭୀରରେ ସମୁଦ୍ର କୂଳ ଖାଇଛି। ଫଳରେ ବ୍ଲୁ ଫ୍ଲାଗ ବେଳାଭୂମିର ଭବିଷ୍ୟତକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଏଥିଯୋଗୁ ପର୍ଯ୍ୟଟକମାନେ ମଧ ଭୟଭୀତ ହୋଇପଡ଼ିଛନ୍ତି। ଗୁରୁବାର ବେଳାଭୂମିରେ ବୁଲୁଥିବା ପ୍ରଭାକର ସାହୁ କହିଛନ୍ତି, ପୂର୍ବରୁ ସମୁଦ୍ର କୂଳ ଖାଏ। କିନ୍ତୁ ଏତେ ମାତ୍ରାରେ କୂଳ ଖାଇବା ଦେଖି ନ ଥିଲି। ଏହାର କାରଣ ଖୋଜି ବେଳାଭୂମିକୁ



ଜୁଆର ମାଡ଼ରେ ପୁରୀ ବେଳାଭୂମି ଖାଇଯାଉଛି।

- ୫ ଫୁଟ ଗଭୀରରେ ତାଡ଼ି ନେଲା ବାଲି
- ୨୦୦ ମିଟର କୂଳ ଖାଇଲା
- ବିପଦରେ 'ବ୍ଲୁ ଫ୍ଲାଗ ବିଚ୍'

ସୁରକ୍ଷା ଦେବା ଲାଗି ପଦକ୍ଷେପ ନିଆଯିବା ଦରକାର। ସମୁଦ୍ରର ଏଭଳି ସ୍ଥିତି ସମ୍ପର୍କରେ ଡ. ବେଉରା କହିଛନ୍ତି, କେବଳ ପୁରୀ ନୁହେଁ, ଓଡ଼ିଶାର ତଟ କ୍ଷୟ ହେଉଛି। ବିଶେଷକରି ପୁରୀ, ଗୋପାଳପୁର, ପାରାଦୀପ, ଏରସମାର ଶିଆଳି, କେନ୍ଦ୍ରାପଡ଼ାର ସାତଭାୟା ଏହିସବୁ ସ୍ଥାନରେ ସମୁଦ୍ର କୂଳ ଖାଉଛି। ପୁରୀ ପାଇଁ ଏହା ନୂଆ କଥା ନୁହେଁ। ପୂର୍ବରୁ ୨୦୦୭ରେ ବଳିଆପଣ୍ଡା ଏବଂ ୨୦୧୬ରେ ସ୍ୱର୍ଗଦ୍ୱାର ନିକଟରେ ସମୁଦ୍ର କୂଳ ଖାଇ ରାସ୍ତା ପାଖକୁ ମାଡ଼ି ଆସିଥିଲା। କିଛିଦିନ ତଳେ ସ୍ୱର୍ଗଦ୍ୱାର ନିକଟରେ ଉଚ୍ଚ ଢେଉ ଆସି ବେଳାଭୂମିକୁ ଅବକ୍ଷୟ କରିଥିଲା। ଏହାର ବିଭିନ୍ନ କାରଣ ଅଛି। ସାଧାରଣତଃ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ମୌସୁମୀ ଅଧିକ ସକ୍ରିୟ ରହିଥିବାବେଳେ ସମୁଦ୍ରରେ ଉଚ୍ଚ ଜୁଆର ଆସିଥାଏ। ବଡ଼ ବଡ଼ ଢେଉ ଆସି କୂଳରେ ମାଡ଼ ହୁଏ। ତେବେ ପୁରୀ କ୍ଷେତ୍ରରେ ମଙ୍ଗଳା ନଦୀ ମୁହାଣ ସଂକୁଚିତ ହୋଇଯିବା ପ୍ରମୁଖ କାରଣ କୁହାଯାଇପାରେ। କିନ୍ତୁ ଏଥିପାଇଁ ଏତେଟା ଭୟଭୀତ ହେବାର କାରଣ ନାହିଁ। ସମୁଦ୍ରର ଏହା ସ୍ୱାଭାବିକ ପ୍ରକ୍ରିୟା ଓ ସମ୍ପୂର୍ଣ୍ଣ ଅସ୍ଥାୟୀ ମଧ। କିନ୍ତୁ ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ତ ସାମୁଦ୍ରିକ ଭୂତାତ୍ତ୍ୱିକ ପ୍ରକ୍ରିୟା ଯୋଗୁ ଯେଉଁ ତଟ କ୍ଷୟ ଧୀରେ ଧୀରେ ଘଟୁଛି ତାହା ଭବିଷ୍ୟତ ପାଇଁ ବିପଦ ଆଣିପାରେ, ଯାହା ବିଶ୍ୱର ତଟୀୟ କ୍ଷେତ୍ରରେ ପ୍ରତୀୟମାନ ହେବାରେ ଲାଗିଛି। ବର୍ତ୍ତମାନ ସମୁଦ୍ର ବାନ୍ଧିବା ଅପେକ୍ଷା ଅବକ୍ଷୟ ବେଶି କରୁଛି। ପରବର୍ତ୍ତୀ ସମୟରେ ଏହା ବାନ୍ଧି ଦେବ। ତେବେ ବାସସ୍ଥାନ ଓ ସମୁଦ୍ର ମଧ୍ୟରେ ବଫର ଜୋନ (ସମୁଦ୍ର ଚଳାଚଳ କ୍ଷେତ୍ର) ରହିବା ଦରକାର। ଦ୍ରୁତ ସହରୀକରଣ ଯୋଗୁ ବେଳାଭୂମି କଡ଼କୁ ବାସସ୍ଥାନ ଲାଗି ଗଲାଣି। ସମୁଦ୍ରର ସାମାନ୍ୟ ଅନୁପ୍ରବେଶ ଯୋଗୁ ଆମେ ଭୟଭୀତ ହୋଇପଡୁଛନ୍ତି ବୋଲି ଡ. ବେଉରା ମତବ୍ୟକ୍ତ କରିଛନ୍ତି।
ସୂଚନାଥାଉ କି, ୨୦୧୬ ଅଗଷ୍ଟ ମାସରେ ସ୍ୱର୍ଗଦ୍ୱାର ସମ୍ମୁଖରେ ବେଳାଭୂମି କ୍ଷୟ ହୋଇଥିଲା। ପ୍ରାୟ ୨୦୦ ଫୁଟରୁ ଉର୍ଦ୍ଧ୍ୱ କୂଳ ଖାଇଥିଲା। ବେଳାଭୂମି ମାର୍ଗ ପର୍ଯ୍ୟନ୍ତ ସମୁଦ୍ର ଛୁଇଁଥିଲା। ଏହାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ବିଶେଷଜ୍ଞମାନେ ଆସି ସମୁଦ୍ରର ଏଭଳି ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗର ଉଚ୍ଚ ପଦାଧିକାରୀ ମଧ ଆସି ଦେଖିଥିଲେ। ପରବର୍ତ୍ତୀ ସମୟରେ ସମୁଦ୍ର ପୁଣି ତା' ପୂର୍ବ ସ୍ଥିତିକୁ ଫେରିଥିଲା। ଗତ ୨ ଓ ୩ତାରିଖରେ ମଧ ସ୍ୱର୍ଗଦ୍ୱାର ନିକଟରେ ଉଚ୍ଚ ଜୁଆର ଆସି ବ୍ୟବସାୟୀଙ୍କ ପସରା ଭସାଇ ନେଇଥିଲା।

■ ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ରାଞ୍ଚଳ ଡିଆଇଜି

## ଭକ୍ତ, ତଟ ସୁରକ୍ଷା ଉପରେ ଗୁରୁତ୍ୱ



କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ କୁମାର ସିଂ ଶ୍ରୀମନ୍ଦିରରୁ ଶ୍ରୀଜୀଉଙ୍କୁ ଦର୍ଶନ ସାରି ଫେରୁଛନ୍ତି।

ପୁରୀ ଅଫିସ,୨୨।୮:

କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆଶିଷ କୁମାର ସିଂ ଗୁରୁବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିରରୁ ଫେରିବା ବେଳେ ସିଂହଦ୍ୱାର ନିକଟରେ ସେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି, ମୁଁ ବଡ଼ ଭାଗ୍ୟବାନ। ପୁଣି ଥରେ ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ପାଇଛି। ପୁରୀକୁ ବିଶ୍ୱସ୍ତରର ଏକ ସହର ଭାବେ ଗଢି ତୋଳିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଏ କ୍ଷେତ୍ରରେ ଶ୍ରୀମନ୍ଦିର ସେବାୟତ, ଜନସାଧାରଣ, ବୁଦ୍ଧିଜୀବୀଙ୍କ ସହଯୋଗର ଆବଶ୍ୟକତା ରହିଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯିବ। ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ଶ୍ରୀମନ୍ଦିର ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଚତୁଃପାର୍ଶ୍ୱସ୍ଥ ୱାଚ ଟାୱାରକୁ ସୁଦୃଢ କରାଯିବ। ସିସିଟିଭି ବ୍ୟବସ୍ଥାକୁ କ୍ରିୟାନ୍ୱିତ କରାଯିବ। ଆତଙ୍କବାଦୀଙ୍କ ଟାର୍ଗେଟରେ ଶ୍ରୀମନ୍ଦିର ରହିଛି। ଏହାକୁ ପ୍ରତିହତ କରିବା ଲାଗି ସମୁଦ୍ର ତଟରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ। ସାମୁଦ୍ରିକ ଥାନାର ଭିତ୍ତିଭୂମି ବିକାଶ ସହ ଦକ୍ଷତା ସମ୍ପନ୍ନ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯିବାର ଯୋଜନା ରହିଛି। ଅତ୍ୟାଧୁନିକ ଜ୍ଞାନ କୌଶଳରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢକରଣ ଲାଗି ରୂପରେଖ ପ୍ରସ୍ତୁତ କରାଯିବ ବୋଲି ଡିଆଇଜି କହିଛନ୍ତି। ୨୦୧୫ ନବକଳେବର ଅନୁଭୂତି ଭିତ୍ତିରେ କାର୍ଯ୍ୟ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ଦର୍ଶନ ବେଳେ ସେ କେତେଜଣ ସେବାୟତଙ୍କୁ ଭେଟିବା ସହ କେତେଜଣ ଭକ୍ତଙ୍କୁ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। କୌଣସି ଅସୁବିଧା ଉପୁଜିଲେ ଏସ୍‌ପି ଅଥବା ତାଙ୍କୁ ଜଣାଇବା ଲାଗି ପରାମର୍ଶ ଦେଇଥିଲେ।

■ ମାଲେସିଆ ଜାହାଜ ଦେଖିବାକୁ ଲୋକଙ୍କ ଭିଡ଼

# ଜାହାଜ ତଳେ ବିପଦପୂର୍ଣ୍ଣ ସେଲ୍‌ଫି




କୃଷ୍ଣପ୍ରସାଦ ବ୍ଲକ ରାଜହଂସ ନିକଟରେ ଲାଗିଥିବା ମାଲେସିଆ ଜାହାଜ ତଳେ ଲୋକମାନେ ବିପଦପୂର୍ଣ୍ଣ ଭାବେ ସେଲ୍‌ଫି ନେଉଛନ୍ତି।

ବ୍ରହ୍ମଗିରି, ୨୨।୮(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାଜହଂସ ନିକଟରେ ଲାଗିଛି ମାଲେସିଆର ଏକ ପଣ୍ୟବାହୀ ଜାହାଜ। ଜାହାଜ ଲାଗିବା ୧୫ ଦିନ ବିତିଲାଣି। ଏହି ଜାହାଜଟିକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଛି। ପ୍ରତ୍ୟେକ ଦିନ ଜାହାଜ ଦେଖିବାକୁ ଶହଶହ ଲୋକେ ଯାଉଛନ୍ତି। କିନ୍ତୁ କୌଣସି କଟକଣା ନ ଥିବାରୁ ଲୋକମାନେ ଜାହାଜର ଅତିନିକଟକୁ ଯାଉଛନ୍ତି। ଏଭଳିକି ଜାହାଜ ଉପରକୁ ମଧ ଲୋକେ ଚଢୁଛନ୍ତି। ଜାହାଜଟି ଢେଉମାଡରେ ଦିନକୁ ଦିନ ଢଳିବାରେ ଲାଗିଛି। ଫଳରେ ଜାହାଜଟି ବର୍ତ୍ତମାନ ବିପଦ ପୂର୍ଣ୍ଣ ଭାବେ ରହିଥିବା ସମୟରେ ଦେଖଣାହାରିମାନେ ଢଳିପଡିଥିବା କଡ଼କୁ ଛିଡାହୋଇ ବିପଦପୂର୍ଣ୍ଣ ସେଲଫି ଉଠାଉଛନ୍ତି। ସମୁଦ୍ରର ଉଚ୍ଚ ଲହଡି ମାଡରେ ଜାହାଜ ଓଲଟି ପଡ଼ିବାର ଭୟ ରହିଛି। ତେଣୁ ଜାହାଜର ଅତିନିକଟକୁ ଯାଇ ସେଲ୍‌ଫି ଉଠାଉଥିବା ସମୟରେ ଆସନ୍ନ ବିପଦକୁ ଏଡାଇ ଦିଆଯାଇ ନ ପାରେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସୂଚନା ଥାଉକି ଗତ ଶୁକ୍ରବାର ଉକ୍ତ ଜାହାଜର ଜଣେ କର୍ମଚାରୀ ଜାହାଜ ଉପରକୁ ଯାଇଥିବା ସମୟରେ ଲହଡି ମାଡରେ ଭାରସାମ୍ୟ ହରାଇ ଜାହାଜରୁ ଖସିପଡି ଆହତ ହୋଇଥିଲେ।

### ଯୌତୁକ ପାଇଁ ବଧୂ ନିର୍ଯାତନା: ସ୍ୱାମୀ, ଶାଶୁଙ୍କ ବିରୋଧରେ ମାମଲା

ନିମାପଡ଼ା,୨୨।୮(ଡି.ଏନ୍.ଏ.):
ନିମାପଡ଼ା ଥାନା ଅନ୍ତର୍ଗତ ମଣିଜଙ୍ଗପାଟଣା ଗ୍ରାମର ବଧୂ ରାନୁ ସାହୁ(୨୩)ଙ୍କୁ ଯୌତୁକ ପାଇଁ ଶାଶୁଘର ଲୋକ ନିର୍ଯାତନା ଦେଉଥିବା ଗୁରୁବାର ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ନିମାପଡ଼ା ଥାନା ଅନ୍ତର୍ଗତ ରଟିଲୋ ସାମିଲ ବରୁଣିଚକ ଗ୍ରାମର ରାନୁ ୨୦୧୯ ମାର୍ଚ୍ଚରେ ମଣିଜଙ୍ଗ ପାଟଣାର ସୁଧାଂଶୁ ବେହେରାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ବେଳେ ଶାଶୁଘର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ବିବାହର କିଛି ମାସ ପରେ ବାପଘରୁ ଅଧିକ ୧ଲକ୍ଷ ଟଙ୍କା ଆଣିବା ପାଇଁ ରାନୁଙ୍କୁ ଶାଶୁଘର ଲୋକେ କହିଥିଲେ। ସେ ଏଥିରେ ଅରାଜି ହେବାରୁ ସ୍ୱାମୀ ସୁଧାଂଶୁ ଓ ଶାଶୁ ତାଙ୍କୁ ନିର୍ଯାତନା ଦେବା ସହ ଜୀବନରୁ ମାରିଦେବା ପାଇଁ ଧମକ ଦେଉଥିଲେ। ସେ ୪ମାସର ଗର୍ଭବତୀ ଥିବା ବେଳେ ତାଙ୍କୁ ବିଷାକ୍ତ ଔଷଧ ଖାଇବାକୁ ଦିଆଯାଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ରାନୁଙ୍କ ଅଭିଯୋଗକ୍ରମେ ପୋଲିସ ତାଙ୍କ ସ୍ୱାମୀ ଓ ଶାଶୁଙ୍କ ବିରୋଧରେ ଏକ ମାମଲା (ନଂ.୨୦୯/୧୯)ରୁଜୁ କରି ତଦନ୍ତ ଚଳାଇଛି। ନିର୍ଯାତନା ସହି ନ ପାରି ରାନୁ ପ୍ରାୟ ଗତ ୧ମାସ ହେବ ବାପଘରେ ଆଶ୍ରୟ ନେଇଥିବା ଜଣାପଡିଛି।

## ୨ ଅଙ୍ଗନୱାଡି କେନ୍ଦ୍ରକୁ କାରଣ ଦର୍ଶାଅ ନୋଟିସ



ସିଡିପିଓ ଏବଂ ବ୍ଲକ ଅଧ୍ୟକ୍ଷ ଅଙ୍ଗନୱାଡି କେନ୍ଦ୍ରର କାଗଜପତ୍ର ଯାଞ୍ଚ କରୁଛନ୍ତି।

ଡେଲାଙ୍ଗ, ୨୨।୮(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ କୋଠବାଡ ପଞ୍ଚାୟତ ସାନାଆଙ୍କୁଲା ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର ଓ ମୁନିନ୍ଦା ପଞ୍ଚାୟତର ଶଙ୍ଖପାଟ ଅଙ୍ଗନୱାଡ଼ି କେନ୍ଦ୍ରକୁ ସିଡିପିଓ କାମିନୀପ୍ରଭା ସ୍ୱାଇଁ ଗୁରୁବାର କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହି ୨ଟି କେନ୍ଦ୍ରରେ ଶିଶୁଙ୍କୁ ରନ୍ଧାଖାଦ୍ୟ ଓ ଜଳଖିଆ ଠିକ୍ ଭାବେ ଦିଆଯାଉ ନ ଥିବା ଅଭିଭାବକମାନେ ପୂର୍ବରୁ ସିଡିପିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଗୁରୁବାର ପିପିଲି ବିଧାୟକ ପ୍ରଦୀପ ମହାରଥୀ ଡେଲାଙ୍ଗ ବ୍ଲକରେ ଜନଶୁଣାଣି କରୁଥିବାବେଳେ ଅଭିଭାବକମାନେ ସେଠାରେ ପହଞ୍ଚି ଏ ନେଇ ଅଭିଯୋଗ କରିଥିଲେ। ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ସିଡିପିଓ ସ୍ୱାଇଁ ଅଚାନକ ୨ଅଙ୍ଗନୱାଡ଼ି କେନ୍ଦ୍ର ଉପରେ ଚଢାଉ କରିଥିଲେ। ଏହି ସମୟରେ ସାନଆଙ୍କୁଲା ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ଥିବାବେଳେ ଶଙ୍ଖପାଟ କେନ୍ଦ୍ରରେ ୭ଜଣ ପିଲା ଥିଲେ। ଶଙ୍ଖପାଟ କେନ୍ଦ୍ର କର୍ମୀ ନ ଥିବାବେଳେ ସହାୟିକା ପିଲାମାନଙ୍କୁ ଜଗିଥିଲେ। ସେପର୍ଯ୍ୟନ୍ତ ପର୍ଯ୍ୟନ୍ତ ପିଲାମାନଙ୍କୁ ଜଳଖିଆ ଓ ରନ୍ଧା ଖାଦ୍ୟ ଦିଆଯାଇ ନ ଥିବାରୁ ବ୍ଲକ ଅଧ୍ୟକ୍ଷ ଏବଂ ସିଡିପିଓ ବିରକ୍ତ ପ୍ରକାଶ କରିବା ସହ କାରଣ ଦର୍ଶାଅ ନୋଟିସେ ଜାରି କରିଥିଲେ। ସେହିପରି ସାନଆଙ୍କୁଲା କେନ୍ଦ୍ର ବନ୍ଦ ଥିବାରୁ ଗୃହ କାନ୍ଥରେ ନୋଟିସେ ଲଗାଯାଇଥିଲା। ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ଅଧ୍ୟକ୍ଷ କହିଥିଲେ।

# ଦାୟିତ୍ୱ ନେଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ ଅଫିସ, ୨୨।୮:

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ତ୍ତ ବିଭାଗ ସଚିବ ଡ. କ୍ରିଷନ କୁମାର। ସେ ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହାପରେ ସେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପହଞ୍ଚି ମଧ୍ୟାହ୍ନ ୧୨ଟା ୫ରେ ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ପରେ କ୍ରିଷନ କୁମାର ଗଣମାଧ୍ୟମକୁ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ମୋତେ ଏହି ସୁଯୋଗ ମିଳିଛି। ସମସ୍ତଙ୍କୁ ସାଥିରେ ନେଇ ବିଶେଷକରି ଶ୍ରୀମନ୍ଦିର ପ୍ରଶାସନର ସମସ୍ତ କର୍ମଚାରୀଙ୍କ ସହ ମିଶି କାମ କରିବି। ଏଥିପାଇଁ ଶ୍ରୀମନ୍ଦିର ଆଇନରେ ଯେଉଁ ବିଧି ବ୍ୟବସ୍ଥା ରହିଛି ତାହାକୁ ସୁଚାରୁ ରୂପେ ପାଳନ କରାଯିବ। ବିଶେଷକରି ମହାପ୍ରଭୁଙ୍କ ନୀତିକାନ୍ତି ସବୁଠୁ ପ୍ରାଥମିକତା ରହିବ। ଶୃଙ୍ଖଳିତ ନୀତି ଏବଂ ଶ୍ରୀମନ୍ଦିରର ବିକାଶ ପାଇଁ ପ୍ରଶାସନର ଯାହା ଦାୟିତ୍ୱ ରହିଛି ତାହାକୁ ସୁଚାରୁ ରୂପେ ତୁଲାଇବାକୁ ଚେଷ୍ଟା କରିବି। ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ସହିତ ମଠ ଓ ସେବାୟତଙ୍କ ଉନ୍ନତି ପାଇଁ ପ୍ରଶାସନର ଯାହା ଭୂମିକା ରହିଛି ତାହାର ସମୀକ୍ଷା ଏବଂ ଅନୁଧ୍ୟାନ କରିବି।



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଡ. କ୍ରିଷନ କୁମାର ଦାୟିତ୍ୱ ଗ୍ରହଣ କରୁଛନ୍ତି।

- ସମସ୍ତଙ୍କୁ ସାଥିରେ ନେଇ କାମ କରିବି: କ୍ରିଷନ କୁମାର
- ମହାପ୍ରଭୁଙ୍କ ନୀତିକାନ୍ତିକୁ ଦେବେ ପ୍ରାଥମିକତା

ଯଥାଶୀଘ୍ର ଯେପରି ତାହାକୁ କାର୍ଯ୍ୟକାରୀ କରାଯାଇପାରିବ ସେନେଇ ସଂକଳ୍ପବଦ୍ଧ ଅଛି। ସେବାୟତମାନଙ୍କ ପାଇଁ ଥିବା କଲ୍ୟାଣକାରୀ ଯୋଜନାକୁ ଅଗ୍ରାଧିକାର ଦିଆଯିବ। ବିଶେଷକରି ତିନୋଟି କଲ୍ୟାଣକାରୀ ଯୋଜନା ଆଦର୍ଶ ଗୁରୁକୁଳ, ଗୃହ ନିର୍ମାଣ ଓ ସ୍ୱାସ୍ଥ୍ୟ ବୀମା ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ। ଶ୍ରୀମନ୍ଦିର ପ୍ରଶାସନ, ପରିଚାଳନା କମିଟି ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ସମସ୍ତ କାମକୁ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ ନୂଆ ମୁଖ୍ୟ ପ୍ରଶାସକ। ଏହି ଅବସରରେ ସେ ପୁରୀବାସୀଙ୍କ ସହଯୋଗ ମଧ ଲୋଡ଼ିଥିଲେ। ତେବେ ସୁପ୍ରିମ୍‌କୋର୍ଟରେ ଚାଲିଥିବା ଶ୍ରୀମନ୍ଦିର ସଂସ୍କାର ମାମଲା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ କ୍ରିଷନ କୁମାର କହିଥିଲେ, ନୂଆକରି କାର୍ଯ୍ୟରେ ଯୋଗଦେଲି। ପ୍ରଥମେ ମୁଁ ଏହାକୁ ଅନୁଧ୍ୟାନ କରିବି। ପରିଚାଳନା କମିଟି ମାଧ୍ୟମରେ ଯାହା କିଛି ପଦକ୍ଷେପ ନିଆଯିବା କଥା ତାହା ନିଆଯିବ। ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର କର୍ମଚାରୀମାନେ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। ସେବାୟତ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ମଧ ତାଙ୍କୁ ସ୍ୱାଗତ କରିଥିଲେ।

# ବାତ୍ୟାର ୩ ମାସ ପରେ ବି ସୁଧୁରିନି ଶିକ୍ଷା ଭିତ୍ତିଭୂମି

ପୁରୀ ଅଫିସ, ୨୨।୮:

ବାତ୍ୟା 'ଫନୀ'ରେ ପୁରୀ ଜିଲାରେ ବ୍ୟାପକ କ୍ଷତି ଘଟିଥିଲା। ୨ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ପ୍ରଭାବିତ ହୋଇଥିଲା। ତନ୍ମଧ୍ୟରୁ ୧୭୨ଟି ଶିକ୍ଷାନୁଷ୍ଠାନ ବେଶି କ୍ଷତିଗ୍ରସ୍ତ ହୋଇଥିଲା। ଜିଲା ଶିକ୍ଷା ବିଭାଗ ପକ୍ଷରୁ ସରକାରଙ୍କୁ ୩୮କୋଟି ଟଙ୍କାର କ୍ଷୟକ୍ଷତି ରିପୋର୍ଟ ଦିଆଯାଇଥିଲା। ଇତିମଧ୍ୟରେ ବାତ୍ୟାକୁ ୩ମାସ ପୂରିଲାଣି, ହେଲେ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ସଜଡ଼ା ଯାଇନାହିଁ। ଫଳରେ ଛାତ୍ରୀଛାତ୍ରମାନେ ପାଠ ପଢିବା ପାଇଁ ହଇରାଣ ହେଉଛନ୍ତି।
ବାତ୍ୟାରେ ପୁରୀ ସରକାରୀ ବାଳିକା ବିଦ୍ୟାଳୟ ପାଚେରି ଭୁଶୁଡ଼ିବା ସହ ଏକ ଶ୍ରେଣୀଗୃହର ଆଜବେଷ୍ଟସ୍ ଛାତ ଭାଙ୍ଗିପଡ଼ିଥିଲା। ଏପର୍ଯ୍ୟନ୍ତ ତାହା ମରାମତି ହୋଇନାହିଁ। ସେହିପରି ଭୋଳାନାଥ ବିଦ୍ୟାପୀଠର କ୍ଷତି ଘଟିଥିବା ବେଳେ ପାନୀୟଜଳ ଓ ଶୌଚାଳୟ ସମସ୍ୟା ଦୂର ହୋଇପାରିନାହିଁ। ଅନେକ ଶିକ୍ଷାନୁଷ୍ଠାନ ସମ୍ପୂର୍ଣ୍ଣ ଭାବେ ମରାମତି ସରିନାହିଁ। ଅନ୍ୟପକ୍ଷେ ଜିଲା ପ୍ରଶାସନ



ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ଏକ ବିଦ୍ୟାଳୟ ଏପର୍ଯ୍ୟନ୍ତ ମରାମତି ହୋଇନାହିଁ।

ବେଳାଭୂମିର ସ୍ୱଚ୍ଛତା ଓ ବଡଦାଣ୍ଡର ସୌନ୍ଦର୍ଯ୍ୟ ପ୍ରତି ଗୁରୁତ୍ୱ ଦେଉଥିବା ବେଳେ ଶିକ୍ଷାକୁ ଅବହେଳା କରୁଛି ବୋଲି ଛାତ୍ର କଂଗ୍ରେସର ଜିଲା ଆବାହକ ଆଶୁତୋଷ ମିଶ୍ର କହିଛନ୍ତି। ଏଥିପାଇଁ ସେ ଜିଲା ପ୍ରଶାସନର ଆନ୍ତରିକତା ଅଭାବକୁ ଦାୟୀ କରିଛନ୍ତି। ବାତ୍ୟାକୁ ୩ମାସ ବିତିଲାଣି। ଅଥଚ ଭଗ୍ନାବସ୍ଥାରେ ଥିବା ଅନେକ ସ୍କୁଲ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଆବଶ୍ୟକ ସଂଖ୍ୟକ କୋଠରି ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଜନୈକ ଶିକ୍ଷକଙ୍କ କହିବାନୁଯାୟୀ, ଉପରୁ ନିର୍ଦ୍ଦେଶ ଆସିଛି ସ୍କୁଲ ଖୋଲି ବସ ଓ ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଅ। ଉପସ୍ଥାନ ଯେପରି ନ କମିବ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ଅନ୍ୟପକ୍ଷେ ସାମାଜିକ କର୍ମୀ ବିକ୍ରମ ମଲିକ କହିଛନ୍ତି, ଏହା ସତ୍ୟ ହୋଇଥିଲେ ସାଂଘାତିକ। ବର୍ତ୍ତମାନ ସୁଦ୍ଧା ୫୦ ପ୍ରତିଶତ ପାଠପଢା ସରିନାହିଁ। ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ। ଅନ୍ୟତମ ସାମାଜିକ କର୍ମୀ ଚନ୍ଦ୍ରଶେଖର ମିଶ୍ର କହିଛନ୍ତି, ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କେବଳ କାଗଜକଲମରେ ଚାଲିଛି। ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନର ଆନ୍ତରିକତା ଅଭାବରୁ ଶିକ୍ଷା ଭିତ୍ତିଭୂମି ବର୍ତ୍ତମାନ କୋମା ଅବସ୍ଥାରେ ରହିଛି। ସେହିପରି ଆଇନଜୀବୀ ଅନିଲ କୁମାର ସାହୁ କହିଛନ୍ତି, ବାତ୍ୟାରେ ଭାଙ୍ଗିଥିବା ସରକାରୀ କାର୍ଯ୍ୟାଳୟ ଓ କ୍ୱାର୍ଟର୍ସଗୁଡ଼ିକ ତ୍ୱରିତ ମରାମତି ହେଲା, ଅଥଚ କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରତି ପ୍ରଶାସନ ଅଣଦେଖା କଲା। ଏ ନେଇ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷଙ୍କୁ ପଚାରିବାରେ କହିଛନ୍ତି, ବାତ୍ୟାରେ ଜିଲାର ଅଧିକାଂଶ ଶିକ୍ଷାନୁଷ୍ଠାନ କ୍ଷତିଗ୍ରସ୍ତ ହୋଇଥିଲା। ସେଗୁଡ଼ିକର ଭିତ୍ତିଭୂମି ସଜାଡ଼ିବା ଲାଗି ପ୍ରୟାସ ଜାରି ରହିଛି। ପିଲାଙ୍କ ପାଠପଢା ଯେପରି ବ୍ୟାହତ ନ ହେବ, ସେଥିପାଇଁ ପଦକ୍ଷେପ ନେବାକୁ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

- ନିର୍ମାଣ ସରିନି ଅନେକ ସ୍କୁଲ କୋଠା
- ପାଠପଢା ପାଇଁ ହଇରାଣ ହେଉଛନ୍ତି ପିଲା



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



■ ଆଗକୁ ଆସୁଛି ପର୍ବପର୍ବାଣି, ଡିସିପିଙ୍କ ବୈଠକ

# ଅପରାଧୀଙ୍କୁ ଧରିବାକୁ କମିଶନରେଟ ପୋଲିସର ବ୍ଲୁ ପ୍ରିଣ୍ଟ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ଆଗକୁ ଆସୁଛି ଗଣେଶ ପୂଜାଠାରୁ ଆରମ୍ଭ କରି ଦଶହରା ପର୍ଯ୍ୟନ୍ତ ପର୍ବପର୍ବାଣି। ତେଣୁ ରାଜଧାନୀରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବ। ତେଣୁ କିଭଳି ଶାନ୍ତିଶୃଙ୍ଖଳାରେ ପର୍ବ ଶେଷ ହେବ ସେଥିଲାଗି ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁଙ୍କ ପୌରୋହିତ୍ୟରେ ଏକ ବୈଠକ ଗୁରୁବାର ଅପରାହ୍ନରେ ଡିସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୋନ୍ ଏସିପି ଓ ଥାନା ଅଧିକାରୀମାନେ ଉପସ୍ଥିତ ରହିଥିଲେ। ବିଶେଷକରି ପୂଜା ପାର୍ବଣରେ ରାଜ୍ୟ ବାହାରର ଅପରାଧୀ ସହ ଅନ୍ୟ ଜିଲାର ଅପରାଧୀମାନେ ଭୁବନେଶ୍ୱର ଆସିବେ। ତେଣୁ କିଭଳି ଏହିସବୁ ଅପରାଧୀଙ୍କୁ ପୂଜା ପୂର୍ବରୁ ଗିରଫ କରାଯିବ ସେନେଇ ବୈଠକରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ପ୍ରତି ଥାନା ଅଞ୍ଚଳରେ ରହୁଥିବା ପେସାଦାର ଆପରାଧିକଙ୍କ ତାଲିକା ବାହାରି କରି ସେମାନଙ୍କୁ ଗିରଫ କରିବାକୁ ଥାନା ଅଧିକାରୀମାନଙ୍କୁ ଡିସିପି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଥାନାଗୁଡିକରେ ପଡି ରହିଥିବା ମାମଲାକୁ କ୍ଲୋଜ୍ କରିବା ସହ ଏହିସବୁ ମାମଲାରେ ଫେରାର ଥିବା ଅପରାଧୀଙ୍କୁ ଗିରଫ କରିବାକୁ କୁହାଯାଇଛି। ସ୍ପେଶାଲ ସ୍କ୍ୱାଡ ଏବଂ କ୍ୟୁଏଟିକୁ ଅଧିକ ସଜାଗ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ନିକଟରେ ପୋଲିସ ରବି ରାଓ ଗ୍ୟାଙ୍ଗର ସଦସ୍ୟମାନଙ୍କୁ ଗିରଫ କରି ଜେଲ ପଠାଇଛନ୍ତି। ହେଲେ ଏହି ଗ୍ୟାଙ୍ଗରେ ଆଉ କେତେଜଣ ରହି ଯାଇଛନ୍ତି। ସେମାନଙ୍କ ଉପରେ ନଜର ରଖିବା ସହ ସେମାନେ କୌଣସି ଅପରାଧ ଘଟାଇବା ପୂର୍ବରୁ ଗିରଫ କରିବାକୁ ବୈଠକରେ ଡିସିପି କହିଛନ୍ତି। ପୂଜାରେ ଅନେକ ଗୋଷ୍ଠୀ କନ୍ଦଳ ଓ ଗଣ୍ଡଗୋଳ ହେବାର ଆଶଙ୍କା ରହିଛି। ତେଣୁ ପୋଲିସ କିଭଳି ନିଜର କାର୍ଯ୍ୟ କରିବା ସହ ଗଣ୍ଡଗୋଳ ହେବା ପୂର୍ବରୁ ଗଣ୍ଡଗୋଳକାରୀଙ୍କୁ ଗିରଫ କରିବ ସେ ନେଇ ମଧ୍ୟ କୁହାଯାଇଛି।

## ଥାନା ଅଧିକାରୀ, ଏସିପିଙ୍କୁ କଡ଼ା ନିର୍ଦ୍ଦେଶ

ପୂଜା ପାଇଁ ଯଦି କୌଣସି ମଣ୍ଡପ ଓ କ୍ଲବ ଜୋରଜବରଦସ୍ତ ଚାନ୍ଦା ମାଗନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ପୂଜାରେ କିଭଳି ଲାଇସେନ୍ସ ଦିଆଯିବ, ବିଳମ୍ବିତ ରାତିରେ ଯଦି କୌଣସି ଅନୁଷ୍ଠାନ ମ୍ୟୁଜିକ୍ ବଜାଇବେ ସେମାନଙ୍କ ବିରୋଧରେ କି ପଦକ୍ଷେପ ନିଆଯିବ। ଏହାସହ ରାଜଧାନୀରେ ଥିବା ପୂଜା ମଣ୍ଡପଗୁଡିକର ମୁରବୀମାନଙ୍କୁ ନେଇ ଆଲୋଚନା କରିବା ସହ ସେମାନଙ୍କ ସହ ନିୟମିତ ସମ୍ପର୍କ ରଖି ପଦକ୍ଷେପ ନେବାକୁ କୁହାଯାଇଛି। ଏଥିସହ ଗୁଇନ୍ଦା ପୋଲିସକୁ ରାଜ୍ୟ ବାହାର ଅପରାଧୀଙ୍କ ଉପରେ ନଜର ରଖିବ। ଅନ୍ୟ ଜିଲାର ଏସ୍‌ପିଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ କୁହାଯାଇଛି। ରାଜ୍ୟ ବାହାର କେଉଁ ପେସାଦାର ଅପରାଧୀ ଜେଲରୁ ବାହାରିଛନ୍ତି ସେମାନେ ଜେଲରୁ ବାହାରିବା ପରେ କୁଆଡେ ଯାଉଛନ୍ତି ସେନେଇ ମଧ୍ୟ ନଜର ରଖାଯିବ। ଫଳରେ ଅନ୍ୟ ଜିଲାରୁ ରାଜଧାନୀକୁ ଆସୁଥିବା ଅପରାଧୀଙ୍କୁ କିଛି ଘଟଣା ଘଟାଇବା ପୂର୍ବରୁ ଗିରଫ କରାଯିବ। ସହରରେ ଏବେ କିଛି ଛୋଟ ଅପରାଧୀ ଗ୍ୟାଙ୍ଗ୍ ରହିଛନ୍ତି। ସେମାନଙ୍କୁ ମଧ୍ୟ ଗିରଫ କରାଯିବାକୁ କୁହାଯାଇଛି। ବିଶେଷକରି କେଉଁ ଥାନା ଅଞ୍ଚଳରେ କିଭଳି ଅପରାଧ ଘଟୁଛି ସେନେଇ ଡିସିପି ଥାନା ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଏପରିକି ଏହିସବୁ ଅପରାଧକୁ କିଭଳି ନିୟନ୍ତ୍ରଣ କରିହେବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ପାର୍ବଣ ଋତୁକୁ ନଜରରେ ଥିବା ଅପରାଧୀ ନିୟନ୍ତ୍ରଣ ପାଇଁ ବୈଠକରେ ଆଲୋଚନା ହୋଇଛି।

ଏହାସହ ନିକଟରେ ନୂଆ ପୋଲିସ କମିଶନର ନିଯୁକ୍ତ ହୋଇଛନ୍ତି। ତାଙ୍କ ଆଭିମୁଖ୍ୟ କ'ଣ ରହିବ ସେନେଇ ମଧ୍ୟ ଏଥିରେ ପ୍ରମୁଖ ବିଷୟ ହୋଇଥିଲା। ସେ କେଉଁ ପ୍ରକାର ଷ୍ଟ୍ରାଟେଜି ଆପଣାଇଛନ୍ତି ସେହି ଅନୁଯାୟୀ କାର୍ଯ୍ୟ କରିବାକୁ ଏସିପି ଏବଂ ଥାନା ଅଧିକାରୀମାନଙ୍କୁ କୁହାଯାଇଛି। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏକାଧିକ ଥାନା ପରିଦର୍ଶନରେ ଯାଉଛନ୍ତି। ଦାୟିତ୍ୱ ନେବା ପରେ ବୁଧବାର ରାତିରେ ସେ ନୟାପଲ୍ଲୀ ଥାନା ଯାଇଥିବା ବେଳେ ଗୁରୁବାର ସନ୍ଧ୍ୟାରେ ସିପି ଷଡଙ୍ଗୀ ଖଣ୍ଡଗିରି ଥାନା ପରିଦର୍ଶନ କରିଥିଲେ। ତେଣୁ ସିପିଙ୍କ ଏଭଳି ଥାନା ପରିଦର୍ଶନ ପାଇଁ ଥାନା ଅଧିକାରୀଙ୍କୁ ସଜାଗ ରହିବାକୁ କୁହାଯାଇଛି। ଏ ନେଇ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ବୈଠକ ଅଫିସିଆଲି ହୋଇଥିଲା। ଏଥିରେ ଅପରାଧ ନିୟନ୍ତ୍ରଣ ଓ ଅନ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି।



ପାତ୍ରପଡ଼ାରେ ଉଚ୍ଛେଦ କରାଯାଉଥିବା ଏକ ଦୋକାନ।

## ସହରର ୩ ସ୍ଥାନରୁ ହଟିଲା ଜବରଦଖଲ

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ସହରର ୩ ପୃଥକ୍ ସ୍ଥାନରୁ ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଖଣ୍ଡଗିରି ଅଞ୍ଚଳରେ ଗୋଟିଏ ଓ ଚନ୍ଦ୍ରଶେଖରପୁରର ଦୁଇଟି ସ୍ଥାନରୁ ଜବରଦଖଲ ହଟାଇ ଦିଆଯାଇଛି। ସକାଳ ୧୦ଟା ୩୦ରୁ ଆରମ୍ଭ ହୋଇଥିବା ଏହି ଉଚ୍ଛେଦ ପ୍ରକ୍ରିୟାରେ ୯ ଦୋକାନ ସହ ଅନ୍ୟ କେତେକ ଜବରଦଖଲ ନିର୍ମାଣକୁ ଦୁଇଟି ବୁଲ୍ ଡୋଜର ସହାୟତାରେ ଭାଙ୍ଗି ଦିଆଯାଇଥିଲା। ଉଚ୍ଛେଦ ହୋଇଥିବା ଜବରଦଖଲ ମଧ୍ୟରେ ଖଣ୍ଡଗିରି ମୌଜା ପ୍ଲଟ୍ ନଂ.୩୩୭ରେ ସରକାରୀ କ୍ୱାର୍ଟରକୁ ଲାଗି ରହିଥିବା ୨ଟି ଦୋକାନ, ଆଉ ଗୋଟିଏ ଦୋକାନର କିଛି ଅଂଶ, ଚନ୍ଦ୍ରଶେଖରପୁର କୈଳାସ ବିହାରର ପ୍ଲଟ୍ ନଂ.୧୮୩ ଓ ୧୮୪ରେ ରହିଥିବା ୪ ଦୋକାନ, ଚନ୍ଦ୍ରଶେଖରପୁର ଓଇଆର୍‌ସି ବିଲ୍ଡିଂ ନିକଟରେ ଥିବା ଦୁଇଟି ଦୋକାନ ରହିଛି। ଉଚ୍ଛେଦ ଅଧିକାରୀ ୨ ପ୍ରମୋଦ କୁମାର ପାତ୍ର, ଯୋଗସୂତ୍ର ଅଧିକାରୀ ସୁଧାଂଶୁ ଶେଖର ମହାନ୍ତି, ଖଣ୍ଡଗିରି ଅତିରିକ୍ତ ଥାନା ଅଧିକାରୀ ଦୁର୍ଗାପ୍ରସାଦ ଜେନାଙ୍କ ସହ ଗୋଟିଏ ପ୍ଲାଟୁନ୍ ପୋଲିସ ଫୋର୍ସ, ଗୋଟିଏ ସେକ୍ସନ ମହିଳା ପୋଲିସ ଓ ପୂର୍ତ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଓଏସ୍‌ଡି ଦ୍ୱାରା ଜାରି ୟୁଏପି କେସ୍ ନଂ. ୩୭୩/୨୦୦୨ ଓ ଚିଠି ନଂ. ୨୪୪୩କୁ ଭିତ୍ତି କରି ଏହି ଉଚ୍ଛେଦ କରାଯାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଆଇଆର୍‌ବି କନ୍‌ଷ୍ଟେବଲ ମୃତ

ଭୁବନେଶ୍ୱର,୨୨।୮(ବ୍ୟୁରୋ):ଲିଙ୍ଗରାଜ ଥାନା ଅଧୀନ ସାମନ୍ତରାପୁର ଛକରେ ଦୁର୍ଘଟଣାରେ ଜଣେ ଆଇଆରବି କନ୍‌ଷ୍ଟେବଲଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଳଙ୍ଗା ନୂଆସାହିର ଗୋବିନ୍ଦ ଚନ୍ଦ୍ର ବେହେରା (୨୯)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୪୭/୧୯) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ଗୋବିନ୍ଦ କୌଣସି କାର୍ଯ୍ୟରେ ସାମନ୍ତରାପୁର ଛକ ଦେଇ ଆସୁଥିବା ସମୟରେ ତାଙ୍କ ବାଇକ ଚକା ଆଗରେ କୁକୁର ପଶି ଯାଇଥିଲା। ଫଳରେ ସେ ବାଇକରୁ ଓଲଟି ପଡ଼ି ରୋଡ୍ ଡିଭାଇଡରେ ପିଟି ହୋଇଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଆଡ୍‌ଭୋକେଟ ଆସୋସିଏଶନର ସମର୍ଥନ

ଭୁବନେଶ୍ୱର,୨୨।୮(ବ୍ୟୁରୋ): ଜମ୍ମୁ କଶ୍ମୀରରୁ ଭାରତୀୟ ସମ୍ବିଧାନର ୩୭୦ ଅନୁଚ୍ଛେଦ ଓ ୩୫-ଏ ଧାରା ଉଚ୍ଛେଦକୁ ଅଲ୍ ଓଡ଼ିଶା ଆଡ଼ଭୋକେଟସ୍ ଆସୋସିଏଶନ ପକ୍ଷରୁ ସମ୍ପୂର୍ଣ୍ଣ ସମର୍ଥନ କରାଯାଇଛି। ସାରା ଓଡ଼ିଶାର ପ୍ରତି ବାର୍ ଆସୋସିଏଶନର ସଭାପତି, ସମ୍ପାଦକ ଏବଂ ଆଇନ୍‌ଜୀବୀମାନଙ୍କର ଧନ, ଜୀବନ, ମର୍ଯ୍ୟାଦାର ସୁରକ୍ଷା ଓ ଅଧିକାର ସାବ୍ୟସ୍ତ ପାଇଁ ଲଢ଼େଇ କରୁଥିବା ଆଇନ୍‌ଜୀବୀଙ୍କ ଏକ ସମାବେଶ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଅନୁଚ୍ଛେଦ ୩୭୦ ଓ ୩୫-ଏ ଉଚ୍ଛେଦ ସମ୍ବନ୍ଧରେ ବିଶଦ ବିବରଣୀ ଦିଆଯିବ ବୋଲି ଅଲ୍ ଓଡ଼ିଶା ଆଡ଼ଭୋକେଟସ୍ ଆସୋସିଏଶନର ସଭାପତି ରମେଶ ରାଉତ ଏକ ପ୍ରେସ୍ ଇସ୍ତାହାରରେ ପ୍ରକାଶ କରିଛନ୍ତି।

### ଯୁବତୀଙ୍କ ଅଶ୍ଲୀଳ ଭିଡିଓ କରି ବ୍ଲାକମେଲିଂ: ଯୁବକ ଅଟକ

ଭୁବନେଶ୍ୱର,୨୨।୮(ବ୍ୟୁରୋ):ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କ ଗାଧୁଆବେଳର ଭିଡିଓ କରି ତାଙ୍କୁ ବ୍ଲାକମେଲିଂ କରିବା ଅଭିଯୋଗରେ ଗୁରୁବାର ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। ଅଭିଯୋଗ ମୁତାବକ, ଜଣେ କଲେଜ ପଢୁଆ ଝିଅ ଗାଧୋଇବା ବେଳେ ଯୁବକ ଜଣକ କୌଶଳକ୍ରମେ ତାଙ୍କର ଏକ ଭିଡିଓ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଭିଡିଓକୁ ଯୁବତୀଙ୍କୁ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ଏ ନେଇ ଯୁବତୀଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ସେମାନେ ଉକ୍ତ ଯୁବକଙ୍କୁ ମାଡ଼ ମାରିବା ସହ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପିସିଆର ଭ୍ୟାନ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣିଥିଲା। ଥାନା ଅଧିକାରୀ ଯତୀନ୍ଦ୍ର ନାଥ ସେଠୀ କହିଛନ୍ତି, ଉଭୟଙ୍କ ପରିବାର ମଧ୍ୟରେ ବିବାଦ ରହିଥିଲା। ଏ ନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।



ଆଳୁ, ପିଆଜ ଦର ବୃଦ୍ଧି ପ୍ରତିବାଦରେ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସମାଜବାଦୀ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## କୁନ୍ଦୁଲି ମାମଲାର ପୁନଃତଦନ୍ତ ନ ହେଲେ ଆନ୍ଦୋଳନ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

କୁନ୍ଦୁଲି ବଳାତ୍କାର ଘଟଣାରେ ତଦନ୍ତ କମିଶନଙ୍କ ରିପୋର୍ଟକୁ ଅବାସ୍ତବ ଓ ଆଶ୍ଚର୍ଯ୍ୟଜନକ କହି ଦଳିତ, ଜନଜାତି ଓ ଅନଗ୍ରସର ବର୍ଗ ମିଳିତ ମଞ୍ଚ ଏହାକୁ ତୀବ୍ର ବିରୋଧ କରିଛି। ଏହାସହ ତଦନ୍ତ କମିଶନ ପୀଡ଼ିତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ସୁପାରିସକୁ ମଧ୍ୟ କଡ଼ା ସମାଲୋଚନା କରିବା ସହ ପ୍ରତିବାଦ ଉଠାଇଛି। ଏହି ମାମଲାର ପୁନଃ ତଦନ୍ତ ଦାବି କରିଛି ମଞ୍ଚ। ଏଥିସହ ମଞ୍ଚ ପ୍ରସ୍ତାବ ଦେଇଛି ଯେ, ଉଚ୍ଚ ନ୍ୟାୟାଳୟଙ୍କ ତତ୍ତ୍ୱାବଧାନରେ ବିଚାର ବିଭାଗୀୟ ତଦନ୍ତ କିମ୍ବା ସିବିଆଇ ତଦନ୍ତ କରାଯାଉ। ପୀଡ଼ିତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ସୁପାରିସର ଆଧାର କ'ଣ ରହିଛି ବୋଲି ମଞ୍ଚ ପ୍ରଶ୍ନ ଉଠାଇବା ସହ ପରବର୍ତ୍ତୀ ପରିସ୍ଥିତି ଲାଗି ସରକାର ଦାୟୀ ରହିବେ ବୋଲି କହିଛି। ପୀଡିତାଙ୍କ ବୟାନ ବଦଳାଇବା ଲାଗି ଅର୍ଥ ଯାଚିବା ଅଭିଯୋଗ, ସମ୍ପର୍କୀୟଙ୍କୁ ବଳାତ୍କାର ସହ ଯୋଡିବା, ଅପରାଧ ପରୀକ୍ଷାଗାର ରିପୋର୍ଟ ବଦଳାଇବା ଓ ସରକାରଙ୍କ ଦଳୀୟ ଏସ୍‌ସି ସେଲ୍‌ର ତଦନ୍ତ ରିପୋର୍ଟ ବଦଳାଇବା, ପୀଡ଼ିତାଙ୍କ ପୋଷାକ ବଦଳାଇ ପରୀକ୍ଷା କରିବା ଅଭିଯୋଗ କରିବା ସହ ତାଙ୍କ ପରିବାରର ନାଗରିକ ଅଧିକାର କ୍ଷୁଣ୍ଣ ହୋଇଛି ବୋଲି ମଞ୍ଚ କହିଛି। ଦାବି ପୂରଣ ନ ହେଲେ ମଞ୍ଚ ଆଗକୁ ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏଥିସହ ଟିକିରି ପୀଡିତା ହତ୍ୟାକାଣ୍ଡ ଏବଂ ପିପିଲି ପୀଡିତା ଘଟଣାର ପୁନଃ ତଦନ୍ତ କରିବାକୁ ଦାବି କରିଛି।



'ସାଜ୍ ଅର୍ ଆୱାଜ୍' ପକ୍ଷରୁ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ଅମିତାଭ ମିଶ୍ର ପୁରସ୍କାର ଉତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ବ୍ୟକ୍ତିବିମାନେ।

## ପୃଥକ ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

ନରାଜ/ବାରଙ୍ଗ,୨୨।୮(ଡି.ଏନ୍.ଏ.)

ପୃଥକ ସଡ଼କ ଦୁର୍ଘଟଣାରେ ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତା ମହିଳା ହେଲେ ବାଙ୍କୀ ଥାନା ଅନ୍ତର୍ଗତ ବାଆଁରା ଗ୍ରାମର କଲ୍ୟାଣୀ ପ୍ରଧାନ। ଗୁରୁତର ୩ଜଣଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବାଆଁରା ଗ୍ରାମର ସଦାନନ୍ଦ ପ୍ରଧାନ, ତାଙ୍କ ସ୍ତ୍ରୀ କଲ୍ୟାଣୀ ଓ ଦୁଇ ପିଲା ଏକ ବାଇକ୍(ଓଆର ୦୫ ଏଆର ୯୮୯୧)ରେ କଟକ ଅଭିମୁଖେ ଯାଉଥିଲେ। ପାଟପୁର ଛକ ନିକଟରେ ତାଙ୍କ ଆଗରେ ଯାଉଥିବା ଏକ ଟାଟା ଏସିଇ ସହିତ ଧକ୍କା ହୋଇଥିଲା। ଫଳରେ ତାଙ୍କ ସ୍ତ୍ରୀ କଲ୍ୟାଣୀ ଗାଡିରୁ ତଳେ ପଡ଼ିଯାଇଥିଲେ। ଏହି ସମୟରେ ପଛ ପଟୁ ଆସୁଥିବା ଏକ ମିନି ଟ୍ରକ୍(ଓଡି ୦୫ ଟି ୦୭୭୯) ଚକା କଲ୍ୟାଣୀଙ୍କ ଗୋଡ ଉପରେ ଚଢିଯିବା ସହ କିଛି ବାଟ ତାଙ୍କୁ ଘୋଷାଡି ନେଇଥିଲା। ସ୍ଥାନୀୟ ଲୋକ ଓ ପୋଲିସ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମିନିଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ବାରଙ୍ଗ ପୋଲିସ ଗାଡିକୁ ଜବତ କରିଛି। ସେହିପରି ଇନ୍ଦୁମତି ପାଟଣାର ଜଣେ ଏକ ବାଇକ୍‌ରେ କଟକ ପଟୁ ବାଙ୍କୀ ଅଭିମୁଖେ ଯାଉଥିବାବେଳେ ବିପରୀତ ପଟୁ ଆସୁଥିବା ଏକ ବାଇକ୍‌ରେ ନରାଜ ଗ୍ରାମର ଦୁଇ ଯୁବକଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତରଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସ୍ଥାନୀୟ ଲୋକ ଓ ପୋଲିସ ପହଞ୍ଚି ସେମାନଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ପଠାଇଥିଲେ। କଇଁମୁଣ୍ଡି ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

## ଅଡି ଜୋନରେ ବରିଷ୍ଠ ନାଗରିକ ସପ୍ତାହ

ଭୁବନେଶ୍ୱର, ୨୨।୮

ଅଡିଜୋନ ପକ୍ଷରୁ ଏହାର ସମସ୍ତ ଶାଖାରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଉଛି। ବୃଦ୍ଧାବସ୍ଥାରେ ଶ୍ରବଣ ସମସ୍ୟା ଅଧିକ ମାତ୍ରାରେ ଦେଖାଯାଉଥିବା ବେଳେ ପୀଡିତ ଲୋକଙ୍କ ଲାଗି ଅଡିଜୋନ ଏକ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ। ଚଳିତ ମାସ ୨୧ରୁ ୩୧ ଯାଏ ବରିଷ୍ଠ ନାଗରିକମାନେ ଅଡିଜୋନର ଯେକୌଣସି ଶାଖାରେ ଶ୍ରବଣ ସମସ୍ୟା ପାଇଁ ସମ୍ପୂର୍ଣ୍ଣ ମାଗଣାରେ ପରାମର୍ଶ ଗ୍ରହଣ କରିପାରିବେ। ଅଡିଜୋନ ପକ୍ଷରୁ ପରାମର୍ଶ, ଶ୍ରବଣ ପରୀକ୍ଷା, ଶ୍ରବଣ ଯନ୍ତ୍ର ଟ୍ରାଏଲକୁ ସମ୍ପୂର୍ଣ୍ଣ ରୂପେ ନିଃଶୁଳ୍କ କରାଯାଇଛି। ଏହାବାଦ ଶ୍ରବଣ ଯନ୍ତ୍ର କ୍ରୟ ଉପରେ ଆକର୍ଷଣୀୟ ରିହାତି ଏବଂ ଏକ ବର୍ଷ ପାଇଁ ମାଗଣା ବ୍ୟାଟେରୀ ଦିଆଯାଉଥିବା ଅଡିଜୋନ ପକ୍ଷରୁ କୁହାଯାଇଛି। ଅଧ୍ୟକ୍ଷ ତ୍ରିଲୋଚନ ପ୍ରଧାନ କହିଛନ୍ତି ଯେ, ଶ୍ରବଣ ସମସ୍ୟା ବ୍ୟକ୍ତିଙ୍କୁ ତାଙ୍କ ପ୍ରିୟଜନଙ୍କଠାରୁ ଦୂରେଇ ଦେଇଥାଏ। ପୀଡିତ ବ୍ୟକ୍ତିଙ୍କ ମୁହଁରେ ହସ ଫୁଟାଇବା ଦିଗରେ ଅଡିଜୋନ ପ୍ରୟାସ କରିଛି। ସଂସ୍ଥାର ଶାଖା ବର୍ତ୍ତମାନ ଭୁବନେଶ୍ୱରର ବରମୁଣ୍ଡା, ଶହୀଦ ନଗର, ଜୟଦେବ ବିହାର, କଟକର ଲିଙ୍କ ରୋଡ ଏବଂ କୋରାପୁଟରେ ରହିଥିବା ସେ କହିଛନ୍ତି।

## ବିଜ୍ଞାନ ମେଳାରେ ୨୦୦ ପ୍ରକଳ୍ପ ପ୍ରଦର୍ଶିତ


ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ନୂଆସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଉନବିଂଶ ଜ୍ଞାନ ବିଜ୍ଞାନ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଅମରେନ୍ଦ୍ର ସାହୁ ଓ କୋଷାଧ୍ୟକ୍ଷ ଚନ୍ଦ୍ରକାନ୍ତ ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ବିଜ୍ଞାନର ବିଭିନ୍ନ ବିଷୟ ଉପରେ ନିଜର ମତାମତ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଏହି ଅବସରରେ ବିଭିନ୍ନ ବର୍ଗର ୨୦୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହା ବ୍ୟତୀତ ପ୍ରଶ୍ନମଞ୍ଚ, ପ୍ରୟୋଗ, ପତ୍ରବାଚନ ନିର୍ବନ୍ଧ, ହସ୍ତକଳା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

■ ଇଣ୍ଟର ସ୍କୁଲ ଫୁଟ୍‌ବଲ ମ୍ୟାଚ୍‌ବେଳେ ଗଣ୍ଡଗୋଳ

## ଖେଳାଳିଙ୍କୁ ପିଟିଲେ ସ୍ଥାନୀୟ ଲୋକେ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

କ୍ୟାପିଟାଲ ଥାନା ୟୁନିଟ୍-୬ ହାଇସ୍କୁଲ ପଡ଼ିଆରେ ଗୁରୁବାର ଇଣ୍ଟର ସ୍କୁଲ ଫୁଟବଲ୍ ମ୍ୟାଚ୍ ବେଳେ ଦୁଇ ଟିମ୍ ମଧ୍ୟରେ ଧସ୍ତାଧସ୍ତି ହୋଇ ଗଣ୍ଡଗୋଳ ଘଟିଛି। ସ୍ଥାନୀୟ ଟିମ୍ ଖେଳୁଥିବାରୁ ସେହି ଅଞ୍ଚଳର କେତେଜଣ ବ୍ୟକ୍ତି ପଡ଼ିଆ ଭିତରେ ପଶି ବିପକ୍ଷ ଟିମ୍‌ର ଖେଳାଳିଙ୍କୁ ମାଡ ମାରିଛନ୍ତି। ଫଳରେ ୫ଜଣ ପିଲା ଆହତ ହୋଇଛନ୍ତି। ସେମାନେ ହେଲେ ପୁରୁଷୋତ୍ତମ ସାହୁ, ଦିକଶାନ୍ତ ଆନନ୍ଦ, ଶ୍ରେୟାନ୍ତ ମହାନ୍ତି, ଅଜିତ ଏବଂ ପ୍ରୟାସ। ଖବର ପାଇ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

ସୂଚନା ଅନୁଯାୟୀ, ୟୁନିଟ୍-୬ ହାଇସ୍କୁଲ କର୍ତ୍ତୃପକ୍ଷ ଏକ ଫୁଟବଲ୍ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ। ସ୍କୁଲ ପଡ଼ିଆରେ ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ଦୁଇଟି ସ୍କୁଲ ମଧ୍ୟରେ ମ୍ୟାଚ ଚାଲିଥିଲା। ଏହି ସମୟରେ ବଲ୍ ମାରିବାକୁ ନେଇ ଉଭୟ ଟିମ୍‌ର ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେମାନେ ଧସ୍ତାଧସ୍ତି ହୋଇଥିଲେ। ଖେଳ ଦେଖୁଥିବା ସ୍ଥାନୀୟ ଲୋକେ ୟୁନିଟ୍-୬ ସ୍କୁଲର ପିଲାଙ୍କୁ ସମର୍ଥନ କରି ବିପକ୍ଷ ଟିମ୍‌ର ଖେଳାଳିମାନଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏପରିକି ଜଣଙ୍କର ମୁହଁ ଫଟେଇ ଦେଇଥିବା ବେଳେ ଜଣଙ୍କର ଛାତି ଓ ଅନ୍ୟ ୩ଜଣଙ୍କ ଗୋଡ଼ ଭାଙ୍ଗିଥିବା ଜଣାପଡ଼ିଛି। ତେବେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଏହି ଗଣ୍ଡଗୋଳକୁ ନେଇ ଆହତ ଖେଳାଳିଙ୍କ ଅଭିଭାବକମାନେ ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରେ ଦୋଷ ଲଦିଛନ୍ତି।

## ୩୧୨ ବସ୍ତା ଗହମ ଜବତ, ସ୍ୱୟଂ ସହାୟକ ଗୋଷ୍ଠୀ ନାଁରେ ମାମଲା

ବାଲିପାଟଣା,୨୨।୮(ଡି.ଏନ୍.ଏ.)

ବାଲିପାଟଣା ବ୍ଲକର ୧୧୩ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ଯୋଗାଇଦେବାକୁ ଶିଦ୍ଧେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ଟେଣ୍ଡର ନେଇଥିଲା। ଛତୁଆ ପ୍ରସ୍ତୁତିର ମାନ ଠିକ୍ ନ ଥିବା ଜଣାପଡ଼ିବା ପରେ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ଛତୁଆ ପ୍ରସ୍ତୁତି ପାଇଁ ସରକାର ଯୋଗାଇଦେଇଥିବା ୩୧୨ବସ୍ତା ଗହମ ଗୁରୁବାର ଆଇତଳଙ୍ଗସ୍ଥିତ କାରଖାନାରୁ ବାଲିପାଟଣା ପୋଲିସ ଜବତ କରିଛି। ଏ ନେଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନାମରେ ଏକ ମାମଲା (ନଂ.୧୮୩/୧୯)ରୁଜୁ ହୋଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବାଲିପାଟଣା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଆରତୀ ରଥ କୁହନ୍ତି, ଆସନ୍ତା ମାସରୁ ଏକ ନୂଆ ସଂସ୍ଥାକୁ ଛତୁଆ ପ୍ରସ୍ତୁତ କରିବାର ବ୍ୟବସ୍ଥା କରାଯାଇ ଛତୁଆ ଯୋଗାଇଦିଆଯିବ।

■ ରାଜଧାନୀରେ ଶିଶୁକନ୍ୟାଙ୍କୁ ବଳାତ୍କାର ମାମଲା

## ୧୦ ଲକ୍ଷ କ୍ଷତିପୂରଣ ଦାବିରେ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ଗତ ମଙ୍ଗଳବାର ରାଜଧାନୀରେ ଘଟିଥିଲା ଏକ ଲୋମଟାଙ୍କୁରା ଘଟଣା। ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାର ଅଞ୍ଚଳରେ ଜଣେ ୬ବର୍ଷର ଶିଶୁକନ୍ୟାଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ମାମୁଁ ବଳାତ୍କାର କରିଥିଲେ। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ନେଇ ଗୁରୁବାର ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅନ୍‌ଲାଇନ୍‌ରେ ଅଭିଯୋଗ କରିଛନ୍ତି ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ। କମିଶନ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ହିମାଂଶୁ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ପୀଡିତାଙ୍କୁ ଆଇନ ଅନୁଯାୟୀ ୪ସପ୍ତାହ ମଧ୍ୟରେ ୧୦ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଡିସିପିଙ୍କୁ ନିର୍ଦ୍ଦେଶ ଦେବାକୁ ହିମାଂଶୁ ତାଙ୍କ ପିଟିଶନରେ ନିବେଦନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ଶିଶୁକନ୍ୟା ଜଣକ ସ୍କୁଲରୁ ଫେରି ଘର ନିକଟରେ ଖେଳୁଥିଲେ। ବର୍ଷା ହେବାରୁ ସମ୍ପର୍କୀୟ ମାମୁଙ୍କ ଘର ବାରଣ୍ଡାରେ ଆଶ୍ରୟ ନେଇଥିଲେ। କିଛି ସମୟ ପରେ ସମ୍ପର୍କୀୟ ମାମୁ ଜଣକ ଚକୋଲେଟ ଦେବାକୁ ଘରକୁ ଡାକି ବଳାତ୍କାର କରିଥିଲେ। ଚିତ୍କାର କରିବାକୁ ଭୟରେ ଛାଡ଼ି ଦେଇଥିଲେ। ପୀଡିତା ଜଣକ ଘରେ ପହଞ୍ଚି କାନ୍ଦିକାନ୍ଦି ସବୁକଥା ଜଣାଇଥିଲେ। ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।



"ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ଚିଦାମ୍ବରମଙ୍କ ଗିରଫକୁ ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ନିନ୍ଦା

କଟକ ଅଫିସ, ୨୨।୮: ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ଗିରଫକୁ ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ଗୁରୁବାର ନିନ୍ଦା କରାଯାଇଛି। କେନ୍ଦ୍ର ସରକାର ଦ୍ୱାରା ପ୍ରତିଶୋଧମୂଳକ ପଦକ୍ଷେପ ନିଆଯାଇ ବିରୋଧୀ ଦଳର ସ୍ୱର ଚାପିଦେବାକୁ ଉଦ୍ୟମ କରାଯାଉଛି ବୋଲି ଓଡ଼ିଶା ସୁରକ୍ଷା ସେନାର ମୁଖ୍ୟ ଅଭିଷେକ ଯୋଶୀ ଅଭିଯୋଗ କରିଛନ୍ତି। ଭାଜପା ସିବିଆଇକୁ ନିଜ ରାଜନୈତିକ ସ୍ୱାର୍ଥ ପାଇଁ ପ୍ରୟୋଗ କରୁଛି। ଏହା ଗଣତନ୍ତ୍ର ପାଇଁ ଅତି ଭୟଙ୍କର। ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କୁ ଗିରଫ କରିବା ଓ ତାଙ୍କୁ ମାନସିକ ନିର୍ଯାତନା ଦେବା ଅତି ନିନ୍ଦନୀୟ କାର୍ଯ୍ୟ। ଚିଦାମ୍ବରମ୍ ଫେରାର ଥିବା ଓ ତାଙ୍କୁ ଗିରଫ କରିବା ପାଇଁ ଜୋରଦାର ନାଟକ କରି କେନ୍ଦ୍ର ସରକାର ନିଜର ହୀନ ରାଜନୈତିକ ବିଚାରଧାରାର ପ୍ରମାଣ ଦେଇଛି। ଭାଜପା ନିଜର ରାଜନୈତିକ ସ୍ୱାର୍ଥ ପାଇଁ ବିରୋଧୀ ଦଳର ନେତାଙ୍କୁ ଟାର୍ଗେଟ କରିବା ବନ୍ଦ କରୁ ବୋଲି ଯୋଶୀ ଦାବି କରିଛନ୍ତି।

# ଅନ୍ଧାରରେ ୯୫ କର୍ମଚାରୀଙ୍କ ଭବିଷ୍ୟତ

କଟକ ଅଫିସ,୨୨।୮

ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟର ୯୫ଜଣ କର୍ମଚାରୀଙ୍କୁ ନେଇ ଏବେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଏମାନେ ହେଲେ ଦୈନିକ ମଜୁରିପ୍ରାପ୍ତ କର୍ମଚାରୀ। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଉଟ୍‌ସୋର୍ସିଂ ନିଯୁକ୍ତି ପ୍ରକ୍ରିୟା ଜରିଆରେ ୩୧ଜଣ ନିଯୁକ୍ତି ପାଇବେ। ଟେଣ୍ଡର କରାଯାଇ ଏହି ନିଯୁକ୍ତି ହେବା ନେଇ ଏବେ ଯୋଜନା ଚାଲିଛି। ଏପରି କି ଖୁବ୍‌ଶୀଘ୍ର ଟେଣ୍ଡରର ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇବ। ଏହି ପ୍ରକ୍ରିୟାରେ ନିଯୁକ୍ତ କର୍ମଚାରୀ ସିଧାସଳଖ ସରକାରଙ୍କ ଠାରୁ ମାସିକିଆ ଦରମା ପାଇବେ। ଯାହାଫଳରେ ବିଶ୍ୱବିଦ୍ୟାଳୟ ପାଣ୍ଠିରୁ ଦରମା ନେଇ ଗତ ଏକ ଦଶନ୍ଧି ଧରି କାର୍ଯ୍ୟ କରୁଥିବା ୯୫ଜଣ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯିବା ଆଶଙ୍କା ଉପୁଜିଛି। ଏହି ଜଟିଳ ପରିସ୍ଥିତିକୁ ଏଡାଇବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ଦୋଛକିରେ। ୯୫ଜଣ ଯାକ କର୍ମଚାରୀଙ୍କୁ ଛଟେଇ କରାଯିବା ଭଳି କଠୋର ନିଷ୍ପତ୍ତି ସପକ୍ଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନାହାନ୍ତି ବୋଲି କୁଳସଚିବ ଅଶୋକ କୁମାର ଦାସ କହିଛନ୍ତି। ତେବେ ଆଗାମୀ ଦିନରେ ଏହି ସମସ୍ୟା କେଉଁ ରୂପ ନେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରେଭେନ୍ସା କଲେଜ ୨୦୦୬ରେ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଥିଲା। ଏହାର ଗୋଟିଏ ବର୍ଷ ପରେ ବିଭିନ୍ନ ବିଭାଗ, ବିଭିନ୍ନ ଲାବୋରେଟୋରି, ଲାଇବ୍ରେରି ଠାରୁ ଆରମ୍ଭ କରି ପ୍ରଶାସନିକ କାର୍ଯ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଫିସିଆଲ କାର୍ଯ୍ୟ ନିମନ୍ତେ ଅସ୍ଥାୟୀ ଭାବେ କର୍ମଚାରୀ ରଖାଯିବା ଆରମ୍ଭ ହୋଇଥିଲା। ଏବେ ଏହି ସଂଖ୍ୟା ୯୫ରେ ପହଞ୍ଚିଛି। କୁଶଳୀ, ଅତିକୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ଭାବେ ୪ଟି ବର୍ଗରେ କର୍ମଚାରୀ ଅଛନ୍ତି। ଏମାନେ ବିଶ୍ୱବିଦ୍ୟାଳୟ ପାଣ୍ଠିରୁ ଦୈନିକ କାର୍ଯ୍ୟ ହିସାବରେ ଦରମା ନେଉଛନ୍ତି। କୁଶଳୀ କର୍ମଚାରୀ ଦୈନିକ ୨୪୦ଟଙ୍କା, ଅତିକୁଶଳୀ ଦୈନିକ ୨୬୦ଟଙ୍କା, ଅର୍ଦ୍ଧକୁଶଳୀମାନେ ଦୈନିକ ୨୨୦ଟଙ୍କା ଓ ଅଣକୁଶଳୀମାନେ ଦୈନିକ ୨୦୦ଟଙ୍କା

**ରେଭେନ୍ସା ବିଶ୍ୱବିଦ୍ୟାଳୟ**



- ଦୋଛକିରେ କର୍ତ୍ତୃପକ୍ଷ
- ଆଉଟସୋର୍ସିଂ ପାଇଁ ହେବ ଟେଣ୍ଡର
- ୩୧ ଜଣ ପାଇବେ ନୂଆ ନିଯୁକ୍ତି

ପ୍ରାପ୍ୟ ପାଉଛନ୍ତି। ଏହାକୁ ନେଇ ମଧ୍ୟ ଉକ୍ତ କର୍ମଚାରୀମାନେ କିଛିଦିନ ତଳେ ପ୍ରତିବାଦ କରିଥିଲେ। ସରକାରୀ ସ୍ତରରେ ଦୈନିକ ପ୍ରାପ୍ୟର ମୂଲ୍ୟ ଗତ ଅକ୍ଟୋବର ମାସରୁ ବୃଦ୍ଧି କରାଯାଇଥିବାବେଳେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏବେ ବି ଧାର୍ଯ୍ୟ ପୁରୁଣା ମୂଲ୍ୟ ଦିଆଯାଉଛି ବୋଲି ସେମାନଙ୍କ ଦାବି ରହିଥିଲା। କୁଳସଚିବଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ଦାବିପତ୍ର ମଧ୍ୟ ସେମାନେ ପ୍ରଦାନ କରିଥିଲେ। ଯେଉଁଥିରେ କୁଶଳୀମାନଙ୍କୁ ଦୈନିକ ୩୭୦ଟଙ୍କା, ଅତିକୁଶଳୀମାନଙ୍କୁ ଦୈନିକ ୪୩୦ଟଙ୍କା, ଅର୍ଦ୍ଧକୁଶଳୀମାନଙ୍କୁ ଦୈନିକ ୩୨୦ଟଙ୍କା ଓ ଅଣକୁଶଳୀମାନଙ୍କୁ ଦୈନିକ ୨୮୦ଟଙ୍କା ପ୍ରଦାନ କରାଯାଉ ବୋଲି ଉଲ୍ଲେଖ ରହିଥିଲା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଜସ୍ୱ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିବା ଏବେ ମୁସ୍କିଲ ହୋଇପଡ଼ିଲାଣି ବୋଲି ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି। ଯାହାଫଳରେ ଆଉଟ୍‌ସୋର୍ସିଂ ନିଯୁକ୍ତି ପ୍ରକ୍ରିୟାକୁ ପ୍ରାଧାନ୍ୟ ଦେବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବାଧ୍ୟ ହେଉଛନ୍ତି। ବାହ୍ୟ ସଂସ୍ଥା ଦ୍ୱାରା ଏହି ନିଯୁକ୍ତି କରାଯିବ। ୩୧ଜଣ ନିଯୁକ୍ତ ହୋଇପାରିବେ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ଏମାନେ ୧୭୭୫୦ଟଙ୍କା ଗ୍ରେଡ ପେ ହିସାବରେ ମାସିକ ଦରମା ପାଇବେ। ୩୧ ପଦବୀରେ ୯୫ଜଣଙ୍କୁ ଅବସ୍ଥାପିତ କରିବା ବି ସହଜ ନୁହେଁ। ଏଣୁ ପ୍ରାୟ ୧୨ବର୍ଷ ହେବ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଭବିଷ୍ୟତକୁ ନେଇ ନିଷ୍ପତ୍ତି ନେବା କାଠିକର ପାଠ ହୋଇ ପଡ଼ିଛି ବୋଲି ଉକ୍ତ ଅଧିକାରୀ ଜଣଙ୍କ କହିଥିଲେ।



ଜନ୍ମାଷ୍ଟମୀ ଉପଲକ୍ଷେ କଟକ ବଜ୍ରକବାଟି କେନାଲ ରୋଡ଼ସ୍ଥିତ ଏକ ଦୋକାନରେ ଜଣେ ବ୍ୟବସାୟୀ ରାଧାକୃଷ୍ଣଙ୍କ ମୃଣ୍ମୟୀ ପ୍ରତିମାଗୁଡ଼ିକୁ ବିକ୍ରି ପାଇଁ ସଜ୍ଜିତ କରି ରଖିଛନ୍ତି।

## ପୋଖରୀରେ ବୁଡ଼ି ୪ବର୍ଷର ଶିଶୁ ମୃତ

କଟକ ସଦର,୨୨।୮(ଡି.ଏନ୍.ଏ.)

ପୋଖରୀରେ ବୁଡ଼ି ଗୁରୁବାର କିଶୋରନଗର ଥାନା ଅନ୍ତର୍ଗତ ପାରାବିଲ ଗ୍ରାମର ବିନୟ ରାଉତରାୟଙ୍କ ପୁଅ ଚଇତା(୪)ଙ୍କ ମୃତ୍ୟୁ ଘଟିଛି। ପୂର୍ବାହ୍ଣ ପ୍ରାୟ ୧୦ଟାରେ ଚଇତା ସ୍କୁଲରୁ ବାପାଙ୍କ ସହ ଘରକୁ ଫେରୁଥିଲା। ଚଇତାର ବ୍ୟାଗ ଧରି ବିନୟ ଘର ଭିତରକୁ ଯାଇଥିଲେ। ମାତ୍ର ଚଇତା ଘରକୁ ନ ଯାଇ ନିକଟରେ ଥିବା ଏକ ପୋଖରୀକୁ ଯାଇ ବୁଡ଼ି ଯାଇଥିଲା। ଚଇତା ଘରକୁ ନ ଆସିବାରୁ ଘରଲୋକ ଖୋଜାଖୋଜି କରୁଥିବା ବେଳେ ସେ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ଚଇତାଙ୍କୁ ପୋଖରୀରୁ ଉଦ୍ଧାର କରି ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ବିଜ୍ଞାନମେଳାରେ ଜଣେ ଛାତ୍ର ପ୍ରକଳ୍ପ ବିଷୟରେ ବୁଝାଉଛନ୍ତି।

# ଛାତ୍ର ଏକତାର କଣ୍ଠରୋଧ କରାଯାଉଛି

*କଟକ ଅଫିସ,୨୨।୮- ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରିଦିଆଯିବା ଘୋଷଣା ପରେ ବିଭିନ୍ନ ବର୍ଗରୁ ପ୍ରତିବାଦର ସ୍ୱର ଉଠିଛି। ସହରରେ ଥିବା ବିଭିନ୍ନ କଲେଜର ଛାତ୍ରନେତାମାନେ ଏବେ ଏହି ଘୋଷଣା ବିରୋଧରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଶୁକ୍ରବାରଠାରୁ ପ୍ରତିବାଦର ପ୍ରଥମପର୍ବ ଆରମ୍ଭ ହେବ ବୋଲି ଅନେକ ଛାତ୍ରନେତା ମତାମତ ଦେଇଛନ୍ତି। ତେବେ ଛାତ୍ର ଏକତାର ଏହା କଣ୍ଠରୋଧ ବୋଲି ମତ ପ୍ରକାଶ ପାଇଛି।*

### ନୂତନ ନିଷ୍ପତ୍ତିକୁ କୌଣସି ଛାତ୍ର ସଂଘ ସମର୍ଥନ ଜଣାଇବ ନାହିଁ



ଛାତ୍ର ଏକତା ଭାଙ୍ଗିବା ନିଶ୍ଚିତ। ଏହି ନୂତନ ନିଷ୍ପତ୍ତିକୁ କୌଣସି ଛାତ୍ର ସଂଘ ସମର୍ଥନ ଜଣାଇବ ନାହିଁ। ଫଳରେ ଆଗାମୀ ଦିନରେ ଛାତ୍ର ସମାଜ ଏକଜୁଟ ହେବା କଷ୍ଟ ହୋଇପଡ଼ିବ। ଏବେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଏକମୁଖୀ ଶାସନ ଦେଖିବାକୁ ମିଳିବ।

**– ସନ୍ତୋଷ ମହାପାତ୍ର, ବିଜେଡି ଛାତ୍ର ନେତା**

### ଛାତ୍ର ରାଜନୀତିକୁ ବିଲୋପ କରିଦିଆଗଲା

ଏହା ଏକ ଅଗଣତାନ୍ତ୍ରିକ ପଦକ୍ଷେପ। ଛାତ୍ର ରାଜନୀତିକୁ ସମ୍ପୂର୍ଣ୍ଣ ଭାବେ ବିଲୋପ କରି ଦିଆଗଲା। ଛାତ୍ରମାନଙ୍କ ଅଧିକାରକୁ ଏହା ଏକ କୁଠାରାଘାତ। ଭବିଷ୍ୟତରେ ରାଜନୈତିକ କ୍ଷେତ୍ରରେ ଦକ୍ଷ ନେତାଙ୍କ ଅଭାବ ପରିଲକ୍ଷିତ ହେବ। ଛାତ୍ର ସମାଜରୁ ରାଜନେତା ସୃଷ୍ଟି ହେବା ବୋଧହୁଏ ବନ୍ଦ ହୋଇ ଯିବ।



**– ନିରଞ୍ଜନ ଦାସ, ରାଜ୍ୟ ସମନ୍ୱୟ ସମିତି ସଦସ୍ୟ, ଛାତ୍ର କଂଗ୍ରେସ**

### କଲେଜଗୁଡ଼ିକରେ ଏବେ ସମସ୍ୟା ବଢ଼ିବ



କ୍ୟାମ୍ପସର ସୁବିଧା, ଅସୁବିଧା କଥା ଛାତ୍ର ସଂସଦ ଦ୍ୱାରା ହିଁ ସମାଧାନ କରାଯାଉଥିଲା। କେବେ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନ ଥିଲେ। କେବଳ ଦରମା ନେଇ ସେମାନେ ନିଜ କର୍ତ୍ତବ୍ୟ ଶେଷ କରନ୍ତି। ଏଣୁ କଲେଜଗୁଡ଼ିକରେ ଏବେ ସମସ୍ୟା ବଢ଼ିବ। ପ୍ରତିବାଦ କରିବାକୁ ଯେମିତି କେହି ନ ଥିବେ ସରକାର ସେ ବ୍ୟବସ୍ଥା କରିଛନ୍ତି।

**– ପ୍ରତୀକ ନାୟକ, ଛାତ୍ର କଂଗ୍ରେସ ନେତା**

### ଘୋଷଣାର ପୁନଃବିଚାର କରାଯାଉ

ଆନ୍ଦୋଳନ ବ୍ୟାପକ ହେବ। ଏହି ଘୋଷଣାର ପୁନଃବିଚାର କରାଯାଉ। ଯଦି ଏହି ନିଷ୍ପତ୍ତି ବଳବତ୍ତର ରୁହେ ତାହେଲେ ଆଗାମୀ ଦିନରେ ରାଜରାସ୍ତା ବନ୍ଦ ହେବ। ଛାତ୍ରସମାଜ ଆନ୍ଦୋଳନକୁ ଓହ୍ଲାଇବେ। ଏପରି ନିଷ୍ପତ୍ତି ଛାତ୍ର ସମାଜକୁ ଚକିତ କରିଛି।



**– ଅଭିଜିତ ବେହେରା, ଛାତ୍ର ନେତା**

### ଛାତ୍ର ସମାଜର ଏକତାକୁ ଭାଙ୍ଗିବା ପାଇଁ ଏହା ଏକ ଷଡ଼ଯନ୍ତ୍ର



ରାଜନେତା ସୃଷ୍ଟି କରିବାରେ ରେଭେନ୍ସା ଶିକ୍ଷାନୁଷ୍ଠାନକୁ ଅନ୍ତୁଡିଶାଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠାରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ଅନେକ ରାଜନେତାଙ୍କ ସୃଷ୍ଟି। ଏବେ ରାଜନୀତି କରୁଥିବା ଅନେକ ନେତା ମଧ୍ୟ ଏଠାରେ ରାଜନୀତିର ବର୍ଣ୍ଣବୋଧ ଶିକ୍ଷା କରିଥିଲେ। ଛାତ୍ର ସମାଜର ଏକତାକୁ ଭାଙ୍ଗିବା ପାଇଁ ଏହା ଏକ ଷଡ଼ଯନ୍ତ୍ର।

**– ସୋନାଲୀ ବେହେରା, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ, ଏବିଭିପି**

# ଛାତ୍ର ସଂସଦ ନିର୍ବାଚନ ବନ୍ଦ ନିଷ୍ପତ୍ତିକୁ ବିଭିନ୍ନ ଛାତ୍ର ସଙ୍ଗଠନର ବିରୋଧ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ଚଳିତ ବର୍ଷ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେବ ନାହିଁ। ଏ ନେଇ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ନିଷ୍ପତ୍ତିକୁ ରାଜ୍ୟର ବିଭିନ୍ନ ଛାତ୍ର ସଙ୍ଗଠନଗୁଡ଼ିକ ବିରୋଧ କରିଛନ୍ତି। ଏନ୍‌ଏସ୍‌ୟୁଆଇ ଜାତୀୟ ସାଧାରଣ ସମ୍ପାଦକ ରାଜୀବ ପଟ୍ଟନାୟକ କୁହନ୍ତି, ସରକାର ଭୟଭୀତ ହୋଇ ଏହି ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜରେ ଥିବା ଛାତ୍ର ସଙ୍ଗଠନରେ ଗୋଷ୍ଠୀ କନ୍ଦଳ ହୋଇ ଦୁର୍ବଳ ହୋଇପଡିଲେଣି। ଏହି ନିଷ୍ପତ୍ତି ଛାତ୍ରନେତାଙ୍କ ଲାଗି ଅନ୍ୟାୟ ଓ ସେମାନଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେଇଛନ୍ତି। ସେହିପରି ଏଆଇଏସଏଫ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା କୁହନ୍ତି, ଛାତ୍ର ରାଜନୀତିରୁ ମନ୍ତ୍ରୀ ହୋଇଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଏଭଳି ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ। ଯେଉଁ ହିଂସାର ଆଳ ଦେଖାଇ ସରକାର ନିର୍ବାଚନ ବନ୍ଦ କରିଛନ୍ତି, ପରୋକ୍ଷରେ ଗୃହ ବିଭାଗ ଏହାକୁ ରୋକିବାରେ ଅସଫଳ ହୋଇଛି। ଏହା ରାଜ୍ୟ ସରକାରଙ୍କ ଅପାରଗତା ଦର୍ଶାଉଛି ବୋଲି ସେ କହିଛନ୍ତି। ଏଆଇଡିଏସଓ ରାଜ୍ୟ ସମ୍ପାଦକ ଶିବାଶିଷ ପ୍ରହରାଜ କୁହନ୍ତି, ଶିକ୍ଷାମାରଣ ନୀତି ଲାଗୁ କରିବା ଲାଗି ଏହି ନିଷ୍ପତ୍ତି ନିଆଯାଉଛି। ନିଜର ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀକୁ ଲାଭ ପହଞ୍ଚାଇବା ଲାଗି ସରକାର ଏହି ପଦକ୍ଷେପ ନେଇଛନ୍ତି ବୋଲି କହିଛନ୍ତି। ସଂକୀର୍ଣ୍ଣ ସ୍ୱାର୍ଥରେ ଏକ ବୃହତ୍ତର ସ୍ୱାର୍ଥକୁ ବନ୍ଦ କରିଦିଆଗଲା। ଛାତ୍ର ସମାଜ ବିରୋଧରେ ନିଆଯାଇଥିବା ଏହି ନିଷ୍ପତ୍ତି କେମିତି ଛାତ୍ର ସ୍ୱାର୍ଥରେ କୁହାଯାଉଛି ବୋଲି ଏବିଭିପି ଛାତ୍ର ନେତା ଅଭିଳାଷ ପଣ୍ଡା କହିଛନ୍ତି। ଛାତ୍ର ନେତାରୁ ରାଜନେତା ବନିଥିବା ଲୋକମାନେ ସରକାରର ଅଂଶ ହେବାପରେ ନିଜର ମତ ବଦଳେଇ ଦେଉଛନ୍ତି। ନିଜ ସଙ୍ଗଠନରେ ଦୁର୍ବଳତା ପଦାରେ ପଡିଯିବା ଭୟରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଅଭିଳାଷ କହିଛନ୍ତି।

# ୨୯ ପର୍ଯ୍ୟନ୍ତ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କୋର୍ଟ ବର୍ଜନ କରିବେ ଆଇନଜୀବୀ

କଟକ ଅଫିସ, ୨୨।୮

ବିଭିନ୍ନ ଦାବି ନେଇ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ସମସ୍ତ ଆଇନଜୀବୀ ଆସନ୍ତା ୨୯ ପର୍ଯ୍ୟନ୍ତ ମୁଖ୍ୟ ବିଚାରପତିଙ୍କ କୋର୍ଟ ବର୍ଜନ କରିବେ। ଏ ନେଇ ହାଇକୋର୍ଟ ବାର୍ ଆସୋସିଏଶନ ପରିସରରେ ଗୁରୁବାର ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ହାଇକୋର୍ଟର ଅନ୍ୟ ବିଚାରପତିଙ୍କ କାର୍ଯ୍ୟାଳୟରେ ପୂର୍ବ ଭଳି ଆଇନଜୀବୀମାନେ ଯୋଗଦେବେ ବୋଲି ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସଞ୍ଜୟ ଦାସ କହିଛନ୍ତି। ପ୍ରକାଶଥାଉ କି, ଅନେକ ମାମଲା ରହିଥିବାବେଳେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା କମ୍ ରହିଛି। ହାଇକୋର୍ଟରେ ୨୭ଟି ବିଚାରପତି ପଦବୀ ରହିଥିବାବେଳେ ଏବେ ମାତ୍ର ୧୪ଜଣ ବିଚାରପତି ରହିଛନ୍ତି। ଯେଉଁଥିଲାଗି ମାମଲାଗୁଡ଼ିକର ଫଇସଲା ପାଇଁ ବହୁ ସମୟ ଲାଗୁଛି। ପୂର୍ବରୁ ବାର୍ ଆସୋସିଏଶନ ପକ୍ଷରୁ ଅଧିକ ବିଚାରପତି ନିଯୁକ୍ତି ଲାଗି ମୁଖ୍ୟ ବିଚାରପତିଙ୍କ ନିକଟରେ ଦାବି କରାଯାଇଥିଲା। ସେହିପରି ସ୍ୟାଟ୍ ଉଚ୍ଛେଦ ପରେ ସେଠାରେ ପଡ଼ି ରହିଥିବା ୭୨ହଜାରରୁ ଊର୍ଦ୍ଧ୍ୱ ମାମଲାକୁ ହାଇକୋର୍ଟକୁ ଆଣିବା, ବରିଷ୍ଠ ଓକିଲ ଘୋଷଣାରେ ବୟସ୍କଙ୍କୁ ଅଣଦେଖା କରିବା ଆଦି ଦାବି ସମ୍ପର୍କରେ ମୁଖ୍ୟ ବିଚାରପତିଙ୍କୁ ବାର୍ ଆସୋସିଏଶନ ପକ୍ଷରୁ ଅବଗତ କରାଯାଇଥିଲା। ହେଲେ ଏ ନେଇ କୌଣସି ସମାଧାନର ବାଟ ନ ବାହାରିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୯ରେ ଆସୋସିଏଶନର ପୁଣି ଏକ ବୈଠକ ଅନୁଷ୍ଠିତ ହେବ ଓ ଦାବିକୁ ନେଇ ଆଉଥରେ ଆଲୋଚନା କରାଯିବ ବୋଲି ଆସୋସିଏଶନ ସମ୍ପାଦକ ଦାସ କହିଛନ୍ତି। ଅନ୍ୟପକ୍ଷରେ ୭ ଜଣିଆ ଏକ କମିଟି ଏହା ମଧ୍ୟରେ ମୁଖ୍ୟ ବିଚାରପତିଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ଉପସଭାପତି ପୀୟୂଷ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଜଟେଶ୍ୱର ନାୟକ, ସହ ସମ୍ପାଦକ ପଦ୍ମାଳୟା ମହାପାତ୍ର, କାର୍ଯ୍ୟକାରୀ ସଭ୍ୟ ମାନସୀ ଦାସ, ଆଶିଷ ମିଶ୍ର, ବିଭୁଦତ୍ତ ବାରିକ, ମାନସ ରଞ୍ଜନ ଦାସ, ଆଦିତ୍ୟ ରଞ୍ଜନ ପରିଡ଼ାଙ୍କ ସହ ହାଇକୋର୍ଟ ବାର୍‌ର ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

## ସର୍ବଧର୍ମ ସମନ୍ୱୟର ଦେବତା ଶ୍ରୀଜଗନ୍ନାଥ




ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ଅଫିସ, ୨୨।୮

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଗୁରୁବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ କରି ଜଗନ୍ନାଥଙ୍କ ସର୍ବଧର୍ମ ସମନ୍ୱୟର ଦେବତା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାଗ୍ମୀ ଡା. କୃଷ୍ଣକେଶବ ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତି ଓଡ଼ିଆ ଲୋକଙ୍କ ଆରାଧ୍ୟ ଦେବତା। ସେ କିଛି ନିଅନ୍ତି ନାହିଁ, କେବଳ ଦାନକରି ଚାଲିଥାନ୍ତି, ସେଥିପାଇଁ ସେ ମହାପ୍ରଭୁ। ସମ୍ମାନିତ ଅତିଥି କବି ଡ. ଅପର୍ଣ୍ଣା ମହାନ୍ତି କହିଥିଲେ, ଜଗନ୍ନାଥ ହେଉଛନ୍ତି କରୁଣାର ସାଗର। ଅନ୍ତରର ଅନୁଭବକୁ ବୁଝିପାରନ୍ତି ବୋଲି ସେ ଅନ୍ତର୍ଯାମୀ। ଅନୁଷ୍ଠାନର ଉପସଭାପତି ତଥା ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଜୀବନାନନ୍ଦ ଅଧିକାରୀ ଓ ଦୀପ୍ତି ଦାଶ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।

# ସମୟ ଗଡ଼ାଇ ଚାଲିଛନ୍ତି ସରକାର: ସୁରେଶ

କଟକ ଅଫିସ, ୨୨।୮

କଟକରେ ଅନିଶ୍ଚିତତା ଭିତରେ ରହିଛି ପୌର ନିର୍ବାଚନ। ସ୍ଥାନ ସଂରକ୍ଷଣକୁ ନେଇ ଆଇନ ଜାଲରେ ଫସି ରହିଛନ୍ତି ସରକାର। ଗତ ଫେବୃୟାରୀ ୧୧ରେ କଟକ ମହାନଗର ନିଗମର କାର୍ଯ୍ୟକାଳ ଶେଷ ହୋଇଥିଲା। ଏହାର ପରଦିନ ଅର୍ଥାତ ୧୨ରେ ସିଏମସିର ଦାୟିତ୍ୱ ନେଇଥିଲେ ପ୍ରଶାସନିକ ଅଧିକାରୀ ତଥା କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) ଅନିଲ ସାମଲ। ପ୍ରଶାସନ ଦାୟିତ୍ୱ ନେବାର ୬ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୌର ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଫଳରେ ସିଏମ୍‌ସିରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

ଉଭୟ ସଫଳତା ଓ ବିଫଳତାକୁ ନେଇ ସିଏମ୍‌ସି ଚର୍ଚ୍ଚାରେ ରହିଥିଲା। ସଫଳତା ଭିତରେ ରହିଛି ସହରର ୭ଟି ସ୍ଥାନରେ ଆହାର କେନ୍ଦ୍ର ଖୋଲାଯିବା, ନୂତନ ଆଶ୍ରୟସ୍ଥଳ, ଶୌଚାଳୟ, ଏଲ୍‌ଇଡି ଲାଇଟ୍ ବ୍ୟବସ୍ଥା, ୨୧ଟି ପାର୍କ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁନରୁଦ୍ଧାର, ଶ୍ମଶାନର ଅତ୍ୟାଧୁନିକ ବ୍ୟବସ୍ଥା। ସେହିପରି ସିଏମ୍‌ସିର ଅନେକ ବିଫଳତା ମଧ୍ୟ ରହିଛି। ବିଶେଷକରି ମେୟର ରାଶନକାର୍ଡ ହାତେଇବା ଘଟଣାକୁ ନେଇ ବିବାଦ ଦେଖାଦେଇଥିଲା। ସଫେଇ ଟେଣ୍ଡରରେ ଧଳସାମନ୍ତ ଭ୍ରାତାଙ୍କ ଲିଙ୍କ୍, କଲ୍ୟାଣ ମଣ୍ଡପରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କେଳେଙ୍କାରୀକୁ ନେଇ ବିବାଦ, ସହରର ଧନୀଲୋକଙ୍କ ନାମରେ ରାଶନ କାର୍ଡ, ହୋର୍ଡିଂରେ କୋଟି କୋଟି ଟଙ୍କାର ଦୁର୍ନୀତି ଓ ଷ୍ଟ୍ରିଟ ଲାଇଟ୍ ଲଗାଣରେ ଦୁର୍ନୀତି କରାଯିବା ଘଟଣାକୁ ନେଇ ସିଏମ୍‌ସି ଚର୍ଚ୍ଚାରେ ରହିଥିଲା। ସାଧାରଣ ନିର୍ବାଚନ ପରେ ଏବେ ସମସ୍ତଙ୍କ ନଜର ରହିଛି ପୌର ନିର୍ବାଚନ ଉପରେ। ଆଗକୁ ସ୍ୱାୟତ୍ତ ଶାସନ ଦିବସ ଆସୁଥିବାବେଳେ ଏପର୍ଯ୍ୟନ୍ତ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ନ ପାଇବା ସରକାରଙ୍କ ପାରିବା ପଣିଆକୁ ପଦାରେ ପକାଇଛି।

ପୌର ନିର୍ବାଚନ ବିଳମ୍ୱ ପାଇଁ ସରକାରଙ୍କୁ ଦାୟୀ କରିଛନ୍ତି ବିରୋଧୀ। ଆଗକୁ ଆସୁଛି ସ୍ୱାୟତ୍ତ ଶାସନ ଦିବସ। ସରକାର ଜାଣିଶୁଣି ପ୍ରଶାସନ ହାତରେ ସବୁ ଦାୟିତ୍ୱ ଦେଇଛନ୍ତି ବୋଲି ବିରୋଧୀ ଦଳର ନେତାମାନେ କହିଛନ୍ତି। ଏ ନେଇ କଂଗ୍ରେସର ବରିଷ୍ଠ ନେତା ସୁରେଶ ମହାପାତ୍ର କହିଛନ୍ତି, ସରକାର ଜାଣିଶୁଣି ସମୟ ଗଡ଼ାଇ ଚାଲିଛନ୍ତି। ଯେତେବେଳେ ସରକାର ଜାଣିବେ ଆମେ ଜିତିବୁ ସେତେବେଳେ ନିର୍ବାଚନ କରିବେ। ମହିଳାଙ୍କ ନିମନ୍ତେ ୫୦ ପ୍ରତିଶତ ସଂରକ୍ଷଣ ନିହାତି ହେବା ଆବଶ୍ୟକ। ଯାହାଫଳରେ ମହିଳାଙ୍କ କ୍ଷେତ୍ରରେ ଉନ୍ନତି ଘଟିବ। ନିର୍ବାଚନରେ ଜିତିବା ଆଶା କ୍ଷୀଣ ଥିବାରୁ ମହିଳା ସଂରକ୍ଷଣ ଘଟଣା ବାହାନାରେ ନିର୍ବାଚନ ଘୁଞ୍ଚାଇ ଚାଲିଛନ୍ତି। ଏ ନେଇ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ କହିଛନ୍ତି, ଗତ ସାଧାରଣ ନିର୍ବାଚନରେ ସହରରେ ବିଜେଡିର ଭୋଟ୍ ହାର କମି ଯାଇଛି। ଫଳରେ ସରକାର ଏକରକମ ଡରି ଯାଇଛନ୍ତି। ମହିଳା ସଂରକ୍ଷଣ ଗୋଟିଏ ବାହାନା ମାତ୍ର। ପ୍ରଶାସନ ହାତକୁ ଯିବା ୬ ମାସ ବିତି ଯାଇଥିଲେ ମଧ୍ୟ ନିର୍ବାଚନ ହୋଇପାରିଲା ନାହିଁ କିମ୍ବା ନିର୍ବାଚନ ଅଧିକାରୀଙ୍କୁ ଏ ନେଇ ଅବଗତ କରାଇଲେ ନାହିଁ ସରକାର। ଏଥିରୁ ସ୍ପଷ୍ଟ ଅନୁମାନ କରାଯାଉଛି ସରକାର ପୌର ନିର୍ବାଚନକୁ ନେଇ ଭୟଭୀତ ହୋଇପଡ଼ିଛନ୍ତି। ଏ ନେଇ ରାଜନୈତିକ ସମୀକ୍ଷକ ତଥା ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡା କହିଛନ୍ତି, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ କାଉନସିଲ ଭାଙ୍ଗିବାର କିଛି ମାସ ମଧ୍ୟରେ ନିର୍ବାଚନ ହେବା କଥା। କିନ୍ତୁ ୬ ମାସ ହେଲାଣି ନିର୍ବାଚନ ନିମନ୍ତେ କୌଣସି ବିଜ୍ଞପ୍ତି ବାହାରିନାହିଁ କିମ୍ବା ସିଏମ୍‌ସିରେ ନୂତନ ଭୋଟର ସଂଶୋଧନ ତାଲିକା ଆରମ୍ଭ ହୋଇନାହିଁ। ସହରରେ ଲୋକ ପ୍ରତିନିଧି ନ ଥିବାରୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ। ସ୍ୱାୟତ୍ତ ଶାସନ ଏକପ୍ରକାର ଅଣାୟତ୍ତ ଶାସନରେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବିଜେଡି ନେତା ତଥା ସିଏମ୍‌ସିର ପୂର୍ବତନ ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷ ରଞ୍ଜନ ବିଶ୍ୱାଳ କହିଛନ୍ତି, ସରକାରଙ୍କ ଉପରେ ନିର୍ଭର କରୁଛି ପୌର ନିର୍ବାଚନ। ବିରୋଧୀ ଯାହା କହୁଛନ୍ତି ସମ୍ପୂର୍ଣ୍ଣ ମିଥ୍ୟା। ପ୍ରତିଦିନ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ବଢିବାରେ ଲାଗିଛି। ମହିଳା ସଂରକ୍ଷଣ କଥା ଯାହା ଏବେ କୋର୍ଟରେ ଚାଲିଛି। କୋର୍ଟ ଯାହା ନିର୍ଦ୍ଦେଶ ଦେବେ ତାହାକୁ ପାଳନ କରାଯିବ। ଯେକୌଣସି ମୁହୂର୍ତ୍ତରେ ନିର୍ବାଚନ ହେଲେ ବି ଆମେ ପ୍ରସ୍ତୁତ ରହିଛୁ।

**ଅନିଶ୍ଚିତତା ଭିତରେ ପୌର ନିର୍ବାଚନ**

- ୬ ମାସ ବିତିଲା, ବିଜ୍ଞପ୍ତି ପ୍ରକାଶ ପାଇଲାନି
- ଆରମ୍ଭ ହେଲାନି ନୂତନ ଭୋଟର ତାଲିକା ସଂଶୋଧନ
- ନିର୍ବାଚନ ପାଇଁ ଆମେ ପ୍ରସ୍ତୁତ ରହିଛୁ: ରଞ୍ଜନ

# ପାରା ବ୍ୟାଡ୍‌ମିଣ୍ଟନର ଅର୍ଜୁନ



ରୁଦ୍ର ପ୍ରସନ୍ନ ରଥ

**ରାଜ୍ୟର ଅଷ୍ଟମ ଖେଳାଳି ଭାବେ ପ୍ରମୋଦ ଅର୍ଜୁନ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତେବେ ପ୍ରଥମ ପାରା ଆଥଲେଟ୍ ହିସାବରେ ସେ ରାଜ୍ୟ ପାଇଁ ଏହି ସମ୍ମାନ ହାସଲ କରିବାକୁ ଯାଉଛନ୍ତି। ପୋଲିଓ କାରଣରୁ ଶାରୀରିକ ଭାବେ ଅକ୍ଷମ ହୋଇଥିଲେ ମଧ୍ୟ ଦୀର୍ଘଦିନର ସଂଘର୍ଷ ଓ ଅଧ୍ୟବସାୟ ବଳରେ ପାରା ବ୍ୟାଡମିଣ୍ଟନରେ ସେ ବିଶ୍ୱସ୍ତରୀୟ ସଫଳତା ହାସଲ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି...**



ଜଣେ ଶାରୀରିକ ଅକ୍ଷମ ହେଲେ ଅନେକ ଭାବନ୍ତି ଯେ ବୋଧହୁଏ ସେ ଲୋକଟିର ଜୀବନର ମାନେ କିଛି ନାହିଁ। ପରର ଦୟାରେ ଚଳିବ ଆଉ ବୋଧହୁଏ ସାରାଜୀବନ ଅନ୍ୟର ଗୋଡାଣିଆ ହୋଇ ରହିବାକୁ ବାଧ୍ୟ ହେବ। ଚାକିରି, ବିବାହ କିମ୍ବା ସଂସାର କରିବା ଆଦି କଥା ହୁଏତ ତା ଭାଗ୍ୟରେ ଥିଲେ ମିଳିପାରେ। ଆଉ ରହିଲା ଦେଶ କଥା। ଏପରି ଶାରୀରିକ ଅକ୍ଷମମାନେ ଦେଶ ବା ଜାତି ପାଇଁ କ'ଣ ବା କରିପାରିବେ। ଅତିବେଶିରେ ଗୀତ ଗାଇ କିମ୍ବା ଚିତ୍ରକରିବା ପରି ପାରମ୍ପରିକ ବିଦ୍ୟାରେ ହୁଏତ କିଛି ନାମ କମାଇ ପାରନ୍ତି। ମାତ୍ର ଏମିତି ବି ଭିନ୍ନକ୍ଷମ ଅଛନ୍ତି ଯେଉଁମାନେ ଏହି ପାରମ୍ପରିକ ଚିନ୍ତାଧାରାର ଆଡିବନ୍ଧ ଡେଇଁ ନିଜ ପାଇଁ ନାମ କମାନ୍ତି। ଦେଶକୁ ଥରେ ନୁହେଁ ବହୁବାର ଗୌରବାନ୍ୱିତ କରନ୍ତି। ଆଉ ସବୁଥର ଦେଶବାସୀ ତାଙ୍କ ପ୍ରସିଦ୍ଧି ଏବଂ ପ୍ରଦର୍ଶନରେ ହତଚକିତ ହୁଅନ୍ତି ଆଉ ଏହି ଭଳି ଭିନ୍ନ ଦକ୍ଷତା ପାଇଁ ସଲାମ କରନ୍ତି। ସେହିପରି ଜଣେ ଭିନ୍ନକ୍ଷମ ବ୍ୟାଡମିଣ୍ଟନ ଖେଳାଳି ହେଉଛନ୍ତି ପ୍ରମୋଦ ଭଗତ। ଦୀର୍ଘ ୪ ବର୍ଷଧରି ନିଜର ଅକ୍ଳାନ୍ତ ପରିଶ୍ରମ ଆଉ ଦୁନିଆ ବୁଲି ବୁଲି ଭାରତ ତଥା ନିଜ ପାଇଁ ପଦକ ଜିତୁଥିବା ପ୍ରମୋଦ ଏବେ ଅର୍ଜୁନ ପୁରସ୍କାର ପାଇ ଓଡିଶାବାସୀଙ୍କ ନୟନମଣି ହୋଇପାରିଛନ୍ତି।

ଜଣେ ଅର୍ଜୁନ ପୁରସ୍କାର ପାଇବା ବେଶ୍ ଗର୍ବର କଥା। ଆଉ ଏ ଯାଏ ଆସିବାକୁ ମୋତେ ବହୁତ ସଂଘର୍ଷ କରିବାକୁ ପଡିଛି। ଏହା ହେଉଛି ନିକଟରେ ଅର୍ଜୁନ ପୁରସ୍କାର ଜିତିଥିବା ଭିନ୍ନକ୍ଷମ ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ନିଜ କଥା। ଲୋକ ମୋର ଦକ୍ଷତା ଅପେକ୍ଷା ଶାରୀରିକ ଅକ୍ଷମତାକୁ ବେଶି ଦେଖୁଥିଲେ। ଏହା ହିଁ ମୋତେ ମୋ ଅକ୍ଷମତା ବିରୋଧରେ ସଂଗ୍ରାମ କରିବାକୁ ପ୍ରେରଣା ଯୋଗାଉଥିଲା। ଅର୍ଜୁନ ପୁରସ୍କାର ପାଇବାରେ ପ୍ରମୋଦ ହେଉଛନ୍ତି ୮ମ ଓଡିଆ। ଯେଉଁ ଲୋକମାନେ ଦିନେ ପ୍ରମୋଦଙ୍କ ଅକ୍ଷମତା ଦେଖୁଥିଲେ ଆଜି ସେମାନେ ତାଙ୍କ ପାଖରେ ରାଶି ରାଶି ପଦକ ଆଉ ପୁରସ୍କାର ଦେଖି ନିଜକୁ ଭୁଲ୍ ବୋଲି ପ୍ରମାଣିତ କରୁଛନ୍ତି। ପ୍ରମୋଦ ଦିନେ ବିଶ୍ୱରେ ଏକ ନଂ ପାରା ଶଟଲର ଥିଲେ ଏବଂ ତିନିଥର ବିଶ୍ୱ ଚାମ୍ପିୟନ ଏକଥା ଅନେକ ସମୟରେ ସହଜରେ ବିଶ୍ୱାସ କରିବା କଷ୍ଟକର ହୋଇଯାଏ। ପୁଣି ଆଶ୍ଚର୍ଯ୍ୟଜନକଭାବେ ସେ ଉଭୟ ସିଙ୍ଗଲ୍ସ ଏବଂ ଡବଲ୍ସ ଖେଳରେ ନିଜର ଦକ୍ଷତା ଦେଖାଇଛନ୍ତି।

ମାତ୍ର ୪ ବର୍ଷ ବୟସରୁ ପ୍ରମୋଦଙ୍କ ବାମଗୋଡ ପୋଲିଓର ଶିକାର ହୋଇଥିଲେ ବି ଏହା ତାଙ୍କୁ ଅଟକାଇ ପାରି ନ ଥିଲା। ଠିକ୍‌ରେ ଚାଲିପାରୁ ନ ଥିଲେ ବି ଜଣେ ଯେ ବ୍ୟାଡମିଣ୍ଟନ ପରି ଖେଳରେ ନିଜ ବିଭାଗରେ ବିଶ୍ୱ ଚାମ୍ପିୟନ ହୋଇପାରିବ ତାହା ଅନେକଙ୍କର ଧାରଣା ବାହାରେ ଥିବା ସ୍ୱାଭାବିକ। ଅଥଚ ପ୍ରମୋଦ ଭିନ୍ନକ୍ଷମ ହୋଇ ଯେ ଖେଳିଛନ୍ତି ତା' ନୁହେଁ ବରଂ ଏ ଯାଏ ଯେତିକି ପଦକ ଜିତିଛନ୍ତି ତାହା ଶୁଣିଲେ ଜଣେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ୍। ପ୍ରମୋଦଙ୍କ ପାଖରେ ଅଛି ଜାତୀୟ ସ୍ତରରେ ୩୦ଟି ସ୍ୱର୍ଣ୍ଣ ଏବଂ ୧୨ ରୌପ୍ୟ। ସେହିପରି ଅନ୍ତର୍ଜାତୀୟ ସ୍ତରରେ ସେ ଗୋଟାଇଛନ୍ତି ୧୯ ସ୍ୱର୍ଣ୍ଣ ଆଉ ୭ ରୌପ୍ୟ। ଏଥି ମଧ୍ୟରେ କେବଳ ୨୦୧୯ରେ ହିଁ ସେ ପାଇଛନ୍ତି ୮ଟି ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୨ ବ୍ରୋଞ୍ଜ ପଦକ।

ବୋଧହୁଏ ବ୍ୟାଡମିଣ୍ଟନ ଖେଳିବାକୁ ହିଁ ପ୍ରମୋଦ ଜନ୍ମ ହୋଇଥିଲେ। ୧୦ ବର୍ଷ ବୟସରୁ ଏହି ଖେଳ ପ୍ରତି ସେ ନିଜର ଭଲପାଇବା ଜାହିର କରିଆସିଛନ୍ତି। ନିଜର ତିନି ସାଙ୍ଗଙ୍କ ସହ ମଉଜମସ୍ତି କରିବା ପାଇଁ ଘର ପଛପଟେ ବ୍ୟାଡମିଣ୍ଟନ ଖେଳୁଥିବା ପ୍ରମୋଦ କେତେବେଳେ ଯେ ଏହି ଖେଳପ୍ରତି ସିରିୟସ ହୋଇଗଲେ ତାହା ବୋଧେ ସେ ନିଜେ ଜାଣିନଥିବେ। ଜଣେ ଭିନ୍ନକ୍ଷମ ହୋଇ ମଧ୍ୟ ସେ ସାଧାରଣ ଲୋକଙ୍କ ପରି ଖେଳିପାରୁଥିବା ଦେଖିଲେ ଅନେକ ଆଶ୍ଚର୍ଯ୍ୟ ହେଉଥିଲେ। ଏହା ଭିତରେ ତାଙ୍କର ବୟସ ବଢ଼ିବା ସଙ୍ଗେସଙ୍ଗେ ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଲାଗିଲେ। ୨୦୦୫ରେ ବୁର୍ଲାରେ ଆଉଟଡୋର ଟୁର୍ନାମେଣ୍ଟରେ ଭାଗନେଉଥିବା ବେଳେ ସେ ଭେଟିଥିଲେ ରାଜ୍ୟ ବ୍ୟାଡମଣ୍ଟନର ପ୍ରତିଷ୍ଠିତ ଖେଳାଳି କମଳ ଦାସଙ୍କ ସହ। ସେ ହିଁ ତାଙ୍କୁ ବ୍ୟାଡମିଣ୍ଟନରେ କ୍ୟାରିୟର କରିବା ପାଇଁ ପ୍ରୋତ୍ସାହନ ଦେଇଥିଲେ। ତାଙ୍କରି ଚେଷ୍ଟାରେ ପ୍ରମୋଦ ଭେଟିଥିଲେ ପାରା ବ୍ୟାଡମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସଙ୍କୁ। କୋଚ୍ ଶିବ ପ୍ରସାଦଙ୍କ ପାଖରେ ରହି ସେ ଖେଳିବାର ମୂଳ ସୋପାନ ଚଢ଼ିବା ଶିଖିଥିଲେ। ଅନୁଗୋଳରେ ରହୁଥିବା କୋଚଙ୍କ ଘର ହିଁ ପାଲଟିଥିଲା ଆଜିର ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦଙ୍କ ପାଇଁ ପ୍ରଫେଶନାଲ ବ୍ୟାଡମଣ୍ଟନକୁ ପରଖିବାର ରଙ୍ଗଭୂମି। ଏଇଠୁ ହିଁ ପ୍ରମୋଦ ପାଇଥିଲେ ଉଡିବାର ଅଭିଳାଷା, ଆଉ ପାରା ବ୍ୟାଡମିଣ୍ଟନକୁ ନେଇ ଏଇଠି ହିଁ ବଢୁଥିଲା ଓଡିଶାର ସୁଯୋଗ୍ୟ ସନ୍ତାନ।

ଓଡିଶା ପାରା ବ୍ୟାଡମିଣ୍ଟନର ନୂଆ ପୋଷ୍ଟରବୟ ପ୍ରମୋଦଙ୍କର ଏଇଠାରେ ହିଁ ଆରମ୍ଭ ହୋଇଥିଲା ଜୟଯାତ୍ରା। ଆଗରୁ ତିନିଥର ଆବେଦନ କରିଥିଲେ ବି ପ୍ରମୋଦ ଏଯାଏ ରାଷ୍ଟ୍ରର ଏହି ବହୁମୂଲ୍ୟ ସମ୍ମାନ ପାଇବାରେ ବିଫଳ ହୋଇଥିଲେ। କିନ୍ତୁ ଏଥର ସୁଇଜରଲାଣ୍ଡର ବାସିଲଠାରେ ବିଶ୍ୱ ଚାମ୍ପିୟନଶିପରେ ଭାଗନେବାକୁ ବିଦେଶ ଗସ୍ତରେ ଥିବାରୁ ଏ ବିଷୟରେ ସେ ଖବର ବିଳମ୍ବରେ ଜାଣିଲେ। ଖେଳରେ ନାମ କରିବା ନିଜର ଇଚ୍ଛା ଥିଲା ଆଉ ସରକାରୀ ଚାକିରି କରିବା ନିଜ ବାପାଙ୍କର ଇଚ୍ଛାଥିଲା। ଏବେ ଇଏସଆଇସି ଭୁବନେଶ୍ୱରେ ଚାକିରି କରୁଥିବା ପ୍ରମୋଦ ବିଶ୍ୱର ଚାରିଆଡେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପଦକ ଜିତିବା ପରେ ଉଭୟ ନିଜ ପିତା ଏବଂ ନିଜର ସ୍ୱପ୍ନକୁ ସାକାର କରିପାରିଛନ୍ତି। ଭିନ୍ନକ୍ଷମ ଥାଇ ଅନେକ ନିଜର ସ୍ୱପ୍ନ ପୂରଣ କରିପାରୁ ନ ଥିବାବେଳେ ପ୍ରମୋଦ ଆମ ସମସ୍ତଙ୍କ ପାଇଁ ଏକ ଜାଜ୍ୱଲ୍ୟ ମାନ ଆଦର୍ଶ ନୁହେଁ କି? ବିଏ ପାସ କରିଥିବା ପ୍ରମୋଦଙ୍କ ଏବେ ଆଗାମୀ ଲକ୍ଷ୍ୟ ଟୋକିଓରେ ୨୦୨୦ରେ ହେବାକୁ ଥିବା ପାରା ଅଲିମ୍ପିକ୍ସ ଉପରେ। ଏଥିରେ ପଦକ ଜିତିପାରିଲେ ସେ ଯେ କେବଳ ଇତିହାସ ରଚିବେ ତାହା ନୁହେଁ ବରଂ ଜଣେ ଭିନ୍ନକ୍ଷମ ନିଜର ଇଚ୍ଛାଶକ୍ତିକୁ ପାଥେୟ କରି ଯେ ଇତିହାସରେ ସ୍ଥାନ ପାଇପାରେ ତାହା ପୁଣିଥରେ ପ୍ରମାଣିତ କରିବେ। କେବଳ ପ୍ରମୋଦ ନୁହନ୍ତି ପୂରା ଭାରତବର୍ଷ ଏବଂ ଆହୁରି ଅନେକ ଚାତକର ସହ ଏହି ଦିନକୁ ଅପେକ୍ଷା କରି ରହିବା ବେଶ୍ ସ୍ୱାଭାବିକ୍ କଥା।

> "ଜଣେ ଅର୍ଜୁନ ପୁରସ୍କାର ପାଇବା ବେଶ୍ ଗର୍ବର କଥା। ଆଉ ଏ ଯାଏ ଆସିବାକୁ ମୋତେ ବହୁତ ସଂଘର୍ଷ କରିବାକୁ ପଡିଛି। ଲୋକ ମୋର ଦକ୍ଷତା ଅପେକ୍ଷା ଶାରୀରିକ ଅକ୍ଷମତାକୁ ବେଶି ଦେଖୁଥିଲେ। ଏହା ହିଁ ମୋତେ ମୋ ଅକ୍ଷମତା ବିରୋଧରେ ସଂଗ୍ରାମ କରିବାକୁ ପ୍ରେରଣା ଯୋଗାଉଥିଲା" –ପ୍ରମୋଦ ଭଗତ



### ସଂକ୍ଷେପରେ......

ନାମ: ପ୍ରମୋଦ ଭଗତ
ଜନ୍ମ: ୪ ଜୁନ୍ ୧୯୮୮
ଜନ୍ମସ୍ଥାନ: ଅତାବିରା, ବରଗଡ଼
ସ୍ପୋର୍ଟ୍ସ: ପାରା ବ୍ୟାଡ୍‌ମିଣ୍ଟନ (ଏସ୍‌ଏଲ୍-୩)
ଟ୍ରେନିଂବେସ୍: ଜିଆଇଏଚ୍ ୟୁନିଟ୍-୧, ଭୁବନେଶ୍ୱର
ଶାରୀରିକ ଅକ୍ଷମତାର ପ୍ରକୃତି- ଅର୍ଥୋପେଡିକ୍ ପୋଲିଓ (ବାମଗୋଡ)
ମାତାପିତା: କୁସୁମ ଦେବୀ, ସ୍ୱର୍ଗତ କୈଳାସ ଭଗତ
ପ୍ରମୁଖ ଅନ୍ତର୍ଜାତୀୟ ସଫଳତା:
ବ୍ରୋଞ୍ଜ - ୨୦୧୭ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ପାରା ଚାମ୍ପିୟନଶିପ୍
ବ୍ରୋଞ୍ଜ (ସିଙ୍ଗଲ୍ସ ଓ ଡବଲ୍ସ)- ୨୦୧୬ ବିଡବ୍ଲ୍ୟୁଏଫ୍ ଏସିଆନ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍।
ସ୍ୱର୍ଣ୍ଣ (ଡବଲ୍ସ), ରୌପ୍ୟ (ସିଙ୍ଗଲ୍ସ)- ୨୦୧୫ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍

# ୟୁଏସ୍ ଓପନ ଟେନିସ

**ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ନୋଭାକ ଜୋକୋଭିଚ୍ ଓ ନାଓମି ଓସାକା ଏଥର ମଧ ୟୁଏସ୍ ଓପନ ଟାଇଟଲ ବଜାୟ ରଖିବେ ବୋଲି ଆଶା କରାଯାଉଛି। ହାର୍ଡ କୋର୍ଟ ଉପରେ ଖେଳାଯାଉଥିବା ବର୍ଷର ଏହି ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୨୬ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୮ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ରାଫାଲ ନାଡାଲ, ରୋଜର ଫେଡେରର, ସିମୋନ ହାଲେପ, କାରୋଲିନା ପ୍ଲିସ୍କୋଭାଙ୍କ ପ୍ରଦର୍ଶନ ଉପରେ ମଧ ସମସ୍ତଙ୍କ ନଜର ରହିଛି..**

ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ ଟେନିସ ଏଥର ଆସନ୍ତା ୨୬ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୮ ତାରିଖରେ ଶେଷ ହେବ। ଟୁର୍ନାମେଣ୍ଟର ଏହି ୧୩୯ତମ ସଂସ୍କରଣ ସବୁଥର ଭଳି ଏଥର ମଧ୍ୟ ସଫଳ ହେବା ସହ ଲୋକପ୍ରିୟ ହେବ ବୋଲି ଆଶା କରାଯାଉଛି। ହାର୍ଡ କୋର୍ଟ ଉପରେ ଖେଳାଯାଉଥିବା ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟର ମୋଟ ପୁରସ୍କାର ରାଶି ୫୭,୨୩୮,୭୦୦ ଆମେରିକୀୟ ଡଲାର ରଖାଯାଇଛି। ଆମେରିକାର ନ୍ୟୁୟର୍କ ସିଟିର ୟୁଏସ୍‌ଟିଏ ବିଲି ଜିନ୍ କିଙ୍ଗ ନ୍ୟାଶନାଲ ଟେନିସ ସେଣ୍ଟରର ୧୪ଟି ଡୋକୋ ଟର୍ଫ ହାର୍ଡ କୋର୍ଟରେ ଟୁର୍ନାମେଣ୍ଟ ବିଭିନ୍ନ ବର୍ଗର ମ୍ୟାଚ୍‌ଗୁଡିକ ଖେଳାଯିବ। ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍) ଦ୍ୱାରା ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାରେ ଗତଥର ସର୍ବିଆର ନୋଭାକ ଜୋକୋଭିଚ୍ ଓ ଜାପାନର ନାଓମି ଓସାକା ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ସେହିପରି ପୁରୁଷ ଡବଲ୍ସରେ ଆମେରିକୀୟ ଯୋଡି ମାଇକ ବ୍ରାଏନ ଓ ଜ୍ୟାକ ସକ ଟାଇଟଲ ଜିତିଥିଲେ। ମହିଳା ଡବଲ୍ସରେ ଅଷ୍ଟ୍ରିଆ–ଆମେରିକା ଯୋଡି ଆଶଲେ ବାର୍ଟି ଓ କୋକୋ ଭାଣ୍ଡେୱେଘ୍ ବାଜି ମାରିଥିଲେ। ମିକ୍ସଡ ଡବଲ୍ସରେ ଆମେରିକାର ବେଥାନି ମାଟେକ ସାଣ୍ଡ୍ସ ଓ ବ୍ରିଟେନର ଜେମି ମୁରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ।

ଉଭୟ ପୁରୁଷ ଓ ମହିଳା ବିଭାଗରେ ସିଙ୍ଗଲ୍ସ, ଡବଲ୍ସ ସହ ମିକ୍ସଡ ଡବଲ୍ସ ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜନ ହୋଇଥାଏ। ଏଥି ସହିତ ବାଳକ, ବାଳିକା, ହ୍ୱିଲ ଚେୟାର ପୁରୁଷ ଓ ମହିଳା ବର୍ଗରେ ମଧ୍ୟ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ଟୁର୍ନାମେଣ୍ଟ ମଧ୍ୟ ଆୟୋଜିତ ହୋଇଥାଏ। ୟୁଏସ୍ ଓପନ୍ ବର୍ଷର ଅନ୍ତିମ ସର୍ବବୃହତ୍ ଟୁର୍ନାମେଣ୍ଟ ହୋଇଥିବାରୁ ସବୁଥର ଭଳି ଏଥର ମଧ୍ୟ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ।

ପୁରୁଷ ସିଙ୍ଗଲ୍ସରେ ଜୋକୋଭିଚ୍ ଶ୍ରେଷ୍ଠ ସିଡ ମାନ୍ୟତା ପାଇଥିବା ବେଳେ ସ୍ପେନର ରାଫାଲ ନାଡାଲ ଦ୍ୱିତୀୟ, ସୁଇଜରଲାଣ୍ଡର ରୋଜର ଫେଡେରର ତୃତୀୟ, ଅଷ୍ଟ୍ରିଆର ଡୋମିନିକ୍ ଥିମ ଚତୁର୍ଥ, ରୁଷିଆର ଡାନିଲି ମେଡଭେଡେଭ ପଞ୍ଚମ ସିଡ ମାନ୍ୟତା ପାଇଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ଓସାକା ଶ୍ରେଷ୍ଠ ସିଡ ମାନ୍ୟତା ପାଇଛନ୍ତି। ସେହିପରି ଅଷ୍ଟ୍ରିଆର ଆଶଲେ ବାର୍ଟି ଦ୍ୱିତୀୟ, ଚେକ୍ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭା ତୃତୀୟ, ରୋମାନିଆ ସିମୋନା ହାଲେପ ଚତୁର୍ଥ, ୟୁକ୍ରେନର ଏଲିନା ଭିଟୋଲିନା ପଞ୍ଚମ ସିଡ ମାନ୍ୟତା ପାଇଛନ୍ତି। ପୁରୁଷ ଡବଲ୍ସରେ କଲମ୍ବିଆ ଯୋଡି ଜୁଆନ ସେବାଷ୍ଟିଆନ କାବାଲ ଓ ରୋବର୍ଟ ଫରହା, ମହିଳା ଡବଲ୍ସରେ ହଙ୍ଗେରୀ ଓ ଫ୍ରେଞ୍ଚ ଯୋଡି ତିମିଆ ବାବୋସ ଓ କ୍ରିଷ୍ଟିନା ମ୍ଲାଡେନୋଭିକ ଶ୍ରେଷ୍ଠ ସିଡ ଯୋଡିର ମାନ୍ୟତା ପାଇଛନ୍ତି।

ୟୁଏସ୍ ଓପନରେ ଏଥର ଭାରତୀୟଙ୍କ ମରୁଡି ଦେଖିବାକୁ ମିଳିବ। ଅବଶ୍ୟ କେତେକ ଖେଳାଳି ବିଭିନ୍ନ କାରଣରୁ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି। ତେବେ ଏହା ସତ୍ତ୍ୱେ ଟୁର୍ନାମେଣ୍ଟ ଲୋକପ୍ରିୟତା ଉପରେ କୌଣସି ପ୍ରଭାବ ପଡିବନି। ଆର୍ଜେଣ୍ଟିନାର ଜୁଆନ ମାର୍ଟିନ ଡେଲପୋଟ୍ରୋ ଓ ଆମେରିକାର ମ୍ୟାକେଞ୍ଜି ମ୍ୟାକ୍‌ଡୋନାଲ୍ଡ ଓହରିଯାଇଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରୁ ଅମେରିକାର ଅମଣ୍ଡା ଆନିସିମୋଭା, କାଥେରାଇନ୍ ବେଲିସ୍, ସ୍ଲୋଭାକିଆର ଡୋମିନିକା ସିବୁଲକୋଭା, ବ୍ରାଜିଲର ବିଆଟ୍ରିଜ୍ ମାଲା, ସ୍ଲୋଭାକିଆର ଆନ୍ନା କାରୋଲିନା ସିମିଏଡୋଲଭା ଓହରିଯାଇଛନ୍ତି। ୱାଇଲ୍ଡ କାର୍ଡ ମାଧ୍ୟମରେ ମଧ୍ୟ କେତେକ ଯୁବ ଖେଳାଳି ୟୁଏସ୍ ଓପନ୍ ଖେଳିବାର ସୁଯୋଗ ହାସଲ କରିଛନ୍ତି।

ପୁରୁଷ ସିଙ୍ଗଲ୍ସରେ ଏଥର ଜୋକୋଭିଚ୍, ନାଡ଼ାଲ ଓ ଫେଡେରେର ଟାଇଟଲ ଦୌଡ଼ରେ ରହିଛନ୍ତି ଓ ଫେଭରାଇଟ୍ ମନେହେଉଛନ୍ତି। ଏହି ୩ ଖେଳାଳି ଅଭିଜ୍ଞତା ବଳରେ କମାଲ କରିବେ ବୋଲି ଆଶା କରାଯାଉଛି। ତେବେ ଫିଟ୍‌ନେସ ସମସ୍ୟା ଏମାନଙ୍କ ପାଇଁ ବାଧକ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ମହିଳା ସିଙ୍ଗଲ୍ସରେ ଓସାକାଙ୍କ ସମେତେ ହାଲେପ, ବାର୍ଟି, ପ୍ଲିସ୍କୋଭା ଫେଭରାଇଟ୍ ମନେହେଉଛନ୍ତି। ମହିଳା ସିଙ୍ଗଲ୍ସ ପ୍ରତିଯୋଗିତାରେ ଅଭିଜ୍ଞ ଖେଳାଳିଙ୍କୁ ଯୁବ ଖେଳାଳିମାନେ ପଛରେ ପକାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଜୋକୋଭିଚ୍ ଓ ଓସାକା ଏଥର ମଧ୍ୟ ବାଜିମାରି ଟାଇଟଲ ବଜାୟ ଲକ୍ଷ୍ୟରେ ରହିଛନ୍ତି।



### ୨୦୧୯ ଟୁର୍ନାମେଣ୍ଟ

ସଂସ୍କରଣ: ୧୩୯
ତାରିଖ: ଅଗଷ୍ଟ ୨୬- ୮ ସେପ୍ଟେମ୍ବର
କାଟେଗୋରି: ଗ୍ରାଣ୍ଡସ୍ଲାମ
ପୁରସ୍କାର ରାଶି: ୫୭,୨୩୮, ୭୦୦ ଆମେରିକୀୟ ଡଲର
ସର୍ଫେସ: ହାର୍ଡ
ସହର: ନ୍ୟୁୟର୍କ

**ଗତଥରର ଚାମ୍ପିୟନ**

ପୁରୁଷ ସିଙ୍ଗଲ୍ସ: ନୋଭାକ ଜୋକୋଭିଚ୍
ମହିଳା ସିଙ୍ଗଲ୍ସ: ନାଓମି ଓସାକା
ପୁରୁଷ ଡବଲ୍ସ: ମାଇକ ବ୍ରାଏନ/ ଜ୍ୟାକ୍ ସକ
ମହିଳା ଡବଲ୍ସ: ଆଶଲେ ବାର୍ଟି/ କୋକୋ ଭାଣ୍ଡେୱେଘ୍
ମିକ୍ସଡ ଡବଲ୍ସ: ବେଥାନି ମାଟେକ ସାଣ୍ଡ୍ସ/ ଜେମି ମୁରେ

### କନ୍‌ଫ୍ୟୁଜ୍

ଆଣ୍ଟିଗୁଆ ସି ବିଚ୍‌ରେ ଟିମ୍
ଇଣ୍ଡିଆ ଖେଳୁଛି ଖେଳ
ବିରାଟ ସାଥିରେ ସ୍ତ୍ରୀ ଅନୁଷ୍କା ଶର୍ମା
ଆମ ଭାରତୀୟ ଦଳ
ଯେମିତ ପକାନ୍ତି ତାଳ
ଚଡି ପିନ୍ଧା ଟୋକା ଦେଶୀ ନା ବିଦେଶୀ
କନଫ୍ୟୁଜ ଲାଗେ ଭୋଳ।।।୧

ସୋଏବ ମଲିକ ପରେ ଆଉ ଜଣେ
ପାକିସ୍ତାନୀ କ୍ରିକେଟର
ଭାରତୀୟ କନ୍ୟା ହାତଧରି ହେଲେ
ସାମିଆ ଅରଜୁ ବର
କନଫ୍ୟୁଜ୍ ତାଙ୍କ ପ୍ୟାର
ଗୋଟିଏ ଦେଖାରେ ଦୁବାଇରେ ଅଲି
ମାରିଥିଲା ଲଭ ତୀର।।।୨



ୱାର୍ଲ୍ଡକପ୍ ଫେଲ୍ ପରେ ବି କୋଚ୍
ରବି ଶାସ୍ତ୍ରୀ ହେଲା ପୁଣି
ଯୁବ କ୍ରୀଡ଼ା ପୁରସ୍କାର ତାଲିକାରେ
କନଫ୍ୟୁଜ ନାଁଆ ମଣି
ବଟମରୁ ଯାଆ ଗଣି
ସବୁ ବିଭାଗରେ ପିସି କାରବାର
ଏଠି କରପ୍‌ସନ ଖଣି।।।୩

–ସୁବାସ ଚନ୍ଦ୍ର ପ୍ରଧାନ



ଦେଶର ଅର୍ଥନୀତିକୁ ଗତିଶୀଳ କରିବା ଲାଗି ସରକାର ଅନେକଗୁଡ଼ିଏ ପଦକ୍ଷେପ ନେବାକୁ ଯାଉଛନ୍ତି। ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
–ରାଜୀବ କୁମାର, ନୀତି ଆୟୋଗ ଉପାଧ୍ୟକ୍ଷ



ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଯୁବବର୍ଗଙ୍କୁ ଆସନ୍ତା ୨ ବର୍ଷରେ ୨୦ ଲକ୍ଷ ଡେବିଟ ଓ କ୍ରେଡିଟ ପ୍ରଦାନ କରିବ।
–ପରାଗ ରାଓ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ କଣ୍ଟ୍ରି ମୁଖ୍ୟ(କାର୍ଡ ପେମେଣ୍ଟ ପ୍ରଡକ୍ଟ)

## ସଂକ୍ଷେପରେ

### ବର୍ଷକରେ ବନ୍ଦ ହୋଇଛି ୫୫୦୦ ଏଟିଏମ୍, ୬୦୦ ଶାଖା

ନୂଆଦିଲ୍ଲୀ,୨୨-୮: ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଖର୍ଚ୍ଚ କମାଇବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେମାନେ ବଡ଼ ସହରରେ ନିଜର ଏଟିଏମ୍ ଓ ଶାଖା ବନ୍ଦ କରୁଛନ୍ତି। ସହରବାସୀ ଏବେ ଅଧିକ ସଂଖ୍ୟାରେ ଡିଜିଟାଲ ବ୍ୟାଙ୍କିଙ୍ଗ ଆଡ଼କୁ ଆକୃଷ୍ଟ ହେବା ବଡ଼ କାରଣ ବୋଲି ଦର୍ଶାଯାଉଛି। ଗତ ବର୍ଷକ ମଧ୍ୟରେ ସବୁଠାରୁ ଅଧିକ ଶାଖା ଥିବା ଦେଶର ଶୀର୍ଷ ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୋଟ୍‌ରେ ୫୫୦୦ ନିଜର ଏଟିଏମ୍ ଓ ୬୦୦ ଶାଖାକୁ ବନ୍ଦ କରିଦେଇଛନ୍ତି। ବ୍ୟାଙ୍କଗୁଡ଼ିକର ତ୍ରୈମାସିକ ଫଳାଫଳ ବିଶ୍ଳେଷଣରୁ ଏହା ଜଣାପଡିଛି। ଗତବର୍ଷ ଜୁନ୍‌ରୁ ଚଳିତବର୍ଷ ଜୁନ୍ ମଧ୍ୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସର୍ବାଧିକ ୪୨୦ ଶାଖା ଏବଂ ୭୬୮ ଏଟିଏମ୍ ବନ୍ଦ କରିଛି। ସେହିପରି ଦେନା ବ୍ୟାଙ୍କ ଏବଂ ବିଜୟା ବ୍ୟାଙ୍କକୁ ମିଶାଇବା ପରେ ବ୍ୟାଙ୍କ ଅଫ୍ ବରୋଦା ମୋଟ ୪୦ ଶାଖା ଏବଂ ୨୭୪ ଏଟିଏମ୍ ବନ୍ଦ କରିଦେଇଛି। ଏହି ତାଲିକାରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାଡା ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଏବଂ ଆଲ୍ଲାହାବାଦ୍ ବ୍ୟାଙ୍କ ସାମିଲ ହୋଇଛି।

### ଟଙ୍କା, ସେନ୍‌ସେକ୍ସ ହ୍ରାସ, ସୁନା ଦର ବୃଦ୍ଧି

ମୁମ୍ବାଇ,୨୨-୮: ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ପ୍ରୋତ୍ସାହନ ଦିଆଯିବ ନାହିଁ ବୋଲି ଗୁରୁବାର ସ୍ପଷ୍ଟ କଲା ପରେ ମୁଦ୍ରା ଓ ଷ୍ଟକ୍ ବଜାରରେ ହଇଚଇ ସୃଷ୍ଟି ହୋଇଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮ ମାସର ସର୍ବନିମ୍ନ ସ୍ତର ଛୁଇଁଥିବା ବେଳେ ସେନ୍‌ସେକ୍ସ ୫୮୭ ପଏଣ୍ଟ ହ୍ରାସ ହୋଇଛି। ଅନ୍ୟପକ୍ଷରେ ସୁନା ଦରରେ ନିଆଁ ଲାଗିଛି। ଗୁରୁବାର ଏହି ଦର ବୃଦ୍ଧି ପାଇ ୩୯ ହଜାର ଟଙ୍କା ନିକଟତର ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଚାଇନା ମୁଦ୍ରା ୟୁଆନ ମୂଲ୍ୟ ହ୍ରାସ ପାଇବା ସହ ବିଶ୍ୱ ବଜାରରେ ମାନ୍ଦାବସ୍ଥାର ସଙ୍କେତ କାରଣରୁ ଦେଶର ମୁଦ୍ରା ବଜାରରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ପାଇଥିଲା। ଗୁରୁବାର ଟଙ୍କାର ମୂଲ୍ୟ ୨୬ ପଇସା ହ୍ରାସ ପାଇ ୮ ମାସର ସର୍ବନିମ୍ନ ସ୍ତର ୭୧.୮୧ରେ ପହଞ୍ଚିଛି। ୨୦୧୮ ଡିସେମ୍ବର ୧୪ ପରେ ଏହା ସର୍ବନିମ୍ନ ସ୍ତର ରହିଛି। ସେହିପରି ସମାନ କାରଣରୁ ସେନ୍‌ସେକ୍ସ ୫୮୭.୪୪ ପଏଣ୍ଟ ହ୍ରାସ ପାଇ ୩୬,୪୭୨.୯୩ ରହିଥିବା ବେଳେ ନିଫ୍ଟି ୧୭୭.୩୫ ପଏଣ୍ଟ କମି ୧୦,୭୪୧.୩୫ରେ ବନ୍ଦ ହୋଇଛି। ଦିଲ୍ଲୀ ସର୍ରାଫା ବଜାରରେ ଗୁରୁବାର ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ୍ ୧୫୦ ଟଙ୍କା ବଢ଼ି ୩୮,୯୭୦ ଟଙ୍କାରେ ପହଞ୍ଚିଛି। ଚାହିଦା ବୃଦ୍ଧି କାରଣରୁ ରୁପା କେଜି ୬୦ ଟଙ୍କା ବଢ଼ି ୪୫,୧୦୦ ଟଙ୍କା ହୋଇଛି।

# ଋଣ ଅଭିବୃଦ୍ଧି ଉପରେ ଫୋକସ କରିବେ ବ୍ୟାଙ୍କ




- ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ
- ୫ଟ୍ରିଲିୟନ ଅର୍ଥନୀତି ଲକ୍ଷ୍ୟ ହାସଲ ନେଇ ଆଲୋଚନା
- ଜନଧନ, ଆଧାର, ମୋବାଇଲକୁ ଗୁରୁତ୍ୱ

ଭୁବନେଶ୍ୱର, ୨୨-୮(ବ୍ୟୁରୋ)

ଆଗାମୀ ୫ ବର୍ଷରେ ଦେଶର ଅର୍ଥନୀତିକୁ ୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏ ଦିଗରେ ବ୍ୟାଙ୍କଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଥିବା ବେଳେ ଅର୍ଥନୀତିକୁ ଆଗେଇ ନେବା ଲାଗି ବିଭିନ୍ନ ପଦକ୍ଷେପ ଉପରେ ଶାଖା ସ୍ତରରୁ ମାନସମନ୍ଥନ ଆରମ୍ଭ ହୋଇଛି। ଚଳିତ ମାସ ୧୭ ଏବଂ ୧୮ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଶାଖାସ୍ତରୀୟ ପରାମର୍ଶ ଗ୍ରହଣ କରିବା ପରେ ଏବେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି(ଏସ୍‌ଏଲ୍‌ବିସି)ରେ ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ବୈଠକରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ,ଶିଳ୍ପ ପ୍ରତିନିଧି, ସରକାରଙ୍କ ଉଚ୍ଚାଧିକାରୀ ଯୋଗ ଦେଇ ସରକାରଙ୍କ ପ୍ରମୁଖ ଏଜେଣ୍ଡା ଉପରେ ଆଲୋଚନା କରିଛନ୍ତି। ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ଲାଗି ଋଣ ପ୍ରଦାନ ଧାରାକୁ ପ୍ରୋତ୍ସାହିତ କରାଯିବ। ୧୨% ଋଣ ଅଭିବୃଦ୍ଧି ଲକ୍ଷ୍ୟ ନେଇ ବ୍ୟାଙ୍କଗୁଡିକୁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ପୂରଣ ଦିଗରେ ବିଭିନ୍ନ ବ୍ୟାଙ୍କଗୁଡିକ କାର୍ଯ୍ୟ କରିବେ ବୋଲି ଏହି ଅବସରରେ ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଓଡ଼ିଶା ଏସ୍‌ଏଲ୍‌ବିସି ଅଧ୍ୟକ୍ଷ ଅଜୟ ବ୍ୟାସ୍ କହିଛନ୍ତି।

ଏଠାରେ ଆୟୋଜିତ ବୈଠକରେ ଯୋଗ ଦେଇ ସେ କହିଛନ୍ତି ଯେ, ବ୍ୟାଙ୍କଗୁଡିକର କାର୍ଯ୍ୟଶୈଳୀରେ ଦକ୍ଷତା ବୃଦ୍ଧି, ବ୍ୟାଙ୍କିଙ୍ଗ ଧାରା, ଟେକ୍ନୋଲୋଜି ଗ୍ରହଣ, ଗ୍ରାହକଙ୍କ ଚାହିଦା ଉପରେ ପ୍ରାଥମିକତା ଦିଆଯାଉଛି। ଭଲ ପ୍ରଦର୍ଶନ କରୁଥିବା ଶାଖାକୁ ଉତ୍ସାହିତ ଏବଂ ଖରାପ ସ୍ଥିତିରେ ଥିବା ଶାଖାଗୁଡିକର କାର୍ଯ୍ୟଧାରାରେ ଉନ୍ନତି ଆଣିବାକୁ ପରାମର୍ଶ ଗ୍ରହଣ କରାଯାଇଛି। ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯିବା ପରେ ଏହାକୁ ବ୍ୟାଙ୍କଗୁଡିକ ନିଜର ମୁଖ୍ୟ କାର୍ଯ୍ୟାଳୟକୁ ଜଣାଇ ଦେବେ। ଏହାପରେ ମୁଖ୍ୟ କାର୍ଯ୍ୟାଳୟରୁ ପରାମର୍ଶ ସରକାରଙ୍କୁ ପ୍ରଦାନ କରାଯିବ।

ସେ କହିଛନ୍ତି ଯେ, ଜନଧନ, ଆଧାର ସଂଯୋଗ ଏବଂ ମୋବାଇଲ ବ୍ୟବହାର ଦ୍ୱାରା ଅର୍ଥନୀତି ବିକାଶ ଦିଗରେ ଏକ ପ୍ରମୁଖ ଅଂଶୀଦାର ହେବ। ବ୍ୟାଙ୍କଗୁଡିକ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର ଦ୍ୱାରା ଏହି କ୍ଷେତ୍ରରେ ନିଜର ଯୋଗଦାନ ରଖିପାରିବେ। ବର୍ତ୍ତମାନ ଜନଧନ ଯୋଜନାରେ ୩୫ କୋଟି ଆକାଉଣ୍ଟ ଖୋଲାଯାଇଥିବା ବେଳେ ୯୫% ଲୋକଙ୍କ ନିକଟରେ ଆଧାର ନମ୍ବର ରହିଛି। ଏହାକୁ ବ୍ୟବହାର କରିବା ନେଇ ସେ ବ୍ୟାଙ୍କଗୁଡିକୁ ଆହ୍ୱାନ ଦେଇଛନ୍ତି। ଏହାବାଦ ଏମ୍‌ଏସ୍‌ଏମ୍‌ଇକୁ ଋଣ ଯୋଗାଣ, କୃଷି କ୍ଷେତ୍ରକୁ ସହାୟତା, ରପ୍ତାନି କ୍ଷେତ୍ରକୁ ପ୍ରୋତ୍ସାହନ, କର୍ପୋରେଟ ଗଭର୍ନାନ୍ସରେ ଉନ୍ନତି, ମାନ୍ଦାବସ୍ଥା ଦେଇ ଗତି କରୁଥିବା ଅର୍ଥନୀତିରେ ବିକାଶଧାରା ବୃଦ୍ଧି ପାଇଁ ନିବେଶ ପ୍ରୋତ୍ସାହନ ଉପରେ ବ୍ୟାଙ୍କଗୁଡିକ ଗୁରୁତ୍ୱ ଦେବାକୁ ମତାମତ ଗ୍ରହଣ କରାଯାଉଛି। ମୁଦ୍ରା ଯୋଜନାରେ ବ୍ୟାଙ୍କଗୁଡିକ ଭଲ ପରଫରମାନ୍ସ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ସେହିଭଳି ଇଜ ଅଫ୍ ଡୁଇଙ୍ଗ ବିଜନେସ, ନୂତନ ବ୍ୟାଙ୍କିଙ୍ଗ ପରିଭାଷା ଉପରେ ପ୍ରାଥମିକତା ଦିଆଯାଉଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

ଶୀଘ୍ର ଅଧିକାଂଶ ବ୍ୟାଙ୍କ ରେପୋ ରେଟ୍ ହ୍ରାସକୁ ସେମାନଙ୍କ ବ୍ୟବସ୍ଥା ସହ ଯୋଡିବେ ବୋଲି ଏଠାରେ ସୂଚନା ଦିଆଯାଇଛି। ଫଳରେ ରିଜର୍ଭ ବ୍ୟାଙ୍କ ସୁଧହାର ହ୍ରାସ ହେଲେ ତ୍ୱରିତ ଭିତ୍ତିରେ ଗ୍ରାହକ ଏହାର ଲାଭ ପାଇବେ। କାର୍ଯ୍ୟକ୍ରମରେ ଅର୍ଥ ବିଭାଗ ପ୍ରମୁଖ ସଚିବ ଏ.କେ.ମୀନା, ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ, ଇନଷ୍ଟିଚ୍ୟୁଶନାଲ ଫାଇନାନ୍ସର ସ୍ୱତନ୍ତ୍ର ସଚିବ ଏବଂ ନିର୍ଦ୍ଦେଶକ ପି.କେ. ବିଶ୍ୱାଳ, ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା, ଏସ୍‌ଏଲ୍‌ବିସି ଆବାହକ ଟି.ଆର୍. ଚୋକଲିଙ୍ଗମ୍, ଆର୍‌ବିଆଇ ଉପମହାପ୍ରବନ୍ଧକ ବିଶ୍ୱ ରଞ୍ଜନ ପାତ୍ର, ଏସ୍‌ଏଲ୍‌ବିସି ଓଡ଼ିଶା ଇନଚାର୍ଜ ପି.କେ.ସି ଦାଶ ଏବଂ ଓସ୍‌ମେ ମହାସଚିବ ସାତ୍ତ୍ୱିକ ସ୍ୱାଇଁ ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ।

## ମାନସିକତା ବଦଳାନ୍ତୁ ଘରୋଇ କମ୍ପାନୀ:ସିଇଏ

- ଆର୍ଥିକ ପ୍ୟାକେଜ ଦେବେନି ସରକାର

ନୂଆଦିଲ୍ଲୀ,୨୨-୮

ଦେଶର ଅର୍ଥନୀତି ଧିମା ହେବା କାରଣରୁ ଉଦ୍ୟୋଗ ଜଗତ ଏବେ ମାନ୍ଦାବସ୍ଥାର ଶିକାର ହୋଇଛି। ସରକାରଙ୍କ ପକ୍ଷରୁ ତୁରନ୍ତ ଆର୍ଥିକ ପ୍ୟାକେଜ ଘୋଷଣା କରିବାକୁ ଉଦ୍ୟୋଗ ଜଗତ ପକ୍ଷରୁ ଦାବି କରାଯାଇଛି। ତେବେ ସରକାର କୌଣସି ପ୍ରକାର ଆର୍ଥିକ ସହାୟତା ଘୋଷଣା କରିବେ ନାହିଁ ବୋଲି ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ କହିଛନ୍ତି। ଘରୋଇ କମ୍ପାନୀଗୁଡ଼ିକ ଲାଭକୁ ନିଜର ବୋଲି ଦର୍ଶାଉଥିବା ବେଳେ କ୍ଷତିକୁ ସାର୍ବଜନୀନ ବୋଲି ଦେଖାଇବା ଠିକ୍ ଅର୍ଥଶାସ୍ତ୍ର ନୁହେଁ ବୋଲି ସେ କହିଛନ୍ତି। ଏଣୁ ସେମାନେ ନିଜର ମାନସିକତା ବଦଳାନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ହିରୋ ମାଇଣ୍ଡମାଇନ ସମିଟ,୨୦୧୯ରେ ଉଦ୍‌ବୋଧନ ଦେଇ ସୁବ୍ରମଣ୍ୟନ କହିଛନ୍ତି ଯେ, ଉଦ୍ୟୋଗ ଜଗତ ଲାଗି ଭଲ ଓ ଖରାପ ସ୍ଥିତି ଦେଖାଯିବା ଏକ ସାଧାରଣ ଘଟଣା। ଖରାପ ସମୟରେ ଉଦ୍ୟୋଗ ଜଗତ ସରକାରଙ୍କଠାରୁ ସମର୍ଥନ ଆଶାକରିବା ନୈତିକ ରୂପରେ କ୍ଷତିକାରକ ପ୍ରମାଣିତ ହୋଇପାରେ। ଘରୋଇ କମ୍ପାନୀଗୁଡ଼ିକୁ ନିଜର ମନୋଭାବରେ ପରିବର୍ତ୍ତନ ଆଣିବାକୁ ହେବ ବୋଲି ସେ କହିଛନ୍ତି।

# ବଟରଫ୍ଲାଏ ପକ୍ଷରୁ ଡିଲରମିଟ



- ସିଜନ କଞ୍ଜ୍ୟୁମର ଅଫର ଘୋଷଣା
- ବଜାରକୁ ଆଣିଲା ନୂଆ ପ୍ରଡକ୍ଟ

ଭୁବନେଶ୍ୱର, ୨୨-୮(ବ୍ୟୁରୋ)

ଆପ୍ଲାଏନ୍ସ ଏବଂ କିଚେନୱେର କ୍ଷେତ୍ରରେ ପ୍ରମୁଖ ବ୍ରାଣ୍ଡ ବଟରଫ୍ଲାଏ ପକ୍ଷରୁ ଡିଲର ମିଟ୍ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ଓଡ଼ିଶାରେ ଭଲ କାରବାର କରୁଥିବା ବେଳେ ନୂଆ ନୂଆ ପ୍ରଡକ୍ଟ ଉପଲବ୍ଧ କରୁଛି। ଏଠାରେ କମ୍ପାନୀକୁ ଗ୍ରାହକଙ୍କଠାରୁ ଭଲ ରେସପନ୍ସ ମିଳିଥିବା ବେଳେ ୧୩ ବିତରକ ଏବଂ ୫୦୦ରୁ ୬୦୦ ରିଟେଲ ନେଟଓ୍ୱର୍କ ସହ କାର୍ଯ୍ୟ କରୁଛି। ଏହି ଅବସରରେ ସିଜନ କଞ୍ଜ୍ୟୁମର ଅଫର ଘୋଷଣା କରାଯାଇଛି। ଏହା ଅଗଷ୍ଟଠାରୁ ଅକ୍ଟୋବର ଯାଏ ଉପଲବ୍ଧ ହେବ ବୋଲି କମ୍ପାନୀର ଇଲେକଟ୍ରିକାଲ ଆପ୍ଲାଏନ୍ସ କ୍ୟାଟେଗୋରୀ ହେଡ୍ ଭେଙ୍କଟେଶ କୁମାର ସୂଚନା ଦେଇଛନ୍ତି। ପାର୍ବଣ ସମୟରେ କମ୍ପାନୀ ଭଲ କାରବାର କରୁଥିବା ବେଳେ ମୋଟ କାରବାରର ଏହା ୪୦ରୁ ୫୦% ରହିଛି। ରାଜ୍ୟରେ ପାର୍ବଣରେ କମ୍ପାନୀ ୮ରୁ ୧୦ କୋଟି ବାଣିଜ୍ୟ ଲକ୍ଷ୍ୟ ରଖିଛି। ରାଜ୍ୟରେ ଉନ୍ନତ ଅଭିବୃଦ୍ଧି ଆଶା ରହିଥିବା କୁମାର କହିଛନ୍ତି। କମ୍ପାନୀ ଏମ୍‌ଜି ମିକ୍ସର ଗ୍ରାଇଣ୍ଡର କ୍ରୟ ଉପରେ ଆକର୍ଷଣୀୟ ରିହାତି, ପ୍ରେସର କୁକର ଉପରେ ୩୦% ପର୍ଯ୍ୟନ୍ତ ରିହାତି, ଚିମନୀ ତଥା ଅନ୍ୟ ପ୍ରଡକ୍ଟରେ ରିହାତି ପ୍ରଦାନ କରୁଛି। ଗ୍ରାହକଙ୍କ ଲାଗି ଭଲ ପ୍ରଡକ୍ଟ ଆଣିବା ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। ଓଡ଼ିଶା ଏକ ଅଭିବୃଦ୍ଧିଶୀଳ ବଜାର ହୋଇଥିବାବେଳେ ଏଠାରେ ଅଭିବୃଦ୍ଧିଧାରା ଜାରି ରହିବ ବୋଲି କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଅରୁଣ ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ କମ୍ପାନୀର ନୂଆ ପ୍ରଡକ୍ଟଗୁଡିକ ବଜାର ପ୍ରବେଶ କରାଯାଇଥିଲା। ମିକ୍ସର ଗ୍ରାଇଣ୍ଡର,ଏଲପିଜି କୁକ୍ ଟପ୍ ଭଳି ଆଉ କିଛି ପ୍ରଡକ୍ଟ ବର୍ଗରେ ଏଠାରେ ଉନ୍ନତ ବଜାର ଅଂଶ ହାସଲ କରିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ନୀରବ ମୋଦିଙ୍କ ହାଜତ ମିଆଦ ସେପ୍ଟେମ୍ବର ୧୯ ଯାଏ ବୃଦ୍ଧି

ଲଣ୍ଡନ,୨୨-୮

ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ଜେଲ୍ ହାଜତ ମିଆଦ ସେପ୍ଟେମ୍ବର ୧୯ ଯାଏ ବୃଦ୍ଧି ପାଇଛି। ଭାରତକୁ ପ୍ରତ୍ୟର୍ପଣ ନେଇ ଆଗତ ମାମଲାର ସାମ୍ନା କରୁଥିବା ନୀରବଙ୍କୁ ଏବେ ବ୍ରିଟେନର ୱାଣ୍ଡସୱର୍ଥ ଜେଲ୍‌ରେ ରଖାଯାଇଛି। ତାଙ୍କୁ ଭିଡ଼ିଓ କନ୍‌ଫରେନ୍ସ ଜରିଆରେ ଗୁରୁବାର ୱେଷ୍ଟମିନିଷ୍ଟର ଅଦାଲତର ବିଚାରପତି ଟାନ ଇକରମ୍‌ଙ୍କ ସମ୍ମୁଖରେ ହାଜର କରାଯାଇଥିଲା। ସେପ୍ଟେମ୍ବର ୧୯ରେ ଶୁଣାଣି ବେଳେ ପ୍ରତ୍ୟର୍ପଣ ମାମଲାର ଶୁଣାଣି ତାରିଖ ଘୋଷଣା କରାଯିବ। ପ୍ରାୟ ୨ ବିଲିୟନ ଡଲାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଜାଲିଆତି ମାମଲାରେ ନୀରବଙ୍କୁ ଲଣ୍ଡନରେ ଗିରଫ କରାଯାଇଛି। ତାଙ୍କୁ ଏହି ମାମଲାରେ ପ୍ରତ୍ୟର୍ପଣ ପାଇଁ ଭାରତ ପକ୍ଷରୁ ବ୍ରିଟେନ ସରକାରଙ୍କ ନିକଟରେ ଅନୁରୋଧ କରାଯାଇଛି।




# ହ୍ୟୁଣ୍ଡାଇର ନୂଆ ଗ୍ରାଣ୍ଡ ଆଇ-୧୦ ନିଓସ

ନୂଆଦିଲ୍ଲୀ, ୨୨-୮

ହ୍ୟୁଣ୍ଡାଇ ପକ୍ଷରୁ ନୂଆ ଗ୍ରାଣ୍ଡ ଆଇ-୧୦ ନିଓସ ମଡେଲ ବଜାରକୁ ଆସିଛି। ସ୍ମାର୍ଟମୋବିଲିଟି ପ୍ରଦାନ କରୁଥିବା ଏହି ଯାନଟି ତୃତୀୟ ପିଢିର କାର। ଏଥିରେ ଗ୍ରାହକମାନେ ଷ୍ଟାଇଲିସ ଲୁକ, ଆକର୍ଷଣୀୟ ଡିଜାଇନ ଏବଂ ଆଇଟେକ ଫିଚର୍ସ ଲାଭ କରିପାରିବେ। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଯାନଟିକୁ ଡିଜାଇନ କରାଯାଇଛି। ଏଥିରେ ପ୍ରିମିୟମ କ୍ୟାବିନ, ବିକଶିତ ପାଓ୍ୱାରଟ୍ରେନ ସୁବିଧା ଏବଂ ନୂଆ ଟେକ୍ନୋଲୋଜି ରହିଛି। ଏହା ବିଏସ୍ -୬ ଇଞ୍ଜିନ ୧.୨ ଲିଟର ପେଟ୍ରୋଲ ଏବଂ ଡିଜେଲ ଇଞ୍ଜିନ, ଶକ୍ତିଶାଳୀ ଷ୍ଟିଲ ବଡି ଏବଂ ଡ୍ୟାରେବୁଲ ବେସିକ ୱାରେଣ୍ଟି ସହ ଆସୁଛି। ନୂଆ ମଡେଲଟିକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି। ଏହା ଗ୍ରାହକଙ୍କୁ ପସନ୍ଦ ଆସିବ ବୋଲି କମ୍ପାନୀର ସିଇଓ ଏସ୍‌ଏସ୍ କିମ୍ କହିଛନ୍ତି।

## ଓଏସ୍‌ଏଲ୍ ହ୍ୟୁଣ୍ଡାଇଠାରେ ମଡେଲର ଉନ୍ମୋଚନ

ଭୁବନେଶ୍ୱର,୨୨-୮

କଟକ ବକ୍ସି ବଜାରସ୍ଥିତ ଓଏସ୍‌ଏଲ୍ ହ୍ୟୁଣ୍ଡାଇଠାରେ ନୂଆ ଗ୍ରାଣ୍ଡ ଆଇ-୧୦ ନିଓସ ମଡେଲଟିର ବଜାର ପ୍ରବେଶ ହୋଇଛି। ଷ୍ଟେଟ ବ୍ୟାଙ୍କ ଆର୍‌ଏମ୍ ଦ୍ୱିବେନ୍ଦୁ ଦାସ, ଏଜିଏମ୍ ବୈକୁଣ୍ଠ ଚରଣ ଷଡଙ୍ଗୀ ନୂଆ ଯାନଟିକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ବିଆଇ ଚିଫ୍ ମ୍ୟାନେଜର ଶୁଭ୍ରଜ୍ୟୋତି କାନୁନଗୋ, ବିଏମ୍ ଜୟଶ୍ରୀ ପଟ୍ଟନାୟକ, ଶୋ'ରୁମର ବିକ୍ରିବିଭାଗ ଜିଏମ୍ ଶୁଭାଶିଷ ଚକ୍ରବର୍ତ୍ତୀ, ସର୍ଭିସ ଜିଏମ୍ ତନ୍ମୟ ମୁଖୋପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।




# ୭ମାସରେ ଚାକିରି ଛାଡ଼ିଛନ୍ତି ୫୮ ସିଇଓ-ଏମ୍‌ଡି

ନୂଆଦିଲ୍ଲୀ,୨୨-୮

ଇଣ୍ଡିଆ ଇଙ୍କ୍‌ର କର୍ନର ଅଫିସ୍‌ରୁ ଚଳିତ ବର୍ଷର ୭ ମାସ ମଧ୍ୟରେ ୫୮ ଜଣ ସିଇଓ-ଏମ୍‌ଡି ଚାକିରି ଛାଡ଼ିଛନ୍ତି। ପ୍ରାଇମ ଡାଟାବେସ୍ ପକ୍ଷରୁ ଏନ୍‌ଏସ୍‌ଇଇନ୍‌ଫୋବେସ୍ ଡଟ୍ କମ୍‌ର ତର୍ଜମା କରାଯିବା ପରେ ଏହି ତଥ୍ୟ ଜଣାପଡିଛି। ୨୦୦୯ରେ ଏହି ସଂଖ୍ୟା ୨୨ ଏବଂ ୨୦୦୬ରେ ଏହା ମାତ୍ର ୨୭ ଥିଲା। ତଥ୍ୟରୁ ଜଣାପଡିଛି ଯେ, ଅଧିକାଂଶ ସିଇଓ ତଥା ଏମ୍‌ଡି ବିଭିନ୍ନ କାରଣ ଓ ପରିସ୍ଥିତି ଯୋଗୁ ଚାକିରି ଛାଡ଼ିଥିବା ଜଣାପଡିଛି। ପ୍ରତିବର୍ଷ ସେମାନଙ୍କ ଇସ୍ତଫା ଦେବା ସଂଖ୍ୟା ଭିନ୍ନ ରହିଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଅନେକ କ୍ଷେତ୍ରରେ ଚାପ ବୃଦ୍ଧି, ସର୍ବୋଚ୍ଚ ସ୍ତରରେ କାର୍ଯ୍ୟଦକ୍ଷତା କମିବା ବରଦାସ୍ତ କରି ନ ପାରିବା, ପ୍ରଦର୍ଶନ ସୁଧାରିବାର ଚାପ ଓ କୌଣସି ପ୍ରକାର ଜାଲିଆତି କାରଣରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଯୋଗୁ ଚଳିତବର୍ଷ ଅଧିକ ସଂଖ୍ୟାରେ ସିଇଓ ଓ ଏମ୍‌ଡି ବାହାରି ଯାଇଛନ୍ତି।

### ୨୦୧୮ରେ ସର୍ବାଧିକ ସିଇଓଙ୍କ ଇସ୍ତଫା

ଗତ ୧୪ ବର୍ଷ ଭିତରେ ସର୍ବାଧିକ ସିଇଓ ଗତବର୍ଷ ଇସ୍ତଫା ଦେଇଥିଲେ। ସେତେବେଳେ ବର୍ଷର ପ୍ରଥମ ୭ ମାସରେ ୫୯ ସିଇଓ ଓ ଏମ୍‌ଡି ପଦ ଛାଡ଼ିଥିଲେ। ସମ୍ପୂର୍ଣ୍ଣ ବର୍ଷରେ ଏହି ସଂଖ୍ୟା ୧୦୮ରେ ପହଞ୍ଚିଥିଲା। ପ୍ରାଇମ ଡାଟାବେସ୍ ଅନୁଯାୟୀ, ଏହା ଗ୍ଲୋବାଲ ଟ୍ରେଣ୍ଡ ସହିତ ତାଳ ଦେଇ ହେଉଥିଲା। ୨୦୧୮ରେ ବିଶ୍ୱରେ ସିଇଓ ଓ ଏମ୍‌ଡିଙ୍କ ଇସ୍ତଫା ସଂଖ୍ୟା ୧୯ ବର୍ଷର ଶୀର୍ଷରେ ପହଞ୍ଚିଯାଇଥିଲା। ପ୍ରାଇସ୍‌ୱାଟର ହାଉସ୍‌କୁପର୍ସର ଷ୍ଟ୍ରାଟେଜି ଆଣ୍ଡ ସିଇଓ ସକ୍ସେସ୍ ଷ୍ଟଡିରୁ ଏହି ସଂଖ୍ୟା ମିଳିଥିଲା। ସାରା ବିଶ୍ୱରେ ୨୫୦୦ ତାଲିକାଭୁକ୍ତ କମ୍ପାନୀ ମଧ୍ୟରୁ ୧୭.୫%କୁ ଷ୍ଟଡିରେ ସାମିଲ କରାଯାଇଥିଲା। ସେମାନଙ୍କ ସିଇଓ ବଦଳ ହାର ୩.୬% ରହିଥିଲା। ଏହି ଷ୍ଟଡି ଅନୁଯାୟୀ ନୈତିକତା ସମ୍ପର୍କିତ ମାମଲାରେ ଗତବର୍ଷ ସର୍ବାଧିକ ସିଇଓଙ୍କୁ ବିଦା କରାଯାଇଛି। ବ୍ରାଜିଲ, ଭାରତ ଓ ରୁଷ୍‌ରେ ୨୦୧୮ରେ ସିଇଓ ଟର୍ନଓଭର ୨୧.୬ ପ୍ରତିଶତରେ ପହଞ୍ଚି ଯାଇଥିଲା, ଯାହା ହାରାହାରି ଠାରୁ ଅଧିକ।




### ସିଇଓଙ୍କ ଉପରେ ଚାପ

ମ୍ୟାରିକୋ ଅଧ୍ୟକ୍ଷ ହର୍ଷ ମାରିୱାଲା କହିଛନ୍ତି ଯେ, ବର୍ତ୍ତମାନ ବ୍ୟବସାୟିକ ପରିବେଶ ଆହ୍ୱାନପୂର୍ଣ୍ଣ ହୋଇଗଲାଣି। ଅଭିବୃଦ୍ଧି ଧିମା ହେବା, ଲକ୍ଷ୍ୟ ହାସଲ କରିବା ଅଥବା ବିଭିନ୍ନ ବାଧା କାରଣରୁ ଆଜି ସିଇଓଙ୍କ କାମ ଅନେକ ଚ୍ୟାଲେଞ୍ଜଯୁକ୍ତ ହୋଇଯାଇଛି। ପ୍ରାଇମ ଡାଟାବେସ୍ ଗ୍ରୁପ୍ ଏମ୍‌ଡି ପ୍ରଣବ ହଲ୍‌ଦିଆ କହିଛନ୍ତି ଯେ, ସିଇଓ ଓ ଏମ୍‌ଡି ଭୂମିକାରେ ଅଧିକ ଦାୟିତ୍ୱ କାରଣରୁ ଆଜି ଦରମା ବେଶ ବଢ଼ିଛି। କିନ୍ତୁ ଏଥିସହିତ ଅଧିକ ବିପଦ ମଧ୍ୟ ଯୋଡି ହୋଇଯାଇଛି। ଏହି କାରଣରୁ କମ୍ପାନୀର ଶୀର୍ଷ ପଦରେ ତିଷ୍ଠି ରହିବା ଅସମ୍ଭବ ହେଲାଣି। ସେ କହିଛନ୍ତି ଯେ, ସିଇଓଙ୍କ ଉପରେ ଆଜି ଅନେକ ଚାପ ରହିଛି। ତାଙ୍କୁ ବୋର୍ଡ, ନିବେଶକ ଓ ଶେୟାରଧାରୀଙ୍କ ଚାପର ସାମ୍ନା କରିବାକୁ ପଡିଥାଏ। ପ୍ରଦର୍ଶନ କରି ନ ପାରିଲେ ତାଙ୍କୁ ନିଜ ପଦ ଛାଡ଼ିବାକୁ ହେବ।

### ଷ୍ଟାର୍ଟଅପ୍ ଇକୋସିଷ୍ଟମ ସହ ଯୋଡ଼ି ହେଉଛନ୍ତି ସିଇଓ

ପ୍ରକ୍ସି ଆଡ୍‌ଭାଇଜରୀ ଫାର୍ମ ଇନ୍‌ଷ୍ଟିଚ୍ୟୁଶନାଲ ଇନ୍‌ଭେଷ୍ଟର ଆଡଭାଇଜରୀ ସର୍ଭିସେସ୍‌ର ଏମ୍‌ଡି ଅମିତ ଟଣ୍ଡନଙ୍କ କହିବାନୁଯାୟୀ, ସିଇଓଙ୍କ କାର୍ଯ୍ୟକାଳ ଛୋଟ ହୋଇ ଯାଉଛି। ସେ ଏହାର ଦୁଇଟି କାରଣ ଦର୍ଶାଇଛନ୍ତି। ପ୍ରଥମତଃ, ସିଇଓଙ୍କଠାରୁ ଅଂଶଧନକାରୀମାନେ ଅଧିକ ଲାଭ ଆଶା କରୁଛନ୍ତି। ଦ୍ୱିତୀୟତଃ ସିଇଓ ଚାଲେଞ୍ଜିଙ୍ଗ ରୋଲ୍ ଖୋଜୁଛନ୍ତି। ସେମାନେ ନିଜର ବ୍ୟବସାୟ ଆରମ୍ଭ କରୁଛନ୍ତି ଅଥବା ଷ୍ଟାର୍ଟଅପ୍ ଇକୋସିଷ୍ଟମ ସହ ନିଜକୁ ଯୋଡୁଛନ୍ତି। ଟଣ୍ଡନ କହିଛନ୍ତି ଯେ, ଯେଉଁ ଫ୍ୟାମିଲି ବ୍ୟବସାୟରେ ପ୍ରଫେଶନାଲ ମ୍ୟାନେଜମେଣ୍ଟ ରହିଛି, ସେମାନେ ପରିବାରର କୌଣସି ସଦସ୍ୟଙ୍କ ତୁଳନାରେ ପେସାଦାର ମ୍ୟାନେଜମେଣ୍ଟଠାରୁ ଅଧିକ କାମ ଆଶା କରୁଛନ୍ତି। ପରିବାରର କୌଣସି ସଦସ୍ୟ ଶୀର୍ଷ ପଦରେ ରହି ଖରାପ ପ୍ରଦର୍ଶନ କଲେ ତାଙ୍କୁ ହଟାଯିବାର ପରମ୍ପରା ଦେଖିବାକୁ ମିଳେ ନାହିଁ।

**OFFICE OF THE DISTRICT JUDGE, JAGATSINGHPUR**

**ADVERTISEMENT**

**Dated, Jagatsinghpur, the 22nd day of August, 2019**

Applications are invited from the desirous candidates in the prescribed format for the recruitment of the following category of posts in the judgeship of Jagatsinghpur

**CATEGORY WISE VACANCY POSITION**

| Sl. No. | Name of the Post | Level & Cell of Pay Matrix and Scale of Pay | UR | | SEBC | | SC | | ST | | Total |
|---|---|---|---|---|---|---|---|---|---|---|---|
| | | | M | W | M | W | M | W | M | W | |
| 1 | Jr. Clerk-Cum-Copyist | Level-4, Cell-1, (Rs. 19,900/- - 63,200/-) | 2 | 2 | 0 | 0 | 1 | 1 | 1 | 0 | 7 |
| 2 | Jr. Typist | Level-4, Cell-1, (Rs.19,900/- - 63,200/-) | 0 | 0 | 1 | 0 | 0 | 0 | 0 | 0 | 1 |
| 3 | Stenographer, Grade-III | Level-7, Cell-1 (Rs. 25,500/- - 81,100/-) | 1 | 1 | 1 | 0 | 1 | 0 | 1 | 0 | 5 |
| 4 | Driver | Level-4, Cell-1, (Rs. 19,900/- - 63,200/-) | 1 | 0 | 0 | 0 | 0 | 0 | 0 | 0 | 1 |

Note -1. Reservation in respect of Women / Physically Handicapped Persons/ Ex-Service men / Sports Persons shall be as per Rule.

2. The number of posts advertised in each cadre may increase or decrease as per the discreation of the District Recruitment Committee.

3. The application with the required documents and self attested copies of certificates must reach the OFFICE OF THE DISTRICT JUDGE, JAGATSINGHPUR, PIN - 754103 ON OR BEFORE 21.09.2019 either in post or in person during office hours on each working day. Applications received in the Office after the last date by any means shall be summarily rejected.

4. For further details please visit the website : https://districts.ecourts.gov.in/jagatsinghpur.

**Sd./- District Judge-cum-Chairman,**
**District Recruitment Committee, Jagatsinghpur**

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୩, ୨୦୧୯



ଜଣେ ଅଣ ଚାଇନିଜ ଫୁଟ୍‌ବଲ ଭାବେ ମୁଁ ଚାଇନା ଜାତୀୟ ଦଳରେ ସ୍ଥାନ ପାଇଛି। ଦଳର ବିଶ୍ୱକପ୍ ଯୋଗ୍ୟତା ବର୍ତ୍ତମାନ ମୋର ପ୍ରଧାନ ଲକ୍ଷ୍ୟ ।

–ଏଲ୍‌କସନ, ବ୍ରାଜିଲିଆନ ଜନ୍ମିତ ଷ୍ଟ୍ରାଇକର



ମେସି ମୋତେ ଜଣେ ଉନ୍ନତ ଖେଳାଳିରେ ପରିଣତ କରିଛନ୍ତି। ହେଲେ ଆର୍ଜେଣ୍ଟିନାର ଏହି ମହାନ ଫୁଟ୍‌ବଲରଙ୍କ ସହ ମୋର ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ରହିଛି ।

–କ୍ରିଷ୍ଟିଆନୋ ରେନାଲ୍‌ଡୋ, ବିଶିଷ୍ଟ ଫୁଟ୍‌ବଲ ଖେଳାଳି



## ସଂକ୍ଷେପରେ

### ଡେଭିସ୍ କପ୍ ମ୍ୟାଚ ନଭେମ୍ବରକୁ ଘୁଞ୍ଚିଲା

ନୂଆଦିଲ୍ଲୀ, ୨୨।୮ (ପି.ଟି.): ପାକିସ୍ତାନ ବିପକ୍ଷ ଭାରତର ଡେଭିସ୍ କପ୍ ଟେନିସ ମ୍ୟାଚ ନଭେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ପାକିସ୍ତାନର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ ପରେ ଇଣ୍ଟରନ୍ୟାଶନାଲ ଟେନିସ ଫେଡେରେଶନ (ଆଇଟିଏଫ୍) ଗୁରୁବାର ଏହା ଘୋଷଣା କରିଛି। ଏହି ମୁକାବିଲା ସେପ୍ଟେମ୍ବର ୧୪-୧୫ରେ ଇସ୍‌ଲାମାବାଦରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। 'ବିଶେଷ ପରିସ୍ଥିତି' ଭିତ୍ତିରେ ଏହି ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଖେଳର ଭେନ୍ୟୁରେ ପରିବର୍ତ୍ତନ କରାଯାଇ ନାହିଁ ବୋଲି ଆଇଟିଏଫ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେପ୍ଟେମ୍ବର ୯ରେ ଆଇଟିଏଫ୍ ସୁରକ୍ଷା କମିଟି ବୈଠକ ବସିବ। ସେଦିନ ମ୍ୟାଚ ତାରିଖ ନିରୂପଣ କରାଯିବ। କିନ୍ତୁ ଏହି ସମୟ ମଧ୍ୟରେ ଆଇଟିଏଫ୍ ଏବଂ ଡେଭିସ୍ କପ୍ କମିଟି ପାକିସ୍ତାନ ସୁରକ୍ଷା ବ୍ୟବସ୍ଥା ଉପରେ ନିଘା ରଖିଥିବ। ସୂଚନାଯୋଗ୍ୟ, ଜମ୍ମୁ-କଶ୍ମୀର ଉପରୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରତ୍ୟାହାର ପରେ ଭାରତ ସହିତ ପାକିସ୍ତାନର କୂଟନୈତିକ ସମ୍ପର୍କରେ ଅବନତି ଘଟିଛି। ସୁରକ୍ଷାଗତ କାରଣରୁ ଏହି ମ୍ୟାଚ ପାକିସ୍ତାନ ପରିବର୍ତ୍ତେ ଏକ ନିରପେକ୍ଷ ଭେନ୍ୟୁରେ ଖେଳାଯାଉ ବୋଲି ଏଆଇଟିଏ ପକ୍ଷରୁ ହେଉଥିବା ଦାବିକୁ ଆଇଟିଏଫ୍ ଦୁଇଥର ପ୍ରତ୍ୟାଖ୍ୟାନ କରିସାରିଛି। ହେଲେ ଶେଷରେ ଏହି ପ୍ରସଙ୍ଗ ନେଇ ଏଆଇଟିଏର ପ୍ରତିନିଧିଙ୍କ ସହିତ ଟେଲିକନଫରେନ୍ସ ଜରିଆରେ ଆଲୋଚନା କରିବା ଲାଗି ଆଇଟିଏଫ୍ ରାଜି ହୋଇଥିଲା। ମାତ୍ର ଏହା ପୂର୍ବରୁ ଆଇଟିଏଫ୍‌ର ଡେଭିସ୍ କପ୍ କମିଟି ମ୍ୟାଚକୁ ଘୁଞ୍ଚାଇ ଦେବାଲାଗି ନିଷ୍ପତ୍ତି ନେଇଛି।

### ବାପାଙ୍କ ବିୟୋଗ ଲାଗି ୟୁଏସ୍ ଓପନ୍‌ରୁ ଓହରିଲେ ଆମାଣ୍ଡା

ନ୍ୟୁୟର୍କ, ୨୨।୮ - ଆମେରିକା ଟେନିସ ଲଳନା ଆମାଣ୍ଡା ଆନିସିମୋଭା ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଯାଉଥିବା ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ୟୁଏସ୍ ଓପନ୍‌ରୁ ଓହରି ଯାଇଛନ୍ତି। ତାଙ୍କ ବାପା ତଥା କୋଚ୍ କନ୍‌ଷ୍ଟାଣ୍ଟିନାଙ୍କ ବିୟୋଗ ଯୋଗୁ ୧୭ ବର୍ଷୀୟା ଆମାଣ୍ଡା ଏହି ନିଷ୍ପତ୍ତି ନେଇଛନ୍ତି। ଆମେରିକା ଟେନିସ ଆସୋସିଏଶନ ମଧ୍ୟ ଏହି ଅବସରରେ ଆମାଣ୍ଡା ବାପାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛି। ଆମେରିକାର ଏହି ଟିନ୍‌ଏଜ୍ ଖେଳାଳି ଗତ ଜୁନ୍‌ରେ ଫ୍ରେଞ୍ଚ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ସେମିଫାଇନାଲ ପଥରେ ଆମାଣ୍ଡା ୱିମ୍ବଲେଡନ୍ ଚାମ୍ପିୟନ ସିମୋନା ହାଲେପ୍‌ଙ୍କୁ ପରାସ୍ତ କରିଥିଲେ। ତେବେ ୟୁଏସ୍ ଓପନ୍ ଚାମ୍ପିୟନ ଆଶଲେଘ ବାର୍ଟିଙ୍କ ନିକଟରୁ ହାରି ସେ ପ୍ରତିଯୋଗିତାରୁ ବିଦାୟ ନେଇଥିଲେ। ବିଶ୍ୱ ମାନ୍ୟତାର ୨୪ତମ ସ୍ଥାନରେ ରହିଥିବା ଆମାଣ୍ଡା ସର୍ବକନିଷ୍ଠା ମହିଳା ଟେନିସ ଖେଳାଳି ଭାବେ ବିଶ୍ୱ ମାନ୍ୟତାର ଟପ୍-୧୦୦ରେ ପ୍ରବେଶ କରିବାରେ ସଫଳ ହୋଇଛନ୍ତି।

# ରାଠୋର ଭାରତର ନୂଆ ବ୍ୟାଟିଂ କୋଚ୍

## ବାଙ୍ଗର ବାଦ୍, ଅରୁଣ, ଶ୍ରୀଧର ପଦ ବଜାୟ ରଖିଲେ

ମୁମ୍ବାଇ,୨୨।୮(ପି.ଟି.)

ପୂର୍ବତନ ଓପନର ବିକ୍ରମ ରାଠୋର ଭାରତ ନୂଆ ବ୍ୟାଟିଂ କୋଚ୍ ରୂପେ ନିଯୁକ୍ତି ପାଇଛନ୍ତି। ସଞ୍ଜୟ ବାଙ୍ଗରଙ୍କ ସ୍ଥାନରେ ତାଙ୍କୁ ଏହି ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଭରତ ଅରୁଣ ଓ ଆର. ଶ୍ରୀଧର ଯଥାକ୍ରମେ ବୋଲିଂ ଓ ଫିଲ୍ଡିଂ କୋଚ୍ ପଦ ବଜାୟ ରଖିଛନ୍ତି।

ଏମ୍‌ଏସ୍‌କେ ପ୍ରସାଦଙ୍କ ଅଧ୍ୟକ୍ଷତାରେ ସିନିୟର ଜାତୀୟ ଚୟନ କମିଟି ଭାରତୀୟ ସପୋର୍ଟ ଷ୍ଟାଫ୍‌ରେ ଅଦଳବଦଳ କରିଛନ୍ତି ଓ ଏହି ୩ଜଣଙ୍କ ନାମ ସୁପାରିସ କରିଛି। ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ ଔପଚାରିକତା ସମ୍ପନ୍ନ ହେବା ପରେ ଏହି ୩ଜଣଙ୍କ ନିଯୁକ୍ତି ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ।

୫୦ ବର୍ଷୀୟ ରାଠୋର ୧୯୯୬ରେ ୬ଟି ଟେଷ୍ଟ ଓ ୭ଟି ଦିନିକିଆ ଖେଳିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ସେତେଟା ସଫଳ ହୋଇ ନ ଥିଲେ ମଧ୍ୟ ସେ ପଞ୍ଜାବ ପାଇଁ ଘରୋଇ କ୍ରିକେଟ ଖେଳି ବେଶ୍ ସଫଳତା ହାସଲ କରିଥିଲେ ଓ ସେ ଜଣେ ଡେମୋଷ୍ଟିକ ହେଭିୱେଟ୍ ରୂପେ ପରିଗଣିତ ହୋଇଥିଲେ। ସେ ମଧ୍ୟ ୨୦୧୬ରେ ଜାତୀୟ ଚୟନ କମିଟିରେ ସନ୍ଦୀପ ପାଟିଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ କରିଛନ୍ତି। ପୂର୍ବରୁ ସେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ବ୍ୟାଟିଂ ପରାମର୍ଶଦାତା ଓ ୧୯ ବର୍ଷରୁ କମ୍ ବ୍ୟାଟିଂ କୋଚ୍ ପଦ ପାଇଁ ଆବେଦନ କରିଥିଲେ। ତେବେ ତାଙ୍କ ଶାଳକ ଆଶିଷ କପୁର ୧୯ ବର୍ଷରୁ କମ୍ ଚୟନ କମିଟିର ଅଧ୍ୟକ୍ଷ ଥିବାରୁ ତାଙ୍କ ଆବେଦନକୁ ଝୁଲାଇ ରଖାଯାଇଥିଲା। ରାଠୋର ଜଣେ ଅଭିଜ୍ଞ ବ୍ୟକ୍ତି ଓ ତାଙ୍କ ଦକ୍ଷତା ଉପରେ ଆମେ ଭରସା କରିଛୁ। ତେବେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ ତାଙ୍କର କିଛି ଭୂମିକା ନ ଥିବା ସମ୍ପର୍କରେ ସେ ଆମକୁ ଅବଗତ କରାଇବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମୁଖ୍ୟ କାର୍ଯ୍ୟନିର୍ବାହୀ ରାହୁଲ ଜୋହରି କହିଛନ୍ତି।

ଚୟନ କମିଟିର ପ୍ରସ୍ତାବ ଅନୁସାରେ ଏବେକାର କୋଚ୍ ସଞ୍ଜୟ ବାଙ୍ଗର ଦ୍ୱିତୀୟ ଓ ପୂର୍ବତନ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ମାର୍କ ରାମପ୍ରକାଶ ତୃତୀୟ ସ୍ଥାନରେ ରହିଥିଲେ। ସପୋର୍ଟ ଷ୍ଟାଫ୍‌ମାନଙ୍କ ମଧ୍ୟରେ କିଛି ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଥିଲୁ ବୋଲି ଜୋହରି କହିଛନ୍ତି। ପୂର୍ବତନ ମୁମ୍ବାଇ ଫିଜିଓ ନୀତିନ ପଟେଲ ୨୦୧୧ରେ ଜାତୀୟ ଦଳ ପାଇଁ କାର୍ଯ୍ୟ କରିଥିଲେ ଓ ସେ ଏଥର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ଇଂଲଣ୍ଡର ଲୁକ୍ ଉଡ୍‌ହାଉସ୍ ଷ୍ଟ୍ରେନ୍ଥ ଓ କଣ୍ଡିସନିଙ୍ଗ୍ (ଟ୍ରେନର) କୋଚ୍ ହିସାବରେ ନିଯୁକ୍ତ ହୋଇଛନ୍ତି। ଅନ୍ୟପଟେ ଆଡମିନିଷ୍ଟ୍ରେଟିଭ୍ ମ୍ୟାନେଜର ପଦରୁ ସୁନୀଲ ସୁବ୍ରମନିୟମଙ୍କୁ ହଟାଯାଇଛି। ଚଳିତ ୱେଷ୍ଟଇଣ୍ଡିଜ୍ ଗସ୍ତରେ ସେ ଭାରତୀୟ ଦୂତାବାସର ଅଧିକାରୀଙ୍କୁ ଦୁର୍ବ୍ୟବହାର କରି ବିବାଦ ସୃଷ୍ଟି କରିଥିଲେ। ତାଙ୍କ ସ୍ଥାନରେ ଗିରିଶ ଡୋଙ୍ଗ୍ରେଙ୍କୁ ନିଯୁକ୍ତି ଦିଆଯାଇଛି।



ବିକ୍ରମ ରାଠୋର, ଆର. ଶ୍ରୀଧର ଓ ଭରତ ଅରୁଣ

# ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ଲାଗି ଉପଦେଷ୍ଟା କମିଟି ଗଠିତ

ନୂଆଦିଲ୍ଲୀ,୨୨।୮(ପି.ଟି.)

ଜାତୀୟ କ୍ରୀଡ଼ା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୯ ତାରିଖରେ 'ଫିଟ୍ ଇଣ୍ଡିଆ ମୁଭମେଣ୍ଟ' ଆରମ୍ଭ କରିବାକୁ ଯାଉଛନ୍ତି। ଫିଟ୍‌ନେସକୁ ନେଇ ଆରମ୍ଭ ହେବାକୁ ଯାଉଥିବା ଏହି ପ୍ରୟାସରେ ସରକାରଙ୍କୁ ସହାୟତା ତଥା ପରାମର୍ଶ ଦେବା ପାଇଁ ଏକ ୨୮ ସଦସ୍ୟ ବିଶିଷ୍ଟ ଉପଦେଷ୍ଟା କମିଟି ଗଠିତ ହୋଇଛି। ଏହି କମିଟିରେ ସରକାରୀ ଅଧିକାରୀଙ୍କ ସମେତ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ), ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ (ଏନ୍‌ଏସ୍‌ଏଫ୍) ସଦସ୍ୟ, ବିଭିନ୍ନ ବେସରକାରୀ ସଂସ୍ଥା ଓ ଫିଟ୍‌ନେସ ପ୍ରମୋଟରମାନେ ସ୍ଥାନ ପାଇଛନ୍ତି।

ଦେଶର ନାଗରିକମାନଙ୍କୁ ଦୈନନ୍ଦିନ ଜୀବନରେ ଶାରୀରିକ ଗତିବିଧି ଓ କ୍ରୀଡ଼ାରେ ପ୍ରୋତ୍ସାହିତ କରିବାକୁ ସଚେତନ କରିବା ପାଇଁ ସରକାରଙ୍କ ତରଫରୁ ଏଭଳି ପଦକ୍ଷେପ ନିଆଯାଉଛି। ଏହି ଉପଦେଷ୍ଟା କମିଟିରେ କ୍ରୀଡ଼ାମନ୍ତ୍ରୀ କିରଣ ରିଜିଜୁ ଅଧ୍ୟକ୍ଷତା କରିବେ। ଏହି କମିଟିରେ ୧୨ ଜଣ ସରକାରୀ ଅଧିକାରୀ ସଦସ୍ୟ ରହିବେ। କ୍ରୀଡ଼ା, ସେକେଣ୍ଡାରୀ ଏଜୁକେଶନ, ଆୟୁସ, ଯୁବ ବ୍ୟାପାର ଓ ଅନ୍ୟାନ୍ୟ ବିଭାଗର ସଚିବମାନେ ଏଥିରେ ସାମିଲ ରହିବେ। ସେହିପରି ଆଇଓଏ ଅଧ୍ୟକ୍ଷ ଓ ୭ ଏନ୍‌ଏସ୍‌ଏଫ୍ ମୁଖ୍ୟ ମଧ୍ୟ ଏହି କମିଟିରେ ସାମିଲ ରହିଛନ୍ତି। ବକ୍ସିଂ, ଆଥଲେଟିକ୍ସ, ଫୁଟବଲ ଓ ସାଇକ୍ଲିଂ ଫେଡେରେଶନର ମୁଖ୍ୟମାନେ ଏମାନଙ୍କ ମଧ୍ୟରେ ସାମିଲ ରହିଛନ୍ତି। ବେସରକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ କନଫେଡେରେଶନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ (ସିଆଇଆଇ), ରିଲାଏନ୍ସ ଫାଉଣ୍ଡେଶନ, ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ଓ ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସ, ଏସ୍‌ଇ ଟ୍ରାନ୍ସଷ୍ଟାଡିଆ ପ୍ରାଇଭେଟ୍ ଲିମିଟେଡ, ଟାଟା ଟ୍ରଷ୍ଟ, ଆସୋଚାମ ଇଣ୍ଡିଆ, ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଫ୍‌ଆଇସିସିଆଇ) ଏହି କମିଟିରେ ସାମିଲ ରହିଛନ୍ତି। ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ଓ ମିଳିନ୍ଦ ସୋମନ ମଧ୍ୟ ଏହାର ସଦସ୍ୟ ରହିଛନ୍ତି। ଗତବର୍ଷ ସେତେବେଳର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର 'ହମ୍ ଫିଟ୍ ତୋ ଇଣ୍ଡିଆ ଫିଟ୍' ନାମକ ଏକ ଫିଟିନେସ ଅଭିଯାନ ଆରମ୍ଭ କରିଥିଲେ। କ୍ରୀଡ଼ାବିତ ଓ ଅନ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ ସେ ଟୁଇଟରରେ ଭିଡିଓ ମଧ୍ୟ ପୋଷ୍ଟ କରିଥିଲେ। କିଭଳି ଫିଟ୍ ରହିବାକୁ ହେବ ସେ ନେଇ ଏହି ଭିଡିଓରେ ବିଭିନ୍ନ ଟିପ୍ସ ଦିଆଯାଇଥିଲା।

# ରୁଷିଆ ଆଥଲେଟିକ୍ସ ଫେଡେରେଶନକୁ ମାରିୟାଙ୍କ ସମାଲୋଚନା

ମସ୍କୋ, ୨୨।୮

ରୁଷିଆ ଆଥଲେଟିକ୍ସ ଫେଡେରେଶନକୁ ଦେଶର ମହିଳା ହାଇଜମ୍ପ ବିଶ୍ୱ ଚାମ୍ପିୟନ ମାରିୟା ଲାସିଟ୍ସକେନ୍ ସମାଲୋଚନା କରିଛନ୍ତି। ରାଷ୍ଟ୍ର ପ୍ରାୟୋଜିତ ଡୋପିଂ ପାଇଁ ରୁଷିଆ ୨୦୧୫ରୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହେବାପରେ ୨୬ବର୍ଷୀୟା ଲାସିଟ୍ସକେନ୍ ଜଣେ ନିରପେକ୍ଷ ଆଥଲେଟ୍ ଭାବେ ୨୦୧୭ରେ ଟାଇଟଲ ଜିତିଛନ୍ତି। ସେ କହିଛନ୍ତି, ବାସନ୍ଦ ମୁକ୍ତ ହେବା ଦିଗରେ ରୁଷିଆ ଆଥଲେଟିକ୍ସ ମହାସଂଘ ସେଭଳି କୌଣସି ପ୍ରୟାସ କରୁଥିବା ମନେ ହେଉନାହିଁ। ଯାହାଫଳରେ ଦେଶର ଉଦୀୟମାନ ଆଥଲେଟମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। କାତାରରେ ବିଶ୍ୱ ଚାମ୍ପିୟନଶିପ୍ ଆରମ୍ଭର କିଛି ଦିନ ପୂର୍ବରୁ ଅର୍ଥାତ ସେପ୍ଟେମ୍ବର ୨୩ରେ ରୁଷିଆର ଷ୍ଟାଟସ ସମ୍ପର୍କରେ ଆଲୋଚନା ହେବ। ବର୍ଷାଧିକ କାଳ ଅନ୍ତର୍ଜାତୀୟସ୍ତରରେ ଅପରାଜେୟ ରହିଥିବା ଲାସିଟ୍ସକେନ୍ ଟାଇଟଲ ବଜାୟ ରଖିବାଲାଗି ନିଜକୁ ପ୍ରସ୍ତୁତ କରୁଛନ୍ତି। ସେ ରୁଷିଆର ଏକମାତ୍ର ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍‌ଭାବେ ବିଶ୍ୱ ଟାଇଟଲ ଅଧିକାରିଣୀ ରହିଛନ୍ତି, ଯାହାକି ସେ ଲଣ୍ଡନରେ ଜିତିଥିଲେ। ଡୋପିଂ ପୃଷ୍ଠଭୂମି ନ ଥିବା ଲାସିଟ୍ସକେନ୍‌ଙ୍କ ଭଳି ରୁଷିଆର କିଛି ଆଥ୍‌ଲେଟ ନିରପେକ୍ଷ ପତାକା ଅଧୀନରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଉଛନ୍ତି। ସେମାନଙ୍କୁ ଅନ୍ୟ ଦେଶର ଆଥଲେଟମାନଙ୍କ ତୁଳନାରେ ଅଧିକ ଥର ଏବଂ କଡ଼ାକଡ଼ି ଡୋପ୍ ଟେଷ୍ଟର ସମ୍ମୁଖୀନ ହେବାକୁ ପଡୁଛି। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ଗଣ ଡୋପିଂର ପ୍ରମାଣିତ ତଥ୍ୟ ଉପସ୍ଥାପନ କରିବା ପରେ ରୁଷିଆ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ୍ସ (ଆଇଏଏଏଫ୍) ଦ୍ୱାରା ବାସନ୍ଦ ହୋଇଛି। ନିର୍ଦ୍ଦେଶ ଅନୁସାରେ ଦେଶରେ ଡୋପିଂ ନିରୋଧୀ ଅଭିଯାନ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ରୁଷିଆ ଆଥଲେଟିକ୍ସ ମୁଖ୍ୟମାନେ ବିଫଳ ହୋଇଥିବାରୁ ଜୁନ୍‌ରେ ସସ୍‌ପେଣ୍ଡ ମିଆଦକୁ ବୃଦ୍ଧି କରାଯାଇଛି।



ମାରିୟା ଲାସିଟ୍ସକେନ୍

# ୟୁନିଟ-୬, ବିକାଶ ସ୍କୁଲ ବିଜୟୀ

## ୟୁନିଲାଇଟ କପ୍ ଫୁଟବଲ

ଭୁବନେଶ୍ୱର, ୨୨।୮ (କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ୨ଟି ମ୍ୟାଚରେ ୟୁନିଟ-୬ ଓ ବିକାଶ ସ୍କୁଲ ଦଳ ବିଜୟ ହାସଲ କରିଛନ୍ତି।

ପ୍ରଥମ ମ୍ୟାଚରେ ୟୁନିଟ-୬ ବାଳକ ବିଦ୍ୟାଳୟ ୬-୦ ଗୋଲରେ ସେଣ୍ଟ ଜୋସେଫ ହାଇସ୍କୁଲକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ୟୁନିଟ-୬ର ଆକାଶ ନାୟକ ମ୍ୟାଚର ୧୦, ୧୫ ଓ ୨୦ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଦଳର ଅନ୍ୟତମ ଫରୱାର୍ଡ ବିକାଶ ଅମାତ ୨୪ ଓ ୨୮ ଓ ୪୦ତମ ମିନିଟରେ ଆଉ ୩ଟି ଗୋଲ ଦେଇ ମ୍ୟାଚରେ ଦ୍ୱିତୀୟ ହ୍ୟାଟ୍ରିକ ପାଇଥିଲେ। ମ୍ୟାଚ ଶେଷ ହେବାକୁ ଅଳ୍ପକିଛି ସମୟ ଥିବାବେଳେ ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ଘଟିଥିଲା। ପରିସ୍ଥିତି ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ରେଫରି ଓ କର୍ମକର୍ତ୍ତାମାନେ ହସ୍ତକ୍ଷେପ କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ରେଫରି ୟୁନିଟ-୬ ଦଳର ୩ ଖେଳାଳି ଏବଂ ସେଣ୍ଟ ଜୋସେଫ ହାଇସ୍କୁଲ ଦଳର ଜଣେ ଖେଳାଳିଙ୍କୁ ରେଡ଼କାର୍ଡ ଦେଖାଇଥିଲେ। ଏଥିସହିତ ମ୍ୟାଚ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲେ। ପୂର୍ବତନ କର୍ପୋରେଟର ପ୍ରଣବ କିଶୋର ସ୍ୱାଇଁ ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଆକାଶ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ବିକାଶ ରେସିଡେନ୍ସିଆଲ ସ୍କୁଲ ୫-୦ ଗୋଲରେ ବିଜେଇଏମ-୨କୁ ପରାସ୍ତ କରିଥିଲା। ବିକାଶ ସ୍କୁଲର ସୁନୀଲ ସାହୁ, ବିନୟ ସାହୁ, ବିଷ୍ଣୁ ପ୍ରସାଦ ସିଂ, ଯୁବରାଜ ପ୍ରଧାନ ଓ ଅମିତ ମିଶ୍ର ମ୍ୟାଚର ୧୦, ୧୪, ୨୪, ୪୦ ଓ ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ପ୍ରିୟନାଥ ମିଶ୍ର ଅତିଥିଭାବେ ଯୋଗଦେଇ ବିକାଶ ସ୍କୁଲର ସୁନୀଲ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦେଇଥିଲେ। ଲକ୍ଷ୍ମୀ ପ୍ରସାଦ, କାର୍ତ୍ତି ରଞ୍ଜନ ସ୍ୱାଇଁ, ଦିଗ୍‌ବିଜୟ ଦାସ, ସରୋଜ ମହାରଣା, ରାଜେନ୍ଦ୍ର ବାରିକ, ଦେବଜ୍ୟୋତି ସିଂ, ଶ୍ରୀକାନ୍ତ ପଣ୍ଡା ଖେଳ ପରିଚାଳନା କରିଥିଲେ।



ସୁନୀଲ ସାହୁ ଅତିଥିଙ୍କଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ରାମ୍ପରେ ଚାଲିଲେ ହାର୍ଦ୍ଦିକ ପାଣ୍ଡ୍ୟା



ର୍‌ୟାମ୍ପ ଶୋ ଅବସରରେ ଅଭିନେତ୍ରୀ ଲିସା ହେଡେନଙ୍କ ସହ କ୍ରୁନାଲ ଓ ହାର୍ଦ୍ଦିକ ପାଣ୍ଡ୍ୟା।

ମୁମ୍ବାଇ, ୨୨।୮

ଭାରତୀୟ କ୍ରିକେଟ୍ ଦଳ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ଟେଷ୍ଟ ସିରିଜ ଖେଳିବାରେ ବ୍ୟସ୍ତ ରହିଛି। କିନ୍ତୁ ଏହି ସିରିଜରୁ ବିଶ୍ରାମ ପାଇଥିବା ଷ୍ଟାର୍ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏକ ର୍‌ୟାମ୍ପ୍ ଶୋ'ରେ ଚାଲୁଥିବାର ଦେଖିବାକୁ ମିଳିଛି। ପ୍ରସାଧାନ ସାମଗ୍ରୀ ନିର୍ମାତା କମ୍ପାନୀ ଲାକ୍‌ମି ଫ୍ୟାଶନ ୱିକ୍ ଅବସରରେ ଅଭିନେତ୍ରୀ ଲିସା ହେଡେନଙ୍କ ସହ ପାଣ୍ଡ୍ୟା ଏକାଠି ର୍‌ୟାମ୍ପ୍‌ରେ ଚାଲୁଥିବାର ନଜରକୁ ଆସିଛନ୍ତି। ଡିଜାଇନର୍ ଅମିତ୍ ଅଗ୍ରୱାଲ ମଧ୍ୟ ଏହି ଅବସରରେ ଷ୍ଟେଜରେ ଉପସ୍ଥିତ ରହିଥିଲେ। ପାଣ୍ଡ୍ୟା ଏକ ମେରୁନ ରଙ୍ଗର ଡ୍ରେସ୍ ଓ ଲିସା ମଧ୍ୟ ସେହି ସମାନ ରଙ୍ଗର ଶାଢ଼ି ପରିଧାନ କରିଥିଲେ। 'କଫି ୱିଥ୍ କରନ୍'ର ବିବାଦୀୟ ଶୋ ପରେ ପାଣ୍ଡ୍ୟାଙ୍କୁ କୌଣସି ଇଭେଣ୍ଟରେ ଦେଖିବାକୁ ମିଳି ନ ଥିଲା। ଏହି ର୍‌ୟାମ୍ପ୍ ଶୋ'ର ଏକ ଭିଡିଓ ପାଣ୍ଡ୍ୟା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ଶ୍ରୀଲଙ୍କା ୮୫/୨

କଲମ୍ବୋ,୨୨।୮(ପି.ଟି.)

ଶ୍ରୀଲଙ୍କା ଓ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଟେଷ୍ଟ ମ୍ୟାଚରେ ୬ ଉଇକେଟରେ ବିଜୟୀ ହୋଇଥିବା ଶ୍ରୀଲଙ୍କା ଦ୍ୱିତୀୟ ମୁକାବିଲାରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ବର୍ଷା କାରଣରୁ ପ୍ରଥମ ଦିନର ଖେଳ ଏକାଧିକ ବାର ବାଧାପ୍ରାପ୍ତ ହୋଇଥିଲା। ପୁଣି ଖରାପ୍ ଆଲୋକ ମଧ୍ୟ ସମସ୍ୟା ସୃଷ୍ଟି କରିଥିଲା। ଫଳରେ ପ୍ରଥମ ଦିବସରେ ମାତ୍ର ୩୬. ୩ ଓଭର ଖେଳ ସମ୍ଭବ ହୋଇପାରିଥିଲା। ପ୍ରଥମ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ପ୍ରଥମ ଦିନ ଖେଳି ଶେଷ ସୁଦ୍ଧା ୩୬.୩ ଓଭରରେ ୨ ଉଇକେଟ ହରାଇ ୮୫ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ତଥା ଓପନର ଦିମୁଥ କରୁଣାରତ୍ନେ ୪୯ ଓ ଆଞ୍ଜେଲୋ ମାଥ୍ୟୁସ କୌଣସି ରନ ନ କରି ଅପରାଜିତ ରହିଛନ୍ତି। ଅନ୍ୟତମ ଓପନର ଲାହିରୁ ଥିରିମାନେ ୨ ଓ କୁଶଳ ମେଣ୍ଡିସ୍ ୩୨ ରନ କରି ଆଉଟ୍ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡର ଗ୍ରାଣ୍ଡହୋମ ଓ ସମରଭିଲ୍ଲେ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟରେ ବିଜୟୀ ହୋଇ ଶ୍ରୀଲଙ୍କା ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ- ୩୬.୩ ଓଭରରେ ୮୫/୨ (କରୁଣାରତ୍ନେ -୪୯*, ମେଣ୍ଡିସ୍- ୩୨, ଗ୍ରାଣ୍ଡହୋମ- ୧/୧୪, ସମରଭିଲ୍ଲେ- ୧/୨୦ )।

# ଲାଲବାଗକୁ ହରାଇଲା ସାଇ



ରାଧାରମଣ ଓ ପୂର୍ବତଟ ରେଲୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

କଟକ ଅଫିସ,୨୨।୮

କଟକରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗରେ ଗୁରୁବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ସାଇ ୭-୧ ଗୋଲରେ ଲାଲବାଗ କ୍ଲବକୁ ହରାଇଥିଲା। ସାଇ ପକ୍ଷରୁ ପ୍ରଭାତ ଦଣ୍ଡସେନା ସର୍ବାଧିକ ୪ଟି ଗୋଲ ସ୍କୋର କରିଥିଲେ। ଲାଲବାଗ ପକ୍ଷରୁ ସେଖ ସେହଜାଦା ଏକମାତ୍ର ଗୋଲ ଦେଇଛନ୍ତି। ରାଧାରମଣ ଓ ପୂର୍ବତଟ ରେଲୱେ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଥିଲା। ରେଲୱେ ପକ୍ଷରୁ ବ୍ଲାକି ଲାକ୍ରା ଓ ରାଧାରମଣ ପକ୍ଷରୁ କେ. କେମୋଭର ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି।

# ଜୋନାଥନ ଆଇସିସିର ଜେନେରାଲ କନସେଲ୍

ଦୁବାଇ, ୨୨।୮ (ପି.ଟି.)

ଦୁବାଇ, ୨୨।୮ (ପି.ଟି.) ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଗୁରୁବାର ଜେନାଥନ ହଲ୍‌ଙ୍କୁ ଏହାର ଜେନେରାଲ କନ୍‌ସଲ ଏବଂ କମ୍ପାନୀ ସେକ୍ରେଟାରୀ ଭାବେ ମନୋନୀତ କରିଛି। ହଲ୍‌ଙ୍କର ଲୌରିଅସ୍ ଏବଂ ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ (ୟୁଫା) ସମେତ ବହୁ ଅନ୍ତର୍ଜାତୀୟ ଓ ୟୁକେ କ୍ରୀଡ଼ା ସଂଗଠନର ସିନିୟର ପରାମର୍ଶଦାତା ଭାବେ ସଫଳତାର ସହିତ ଦାୟିତ୍ୱ ତୁଲାଇ ଆସିଛନ୍ତି। ସେ ଦି ଫୁଟ୍‌ବଲ ଆସୋସିଏଶନ (ଦି ଏଫ୍‌ଏ) ପାଇଁ ପ୍ରଥମେ ଡାଇରେକ୍ଟର ଅଫ୍ ଗଭର୍ନାନ୍ସ ପଦବୀରେ ନିଯୁକ୍ତି ପାଇଥିଲେ। ପରେ ସେ ଫୁଟ୍‌ବଲ ସର୍ଭିସ ଡିଭିଜନର ଡାଇରେକ୍ଟର ହୋଇଥିଲେ। ଏଫ୍‌ଏରେ ଯୋଗଦାନ ପୂର୍ବରୁ ହଲ୍ ରଗ୍‌ବୀ ଫୁଟ୍‌ବଲ ୟୁନିୟନ (ଆର୍‌ଏଫ୍‌ୟୁ)ର ଜେନେରାଲ କନସେଲ ଏବଂ କମ୍ପାନୀ ସେକ୍ରେଟାରୀ ଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ସେ ଆଇଏମ୍‌ଜିର ସିନିୟର ଇଣ୍ଟରନ୍ୟାଶନାଲ ଭାଇସ୍‌ପ୍ରେସିଡେଣ୍ଟ, ଲିଗାଲ ଆଫାୟର୍ସ ଦେଖାଚାହାଁ କରୁଥିଲେ। ଏଥିରେ କ୍ରିକେଟ, ଫୁଟ୍‌ବଲ, ରଗ୍‌ବୀ, ଟେନିସ ଓ ଗଲ୍‌ଫ ଆଦି ଖେଳର ବ୍ୟବସାୟିକ ଆଇନଗତ ବ୍ୟାପାର ଅନ୍ତର୍ଭୁକ୍ତ। ହଲ୍ ସେପ୍ଟେମ୍ବର ମଧ୍ୟ ଭାଗରେ ଦାୟିତ୍ୱ ଗ୍ରହଣ କରିବେ। ସ୍ଥାନୀୟ ଆଇସିସି ମୁଖ୍ୟ କାର୍ଯ୍ୟାଳୟରେ ସେ ଅବସ୍ଥାପିତ ହେବେ। ଆଇସିସି ସିଇଓ ମନୁ ସାହନେ କହିଛନ୍ତି, ଜୋନାଥନଙ୍କ ଭଳି ପ୍ରଚୁର ଅଭିଜ୍ଞସମ୍ପନ୍ନ ବ୍ୟକ୍ତି ପାଇଁ ମୁଁ ଆନନ୍ଦିତ।

❝ ରାହୁଲ ଦ୍ରାବିଡଙ୍କ ଟିପ୍ସ ମୋତେ ପ୍ରଭାବିତ କରିଛି, ଯିଏକି ନିଜର ସ୍ୱାଭାବିକ ଷ୍ଟାଇଲରେ ଖେଳିବା ଲାଗି ସବୁବେଳେ ପ୍ରେରଣା ଦେଇଥାନ୍ତି ।
–ଶୁବମନ ଗିଲ୍, ଭାରତୀୟ କ୍ରିକେଟର



❝ ମୋନାକୋ ଦଳ ମୋ କାର୍ଯ୍ୟରେ ଅସନ୍ତୁଷ୍ଟ ଥିଲେ ମଧ୍ୟ ସଫଳ ମ୍ୟାନେଜର ଭାବେ ମୁଁ ନିଜକୁ ପ୍ରମାଣ କରି ଦେଖାଇବାକୁ ଚାହୁଁଛି ।
–ଥିଏରୀ ହେନ୍‌ରୀ, ଫ୍ରାନ୍ସ ଫୁଟ୍‌ବଲ କିମ୍ବଦନ୍ତୀ



## ସଂକ୍ଷେପରେ

### ବଲବୀରଙ୍କୁ ଭାରତ ରତ୍ନ ପାଇଁ ଦାବି



ଚଣ୍ଡିଗଡ଼, ୨୨।୮ (ପି.ଟି.)- କିମ୍ବଦନ୍ତୀ ହକି ଖେଳାଳି ବଲବୀର ସିଂ ସିନିୟରଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରିବାକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଚିଠି ଲେଖିଛନ୍ତି। ଅମରିନ୍ଦର ତାଙ୍କ ଚିଠିରେ ୯୫ ବର୍ଷୀୟ ବଲ୍‌ବୀରଙ୍କୁ ତାଙ୍କ ସମୟର ଜଣେ ଚମତ୍କାର କ୍ରୀଡ଼ାବିତ୍ ଭାବେ ଅଭିହିତ କରିଛନ୍ତି। 'ମୁଁ ଆପଣଙ୍କ ଧ୍ୟାନ ଆକର୍ଷଣ କରି ଅନୁରୋଧ କରୁଛି କି ବଲ୍‌ବୀର ସିଂ ସିନିୟରଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଉ, ଯିଏ ସ୍ୱାଧୀନ ଭାରତର ସବୁଠାରୁ ସମ୍ମାନାସ୍ପଦ ଏବଂ ଚମତ୍କାର ଖେଳାଳି ରହିଥିଲେ' ବୋଲି ଅମରିନ୍ଦର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। 'ଫିଲ୍ଡ ହକିରେ ଜଣେ ଚମତ୍କାର ଖେଳାଳି ରହିଥିବା ବଲ୍‌ବୀର ୧୯୪୮, ୧୯୫୨ ଓ ୧୯୫୬ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିଲେ। ହକିକୁ ଅବଦାନ ଲାଗି ପୂର୍ବରୁ ୧୯୫୭ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏବେ ଭାରତ ରତ୍ନ ପୁରସ୍କାର ପାଇଁ ବଲ୍‌ବୀର ସିଂ ସିନିୟରଙ୍କ ନାମ ବିଚାରକୁ ନିଆଯାଉ' ବୋଲି ଅମରିନ୍ଦର ଏହି ଚିଠିରେ ଲେଖିଛନ୍ତି। ଗୋଟିଏ ଅଲିମ୍ପିକ ଫାଇନାଲରେ ବ୍ୟକ୍ତିଗତ ଭାବେ ସର୍ବାଧିକ ଗୋଲସ୍କୋର କରିବାର ରେକର୍ଡ ବଲ୍‌ବୀରଙ୍କ ନାମରେ ଆଜି ବି ଲିପିବଦ୍ଧ ହୋଇରହିଛି। ୧୯୫୨ ଅଲିମ୍ପିକ ଫାଇନାଲରେ ସେ ନେଦରଲାଣ୍ଡ୍ସ ବିପକ୍ଷରେ ଏକାକୀ ୫ଟି ଗୋଲସ୍କୋର କରିଥିଲେ। ଏହି ମ୍ୟାଚ୍‌କୁ ଭାରତ ୬-୧ ଗୋଲରେ ଜିତି ଚାମ୍ପିୟନ ହୋଇଥିଲା। ସେହିଭଳି ୧୯୭୫ ବିଶ୍ୱ ବିଜୟୀ ଭାରତୀୟ ଦଳର ସେ ମ୍ୟାନେଜର ରହିଥିଲେ।

### ପାଟନା ପାଇରେଟ୍ସକୁ ହରାଇଲା ବେଙ୍ଗଲ ୱାରିୟର୍ସ

ଚେନ୍ନାଇ, ୨୨।୮ (ପିଟି): ବେଙ୍ଗଲ ୱାରିୟର୍ସ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ସ୍ଥାନୀୟ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ପାଟନା ପାଇରେଟ୍ସକୁ ୩୫-୨୬ ପଏଣ୍ଟରେ ହରାଇ ଦେଇଛି। ରାଇଡର ମନିନ୍ଦର ସିଂ ୧୦ ପଏଣ୍ଟ ଓ ଡିଫେଣ୍ଡର ରିଙ୍କୁ ନର୍‌ୱାଲ ୫ ଟ୍ୟାକେଲ ପଏଣ୍ଟ ହାସଲ କରି ବିଜୟୀ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମନିନ୍ଦର ଓ ରିଙ୍କୁଙ୍କ ଯୋଗୁ ବେଙ୍ଗଲ ପ୍ରତିପକ୍ଷ ଦଳକୁ ଦୁଇ ଥର ଅଲଆଉଟ୍ କରିପାରିଥିଲା। ବିଜୟ ସହ ବେଙ୍ଗଲ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ପାଟନା ଏବେ ମଧ୍ୟ ଟେବୁଲର ସବୁଠୁ ତଳେ ରହିଛି।

#### ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ

### କ୍ୱାର୍ଟରରେ ସିନ୍ଧୁ, ପ୍ରଣୀଥ

ବାସେଲ (ସୁଇଜରଲାଣ୍ଡ), ୨୨।୮ (ପିଟି): ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ଭାରତୀୟ ତାରକା ଶଟଲର ପି. ଭି. ସିନ୍ଧୁ ଓ ବି. ସାଇ ପ୍ରଣୀଥ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଏଚ୍.ଏସ୍. ପ୍ରଣୟ ଓ କିଦାମ୍ବି ଶ୍ରୀକାନ୍ତ ପରାଜୟ ସହ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ଶ୍ରୀକାନ୍ତ ୧୩-୨୧, ୧୪-୨୧ ଗେମ୍‌ରେ କାଣ୍ଟାଫୋନ ୱାଙ୍ଗଚାଓରେନଙ୍କ ଠାରୁ ପରାସ୍ତ ହୋଇଛନ୍ତି। ସେହିଭଳି ପ୍ରଣୟଙ୍କୁ ନଂ୧ ର୍‍ୟାଙ୍କ ଜାପାନିଜ ଷ୍ଟାର କେଣ୍ଟୋ ମୋମୋଟା ୧୯-୨୧, ୧୩-୨୧ ବ୍ୟବଧାନରେ ପରାସ୍ତ କରିଛନ୍ତି। ଅନ୍ୟ ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ପ୍ରଣୀଥ ବିଶ୍ୱର ୮ମ ର୍‍ୟାଙ୍କ ଆଣ୍ଟୋନି ସିନିସୁକା ଗିଣ୍ଟିଂଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୯ତମ ସ୍ଥାନରେ ଥିବା ପ୍ରଣୀଥ ୨୧-୧୯, ୨୧-୧୩ ଗେମ୍‌ରେ ଇଣ୍ଡୋନେସିଆର ଆଣ୍ଟୋନିଙ୍କୁ ହରାଇ ଦେଇଛନ୍ତି। ବିଜୟ ଲାଗି ତାଙ୍କୁ ୪୨ ମିନିଟ୍ ଲାଗିଥିଲା। ସେ ପରବର୍ତ୍ତୀ ରାଉଣ୍ଡରେ ସମ୍ଭବତଃ ଏସିଆନ୍ ଗେମ୍ସ ଚାମ୍ପିୟନ ତଥା ୪ର୍ଥ ସିଡ୍ ଜୋନାଥନ କ୍ରିଷ୍ଟିଙ୍କୁ ଭେଟି ପାରନ୍ତି। ମହିଳା ସିଙ୍ଗଲ୍ସ ମ୍ୟାଚ୍‌ରେ ଦୁଇ ଥର ରୌପ୍ୟ ପଦକ ବିଜେତା ସିନ୍ଧୁ ଏକତରଫା ମ୍ୟାଚ୍‌ରେ ଆମେରିକାର ବେୱାନ ଝାଙ୍ଗଙ୍କୁ ହରାଇଛନ୍ତି। ୩୪ ମିନିଟ ଧରି ଚାଲିଥିବା ପ୍ରିକ୍ୱାର୍ଟର ଫାଇନାଲକୁ ହାଇଦ୍ରାବାଦୀ ଖେଳାଳି ୨୧-୧୪, ୨୧-୬ ଗେମରେ ହାତେଇଛନ୍ତି।

# ବୋଲର ପ୍ରଭାବୀ, ରାହାନେଙ୍କ ଦୃଢ଼ ବ୍ୟାଟିଂ

ନର୍ଥ ସାଉଣ୍ଡ (ଆଣ୍ଟିଗୁଆ), ୨୨।୮



ଅର୍ଦ୍ଧଶତକ ହାସଲ ଅବସରରେ ଅଜିଙ୍କ୍ୟ ରାହାନେ।

ସ୍ଥାନୀୟ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଗୁରୁବାର ଆରମ୍ଭ ହୋଇଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାବେଳେ ଅଜିଙ୍କ୍ୟ ରାହାନେଙ୍କ ଅର୍ଦ୍ଧଶତକ ସହାୟତାରେ ସଂଘର୍ଷ ଜାରି ରଖିଛି। ଖବର ମିଳିବା ବେଳକୁ ଭାରତ ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୧୯୦ ରନ ସଂଗ୍ରହ କରିଛି। ଅଜିଙ୍କ୍ୟ ରାହାନେ ୮୧ ଓ ହନୁମା ବିହାରୀ ୩୨ ରନ କରି ଆଉଟ ହୋଇଛନ୍ତି। ପଞ୍ଚମ ଉଇକେଟ ଯୋଡ଼ିରେ ରାହାନେ-ହନୁମା ୮୨ ରନ୍ ଯୋଗ କରିଛନ୍ତି।

ଟସ୍ ଜିତି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର ପ୍ରଥମେ ଭାରତକୁ ବ୍ୟାଟିଂପାଇଁ ଆମନ୍ତ୍ରଣ କରିଥିଲେ। ଘରୋଇ ବୋଲରମାନେ ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ। ମେଘୁଆ ପାଗ ଓ ପିଚ୍ ପରିବେଶରୁ ଫାଇଦା ଉଠାଇ କେମର ରୋଚ୍ ଓ ଶାନନ ଗାବ୍ରିଏଲ ଭାରତର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଦଳୀୟ ସ୍କୋର ମାତ୍ର ୫ ଥିବାବେଳେ ରୋଚ୍‌ଙ୍କ ବଲ୍‌ରେ ଶାଇ ହୋପ୍‌ଙ୍କୁ କ୍ୟାଚ ଦେଇ ମୟଙ୍କ ଅଗ୍ରୱାଲ ଆଉଟ ହୋଇଥିଲେ। ୧୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମୟଙ୍କ ମାତ୍ର ୫ ରନ କରିବାକୁ ସକ୍ଷମ ହୋଇଥିଲେ। ସେହିପରି ଦଳୀୟ ସ୍କୋରରେ ଆଉ ୨ ରନ ଯୋଗ ହେବାପରେ ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରା ସମାନ ବୋଲର ଓ ଫିଲ୍ଡରଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ପୂଜାରା ୪ ବଲ୍‌ରୁ ମାତ୍ର ୨ ରନ କରି ଆଉଟ ହେବାରୁ ୫ ଓଭର ବେଳକୁ ଭାରତୀୟ ସ୍କୋର ୭/୨ ହୋଇ ଯାଇଥିଲା। ଲୋକେଶ ରାହୁଲ ଓ ଅଧିନାୟକ ବିରାଟ କୋହଲି ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ମାତ୍ର କୋହଲି ୧୨ ବଲ୍‌ରୁ ୨ଟି ଦର୍ଶନୀୟ ଚୌକା ସହାୟତାରେ ୯ ରନ କରିଥିବାବେଳେ ଶାନନ ଗାବ୍ରିଏଲଙ୍କ ବଲ୍‌ରେ ଶାମରା ବ୍ରୁକ୍ସଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। କୋହଲିଙ୍କ ଆଉଟ ପରେ ସ୍ୱାଭାବିକଭାବେ ୱେଷ୍ଟଇଣ୍ଡିଜ ଶିବିରରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ୨୫ ରନରେ ଭାରତ ୩ୟ ଉଇକେଟ ହରାଇଥିଲା। ତେବେ ଲୋକେଶ ଓ ଅଜିଙ୍କ୍ୟ ରାହାନେ ସତର୍କତାର ସହ ବ୍ୟାଟିଂ କରି ପ୍ରଥମ ଦିବସ ମଧ୍ୟାହ୍ନ ଭୋଜନ ବିରତି ବେଳକୁ ଦଳୀୟ ସ୍କୋରକୁ ୬୮/୩ରେ ପହଞ୍ଚାଇଥିଲେ। ସେତେ ବେଳକୁ ରାହୁଲ ୭୦ ବଲ୍‌ରୁ ୪ ଚୌକା ସହାୟତାରେ ୩୭ ଓ ରାହାନେ ୪୩ ବଲ୍‌ରୁ ୨ ଚୌକା ସହ ୧୦ ରନ କରି ଅପରାଜିତ ରହିଥିଲେ। ୪ର୍ଥ ଉଇକେଟ ଯୋଡ଼ିରେ ୬୮ ରନ ଯୋଗ ହେବାପରେ ରାହୁଲ ବ୍ୟକ୍ତିଗତ ୪୪(୯୭ ବଲ, ୫ ଚୌକା) ରନ କରି ଆଉଟ ହୋଇଥିଲେ। ରଷ୍ଟନ ଚେଜ୍ ୱେଷ୍ଟଇଣ୍ଡିଜକୁ ଏହି ବ୍ରେକ୍ ଥ୍ରୁ ଦେଇଥିଲେ। ଅପେକ୍ଷାକୃତ ଧୀମା ଖେଳିଥିବା ରାହାନେ କିନ୍ତୁ ପ୍ରତିପକ୍ଷ ବୋଲରଙ୍କୁ ସଫଳତାର ସହ ମୁକାବିଲା କରି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୧୧୭ ବଲ୍‌ରୁ ୭ ଚୌକା ସହାୟତାରେ ୫୦ ରନ ପୂରଣ କରିଥିଲେ। ଟେଷ୍ଟରେ ଏହା ଥିଲା ତାଙ୍କର ୧୮ତମ ଅର୍ଦ୍ଧଶତକ। ୱେଷ୍ଟଇଣ୍ଡିଜ ପକ୍ଷରୁ ରୋଚ୍ ୩ଟି, ଗାବ୍ରିଏଲ ୨ଟି ଓ ଚେଜ୍ ଗୋଟିଏ ଉଇକେଟ ନେଇଛନ୍ତି। ଭାରତ ଏହି ମ୍ୟାଚରେ ରୋହିତ ଶର୍ମା, ଋଦ୍ଧିମାନ ଶାହ, ରବିଚନ୍ଦ୍ରନ ଅଶ୍ୱିନ, କୁଲଦୀପ ଯାଦବ ଓ ଉମେଶ ଯାଦବଙ୍କୁ ବାଦ୍ ଦେଇ ପଡ଼ିଆକୁ ଓହ୍ଲାଇଥିଲା।

### କେମୋ ପଲ୍ ଆହତ

ଭାରତ ବିପକ୍ଷରେ ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟ ପୂର୍ବରୁ ଘରୋଇ ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳକୁ ଧକ୍କା ଲାଗିଛି। ଦଳର ଯୁବ ଅଲ୍‌ରାଉଣ୍ଡର କେମୋ ପଲ୍ ଆଘାତଜନିତ ସମସ୍ୟା ଲାଗି ସିରିଜର ଏହି ପ୍ରଥମ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଗୋଇଠିରେ ଆଘାତ କାରଣରୁ ପଲ୍‌ଙ୍କ ସ୍ଥାନରେ ଦ୍ରୁତ ବୋଲର ମିଗୁଏଲ୍ କୁମିନ୍ସଙ୍କୁ ଶେଷ ମୁହୂର୍ତ୍ତରେ ଦଳରେ ସାମିଲ କରାଯାଇଛି ବୋଲି କ୍ରିକେଟ୍ ୱେଷ୍ଟଇଣ୍ଡିଜ ପକ୍ଷରୁ କୁହାଯାଇଛି। ୨୧ ବର୍ଷୀୟ କେମୋ ପଲ୍ ଚଳିତ ବର୍ଷ ପ୍ରାରମ୍ଭରେ ଇଂଲଣ୍ଡ ବିପକ୍ଷରେ ଖେଳି ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୩ ଟେଷ୍ଟ ମ୍ୟାଚ୍‌ରୁ ୯୬ ରନ ଓ ୬ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ନିକଟରେ ଭାରତ ବିପକ୍ଷ ଟି୨୦ ସିରିଜରେ ସେ ସମସ୍ତ ୩ଟି ଯାକ ମ୍ୟାଚ୍ ଖେଳିଥିଲେ। ଡାହାଣହାତୀ ଦ୍ରୁତ ବୋଲର କୁମିନ୍ସ ୧୩ ଟେଷ୍ଟ ଖେଳି ୨୭ ଉଇକେଟ୍ ଅକ୍ତିଆର କରିଛନ୍ତି। କୁମିନ୍ସ ୨୦୧୬ରେ ଭାରତ ବିପକ୍ଷରେ ଖେଳି ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୯୦/୬ (ରାହାନେ-୮୧, ରାହୁଲ-୪୪, ହନୁମା-୩୨, ରୋଚ୍-୩/୩୪, ଗାବ୍ରିଏଲ-୨/୪୯, ଚେଜ୍-୧/୩୫)।

### 'କୋହଲିଙ୍କଠାରେ ମୋ ଭଳି ଉତ୍ସାହ ରହିଛି'

ଆଣ୍ଟିଗୁଆ, ୨୨।୮ (ପି.ଟି.)

ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଭିଭିଆନ ରିଚାର୍ଡ୍ସ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଗୁରୁବାର ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ପୂର୍ବରୁ କୋହଲି ରିଚାର୍ଡଙ୍କ ସାକ୍ଷାତକାର ନେଇଥିଲେ। ଏହି ଅବସରରେ ରିଚାର୍ଡ୍ସ କୋହଲିଙ୍କର ପ୍ରଶଂସା କରିଥିଲେ। ପଡିଆରେ କୋହଲି ମୋ ଭଳି ଉତ୍ସାହର ସହ ଖେଳୁଛନ୍ତି ବୋଲି ସେ କହିଛନ୍ତି। ରିଚାର୍ଡ୍ସଙ୍କୁ କୋହଲି ନିଜର ଆଦର୍ଶ କ୍ରିକେଟର ଭାବେ ସମ୍ମାନ କରିଥାନ୍ତି। ତାଙ୍କ ସମୟରେ ବିନା ଗାର୍ଡ ଓ ହେଲମେଟରେ ଦ୍ରୁତ ବୋଲରମାନଙ୍କୁ କିପରି ସେ ସାମ୍ନା କରୁଥିଲେ ବୋଲି କୋହଲି ପ୍ରଶ୍ନ କରିଥିଲେ। ସେତେବେଳେ ବିଶ୍ୱ କ୍ରିକେଟରେ ଦୁର୍ଦ୍ଧର୍ଷ ଦ୍ରୁତ ବୋଲରଙ୍କୁ ସମ୍ମୁଖୀନ ହେବା ନିଶ୍ଚିତ ଭାବେ କଷ୍ଟକର ଥିଲା। ପୁଣି ବଲ୍ ବାଉନ୍ସ ହେବାରେ ମଧ୍ୟ କୌଣସି କଟକଣା ନ ଥିଲା। ଏହା ସତ୍ତ୍ୱେ ରିଚାର୍ଡ୍ସ ବୋଲରଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରି ଖେଳୁଥିଲେ। ସେତେବେଳେ ଆପଣ ମନୋଭାବ କ'ଣ ଥିଲା ବୋଲି କୋହଲି ରିଚାର୍ଡ୍ସଙ୍କୁ ପ୍ରଶ୍ନ କରିଥିଲେ। ରିଚାର୍ଡ୍ସ ମଧ୍ୟ ଏହାର ଉତ୍ତର ରଖିଥିଲେ। ବ୍ୟାଟିଂ କରିବାକୁ ଯିବା ବେଳେ ମୋର ସବୁବେଳ ଆତ୍ମବିଶ୍ୱାସ ବେଶ୍ ଉଚ୍ଚକୋଟୀର ଥାଏ। ବୋଲରଙ୍କୁ ଡରିବା ବଦଳରେ ପ୍ରଭାବ ବିସ୍ତାର କରି ଖେଳିଥାଏ। ପ୍ରତ୍ୟେକ ସମୟରେ ନିଜେ ନିଜକୁ ସମର୍ଥନ କରିଥାଏ। ତେବେ ହେଲମେଟ୍ ପିନ୍ଧିବାରେ ଆଦୌ ସହଜ ଅନୁଭବ କରି ନ ଥାଏ। ତେଣୁ ବ୍ୟାଟିଂ କଲାବେଳେ ଟୋପି ପରିଧାନ କରିଥାଏ।

## ନେମାରଙ୍କ ପାଇଁ ବାଲେ, ଜେମ୍ସଙ୍କ ସହ ୧୦୦ ନିୟୁତ

ପ୍ୟାରିସ, ୨୨।୮ (ପିଟି)

ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) ଷ୍ଟାର ଷ୍ଟ୍ରାଇକର ନେମାର ଜୁନିୟରଙ୍କୁ ଦଳରେ ନେବା ପାଇଁ ବହୁ ଦଳ ଆଗଭର ହୋଇଛନ୍ତି। ଏମାନଙ୍କ ମଧ୍ୟରେ ରହିଛି ସ୍ପାନିଶ କ୍ଲବ ରିୟଲ ମାଡ୍ରିଡ୍। ନେମାରଙ୍କୁ ଦଳରେ ସାମିଲ କରିବା ଲାଗି ମାଡ୍ରିଡ୍ ତା'ର ଅନ୍ୟତମ ସଫଳ ଷ୍ଟ୍ରାଇକର ଗାରେଥ ବାଲେ, ଆଟାକିଂ ମିଡ୍‌ଫିଲ୍ଡର ଜେମ୍ସ ରୋଡ୍ରିଗୁଏଜ ଓ ଗୋଲକିପର କିଲୋର ନାଭାସଙ୍କ ସହ ୧୦୦ ନିୟୁତ ୟୁରୋ ଅର୍ଥ ଦେବା ପାଇଁ ପ୍ରସ୍ତାବ ଦେଇଥିଲା। ହେଲେ ଏଭଳି ଏକ ବଡ଼ ପ୍ରସ୍ତାବକୁ ଲିଗ୍ ୱାନ କ୍ଲବ ପିଏସ୍‌ଜି ପ୍ରତ୍ୟାଖ୍ୟାନ କରି ଦେଇଥିବା ଫ୍ରେଞ୍ଚ ଖବରକାଗଜ ଏଲକ୍ୟୁଇପେର ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିରେ ମାଡ୍ରିଡ୍ ବ୍ୟତୀତ ଲା ଲିଗା ଲିଗ୍ ଚାମ୍ପିୟନ ବାର୍ସିଲୋନା ଓ ସିରି ଏ' ଚାମ୍ପିୟନ ଜୁଭେଣ୍ଟସ ମଧ୍ୟ ନେମାରଙ୍କ ପାଇଁ ଇଚ୍ଛୁକ ଥିବା ଦର୍ଶାଯାଇଛି। ଜୁଭେଣ୍ଟସ ପାଉଲୋ ଡିବାଲାଙ୍କ ସହ ଏକ ନିର୍ଦ୍ଦିଷ୍ଟ ଅର୍ଥରାଶି ଦେବା ପାଇଁ ପ୍ରସ୍ତାବ ଦେଇଛି। ସେହିଭଳି ବାର୍ସିଲୋନା ନେମାରଙ୍କୁ ଚଳିତ ସିଜନରେ ଲୋନ ଆକାରରେ ନେବାକୁ ଚାହୁଁଛି। ଯାହା ଫଳରେ ସ୍ପାନିଶ ଦଳକୁ ୨୦୨୦-୨୧ ସିଜନରେ ବ୍ରାଜିଲ ଷ୍ଟାରଙ୍କୁ ୧୫୦ ନିୟୁତ ୟୁରୋ ଦେବାକୁ ପଡ଼ିବ। ଏହି ୩ କ୍ଲବଙ୍କ ନିକଟରେ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମୟ ରହିଛି। ଏହାପରେ କୌଣସି ଦଳର ଖେଳାଳିଙ୍କ ସହ ଟ୍ରାନ୍ସଫର ଲାଗି ଚୁକ୍ତି ହୋଇପାରିବ ନାହିଁ।



ଜୋଫ୍ରା ଆର୍ଚର ୬/୪୫

## ଦୀପ୍ତିଙ୍କ ପ୍ରଭାବୀ ପ୍ରଦର୍ଶନ, ମନ୍ଧାନା ବିଫଳ

ଲଣ୍ଡନ, ୨୨।୮

ଏଠାରେ ଚାଲିଥିବା ୱମେନ୍ସ କ୍ରିକେଟ୍ ସୁପର୍ ଲିଗ୍‌ର ଏକ ମ୍ୟାଚ୍‌ରେ ଭାରତୀୟ ମହିଳା କ୍ରିକେଟର୍ ଦୀପ୍ତି ଶର୍ମାଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ଦେଖିବାକୁ ମିଳିଛି। ୱେଷ୍ଟର୍ନ ଷ୍ଟ୍ରମ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଦୀପ୍ତି ବ୍ୟାଟିଂରେ ୨୬ ବଲରୁ ୩୨ ରନର ଦ୍ରୁତ ଇନିଂସ ଖେଳିଥିଲେ। ସେହିଭଳି ଡାହାଣହାତୀ ଅଫ୍-ସ୍ପିନ ବୋଲିଂ କରୁଥିବା ଦୀପ୍ତି ନିଜର ୪ ଓଭର କୋଟାରେ ୧୮ ରନ୍ ବ୍ୟୟ କରି ୩ଟି ଉଇକେଟ୍ ନେଇଥିଲେ। ଦୀପ୍ତିଙ୍କ ଏହି ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ତାଙ୍କ ଦଳ ୱେଷ୍ଟର୍ନ ଷ୍ଟ୍ରମ୍ ୪ ରନରେ ପ୍ରତିପକ୍ଷ ସରେ ଷ୍ଟାର୍‌କୁ ପରାସ୍ତ କରିବାରେ ସଫଳ ହୋଇଥିଲା। ଅପରପକ୍ଷରେ ଅନ୍ୟତମ ତାରକା ଭାରତୀୟ ମହିଳା କ୍ରିକେଟର୍ ସ୍ମୃତି ମନ୍ଧାନାଙ୍କୁ ଏହି ମ୍ୟାଚ୍‌ରେ ନିରାଶ ହେବାକୁ ପଡ଼ିଛି। ଦୀପ୍ତିଙ୍କ ସହ ମିଶି ୱେଷ୍ଟର୍ନ ଷ୍ଟ୍ରମ ପକ୍ଷରୁ ଖେଳୁଥିବା ମନ୍ଧାନା ଓପନିଂ କରିବାକୁ ଆସି ୫ ବଲ୍‌ର ସମ୍ମୁଖୀନ ହୋଇଥିଲେ ମଧ୍ୟ ଖାତା ଖୋଲି ପାରି ନ ଥିଲେ।



ବିରାଟ କୋହଲିଙ୍କ ଉଇକେଟ ନେବା ପରେ ସାନନ ଗାବ୍ରିଏଲଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# ଅଷ୍ଟ୍ରେଲିଆ ୧୭୯ ରନରେ ସୀମିତ

**ତୃତୀୟ ଆଶେସ ଟେଷ୍ଟ**

ଲିଡ୍ସ (ୟୁନାଇଟେଡ କିଙ୍ଗଡମ୍), ୨୨।୮ (ଏଏଫ୍‌ପି)

ସ୍ଥାନୀୟ ହେଡିଂଲେଠାରେ ଗୁରୁବାର ତୃତୀୟ ଆଶେସ ଟେଷ୍ଟ ଆରମ୍ଭ ହୋଇଛି। ମେଘୁଆ ପାଗ ବୋଲରଙ୍କୁ ସୁହାଇବ ବୋଲି ଆଶା ରଖି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ବୋଲରମାନେ ପ୍ରଭାବୀ ବୋଲିଂ କରି ରୁଟ୍‌ଙ୍କ ନିଷ୍ପତ୍ତି ଯଥାର୍ଥ ବୋଲି ସାବ୍ୟସ୍ତ କରିଥିଲେ। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ମାତ୍ର ୧୭୯ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ମାର୍ନସ ଲବୁସ୍କେନ୍ ସର୍ବାଧିକ ୭୪ରନ କରିଥିବା ବେଳେ ଓପନର ଡେଭିଡ ୱାର୍ନର ୬୧ରନ କରିଥିଲେ। ଉଇକେଟକିପର ତଥା ଅଧିନାୟକ ଟିମ୍ ପେନ୍ ୧୧ରନ କରିଥିବାବେଳେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଭ୍ରମଣକାରୀ ଦଳର ବ୍ୟାଟିଂ ବିପର୍ଯ୍ୟୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଇଂଲଣ୍ଡ ବୋଲର ଜୋଫ୍ରା ଆର୍ଚର। ସେ ୪୫ ରନ ବିନିମୟରେ ୬ଟି ଉଇକେଟ ଅକ୍ତିଆର କରିଥିଲେ। ଷ୍ଟୁଆର୍ଟ ବ୍ରଡ ୨ ଉଇକେଟ ନେଇଥିବା ବେଳେ କ୍ରିସ୍ ଓକ୍ସ ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏଁ ଉଇକେଟ ସଫଳତା ପାଇଥିଲେ।

ବର୍ଷାଜନିତ କାରଣରୁ ଖେଳ ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ପୂର୍ବରୁ ଡକରା ପାଇ ଆସିଥିବା ଅଷ୍ଟ୍ରେଲୀୟ ଓପନର ମାର୍କସ ହାରିସ ମାତ୍ର ୮ ରନ କରି ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ବେୟାରଷ୍ଟୋଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଦଳର ସ୍କୋର ସେତେବେଳକୁ ମାତ୍ର ୧୨ ରନ ଥିଲା। ମଧ୍ୟାହ୍ନ ଭୋଜନ ପୂର୍ବରୁ ମାତ୍ର ୪ ଓଭର ବୋଲିଂ ସମ୍ଭବ ହୋଇଥିଲ। ଭ୍ରମଣକାରୀ ଦଳ ଏହି ମ୍ୟାଚରୁ ଓପନର କାମେରନ ବ୍ୟାଙ୍କ୍ରଫ୍ଟଙ୍କୁ ବାଦ୍ ଦେଇଥିଲା। ଏହି ବ୍ୟାଟ୍ସମ୍ୟାନ ଗତ ୪ଟି ଇନିଂସରେ ମାତ୍ର ୪୪ ରନ କରିବାରେ ସକ୍ଷମ ହୋଇଛନ୍ତି। ଡେଭିଡ ୱାର୍ନରଙ୍କ ପାର୍ଟନର ହେବାଲାଗି ହାରିସଙ୍କୁ ଦଳରେ ନେଇଥିଲା। ଲର୍ଡ୍ସଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚ ବର୍ଷାରେ ପ୍ରଭାବିତ ହେବା ସହ ଡ୍ର ଭାବେ ଶେଷ ହୋଇଥିଲା। ଉଭୟଙ୍କୁ ଇଂଲଣ୍ଡର ନୂଆ ବଲ୍ ବୋଲର ଷ୍ଟୁଆର୍ଟ ବ୍ରଡ୍ ଏବଂ ଆର୍ଚରଙ୍କ ବୋଲିଂ ବିରୋଧରେ ସଂଘର୍ଷ କରିବାକୁ ପଡ଼ିଥିଲା।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୫୨.୧ ଓଭରରେ ୧୭୯/ଅଲଆଉଟ (ମାର୍ନସ ଲବୁସ୍କେନ୍-୭୪, ଡେଭିଡ ୱାର୍ନର-୬୧, ଜୋଫ୍ରା ଆର୍ଚର-୬/୪୫, ଷ୍ଟୁଆର୍ଟ ବ୍ରଡ୍-୨/୩୨, କ୍ରିସ୍ ଓକ୍ସ-୧/୫୧, ବେନ୍ ଷ୍ଟୋକ୍ସ-୧/୪୫)।



ଶଟ୍ ଖେଳିବା ଅବସରରେ ଅଷ୍ଟ୍ରେଲିଆର ଡେଭିଡ ୱାର୍ନର।

## ଜାପାନ କ୍ରୀଡ଼ାପ୍ରେମୀଙ୍କ ଲାଗି ସ୍ୱତନ୍ତ୍ର ଅଲିମ୍ପିକ୍ ପ୍ୟାକେଜ

ଟୋକିଓ, ୨୨।୮ (ଏପି)

ଟୋକିଓ ଅଲିମ୍ପିକ୍ ଆୟୋଜକଙ୍କ ପକ୍ଷରୁ ଜାପାନର କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକ ଉଚ୍ଚସ୍ତରୀୟ ପ୍ୟାକେଜ ଘୋଷଣା କରାଯାଇଛି। ୬.୩୫ ନିୟୁତ ୟେନ ମୂଲ୍ୟର ପ୍ୟାକେଜ ମାଧ୍ୟମରେ ଉପଭୋକ୍ତାମାନେ ଉଦ୍‌ଘାଟନୀ ଉତ୍ସବରୁ ଆରମ୍ଭ କରି ୯ ଦିନ ଟ୍ରାକ୍ ଓ ଫିଲ୍ଡ ଇଭେଣ୍ଟ ସହ ଉଦ୍‌ଯାପନୀ ଉତ୍ସବର ମଜା ନେଇପାରିବେ। ଏହି ପ୍ୟାକେଜର ମୂଲ୍ୟ ୬୦ ହଜାର ଆମେରିକୀୟ ଡଲାର, ଯାହା ଭାରତୀୟ ମୁଦ୍ରାରେ ୪୩.୦୯ ଲକ୍ଷ ଟଙ୍କା। ତେବେ ପରିବାର ଓ ବନ୍ଧୁଙ୍କ ସହ ଅଲିମ୍ପିକ୍ସ ଉପଭୋଗ କରିବାକୁ ଚାହୁଁଥିବା କ୍ରୀଡ଼ାପ୍ରେମୀଙ୍କ ଲାଗି ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି ପ୍ୟାକେଜ ଉପଭୋକ୍ତାଙ୍କୁ ସ୍ୱତନ୍ତ୍ର ସାମ୍ପେୟାନ, ବିୟର, ୱାଇନ, ଅନ୍ତର୍ଜାତୀୟ ରୋଷେୟାଙ୍କ ଦ୍ୱାରା ପ୍ରସ୍ତୁତ ରାତ୍ରୀଭୋଜନ, ଭିଆଇପି ପାସ, ଉଦ୍‌ଘାଟନୀ ଦିବସର ମୁଖ୍ୟ ଅତିଥିଙ୍କ ସହ ଫଟୋ ଉଠାଇବାର ସୁବିଧା ଆଦି ପ୍ରଦାନ କରାଯିବ। ଏହାବାଦ୍ ଏକ ଶସ୍ତା ପ୍ୟାକେଜ ମଧ୍ୟ ରଖାଯାଇଛି, ଯେଉଁଥିରେ ଉପଭୋକ୍ତାଙ୍କୁ କମ୍ ଲୋକପ୍ରିୟତା ଇଭେଣ୍ଟର କେବଳ ଏକ ସେସନ ଦେଖିବାକୁ ସୁଯୋଗ ଦିଆଯିବ।




# ହୁକା ବାର୍‌ରେ ଚଢ଼ାଉ: ନିକୋଟିନ ମାନ ଯାଞ୍ଚପ ରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ଶହୀଦନଗର ଥାନା ଅଞ୍ଚଳରେ ଥିବା ୩ ହୁକା ବାର୍ ଓ ରେଷ୍ଟୁରାଣ୍ଟରେ ଗୁରୁବାର ସନ୍ଧ୍ୟାରେ ଚଢାଉ ହୋଇଛି। କମିଶନରେଟ ପୋଲିସର ଡ୍ରଗ୍ସ ୟୁନିଟ୍, ଅବକାରୀ ବିଭାଗ ଓ ଶହୀଦନଗର ଥାନା ପୋଲିସ ମିଳିତ ଭାବେ ଏହି ଚଢ଼ାଉ କରି ବିପୁଳ ପରିମାଣର ହୁକା ସାମଗ୍ରୀ ଜବତ କରିଛି।

ସୂଚନା ମୁତାବକ, ଚଢ଼ାଉ ହୋଇଥିବା ହୁକା ବାର୍‌ଗୁଡିକ ଶହୀଦନଗର ଥାନା ଅନ୍ତର୍ଗତ ବିଏମ୍‌ସି ଭବାନୀ ମଲ୍‌ରେ ରହିଛି। ସେଠାରୁ ଜବତ ହୁକା ସାମଗ୍ରୀ ଯାଞ୍ଚ କରାଯିବ। ହୁକାରେ ହର୍ବାଲ ନିକୋଟିନ ବ୍ୟବହାର ହୋଇଥାଏ। କିନ୍ତୁ ପ୍ରକୃତରେ ସେଥିରେ କେଉଁ ପ୍ରକାର ଓ କେଉଁ ମାନର ନିକୋଟିନ ବ୍ୟବହାର କରାଯାଉଥିଲା ତାହା ଯାଞ୍ଚ ପରେ ସ୍ପଷ୍ଟ ହେବ। ସେହିଭଳି ହୁକା ବାର ଚଳାଇବା ନେଇ ଟ୍ରେଡ୍ ଲାଇସେନ୍ସର କାଗଜପତ୍ରକୁ ଯାଞ୍ଚ କରାଯାଉଛି। ବିଭିନ୍ନ ଦିଗକୁ ନେଇ ଯାଞ୍ଚ କରିବା ପରେ ଯଦି କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ବିରଞ୍ଚିନାରାୟଣ ପତି କହିଛନ୍ତି।







## ■ତାଳଚେର ବିଧାୟକଙ୍କ ଗାଡ଼ି ପୋଡ଼ି ଘଟଣା

# ଦିଲ୍ଲୀରୁ ଫେରିବା ପରେ ବିଧାୟକଙ୍କୁ ପଚରାଉଚରା

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

### ପୋଲିସ ପାଉନି ସୁରାକ



ଖାରବେଳନଗର ଥାନା ଅନ୍ତର୍ଗତ ଏମ୍‌ଏଲ୍‌ଏ କଲୋନୀ କ୍ୱାର୍ଟର୍ସ ନଂ.ଡିଏସ୍ ୭/୧ରେ ରହୁଥିବା ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ଘର ଆଗରେ ରଖାଯାଇଥିବା ଗାଡିକୁ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପୋଡି ଦେଇଥିଲେ। ନିଆଁରେ ବିଧାୟକଙ୍କର ଦୁଇଟି କାର, ଗୋଟିଏ ବାଇକ ଓ ଗୋଟିଏ ସାଇକେଲ ପୋଡି ଯାଇଥିଲା। ଘଟଣା ଦିନ ବିଧାୟକ ଦିଲ୍ଲୀକୁ ମେଡିକାଲ କାମ ପାଇଁ ଯାଇଥିଲେ। ଫଳରେ ପୋଲିସ ତାଙ୍କର ବୟାନ ରେକର୍ଡ କରି ପାରି ନ ଥିବାରୁ ତଦନ୍ତ ଅଧାରେ ରହିଥିଲା। ବିଧାୟକ ବୁଧବାର ଫେରିବା ପରେ ପୋଲିସ ତାଙ୍କୁ ଏ ସମ୍ପର୍କରେ ପଚରାଉଚରା କରିଥିଲା। ବିଧାୟକଙ୍କର ଅନ୍ୟ କାହା ସହ ଶତ୍ରୁତା ରହିଛି କି। ପୂର୍ବରୁ କିଏ ଏଭଳି ଧମକପୂର୍ଣ୍ଣ ଫୋନ୍ କରିଥିଲେ କି। ବିଧାୟକଙ୍କ କ୍ୱାର୍ଟର୍ସରେ ରହୁଥିବା ତାଙ୍କ ପିଏସ୍‌ଓ ଓ ଅନ୍ୟମାନଙ୍କ ସହ ଅନ୍ୟ କାହାର ଶତ୍ରୁତା ରହିଥିଲା କି। ଏଭଳି ଅନେକ ପ୍ରଶ୍ନ ପୋଲିସ ବିଧାୟକଙ୍କୁ ପଚାରିଥିଲେ ମଧ୍ୟ ବିଧାୟକ ଏହାର ଉତ୍ତର ଦେଇଥିଲେ। ବିଧାୟକଙ୍କ ବ୍ୟକ୍ତିଗତ ଭାବେ ଅନ୍ୟ କାହାସହ କୌଣସି ଶତ୍ରୁତା ନ ଥିବାର କହିଥିବା ବେଳେ ଉକ୍ତ କ୍ୱାର୍ଟର୍ସରେ ରହୁଥିବା ଅନ୍ୟମାନଙ୍କ ବିଷୟରେ ସେ କିଛି ଜାଣି ନ ଥିବା କହିଥିଲେ। ବିଧାୟକଙ୍କଠାରୁ ପୋଲିସ ଜବାବ ପାଇବା ପରେ ତଦନ୍ତ ଏକ ପ୍ରକାର ଅଧୁରା ରହିଥିବା ଜଣାପଡିଛି। ପୋଲିସ ରବୀନ୍ଦ୍ର ମଣ୍ଡପ ଛକରେ ଲାଗିଥିବା ସିସିଟିଭି ଫୁଟେଜ ଓ ୧୨୦ ବାଟାଲିୟନ ଛକରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲେ ମଧ୍ୟ କିଛି ବି ସୁଫଳ ମିଳିନାହିଁ। ଘଟଣା ଦିନ ବିଳମ୍ବିତ ରାତିରେ ରବୀନ୍ଦ୍ର ମଣ୍ଡପରୁ ୧୨୦ ବାଟାଲିୟନ ଛକ ଦେଇ ୨୫ରୁ ଊର୍ଦ୍ଧ୍ୱ ଗାଡି ଚାଳକମାନେ ଯାଇଛନ୍ତି। ତେଣୁ ଏହି ଗାଡି ଚାଳକଙ୍କ ମଧ୍ୟରୁ ଅପରାଧୀ କିଏ ତାହା ଜାଣିବାକୁ ପୋଲିସ ପାଇଁ କାଠିକର ପାଠ ହୋଇଛି। ପୋଲିସ ସିସିଟିଭି ଫୁଟେଜ ଆଧାରରେ ଗୋଟି ଗୋଟି ଗାଡି ଚାଳକଙ୍କୁ ଟ୍ରାକ୍ କରିବାର ଲାଗିଛି। ଏହାସହ ବିଧାୟକଙ୍କ ଘର ନିକଟରେ ରାତିରେ କେଉଁମାନଙ୍କର ଫୋନ୍ ଆକ୍ଟିଭ ରହିଥିଲା ସେନେଇ ମଧ୍ୟ ପୋଲିସ ଯାଞ୍ଚ କରୁଥିବା ଜଣାପଡିଛି। ପୋଲିସ କେବଳ ଏବେ ଅନ୍ଧାରରେ ବାଡି ବୁଲାଇବା ପରି ତଦନ୍ତ କରୁଛି।

ଏ ନେଇ ଥାନା ଅଧିକାରୀ ବି.ଏନ୍. ସେନାପତି କହିଛନ୍ତି, ବିଧାୟକ ବାହାରୁ ଆସିବା ପରେ ଘଟଣା ସମ୍ପର୍କରେ ତାଙ୍କୁ ପଚରାଉଚରା କରିଥିଲୁ। ତାଙ୍କ ଉତ୍ତରରେ ଅନ୍ୟ କାହାସହ କୌଣସି ଶତ୍ରୁତା ନ ଥିବା କହିଥିଲେ। ତେଣୁ ତଦନ୍ତ ଚାଲୁଛି। ଅପରାଧୀଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ସେ କହିଛନ୍ତି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଅଚେତ ଅବସ୍ଥାରେ ଯୁବକ ଉଦ୍ଧାର

**ନିଶ୍ଚିନ୍ତକୋଇଲି, ୨୨।୮ (ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଅଚ୍ୟୁତାନନ୍ଦ ମାର୍ଗରୁ ଜଣେ ଯୁବକଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ହେଲେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ପୋଖରିଆ ପଦା ଗ୍ରାମର ନାରାୟଣ ରଥ(୨୯)। ରାତି ପ୍ରାୟ ୧୧ଟା ବେଳେ ଅଚ୍ୟୁତାନନ୍ଦ ମାର୍ଗରେ ସେ ଅଚେତ ଅବସ୍ଥାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ ନିଶା ଦିଆଯାଇଥିବା କହିଛନ୍ତି। ଏନେଇ ଥାନାରେ ଖବର ଦିଆଯିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏହି ସମୟରେ ତାଙ୍କ ପରିଚୟ ମିଳିବାରୁ ପରିବାର ଲୋକଙ୍କୁ ଜଣାଇ ଦିଆଯାଇଛି। ଅବସ୍ଥା ଗୁରୁତର ଥିବାରୁ ନାରାୟଣଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରାଥମିକ ତଦନ୍ତ ପରେ ତାଙ୍କୁ ନିଶା ଦେଇ କୌଣସି ଦୁର୍ବୃତ୍ତ ଟଙ୍କା ଲୁଟ କରିଥିବା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡା କହିଛନ୍ତି।

### ସାପ କାମୁଡ଼ାରେ ମହିଳା ମୃତ

**ସାଲେପୁର, ୨୨।୮ (ଡି.ଏନ୍.ଏ):** ସାଲେପୁର ବ୍ଲକ୍ ଅଧୀନ ସତ୍ୟଭାମାପୁର ପଞ୍ଚାୟତ ମାଳିହତା ଗ୍ରାମରେ ଏକ ବିଷଧର ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ରବି ନାରାୟଣ ବିଶୋଇଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ବିଶୋଇ (୫୫)। ସେ ଘରେ ଧାନବସ୍ତା ଉଠାଉଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ସେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ନେଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲକ୍ଷ୍ମୀପ୍ରିୟାଙ୍କ ମୃତ୍ୟୁ ଘଟିଥିଲା। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ବନ୍ଧୁବତ୍ସଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ସାଲେପୁର, ୨୨।୮(ଡି.ଏନ୍.ଏ):** ସାଲେପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର ହୋଇଛି। ଏନେଇ ପୀଡିତାଙ୍କ ମାମୁ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ପକ୍ଷରୁ ମାମଲା (ନଂ.୨୦୮/୧୯) ରୁଜୁ କରାଯାଇଛି । ଅଭିଯୋଗ ଅନୁଯାୟୀ, ପୀଡିତା ଦୀର୍ଘ ବର୍ଷ ହେବ ମାମୁ ଘରେ ରହୁଥିଲେ। ଉକ୍ତ ଅଞ୍ଚଳର ଜଣେ ଯୁବକ ପୀଡିତାଙ୍କୁ ବଳାତ୍କାର କରିଥିଲେ ବୋଲି ତାଙ୍କ ମାମୁ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏନେଇ ପୋଲିସ ପକ୍ଷରୁ ଅଧିକ ସୂଚନା ଦିଆଯାଇ ନ ଥିବା ବେଳେ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଦେବେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି।

# ହଷ୍ଟେଲରେ ଅଣଛାତ୍ର, ୱାର୍ଡେନଙ୍କ ଗାଡ଼ି ଭାଙ୍ଗିଲା

**ରେଭେନ୍ସା ବିଶ୍ୱବିଦ୍ୟାଳୟ**



- କଡ଼ା ନିଷ୍ପତ୍ତି ନେଲେ କର୍ତ୍ତୃପକ୍ଷ
- ବିଭିନ୍ନ ହଷ୍ଟେଲରେ ଚଢ଼ାଉ

**କଟକ ଅଫିସ, ୨୨।୮**

ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲର ୱାର୍ଡେନ ଡ. ପୂର୍ଣ୍ଣେନ୍ଦୁ ପାଢ଼ୀଙ୍କ ସ୍କୁଟିକୁ ବୁଧବାର ରାତିରେ କେହି ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଯାହାକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁବାର କଡ଼ା ନିଷ୍ପତ୍ତି ଗ୍ରହଣ କରିବା ସହ ବିଭିନ୍ନ ହଷ୍ଟେଲ ଉପରେ ଚଢ଼ାଉ କରିଥିଲେ। ମାଲଗୋଦାମ ପୋଲିସ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟର କୁଳସଚିବ ଅଶୋକ ଦାସ, ମୁଖ୍ୟ ୱାର୍ଡେନ ପ୍ରଫେସର ସ୍ମୃତିପ୍ରଭା ଦାସ, ବରିଷ୍ଠ ଅଧିକାରୀ ପ୍ରଫେସର ପଦନ କୁମାର ଜେନାଙ୍କ ସମେତ ଅନ୍ୟ ଅଧିକାରୀମାନେ ଇଷ୍ଟ ହଷ୍ଟେଲରେ ଚଢ଼ାଉ କରି ଜଣେ ଅଣଛାତ୍ରଙ୍କୁ ଚିହ୍ନଟ କରିଥିଲେ। ପୋଲିସ ଉକ୍ତ ଅଣଛାତ୍ରଙ୍କୁ ବୁଝାଶୁଝା କରି ଛାଡ଼ି ଦେଇଥିଲା। ତେବେ ଅଣଛାତ୍ରଙ୍କୁ ରହିବାର ସୁଯୋଗ ଦେଉଥିବା ହଷ୍ଟେଲ ଅନ୍ତେବାସୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଶ୍ୱବିଦ୍ୟାଳୟର ସମସ୍ତ ହଷ୍ଟେଲକୁ ଗୁରୁବାର ନୋଟିସ୍ ପଠାଯାଇଛି। ଅନ୍ୟପକ୍ଷରେ ୱାର୍ଡେନ ପାଢ଼ୀଙ୍କ ଗାଡ଼ିକୁ କିଏ ଭାଙ୍ଗିଛି ତାହା ସ୍ପଷ୍ଟ ହୋଇନାହିଁ। ହଷ୍ଟେଲ ସମ୍ମୁଖରେ ସିସିଟିଭି କ୍ୟାମେରା ଲାଗିଥିଲେ ମଧ୍ୟ ତାହା ଅନେକ ଦିନରୁ ଅଚଳ ହୋଇ ରହିଛି। ଶିକ୍ଷାବର୍ଷ ଆରମ୍ଭରୁ ଘଟିଥିବା ଏଭଳି ଘଟଣା ବିଶ୍ୱବିଦ୍ୟାଳୟ ପରିସରକୁ ଅଶାନ୍ତ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ୱାର୍ଡେନ ଡ. ପାଢ଼ୀ ବୁଧବାର ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ହଷ୍ଟେଲରେ ଥିଲେ। ପରେ ହଷ୍ଟେଲରୁ ଘରକୁ ଫେରୁଥିବାବେଳେ ପୁନର୍ବାର ତଦାରଖ ଉଦ୍ଦେଶ୍ୟରେ ହଷ୍ଟେଲକୁ ରାତି ପ୍ରାୟ ୧୦ଟାରେ ଯାଇଥିଲେ। ଇଷ୍ଟ ହଷ୍ଟେଲରେ ପହଞ୍ଚିବା ବେଳକୁ ଅନ୍ତେବାସୀମାନେ ହୋହଲ୍ଲା କରୁଥିବା ଦେଖିବାକୁ ପାଇଥିଲେ। ପାଢ଼ୀ ଅନ୍ତେବାସୀଙ୍କୁ ତାଗିଦ୍ କରିବା ସହ ଏପରି ଅଶାନ୍ତ ପରିବେଶ ସୃଷ୍ଟି ନ କରିବାକୁ କହିଥିଲେ। ଅନ୍ତେବାସୀମାନେ ନିଜ ରୁମକୁ ଚାଲି ଯାଇଥିଲେ। ହଷ୍ଟେଲର ତଳ ମହଲାରୁ ଉପର ମହଲାକୁ ଯାଇ ଫେରିବା ବେଳକୁ ପାଢ଼ୀ ନିଜ ଗାଡ଼ି ଭଙ୍ଗାରୁଜା ଅବସ୍ଥାରେ ହଷ୍ଟେଲ ଗେଟ ସମ୍ମୁଖରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଗୁରୁବାର ସକାଳେ ଏ ନେଇ ସେ କୁଳସଚିବ ଅଶୋକ ଦାସଙ୍କ ନିକଟରେ ଅଭିଯୋଗ କରିବା ସହ ମୁଖ୍ୟ ୱାର୍ଡେନ ପ୍ରଫେସର ସ୍ମୃତିପ୍ରଭା ଦାସଙ୍କୁ ଅବଗତ କରାଇଥିଲେ। ଅପରାହ୍ନରେ ବିଶ୍ୱବିଦ୍ୟାଳୟର ରେସିଡେନ୍ସିଆଲ କମିଟି ଓ ଶୃଙ୍ଖଳା କମିଟି ବୈଠକ ଡକାଯାଇ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ପୋଲିସ ଉପସ୍ଥିତିରେ ହଠାତ୍ ଇଷ୍ଟ ହଷ୍ଟେଲ ଉପରେ ଚଢ଼ାଉ ହୋଇଥିଲା। ପାଢ଼ୀଙ୍କ ଗାଡ଼ିକୁ କିଏ ଭାଙ୍ଗିଛି ତାହାର ତଦନ୍ତ ଜାରି ରହିଛି। ମୁଖ୍ୟ ୱାର୍ଡେନ ପ୍ରଫେସର ଦାସଙ୍କୁ ପଚାରିବାରୁ ସେ କହିଥିଲେ, ଅଣଛାତ୍ରଙ୍କୁ ରୋକିବାକୁ ସମସ୍ତ ଚେଷ୍ଟା କରାଯାଉଛି। ସେମାନଙ୍କୁ ସମର୍ଥନ କରୁଥିବା ଛାତ୍ରଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବ। ତେବେ ଗାଡ଼ି କିଏ ଭାଙ୍ଗିଛି ତାହା ଖୁବ୍‌ଶୀଘ୍ର ଜଣାପଡ଼ିବ। ସୂଚନାଥାଉ କି, ବିଶ୍ୱବିଦ୍ୟାଳୟରେ ଅନେକ ସମୟରେ ଅଣଛାତ୍ରଙ୍କ ପ୍ରବେଶ ଯୋଗୁ ଅଶାନ୍ତ ପରିବେଶ ସୃଷ୍ଟି ହେଉଛି। ବିଶ୍ୱବିଦ୍ୟାଳୟକୁ ପ୍ରବେଶରେ କଟକଣା ନ ଥିବାରୁ ଅଣଛାତ୍ରଙ୍କୁ ରୋକାଯାଇ ପାରୁନି ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।



ଜିଲାପାଳ ଛାତ୍ରୀଛାତ୍ରଙ୍କଠାରୁ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ବୁଝୁଛନ୍ତି।

### ସାଲେପୁରରେ ଜିରୋ ଫେଲ୍ ମିଶନ୍ ଯୋଜନାର ଶୁଭାରମ୍ଭ

# ଜିଲାପାଳଙ୍କ ୨ ହାଇସ୍କୁଲ ପରିଦର୍ଶନ

**ସାଲେପୁର, ୨୨।୮ (ଡି.ଏନ୍.ଏ)**

କଟକ ଜିଲାପାଳ ଭବାନୀଶଙ୍କର ଚଇନି ଗୁରୁବାର ସାଲେପୁର ବ୍ଲକ୍ ଗସ୍ତ କରି ଜିରୋ ଫେଲ୍ ମିଶନ୍ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ୨ଟି ସ୍କୁଲ ପରିଦର୍ଶନ କରିଥିଲେ। ସେ ପ୍ରଥମେ ବ୍ଲକ ଅନ୍ତର୍ଗତ ପଦ୍ମପୁର ହାଇସ୍କୁଲ୍ ପରେ ବିବେକାନନ୍ଦ ବିଦ୍ୟାପୀଠ ବହୁଗ୍ରାମ ହାଇସ୍କୁଲ୍ ପରିଦର୍ଶନ କରିଥିଲେ। ଉଭୟ ସ୍କୁଲ୍‌ର ୧୦ମ ଶ୍ରେଣୀ କକ୍ଷକୁ ଯାଇ ଛାତ୍ରୀଛାତ୍ରଙ୍କଠାରୁ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ। ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟର କୌଣସି ଛାତ୍ରୀଛାତ୍ର ଯେପରି ଫେଲ୍ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ କହିଥିଲେ। ଏନେଇ ପ୍ରତି ସପ୍ତାହରେ ସାଲେପୁର ବିଡ଼ିଓ ବହୁଗ୍ରାମ ବିଦ୍ୟାପୀଠ ଓ ସାଲେପୁର ତହସିଲ୍‌ଦାର ପଦ୍ମପୁର ହାଇସ୍କୁଲ୍‌ରେ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ସମ୍ପର୍କରେ ବୁଝିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ସ୍କୁଲ୍ ପରିଦର୍ଶନ ସାରି ଚଇନି ଶିଶୁଆ ଡାକବଙ୍ଗଳାରେ କିଛି ସମୟ ରହିଥିଲେ। ଏହି ଅବସରରେ ସେ ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଡ଼ିଓ ଏବଂ ଅନ୍ୟ ବିଭାଗ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଜିଲା ଶିକ୍ଷାଅଧିକାରୀ ନିରଞ୍ଜନ ବେହେରା, ସାଲେପୁର ବିଡ଼ିଓ କିଶୋର କୁମାର ପଣ୍ଡା, ସାଲେପୁର ତହସିଲ୍‌ଦାର ପଦ୍ମଜା ଦାଶ ଓ କନିଷ୍ଠ ଯନ୍ତ୍ରୀ ମହେନ୍ଦ୍ର କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କର ଅଧ୍ୟୟନ ଉପରେ ଶିକ୍ଷୟିତ୍ରୀ ଶିକ୍ଷକମାନେ କିପରି ଗୁରୁତ୍ୱ ଦେଉଛନ୍ତି ସେ ନେଇ ଜିଲାପାଳ ଅଧିକାରୀ ଦ୍ୱୟଙ୍କୁ ଦାୟିତ୍ୱ ଦେଇଥିବା ବିଡିଓ ପଣ୍ଡା ସୂଚନା ଦେଇଛନ୍ତି।

# ୨ ବ୍ଲକରେ ଆବାସିକ ଯୋଜନା କାର୍ଯ୍ୟାଦେଶ ବଣ୍ଟନ



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିଜିଗଡ଼ସ୍ଥିତ ଗାନ୍ଧୀ ପଡ଼ିଆରେ ଆବାସିକ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

**ତିଗିରିଆ/ନରସିଂହପୁର, ୨୨।୮(ଡି.ଏନ୍.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ଗାନ୍ଧୀ ପଡ଼ିଆରେ ଯୋଗ୍ୟ ହିତାଧିକାରୀଙ୍କୁ ଗୁରୁବାର ଆବାସିକ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥିସହ ଫନୀ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ରୁପା ଦଳେଇ ପୌରୋହିତ୍ୟ କରିଥିଲେ। ସଭାରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକର ୫୧୮ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସିକ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବାବେଳେ ୩୬୧ଜଣଙ୍କୁ ଫନୀ ସହାୟତା ରାଶିର ପ୍ରଥମ କିସ୍ତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ତହସିଲଦାର ତଥା ଭାରପ୍ରାପ୍ତ ବିଡ଼ିଓ ପରେଶ କୁମାର ନାୟକ, ଅତିରିକ୍ତ ତହସିଲଦାର ହେମନ୍ତ କୁମାର ନାୟକ, ଭାଗିରଥୀ ନନ୍ଦ ଓ ବିଜୟଲକ୍ଷ୍ମୀ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ନରସିଂହପୁର ବ୍ଲକ ଅନ୍ତର୍ଗତ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଧାୟକ ଦେବୀପ୍ରସାଦ ମିଶ୍ର ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ନରସିଂହପୁର ବିଡିଓ ପ୍ରଶାନ୍ତ କୁମାର ତରାଇ ଏଥିରେ ଅଧ୍ୟକ୍ଷତା କରି ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ନରସିଂହପୁର ବ୍ଲକ ଅନ୍ତର୍ଗତ ୧୦ ପଞ୍ଚାୟତର ୪୯୬ ଜଣ ହିତାଧିକାରୀଙ୍କୁ ଆବାସିକ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏଥିସହ ନୂତନଭାବେ ଜଳ ଅମଳ ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା। ଶେଷରେ ବିଡିଓ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ଲକସ୍ତରୀୟ କବାଡ଼ି, ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ

**ସାଲେପୁର, ୨୨।୮(ଡି.ଏନ୍.ଏ)**

ସାଲେପୁରରେ ଚାଲିଥିବା ବ୍ଲକ୍‌ସ୍ତରୀୟ ଶାରଦୀୟ କବାଡ଼ି ଓ ଖୋଖୋ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶିଶୁଆ ବ୍ୟାରେଜ୍ ପଡ଼ିଆରେ ଆୟୋଜିତ ଏହି ପ୍ରତିଯୋଗିତାରେ ଗୋପୀନାଥପୁର, ରେବା, ବହୁଗ୍ରାମ ଓ ଛାଣିପୁର ଆଦି ୪ ଜୋନ୍‌ରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀତାକୁ କ୍ରୀଡ଼ା ସମ୍ପାଦକ ତଥା ସାଲେପୁର ହାଇସ୍କୁଲ୍‌ର କ୍ରୀଡ଼ା ଶିକ୍ଷକ ପ୍ରମୋଦ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ମନୋନୀତ ହୋଇଥିବା ପ୍ରତିଯୋଗୀମାନେ ଆସନ୍ତା ଅଗଷ୍ଟ ୨୮ ଓ ୩୦ରେ ଜିଲାସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗନେବେ। ଉଦ୍‌ଯାପନୀ ଦିବସରେ ବାହାରପଡ଼ା ଉ.ପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଶତପଥୀ ପୌରୋହିତ୍ୟ କରିଥିଲେ। ଏଥିରେ ଅତିଥିଭାବେ ସାଲେପୁର ବ୍ଲକ୍ ଅତିରିକ୍ତ ଶିକ୍ଷାଅଧିକାରୀ ବିଳାସିନୀ ବାହିନୀପତି ଓ କଲ୍ୟାଣପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସମରେନ୍ଦ୍ର ପଣ୍ଡା ଯୋଗଦେଇ କ୍ରୀଡ଼ାର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

### ■ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ପାଇଁ ପ୍ରସ୍ତୁତି ବୈଠକ

# ନଭେମ୍ବର ୬ରେ ଚାଷୀ ସମାବେଶ

**ତିଗିରିଆ, ୨୨।୮ (ଡି.ଏନ୍.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ସାମାଜିକ ସାଂସ୍କୃତିକ କେନ୍ଦ୍ରରେ ନବ ନିର୍ମାଣ କୃଷକ ସଂଗଠନର ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ପକ୍ଷରୁ ଶ୍ରୀନିବାସ ନାୟକ ସଭାପତିତ୍ୱରେ କରିଥିଲେ। ବୈଠକରେ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦାବି ନେଇ ଆସନ୍ତା ନଭେମ୍ବର ୬ରେ ଭୁବନେଶ୍ୱରରେ ବିଶାଳ ଚାଷୀ ସମାବେଶ ଆୟୋଜନ କରାଯିବ ବୋଲି ଆଲୋଚନା ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥିଭାବେ ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ଯୋଗଦେଇ ଚାଷୀଙ୍କ ପୂର୍ଣ୍ଣାଙ୍ଗ ଦାବି ସଫଳ ଓ ଚାଷୀକୂଳକୁ ସ୍ୱାବଲମ୍ବୀ କରାଇବା ସଂଗଠନର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଚାଷୀଙ୍କ ଦାବି ପୂରଣ ନ ହେଲେ ସଂଗଠନର ସଦସ୍ୟମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ସଂଗଠନର ରାଜ୍ୟ ଉପଦେଷ୍ଟା ଡ. କୁଳମଣି, ସାମାଜିକ କର୍ମୀ ସରୋଜ ଦାଶ, ପୂର୍ବତନ ସରପଞ୍ଚ ଦୁଃଶାସନ ସ୍ୱାଇଁ, ସୁର ମହାରଣା ଓ ବିକ୍ରମ ଦାଶ ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ଯୋଗଦେଇଥିବା ନବ ନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା।

### ନାମଲେଖାରୁ ବଞ୍ଚିତ ହୋଇଥିଲେ ଦିବ୍ୟାଙ୍ଗ ନାବାଳିକା

# ସହାୟତାର ହାତ ବଢ଼ାଇଲେ ରାଜ୍ୟ ଆଇନସେବା ପ୍ରାଧିକରଣ ଅଧକ୍ଷ

**କଟକ ଅଫିସ, ୨୨।୮**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ମାନସ ବେହେରାଙ୍କ ଦିବ୍ୟାଙ୍ଗ ଝିଅ ଛାୟଲ ବେହେରା(୧୦)ଙ୍କ ଦିବ୍ୟାଙ୍ଗ ପ୍ରମାଣପତ୍ର ନ ଥିବାରୁ ନବୋଦୟ ବିଦ୍ୟାଳୟରେ ନାମ ଲେଖାଇବାରୁ ବଞ୍ଚିତ ହୋଇଥିଲେ। ଛାୟଲ ନାମ ଲେଖାଇବା ନିମନ୍ତେ ସବୁପ୍ରକାର ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଫଳରେ ସେ ପାଠପଢିବା ଆଶା ଆଶାରେ ହିଁ ରହିଯାଇଥିଲା। ଛାୟଲଙ୍କ ଏହି ଅବସ୍ଥା ସମ୍ପର୍କରେ ଖବରପାଇ ସହାୟତାର ହାତ ବଢାଇଥିଲେ ରାଜ୍ୟ ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ବିଚାରପତି ସଞ୍ଜୁ ପଣ୍ଡା। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଜରିଆରେ କଟକ ଜିଲାପାଳ ଏବଂ ଜିଲା ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ ଛାୟଲଙ୍କୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ଅଫିସରେ ସଦସ୍ୟ ସଚିବ ଦେବାଶିଷ ନାୟକ ଏବଂ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଉପସ୍ଥିତିରେ ଜିଲା ଚିକିତ୍ସା ଅଧିକାରୀ ଡା. ବିଭୁତି ଭୂଷଣ ନାୟକ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ଉପସଚିବ ଦୀପକ ରଞ୍ଜନ ସାହୁ ଏବଂ ସହସଚିବ ଜ୍ୟୋତି ରଞ୍ଜନ ଦାଶ ଉପସ୍ଥିତ ଥିଲେ।

# ମହାବିଦ୍ୟାଳୟରୁ ଇଭିଏମ୍, ଭିଭିପିଏଟି ସ୍ଥାନାନ୍ତର

**ଆଠଗଡ, ୨୨।୮(ସ୍ୱ.ପ୍ର.)**

୨୦୧୯ ନିର୍ବାଚନ ଲାଗି ଆଠଗଡସ୍ଥିତ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟକୁ ଆସିଥିବା ଇଭିଏମ୍ ଓ ଭିଭିପିଏଟିଗୁଡିକୁ ଗୁରୁବାର ସୁରକ୍ଷିତ ଭାବେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଉଭୟ କଲେଜ ଓ ଆଠଗଡ ପ୍ରଶାସନ କର୍ତ୍ତୃପକ୍ଷ ଆଶ୍ୱସ୍ତ ହୋଇଛନ୍ତି।

୨୦୧୯ ଲୋକସଭା ଓ ବିଧାନସଭା ନିର୍ବାଚନରେ ଆଠଗଡ(୮୯) ଓ ବଡମ୍ବା(୮୭) ଆସନ ପାଇଁ ଭୋଟ ଗ୍ରହଣ ହୋଇଥିଲା। ଏହି ୨ ଆସନର ପରିଚାଳନା କାର୍ଯ୍ୟ ଆଠଗଡର ଗୋପବନ୍ଧୁ ବିଜ୍ଞାନ କଲେଜ ପରିସରରୁ କରାଯାଇଥିଲା। ଭୋଟ ଗଣତି ଏବଂ ଫଳାଫଳ ପ୍ରକାଶ ପାଇବା ପରେ ଏଠାରେ ବ୍ୟବହୃତ ୫୪୪ ଇଭିଏମ୍ ଓ ସମାନ ସଂଖ୍ୟକ ଭିଭିପିଏଟିଗୁଡିକୁ କଟକ ଜିଲାପାଳଙ୍କ ଅଫିସକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଭୋଟ ଗ୍ରହଣ ପରେ ବ୍ୟବହାର ହୋଇ ନ ଥିବା ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଇଭିଏମ ଓ ଭିଭିପ୍ୟାଟଗୁଡିକୁ ପୋଲିସ ସୁରକ୍ଷା ବଳୟରେ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ବ୍ଲକରେ ଗଚ୍ଛିତ ରଖାଯାଇଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରୁ କୌଣସି ନିର୍ଦ୍ଦେଶ ମିଳି ନ ଥିବାରୁ ଅବ୍ୟବହୃତ ଇଭିଏମ ଓ ଭିଭିପିଏଟିଗୁଡିକୁ ଗତ ଏପ୍ରିଲରୁ ସ୍ଥାନାନ୍ତର କରାଯାଇ ପାରୁ ନ ଥିଲା। ଏନେଇ କଲେଜରେ ଶିକ୍ଷାଦାନରେ ବାଧା ଉପୁଜିବାରୁ ଆଠଗଡ ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଅମୀୟ କୁମାର ସାହୁ କଟକ ଜିଲାପାଳଙ୍କୁ ଅବଗତ କରାଇଥିଲେ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରୁ ଅବ୍ୟବହୃତ ଇଭିଏମ ଓ ଭିଭିପିଏଟିଗୁଡିକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ମିଳିବା ପରେ ସେଗୁଡିକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଗୋପବନ୍ଧୁ ବିଜ୍ଞାନ କଲେଜରେ ଉପଜିଲାପାଳଙ୍କ ଉପସ୍ଥିତିରେ ବାଣିଜ୍ୟ ବିଭାଗର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ ସିଲ୍ ଖୋଲାଯାଇ ସେଠାରେ ଗଚ୍ଛିତ ଥିବା ଇଭିଏମ ଓ ଭିଭିପିଏଟିକୁ ପୋଲିସ ସୁରକ୍ଷା ବଳୟରେ ସ୍ଥାନାନ୍ତର କରାଯାଇଥିଲା। ଏହି କାର୍ଯ୍ୟରେ ଆଠଗଡ ତହସିଲଦାର ତପନ କୁମାର ଖୁଣ୍ଟିଆଙ୍କ ସମେତ ପରେଶ କୁମାର ନାୟକ, ଅନିଲ ପଟ୍ଟନାୟକ, ରାଜକିଶୋର ଜେନା, ପ୍ରିୟବ୍ରତ ଦାସ ଓ ସୁଧାଂଶୁ ଶେଖର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟରୁ ଇଭିଏମ୍ ଓ ଭିଭିପିଏଟି ସ୍ଥାନାନ୍ତର କରାଯାଉଛି।

### ■ କୁଆଁପାଳ-ବାଲିଚନ୍ଦ୍ରପୁର ପୂର୍ତ୍ତ ରାସ୍ତା

# ନିର୍ମାଣର ୬ମାସ ନ ପୂରୁଣୁ ରାସ୍ତାରେ ଫାଟ

**ମାହାଙ୍ଗା, ୨୨।୮(ସ୍ୱ.ପ୍ର.)**

- ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ
- ୬ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା

ମାହାଙ୍ଗା ପୂର୍ତ୍ତବିଭାଗ ଅଧୀନ କୁଆଁପାଳ-ବାଲିଚନ୍ଦ୍ରପୁର ପୂର୍ତ୍ତ ରାସ୍ତା ନିର୍ମାଣ ହେବାର ୬ ମାସ ନ ପୂରୁଣୁ ଫାଟି ଆଁ କରିଛି । ଫଳରେ ରାସ୍ତା ଉପରେ ନିର୍ଭର କରୁଥିବା ଜନସାଧାରଣ ଓ ଯାନବାହନ ଚଳାଚଳରେ ବିପଦ ସୃଷ୍ଟି ହୋଇଛି। ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରି ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।

ପ୍ରକାଶ ଯେ, ଗତ ୬ ମାସ ତଳେ ୬ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ୭ କିଲୋମିଟର ଲମ୍ବର ରାସ୍ତାର ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲା। ନିର୍ମାଣ ସମୟରେ ବାଲିଚନ୍ଦ୍ରପୁର ଜଳସମ୍ପଦ ବିଭାଗ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ କେନାଲ ବନ୍ଧର କୁସୁପୁରଠାରେ ୨୦୦ ମିଟରରୁ ଊର୍ଦ୍ଧ୍ୱ ରାସ୍ତାକୁ ବେଆଇନଭାବେ ଖନନ କରାଯାଇଥିଲା ବୋଲି ସେତେବେଳେ ଅଭିଯୋଗ ହୋଇଥିଲା। ଏନେଇ ପୂର୍ତ୍ତବିଭାଗ ପକ୍ଷରୁ ଜଳସମ୍ପଦ ବିଭାଗର ଅନୁମତି ନିଆଯାଇ ନଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏଭଳି ଖନନ ଦ୍ୱାରା ବନ୍ଧ ଦୁର୍ବଳ ହେବା ସହ ରାସ୍ତାରେ ଫାଟ ପଡିବାର ଆଶଙ୍କା ରହିଥିବା ନେଇ ସେତେବେଳେ ମତପ୍ରକାଶ ପାଇଥିଲା। ଏନେଇ ଜଳସମ୍ପଦ ବିଭାଗ ପକ୍ଷରୁ ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ନାମରେ ମାହାଙ୍ଗା ଥାନାରେ ଅଭିଯୋଗ ହୋଇଥିଲା । ଏହାପରେ ପୂର୍ତ୍ତବିଭାଗ ପକ୍ଷରୁ ଅତି ତରବରିଆଭାବେ ଖନନ ହୋଇଥିବା ସ୍ଥାନକୁ ପୋତି ଦିଆଯାଇଥିଲା । ଫଳରେ ଏହି ସ୍ଥାନ ଏବେ ଧସେଇ ଦବି ଯାଇଛି। ଏଥିସହ ଏହାକୁ ଲାଗି ଥିବା ପିଚୁରାସ୍ତାଟି ମଧ୍ୟ ଫାଟି ଆଁ କରିଛି ।

ଏହି ରାସ୍ତାଟି ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଲଳିତଗିରି, ଉଦୟଗିରି, ରତ୍ନଗିରି ସମେତ ଛତିଆବଟ ଏବଂ ଓଲାଶୁଣି ପୀଠକୁ ସିଧାସଳଖ ସଂଯୋଗ କରୁଛି। ପ୍ରତ୍ୟହ ବହୁ ସଂଖ୍ୟକ ପର୍ଯ୍ୟଟକ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି । ସେହିପରି ଉକ୍ତ ରାସ୍ତାଟି କଟକ-ଯାଜପୁର ଜିଲାକୁ ସଂଯୋଗ କରୁଥିବାବେଳେ ଏହା ଉପରେ ମାହାଙ୍ଗା, ସାଲେପୁର, ବଡଚଣା, ଡେରାବିଶ, ନିଶ୍ଚିନ୍ତକୋଇଲି ଓ କେନ୍ଦ୍ରପଡା ଆଦି ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ଏପରିକି ବହୁ ଭାରୀଯାନ ଗାଡି ଯାଜପୁର ଅଞ୍ଚଳରୁ ପଥର ସାମଗ୍ରୀନେଇ ବିଭିନ୍ନ ଅଞ୍ଚଳକୁ ଏହି ରାସ୍ତାଦେଇ ଯାତାୟାତ କରିଥାନ୍ତି । ରାସ୍ତାଟି ଏବେ ଫାଟି ଯାଇଥିବାରୁ ଏହି ବାଟଦେଇ ଯାତାୟାତ ଓ ଗାଡି ଚଳାଚଳ ବିପଦପୂର୍ଣ୍ଣ ହୋଇଯାଇଛି। ରାସ୍ତାରେ ଫାଟ ଯୋଗୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣାମାନ ଘଟୁଛି । ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଏ ସମ୍ପର୍କରେ ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ଦାସ କହିଛନ୍ତି, ସମସ୍ୟାର ତୁରନ୍ତ ସମାଧାନ କରିବା ଲାଗି ରାସ୍ତା କାମ କରିଥିବା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯିବ।



କୁଆଁପାଳ-ବାଲିଚନ୍ଦ୍ରପୁର ପୂର୍ତ୍ତ ରାସ୍ତାରେ ସୃଷ୍ଟି ହୋଇଥିବା ଫାଟ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୩ ଅଗଷ୍ଟ, ୨୦୧୯



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ପୃଥକ୍ ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

**ନରାଜ/ବାରଙ୍ଗ,୨୨।୮(ଡି.ଏନ୍.ଏ.):** ପୃଥକ ପୃଥକ ସଡ଼କ ଦୁର୍ଘଟଣାରେ ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତା ମହିଳା ହେଲେ ବାଙ୍କୀ ଥାନା ଅନ୍ତର୍ଗତ ବାଆଁରା ଗ୍ରାମର କଲ୍ୟାଣୀ ପ୍ରଧାନ। ଗୁରୁତର ୩ଜଣଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବାଆଁରା ଗ୍ରାମର ସଦାନନ୍ଦ ପ୍ରଧାନ, ତାଙ୍କ ସ୍ତ୍ରୀ କଲ୍ୟାଣୀ ଓ ଦୁଇ ପିଲା ଏକ ବାଇକ୍(ଓଆର ୦୫ ଏଆର ୯୮୯୧)ରେ କଟକ ଅଭିମୁଖେ ଯାଉଥିଲେ। ପାଟପୁର ଛକ ନିକଟରେ ତାଙ୍କ ଆଗରେ ଯାଉଥିବା ଏକ ଟାଟା ଏସିଇ ସହିତ ଧକ୍କା ହୋଇଥିଲା। ଫଳରେ ତାଙ୍କ ସ୍ତ୍ରୀ କଲ୍ୟାଣୀ ଗାଡିରୁ ତଳେ ପଡ଼ିଯାଇଥିଲେ। ଏହି ସମୟରେ ପଛ ପଟୁ ଆସୁଥିବା ଏକ ମିନି ଟ୍ରକ୍(ଓଡି ୦୫ ଟି ୦୭୭୯) ଚକା କଲ୍ୟାଣୀଙ୍କ ଗୋଡ ଉପରେ ଚଢ଼ିଯିବା ସହ କିଛି ବାଟ ତାଙ୍କୁ ଘୋଷାଡି ନେଇଥିଲା। ସ୍ଥାନୀୟ ଲୋକ ଓ ପୋଲିସ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମିନିଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ବାରଙ୍ଗ ପୋଲିସ ଗାଡିକୁ ଜବତ କରିଛି। ସେହିପରି ଇନ୍ଦୁମତି ପାଟଣାର ଜଣେ ଏକ ବାଇକ୍‌ରେ କଟକ ପଟୁ ବାଙ୍କୀ ଅଭିମୁଖେ ଯାଉଥିବାବେଳେ ବିପରୀତ ପଟୁ ଆସୁଥିବା ଏକ ବାଇକ୍‌ରେ ନରାଜ ଗ୍ରାମର ଦୁଇ ଯୁବକଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତରଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସ୍ଥାନୀୟ ଲୋକ ଓ ପୋଲିସ ପହଞ୍ଚି ସେମାନଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ପଠାଇଥିଲେ। କଇଁମୁଣ୍ଡି ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

### ଏନ୍‌ବିଡବ୍ଲ୍ୟୁ ବଳରେ ୨ ଗିରଫ

**ଖୁଣ୍ଟୁଣୀ,୨୨।୮(ଡି.ଏନ୍.ଏ.):** ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ବଳରେ ଖୁଣ୍ଟୁଣୀ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ମହାକାଳବସ୍ତ ଗ୍ରାମର ରଞ୍ଜନ ବେହେରା ଓ କଣ୍ଡରେଇ ପଞ୍ଚାୟତର ସତ୍ୟତାରାୟଣପୁର ଗ୍ରାମର ଗଣେଶ ଦାସ। ପୋଲିସ ସୂଚନା ଅନୁଯାୟୀ, ୨୦୦୯ ଓ ୨୦୧୫ ମସିହାରେ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଏହି ଦୁଇ ଅଭିଯୁକ୍ତ ସମନ ପାଇ ମଧ କୋର୍ଟରେ ହାଜର ନ ହୋଇ ଆତ୍ମଗୋପନ କରିଥିଲେ। ପରେ ଏମାନଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ଏହି ଦୁଇ ଅଭିଯୁକ୍ତ ତାଙ୍କ ଘରେ ଥିବା ସୂଚନା ପାଇ ବୁଧବାର ରାତିରେ ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ ଓ ଏଏସ୍‌ଆଇ ଦେବେନ୍ଦ୍ର ବେହେରା ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ।

### ଜିଲା ଜଜ୍ ବାଳକୃଷ୍ଣ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ, ୨୨।୮:** କଟକ ଜିଲା ଓ ଦୌରାଜଜ୍ ବାଳକୃଷ୍ଣ ମହାପାତ୍ରଙ୍କୁ ରାଜ୍ୟ ସୂଚନା ଅଧିକାର ଆୟୁକ୍ତ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ପବ୍ଲିକ୍ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପବ୍ଲିକ୍ ପ୍ରସିକ୍ୟୁଟର କ୍ଷେତ୍ରମୋହନ ବେହେରା, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ବିଭୁ ପ୍ରସାଦ ପଣ୍ଡା, ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ବେଣୁଧର ବସ୍ତିଆ, ତପନ ମଣ୍ଡଳ, ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ବିକ୍ରମ କେଶରୀ ରାଜ୍‌ଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### ଶ୍ରମିକ ନେତାଙ୍କ ମାତୃ ବିୟୋଗ

**ଟାଙ୍ଗୀ(କଟକ),୨୨।୮(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ଶ୍ରମିକ ନେତା, ଆଇନଜୀବୀ ତଥା ବ୍ଲକ ବିଜେଡି କର୍ମୀ ଚିତ୍ତରଞ୍ଜନ ସାମଲଙ୍କ ମା' ଶଶୀମଣି ସାମଲ(୭୭)ଙ୍କ ବୁଧବାର ପରଲୋକ ଘଟିଛି। ଶଶୀମଣି ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ କଟକର ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ସରପଞ୍ଚ ବିରଜା ପ୍ରସାଦ ରାଉତ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶଶୀମଣିଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ହଷ୍ଟେଲରେ ଅଣଛାତ୍ର, ୱାର୍ଡେନଙ୍କ ଗାଡ଼ି ଭାଙ୍ଗିଲା

**ରେଭେନ୍‌ସା ବିଶ୍ୱବିଦ୍ୟାଳୟ**



■କଡ଼ା ନିଷ୍ପତ୍ତି ନେଲେ କର୍ତ୍ତୃପକ୍ଷ
■ବିଭିନ୍ନ ହଷ୍ଟେଲରେ ଚଢ଼ାଉ

କଟକ ଅଫିସ,୨୨।୮

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲର ୱାର୍ଡେନ ଡ. ପୂର୍ଣ୍ଣେନ୍ଦୁ ପାଢ଼ୀଙ୍କ ସ୍କୁଟିକୁ ବୁଧବାର ରାତିରେ କେହି ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଯାହାକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁବାର କଡ଼ା ନିଷ୍ପତ୍ତି ଗ୍ରହଣ କରିବା ସହ ବିଭିନ୍ନ ହଷ୍ଟେଲ ଉପରେ ଚଢ଼ାଉ କରିଥିଲେ। ମାଲଗୋଦାମ ପୋଲିସ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟର କୁଳସଚିବ ଅଶୋକ ଦାସ, ମୁଖ୍ୟ ୱାର୍ଡେନ ପ୍ରଫେସର ସ୍ମୃତିପ୍ରଭା ଦାସ, ବରିଷ୍ଠ ଅଧିକାରୀ ପ୍ରଫେସର ପଦନ କୁମାର ଜେନାଙ୍କ ସମେତ ଅନ୍ୟ ଅଧିକାରୀମାନେ ଇଷ୍ଟ ହଷ୍ଟେଲରେ ଚଢ଼ାଉ କରି ଜଣେ ଅଣଛାତ୍ରଙ୍କୁ ଚିହ୍ନଟ କରିଥିଲେ। ପୋଲିସ ଉକ୍ତ ଅଣଛାତ୍ରଙ୍କୁ ବୁଝାଶୁଝା କରି ଛାଡ଼ି ଦେଇଥିଲା। ତେବେ ଅଣଛାତ୍ରଙ୍କୁ ରହିବାର ସୁଯୋଗ ଦେଉଥିବା ହଷ୍ଟେଲ ଅନ୍ତେବାସୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଶ୍ୱବିଦ୍ୟାଳୟର ସମସ୍ତ ହଷ୍ଟେଲକୁ ଗୁରୁବାର ନୋଟିସ୍ ପଠାଯାଇଛି। ଅନ୍ୟପକ୍ଷରେ ୱାର୍ଡେନ ପାଢ଼ୀଙ୍କ ଗାଡ଼ିକୁ କିଏ ଭାଙ୍ଗିଛି ତାହା ସ୍ପଷ୍ଟ ହୋଇନାହିଁ। ହଷ୍ଟେଲ ସମ୍ମୁଖରେ ସିସିଟିଭି କ୍ୟାମେରା ଲାଗିଥିଲେ ମଧ ତାହା ଅନେକ ଦିନରୁ ଅଚଳ ହୋଇ ରହିଛି। ଶିକ୍ଷାବର୍ଷ ଆରମ୍ଭରୁ ଘଟିଥିବା ଏଭଳି ଘଟଣା ବିଶ୍ୱବିଦ୍ୟାଳୟ ପରିସରକୁ ଅଶାନ୍ତ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ୱାର୍ଡେନ ଡ. ପାଢ଼ୀ ବୁଧବାର ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ହଷ୍ଟେଲରେ ଥିଲେ। ପରେ ହଷ୍ଟେଲରୁ ଘରକୁ ଫେରୁଥିବାବେଳେ ପୁନର୍ବାର ତଦାରଖ ଉଦ୍ଦେଶ୍ୟରେ ହଷ୍ଟେଲକୁ ରାତି ପ୍ରାୟ ୧୦ଟାରେ ଯାଇଥିଲେ। ଇଷ୍ଟ ହଷ୍ଟେଲରେ ପହଞ୍ଚିବା ବେଳକୁ ଅନ୍ତେବାସୀମାନେ ହୋହାଲ୍ଲା କରୁଥିବା ଦେଖିବାକୁ ପାଇଥିଲେ। ପାଢ଼ୀ ଅନ୍ତେବାସୀଙ୍କୁ ତାଗିଦ୍ କରିବା ସହ ଏପରି ଅଶାନ୍ତ ପରିବେଶ ସୃଷ୍ଟି ନ କରିବାକୁ କହିଥିଲେ। ଅନ୍ତେବାସୀମାନେ ନିଜ ରୁମକୁ ଚାଲି ଯାଇଥିଲେ। ହଷ୍ଟେଲର ତଳ ମହଲାରୁ ଉପର ମହଲାକୁ ଯାଇ ଫେରିବା ବେଳକୁ ପାଢ଼ୀ ନିଜ ଗାଡ଼ି ଭଙ୍ଗାରୁଜା ଅବସ୍ଥାରେ ହଷ୍ଟେଲ ଗେଟ ସମ୍ମୁଖରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଗୁରୁବାର ସକାଳେ ଏ ନେଇ ସେ କୁଳସଚିବ ଅଶୋକ ଦାସଙ୍କ ନିକଟରେ ଅଭିଯୋଗ କରିବା ସହ ମୁଖ୍ୟ ୱାର୍ଡେନ ପ୍ରଫେସର ସ୍ମୃତିପ୍ରଭା ଦାସଙ୍କୁ ଅବଗତ କରାଇଥିଲେ। ଅପରାହ୍ନରେ ବିଶ୍ୱବିଦ୍ୟାଳୟର ରେସିଡେନ୍ସିଆଲ କମିଟି ଓ ଶୃଙ୍ଖଳା କମିଟି ବୈଠକ ଡକାଯାଇ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ପୋଲିସ ଉପସ୍ଥିତିରେ ହଠାତ୍ ଇଷ୍ଟ ହଷ୍ଟେଲ ଉପରେ ଚଢ଼ାଉ ହୋଇଥିଲା। ପାଢ଼ୀଙ୍କ ଗାଡ଼ିକୁ କିଏ ଭାଙ୍ଗିଛି ତାହାର ତଦନ୍ତ ଜାରି ରହିଛି। ମୁଖ୍ୟ ୱାର୍ଡେନ ପ୍ରଫେସର ଦାସଙ୍କୁ ପଚାରିବାରୁ ସେ କହିଥିଲେ, ଅଣଛାତ୍ରଙ୍କୁ ରୋକିବାକୁ ସମସ୍ତ ଚେଷ୍ଟା କରାଯାଉଛି। ସେମାନଙ୍କୁ ସମର୍ଥନ କରୁଥିବା ଛାତ୍ରଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବ। ତେବେ ଗାଡ଼ି କିଏ ଭାଙ୍ଗିଛି ତାହା ଖୁବ୍‌ଶୀଘ୍ର ଜଣାପଡ଼ିବ। ସୂଚନାଥାଉ କି, ବିଶ୍ୱବିଦ୍ୟାଳୟରେ ଅନେକ ସମୟରେ ଅଣଛାତ୍ରଙ୍କ ପ୍ରବେଶ ଯୋଗୁ ଅଶାନ୍ତ ପରିବେଶ ସୃଷ୍ଟି ହେଉଛି। ବିଶ୍ୱବିଦ୍ୟାଳୟକୁ ପ୍ରବେଶରେ କଟକଣା ନ ଥିବାରୁ ଅଣଛାତ୍ରଙ୍କୁ ରୋକାଯାଇ ପାରୁନି ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।

# ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ୍ ଦଣ୍ଡ

**ଶିଶୁକନ୍ୟାକୁ ଯୌନ ନିର୍ଯାତନା ମାମଲା**

କଟକ ଅଫିସ, ୨୨।୮

ଜଣୈକା ୪ବର୍ଷୀୟା ଶିଶୁକନ୍ୟାକୁ ଯୌନ ନିର୍ଯାତନା ଦିଆଯିବା ମାମଲାରେ କଟକ ପୋକ୍ସୋ ଅଦାଲତଙ୍କ ବିଚାରପତି ବନ୍ଦନା କର ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। କଟକ ସୂତାହାଟ ଅଞ୍ଚଳର ଅଭିଯୁକ୍ତ କେ. ଲଛନାଙ୍କୁ ଆଇପିସି ଧାରା ୩୬୩ ଅନୁଯାୟୀ ୭ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲ୍ ଭୋଗିବାକୁ ପଡିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ସେହିପରି ପୋକ୍ସୋ ଆଇନ୍ ଧାରା ୬ ଅନୁଯାୟୀ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ କରାଯାଇଛି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ତେବେ ଉଭୟ ଦଣ୍ଡ ଅଭିଯୁକ୍ତ ଏକା ସଙ୍ଗରେ ଭୋଗିବେ ବୋଲି ବିଚାରପତି ସ୍ପଷ୍ଟ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରିଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୭ ଜୁଲାଇ ୧ ରାତିରେ ଏହି ଶିଶୁଙ୍କ ମାତାପିତା ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ଏହି ସମୟରେ ଘରେ ତାଙ୍କର ୮ ବର୍ଷର ପୁଅ ଓ ୪ ବର୍ଷର ଝିଅ ଥିଲେ। ତେବେ ରାତି ୮ଟାରେ ଝିଅାରୀକୁ ଘରେ ନ ପାଇ ତାଙ୍କ ପିୟୁଷୀ ଖୋଜାଖୋଜି କରିଥିଲେ। ପରେ ପଡ଼ୋଶୀ ଲଛନାଙ୍କ ଘର ବାହାରେ ଝିଆରୀର ଚପଲ ଦେଖିବାକୁ ପାଇଥିଲେ। ଏହାପରେ ଲଛନାଙ୍କ ଘରର କବାଟ ବାଡ଼େଇବାରୁ ସେ କବାଟ ଖୋଲି ପଦାକୁ ଆସିଥିଲେ। ଏ ସମ୍ପର୍କରେ ପିୟୁଷୀ ପଚାରିବାରୁ ଝିଆରୀ ତାଙ୍କ ଘରେ ନ ଥିବା ଲଛନା କହିଥିଲେ। ମାତ୍ର ପିୟୁଷି ତାଙ୍କ ଘରେ ପଶି ଦେଖିବାବେଳକୁ ଝିଆରୀ ଏକ ଖଟରେ ଉଲଗ୍ନ ଅବସ୍ଥାରେ ଶୋଇଛି ଓ ତାଙ୍କ ଉପରେ ବେଡ୍‌ସିଟ୍‌ରେ ଘୋଡ଼ାଇ ଦିଆଯାଇଛି। ପରେ ପିୟୁଷୀ ନିଜ ଝିଆରୀଙ୍କୁ ନେଇ ସେଠାରୁ ପଳାଇ ଆସିଥିଲେ। ଏହି ଘଟଣା ସମ୍ପର୍କରେ ପ୍ରକାଶ କଲେ ପିୟୁଷୀଙ୍କୁ ବଳାତ୍କାର କରିବେ ବୋଲି ଲଛନା ଧମକ ଦେଇଥିଲେ। ଏ ନେଇ ପୀଡିତାଙ୍କ ମାଆ କ୍ୟାଣ୍ଟେନମେଣ୍ଟସ୍ଥିତ ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବିଚାରପତି ସମସ୍ତ ସାକ୍ଷୀ ପ୍ରମାଣକୁ ବିଚାରକୁ ନେଇ ଲଛନାଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି।

# କଟକ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ବିଭିନ୍ନ ଦାବି ନେଇ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

କଟକ ଅଫିସ,୨୨।୮

ବିଭିନ୍ନ ଦାବି ନେଇ ସେଣ୍ଟର ଅଫ ଇଣ୍ଡିଆନ ଟ୍ରେଡ୍ ୟୁନିଅନ (ସିଆଇଟିୟୁ) ପକ୍ଷରୁ ଗୁରୁବାର କଟକ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପଞ୍ଚମୁଖୀ ହନୁମାନ ମନ୍ଦିର ପାଖରୁ ଏକ ପଟୁଆର ବାହାରି ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ପରେ ବିଭିନ୍ନ ଦାବିରେ ସଙ୍ଗଠନର କର୍ମକର୍ତ୍ତା ପ୍ରତିବାଦ ଜଣାଇଥିଲେ। ନିର୍ମାଣ ଶ୍ରମିକମାନଙ୍କର ପଞ୍ଜୀକରଣ, ସର୍ବନିମ୍ନ ମାସିକ ମଜୁରି ୨୦,୦୦୦ ଟଙ୍କା ପ୍ରଦାନ, ସମସ୍ତ ପୁରୁଷ ଶ୍ରମିକଙ୍କୁ ୬୦ ବର୍ଷ ଓ ମହିଳା ଶ୍ରମିକଙ୍କୁ ୫୫ ବର୍ଷ ବୟସରେ ମାସିକ ୬୦୦୦ ଟଙ୍କା ପେନସନ ଦେବା ଭଳି ୨୩ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶ୍ରମ ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଏଥିରେ ସଙ୍ଗଠନର ରାଜ୍ୟ ସମ୍ପାଦକ ବିଷ୍ଣୁ ମହାନ୍ତି, ଜିଲା ସଭାପତି ରବି ନାରାୟଣ ମଲ୍ଲିକ, ସମ୍ପାଦକ ଅଭୟ ସ୍ୱାଇଁ, ପୀତାମ୍ବର ଲେଙ୍କା, ଭଞ୍ଜ କିଶୋର ବେହେରା, ପର୍ଶୁରାମ ମହାରଣା, ଶ୍ରୀଧର ମହାରଣା, ମହେଶ୍ୱର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଉକ୍ତ ଦାବି ପୂରଣ ନ ହେଲେ ଆସନ୍ତା ସେପ୍ଟେମ୍ବର ୨୩ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିକ୍ଷୋଭ ସମାବେଶ କରାଯିବ ବୋଲି ସମ୍ପାଦକ ଅଭୟ ସ୍ୱାଇଁ ସୂଚନା ଦେଇଛନ୍ତି।

**ନାମଲେଖାରୁ ବଞ୍ଚିତ ହୋଇଥିଲେ ଦିବ୍ୟାଙ୍ଗ ନାବାଳିକା**

## ସହାୟତାର ହାତ ବଢ଼ାଇଲେ ରାଜ୍ୟ ଆଇନସେବା ପ୍ରାଧିକରଣ ଅଧକ୍ଷା

କଟକ ଅଫିସ, ୨୨।୮

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ମାନସ ବେହେରାଙ୍କ ଦିବ୍ୟାଙ୍ଗ ଝିଅ ଛାୟଲ ବେହେରା(୧୦)ଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ନ ଥିବାରୁ ନବୋଦୟ ବିଦ୍ୟାଳୟରେ ନାମ ଲେଖାଇବାରୁ ବଞ୍ଚିତ ହୋଇଥିଲେ। ଛାୟଲ ନାମ ଲେଖାଇବା ନିମନ୍ତେ ସବୁପ୍ରକାର ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ଫଳରେ ସେ ପାଠପଢିବା ଆଶା ଆଶାରେ ହିଁ ରହିଯାଇଥିଲା। ଛାୟଲଙ୍କ ଏହି ଅବସ୍ଥା ସମ୍ପର୍କରେ ଖବରପାଇ ସହାୟତାର ହାତ ବଢାଇଥିଲେ ରାଜ୍ୟ ଆଇନ ସେବା ପ୍ରାଧିକରଣର ଅଧକ୍ଷା ତଥା ବିଚାରପତି ସଞ୍ଜୁ ପଣ୍ଡା। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଜରିଆରେ କଟକ ଜିଲାପାଳ ଏବଂ ଜିଲା ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ ଛାୟଲଙ୍କୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ଅଫିସରେ ସଦସ୍ୟ ସଚିବ ଦେବାଶିଷ ନାୟକ ଏବଂ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଉପସ୍ଥିତିରେ ଜିଲା ଚିକିତ୍ସା ଅଧିକାରୀ ଡା. ବିଭୁତି ଭୂଷଣ ନାୟକ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ଉପସଚିବ ଦୀପକ ରଞ୍ଜନ ସାହୁ ଏବଂ ସହସଚିବ ଜ୍ୟୋତି ରଞ୍ଜନ ଦାଶ ଉପସ୍ଥିତ ଥିଲେ।

# ଆମ ଗାଁ ତଅପୋଇ କାର୍ଯ୍ୟକ୍ରମ

କଟକ ଅଫିସ, ୨୨।୮

ଚାଳିଆଗଞ୍ଜସ୍ଥିତ କୁଞ୍ଜବିହାରୀ ମଠ ପରିସରରେ ଉତ୍କଳ ପ୍ରେରଣା ପକ୍ଷରୁ ଗୁରୁବାର ଆମ ଗାଁ ତଅପୋଇ ସିଜିନ ଟୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗୀତାରେ ଚାଉଳିଆଗଞ୍ଜ ଓ କଲେଜଛକର ସମସ୍ତ ଖୁଦୁରୁକୁଣୀ ପୂଜା ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ତିନୋଟି ପର୍ଯ୍ୟାୟରୁ ଦୁଇଟି ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୬ଟି ପୂଜା ମଣ୍ଡଳି ଉତ୍ତୀର୍ଣ୍ଣ ହୋଇଥିଲେ। ଶେଷ ପର୍ଯ୍ୟାୟ ପ୍ରତିଯୋଗୀତା ସେପ୍ଟେମ୍ବର ୭ରେ ଅନୁଷ୍ଠିତ ହେବ। ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପୂଜା ମଣ୍ଡଳିକୁ ପୁରସ୍କୃତ କରାଯିବ।

# କୁକୁଡ଼ା ଫାର୍ମରେ ଚାଲିଛି ବେସରକାରୀ ବିଦ୍ୟାଳୟ



**ଟାଙ୍ଗୀ(କଟକ),୨୨।୮(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ କଡେଇ ଗ୍ରାମରେ ଥିବା ଏକ ପରିତ୍ୟକ୍ତ କୁକୁଡା ଫାର୍ମରେ ଚାଲିଛି ଏକ ବେସରକାରୀ ପ୍ରାଥମିକ ବିଦ୍ୟାଳୟ। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢିଥାନ୍ତି। ଏ ସମ୍ପର୍କରେ କୌଣସି ତଥ୍ୟ ବିଇଓ କିମ୍ବା ସ୍ଥାନୀୟ ସିଆରସିସିଙ୍କ ନିକଟରେ ନ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, କଡେଇ ଗ୍ରାମରେ ଥିବା ପ୍ରଶାନ୍ତି ସାଇ ବିଦ୍ୟାମନ୍ଦିର ନାମରେ ଏକ ବେସରକାରୀ ପ୍ରାଥମିକ ବିଦ୍ୟାଳୟ କୁକୁଡା ଫାର୍ମରେ ଚାଲିଛି। ଏହି ବିଦ୍ୟାଳୟ କାନ୍ଥର ଉଚ୍ଚତା ପ୍ରାୟ ୬ଫୁଟ ହୋଇଥିବା ବେଳେ ଆଜବେଷ୍ଟସ ଘରେ ପାଠ ପଢାଯାଉଛି। ଦିନରେ ଗରମରେ ଉକ୍ତ କୋଠରିରେ ବସିବା କଷ୍ଟକର ହେଉଥିବାବେଳେ ଛାତ୍ରୀଛାତ୍ରମାନେ କିପରି ପାଠ ପଢୁଛନ୍ତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ସିଆରସିସି ସମରେନ୍ଦ୍ର ଷଡ଼ଙ୍ଗୀ କୁହନ୍ତି, ବିଦ୍ୟାଳୟ ଖୋଲିବା ନିମନ୍ତେ ସ୍ଥାନୀୟ ଶିକ୍ଷା ବିଭାଗ କୌଣସି ଅନୁମତି ଦେଇନାହିଁ। ଅନ୍ୟପକ୍ଷରେ ଏ ନେଇ ବିଦ୍ୟାଳୟ ପରିଚାଳିକା କୁହନ୍ତି, ଏହି ବିଦ୍ୟାଳୟ ଜଗତପୁର ସାତବାଟିଆସ୍ଥିତ ପ୍ରଶାନ୍ତି ସାଇ ବିଦ୍ୟା ମନ୍ଦିରର ଶାଖା। ଏଣୁ ସରକାରୀ ଅନୁମତିର ଆବଶ୍ୟକ ନାହିଁ। ଭଲ ଘର ମିଳିଲେ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବ।

# ଦୁଇ ଯୋଜନାର ସମୀକ୍ଷା କଲେ କେନ୍ଦ୍ରୀୟ କୃଷି ଟିମ

କଟକ ସଦର,୨୨।୮(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ବିରିବାଟୀରେ ଗୁରୁବାର କେନ୍ଦ୍ରୀୟ କୃଷି ଟିମ ପହଞ୍ଚି ପିଏମ୍ କିଷାନ ଓ କାଳିଆ ଯୋଜନାର ସମୀକ୍ଷା କରିଥିଲେ। ଆର୍ସି ଆଦିଲଙ୍କ ନେତୃତ୍ୱରେ ଏହି ଟିମ୍ ଏହି ଦୁଇ ଯୋଜନାରେ ଆର୍ଥିକ ସହାୟତା ପାଇଥିବା ଚାଷୀଙ୍କ ସହ ଆଲୋଚନା କରିଥିଲେ। ସହାୟତା ରାଶିକୁ ଚାଷୀମାନେ କିଭଳି ସହ ଉପଯୋଗ କରିଛନ୍ତି, ଏ ନେଇ ମଧ ଅନୁଧାନ କରିଥିଲେ। ଏହି ଆଲୋଚନା ବେଳେ ଚାଷୀଙ୍କ ପକ୍ଷରୁ ୩ଟି ପ୍ରସ୍ତାବ ଦିଆଯାଇଥିଲା। ଖରିଫ ଓ ରବିଋତୁ ଆରମ୍ଭର ଠିକ୍ ପୂର୍ବରୁ ପିଏମ୍ କିଷାନ ଓ କାଳିଆ କିସ୍ତି ଟଙ୍କା ପ୍ରଦାନ କରିବା, ଉତ୍ପାଦିତ ଦ୍ରବ୍ୟର ସହାୟକ ମୂଲ୍ୟ ପ୍ରଦାନ ଓ କୃଷିଜାତ ଦ୍ରବ୍ୟର ମହଜୁଦ ପାଇଁ ଶୀତଳ ଭଣ୍ଡାର ନିର୍ମାଣ। ଏହି ଟିମ ସହିତ କଟକ ଜିଲା କୃଷି ଅଧିକାରୀ ଶଙ୍କର୍ଷଣ ସାହୁ, ନୋଡାଲ ଅଫିସର ରମେଶ ଚନ୍ଦ୍ର ନନ୍ଦ, ମନୋଜ କୁମାର ଚୌଧୁରୀ, ନିମେଇସାପୁର ସରପଞ୍ଚ ତ୍ରିଲୋଚନ ସ୍ୱାଇଁ ଓ ଆତ୍ମାର ସଭାପତି ସମର ବେହେରା ସାମିଲ ଥିଲେ।

# ଆହତ ଖବରକାଗଜ ବିକ୍ରେତାଙ୍କୁ ଭେଟିଲେ ସଂଘ କର୍ମକର୍ତ୍ତା



ଆହତ ଖବରକାଗଜ ବିକ୍ରେତାଙ୍କୁ ସଂଘର କର୍ମକର୍ତ୍ତାମାନେ ଭେଟୁଛନ୍ତି।

କଟକ ଅଫିସ, ୨୨।୮

ସମ୍ବାଦପତ୍ର ବିକ୍ରେତା ସଂଘ ଗୁରୁବାର ସଡ଼କ ଦୁର୍ଘଟଣାରେ ଆହତ ଖବରକାଗଜ ବିକ୍ରେତା ଲୋକନାଥ ସାହୁଙ୍କୁ ଭେଟିଛି। ବିକ୍ରେତା ସଂଘର କର୍ମକର୍ତ୍ତାମାନେ ଲୋକନାଥଙ୍କ ଚିକିତ୍ସା ପାଇଁ ୨୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ସମୟରେ ସଂଘ ସଭାପତି ବିଜୟ କୁମାର ପଢିଆରୀ, ଉପସଭାପତି ସିନୁ ରେଡି, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ ଓ ପ୍ରଭାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୩ମାସ ପରେ ବି ଦେଉନାହାନ୍ତି କ୍ଷତିପୂରଣ

**ଅଦାଲତଙ୍କ ଆଦେଶକୁ କମ୍ପାନୀର ବେଖାତିର**

କଟକ ଅଫିସ, ୨୨।୮

ବୀମା କମ୍ପାନୀଗୁଡ଼ିକର ମନମାନି ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ପୀଡ଼ିତ ଓ ସେମାନଙ୍କ ପରିବାର ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି ଅଦାଲତ ଆଦେଶ ଦେଉଥିଲେ ମଧ ଏହି ବୀମା କମ୍ପାନୀଗୁଡିକ ବିଭିନ୍ନ ଆଳ ଦେଖାଇ କ୍ଷତିପୂରଣ ଟଙ୍କା ଦେବାକୁ ବିଳମ୍ବ କରୁଛନ୍ତି। ଗୋଟିଏ ପଟେ ଆବେଦନକାରୀ ଅର୍ଥାଭାବ ଯୋଗୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଅନ୍ୟପଟରେ ବୀମା କମ୍ପାନୀ ଖୁଲମଖୁଲା ଅଦାଲତଙ୍କ ଆଦେଶକୁ ଅବମାନନା କରିଚାଲୁଛନ୍ତି। ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ସଡ଼କ ଦୁର୍ଘଟଣାର ଶିକାର ହୋଇ ମାନସିକ ବିକାରଗ୍ରସ୍ତ ହୋଇଥିବାବେଳେ କ୍ଷତିପୂରଣ ଲାଗି ଅଦାଲତଙ୍କ ଆଦେଶ ୩ମାସ ବିତି ଯାଇଥିଲେ ମଧ ବୀମା କମ୍ପାନୀ କ୍ଷତିପୂରଣ ଅର୍ଥ ପ୍ରଦାନ କରୁନି। ଫଳରେ ପରିବାର ଲୋକେ ତାଙ୍କ ଚିକିତ୍ସା ପାଇଁ ବିଭିନ୍ନ ଲୋକଙ୍କଠୁ ହାତଉଧାର କରୁଛନ୍ତି। ବୀମା ଟଙ୍କା ଆସିଲେ ଟଙ୍କା ଦେବେ ବୋଲି ଉଧାରଦାତାଙ୍କୁ ପୀଡିତଙ୍କ ପରିବାର ଲୋକେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବୀମା କମ୍ପାନୀ ପକ୍ଷରୁ ଟଙ୍କା ନ ମିଳିବାରୁ ଉଧାରଦାତା ତାଙ୍କୁ ନାନା କଥା କହୁଛନ୍ତି।

ମିଳିଥିବା ସୂଚନା ମୁତାବକ, ଜଗତ୍‌ପୁର ଥାନା ଅଧୀନ ପଶ୍ଚିମକଚ୍ଛ ଗ୍ରାମର ନିମାଇଁ ସେନାପତି ସ୍ଥାନୀୟ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ୨୦୧୧ ଅକ୍ଟୋବର ୧୧ରେ କୌଣସି କାମରେ କମ୍ପାନୀ କାର୍ଯ୍ୟାଳୟ ବାହାରକୁ ଆସିଥିବାବେଳେ ଏକ ଟାଟା ଏସିଇ ତାଙ୍କୁ ଧକ୍କା ଦେଇଥିଲା। ସେ ଅଚେତ ହୋଇ ପଡ଼ିବାରୁ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ୭ଦିନ ପରେ ଚେତା ଫେରିଥିଲା। ମାତ୍ର ସେତେବେଳକୁ ତାଙ୍କର ମାନସିକ ବିକାରଗ୍ରସ୍ତ ହୋଇଥିବା ଜଣାପଡ଼ିଥିଲା। ଏ ନେଇ କଟକ ମୋଟର ଆକ୍ସିଡେଣ୍ଟ କ୍ଲେମ୍ ଟ୍ରିବ୍ୟୁନାଲରେ ନିମାଇଁଙ୍କ ସ୍ତ୍ରୀ ପଦ୍ମା ମାମଲା ଦାୟର କରିଥିଲେ। ତେବେ ଓକିଲ ଖର୍ଚ୍ଚ ଦେବାରେ ସେ ଅସମର୍ଥ ଥିବାରୁ ଆଇନ ସହାୟତା ଲାଗି କଟକ ଜିଲା ଆଇନ ସେବା ପ୍ରାଧିକରଣକୁ ନିବେଦନ କରିଥିଲେ। ଆଇନଜୀବୀ ବିପିନ କୁମାର ଚୌଧୁରୀ ଏହି ମାମଲା ପରିଚାଳନା କରିଥିଲେ। ଏହି ମାମଲାରେ ସେ ଗାଡ଼ି ମାଲିକ ଓ ନ୍ୟୁ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ଚୌଦ୍ୱାର ବ୍ରାଞ୍ଚ ମ୍ୟାନେଜର ଏବଂ କଟକ ଡିଭିଜନାଲ ମ୍ୟାନେଜରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ବିଚାରପତି ଏହି ମାମଲାର ବିଚାର କରି ପୀଡ଼ିତଙ୍କ ପରିବାରକୁ ଚିକିତ୍ସା ଲାଗି ୬ଲକ୍ଷ ୭୪ ହଜାର ଟଙ୍କା ପ୍ରଦାନ ପାଇଁ ଆଦେଶ ଦେଇଥିଲେ। ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ତଥା ପ୍ରଥମ ଏମଏସିଟି ଜଜ୍ ବିଜୟ କୁମାର ପାତ୍ର ଗତ ମେ' ୧୦ରେ ଏହି ଆଦେଶ ଦେଇଥିଲେ। ଆଦେଶ ମିଳିବା ୩ ମାସ ବିତି ଯାଇଥିଲେ ମଧ ବୀମା କମ୍ପାନୀ ଏ ପର୍ଯ୍ୟନ୍ତ ପୀଡିତଙ୍କ ପରିବାରକୁ ଅର୍ଥ ପ୍ରଦାନ କରୁନାହିଁ। କମ୍ପାନୀ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଛି। ଅର୍ଥ ପାଇବା ଆଶାରେ ପୀଡ଼ିତଙ୍କ ପରିବାର ଲୋକେ ଅଦାଲତଙ୍କ ଦ୍ୱାରସ୍ଥ ହେଉଥିଲେ ମଧ ବୀମା କମ୍ପାନୀ ଅର୍ଥ ପ୍ରଦାନ କରୁ ନ ଥିବା ପଦ୍ମା ଅଭିଯୋଗ କରିଛନ୍ତି। ତେବେ ବୀମା କମ୍ପାନୀର ଏଭଳି ମନମାନିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପଦ୍ମା ହାତ ଉଧାର କରି ସ୍ୱାମୀ ଚିକିତ୍ସା ଚଳାଇଥିବାବେଳେ ତାଙ୍କ ପରିବାର ନାନା ଦୁର୍ଦ୍ଦିନରେ କାଳାତିପାତ କରୁଛି।

## ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳ କରିଥାଏ ଶିକ୍ଷା

କଟକ ଅଫିସ,୨୨।୮

ଡ୍ରିମ୍‌ସ ପଲିଟେକ୍‌ନିକ୍ ପକ୍ଷରୁ କଲେଜର ଜୟଶ୍ରୀ ଅଡିଟୋରିୟମରେ ଆଭିମୁଖୀକରଣ କାର୍ଯ୍ୟକ୍ରମ ଆରମ୍ଭ-୨୦୧୯ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସର ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହିତ୍ୟ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳ କରିଥାଏ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ଏଲ ଆଣ୍ଡ ଟିର ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୟ କୁମାର ମାନସିଂ କହିଥିଲେ, କଠିନ ପରିଶ୍ରମ, ଏକାଗ୍ରତା ଓ ସମୟାନୁବର୍ତ୍ତିତା ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ଅପରିହାର୍ଯ୍ୟ। ଅନ୍ୟତମ ସମ୍ମାନିତ ଅତିଥି ପ୍ରାଶାସନିକ ନିର୍ଦ୍ଦେଶକ ବଳରାମ କର ଓ ନିର୍ଦ୍ଦେଶକ ପ୍ରାଧ୍ୟାପକ ଲୋକନାଥ ବେହେରା ଯୋଗଦେଇ ନୂତନ ଭାବେ ନାମଲେଖାଇ ଥିବା ଛାତ୍ରୀଛାତ୍ରଙ୍କ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁ, ଅଧ୍ୟାପକ ଦେବବ୍ରତ ପତି, ଅଧ୍ୟାପିକା ସ୍ନିହିତା ମଧୁସ୍ମିତା ସାହୁ ଯୋଗଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ପଦ୍ମଲୋଚନ ସାହୁ, ସ୍ୱରାଜ ଦାସ, ଚନ୍ଦ୍ରଶେଖର ବାରିକ ଏବଂ ଗାୟତ୍ରୀ ପ୍ରିୟଦର୍ଶିନୀଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ୫୦ହଜାର ଟଙ୍କା ଜରିମାନା ଆଦାୟ

**ବାଲୁଗାଁ,୨୨।୮(ଡି.ଏନ.ଏ.):** ବୁଧବାର ବିଳମ୍ବିତ ରାତ୍ରିରେ ଚିଲିକା ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ବାଲୁଗାଁ ନିକଟସ୍ଥ ଆଙ୍କୁଲାଚଟୀଠାରୁ ବେଆଇନ୍ ମାଙ୍କଡ଼ା ପଥର ବୋଝେଇ ଏକ ମିନିଟ୍ରକ୍ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଟ୍ରକ୍ ମାଲିକଙ୍କ ଠାରୁ ୫୦ହଜାର ୪୨୦ଟଙ୍କା ଜରିମାନା ଆଦାୟ ହୋଇଛି। ତହସିଲଦାର ଶରତ ଚନ୍ଦ୍ର ମହାପାତ୍ର ସଦଳବଳ ଏହି ଚଢ଼ାଉ କରିଥିଲେ।

ପ୍ରକାଶଯେ, ଗତ ୪ବର୍ଷ ପୂର୍ବରୁ ରାଜ୍ୟ ସରକାର ମାଙ୍କଡ଼ା କ୍ୱାରି ଲିଜ୍ ପ୍ରଦାନ, ଖନନ ଓ ଚାଲାଣ ଉପରେ ନିଷେଧାଦେଶ ଜାରି କରିଥିବା ବେଳେ ଏହାକୁ ବେଖାତିର କରି ସମଗ୍ର ଚିଲିକା ଅଞ୍ଚଳରେ ବେଆଇନ ଭାବରେ ମାଙ୍କଡ଼ା ଖଣିରୁ ପଥର କଟାଯାଇ ଚୋରାଚାଲାଣ କରାଯାଉଛି। ଏପରିସ୍ଥଳେ ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚିଲିକା ତହସିଲଦାର ମାଙ୍କଡ଼ା ଚୋରାଚାଲାଣକାରୀଙ୍କ ଉପରେ କଡ଼ା ନଜର ରଖିଥିଲେ। ବୁଧବାର ରାତିରେ ଟାଙ୍ଗୀ ନିକଟସ୍ଥ ଚଣ୍ଡେଶ୍ୱର ଅଞ୍ଚଳରୁ ଓଡ଼ି୦୨ଏଜେଡ୍-୫୯୮୩ ନମ୍ବର ବିଶିଷ୍ଟ ଏକ ମିନି ଟ୍ରକ୍ ଯୋଗେ ମାଙ୍କଡ଼ା ପଥର ବୋଝେଇ ହୋଇ ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବରପାଇ ଆଙ୍କୁଲାଚଟୀଠାରେ ଚିଲିକା ତହସିଲଦାର ମହାପାତ୍ର, ବାଲୁଗାଁ ରାଜସ୍ୱ ନିରୀକ୍ଷକ ଟୁଟୁ ସ୍ୱାଇଁ ଓ ବରିଷ୍ଠ କିରାଣି ସନ୍ତୋଷ ପଟ୍ଟନାୟକ ଲୁଚି ରହି ଉକ୍ତ ଟ୍ରକକୁ ଜବତ କରିଥିଲେ। ଜବତ ଟ୍ରକକୁ ବାଲୁଗାଁ ଥାନାକୁ ଆଣି ତଦନ୍ତ କରିବାରେ ଗାଡ଼ିର ମାଲିକ ନିକଟସ୍ଥ ହରିକୁଣ୍ଡ ବରଡ଼ି ଗ୍ରାମର ସନାତନ ଘଟୁଆଳି ବୋଲି ଜଣାପଡିଲା। ପରବର୍ତ୍ତୀ ସମୟରେ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଆଇନ ମୁତାବକ ଉକ୍ତ ଟ୍ରକ୍ ମାଲିକଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିଲା। ଏହି ଚଢ଼ାଉ ଅଭିଯାନ ଆଗକୁ ଜାରି ରହିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

### ଅର୍ଜୁନ ସାମନ୍ତରାୟ ଥିଲେ ଜଣେ ଉଜ୍ଜ୍ୱଳ ଦୀପଶିଖା

**ନିରାକାରପୁର,୨୨।୮(ଡି.ଏନ.ଏ.):** ସ୍ୱାଧୀନତା ସଂଗ୍ରାମୀ ତଥା ସାମାଜିକ କର୍ମୀ ଅର୍ଜୁନ ସାମନ୍ତରାୟ ଥିଲେ ଜଣେ ଉଜ୍ଜ୍ୱଳ ଦୀପଶିଖା ଭଳି। ଗ୍ରାମାଞ୍ଚଳର ବିକାଶ,ପରୋପକାର ଥିଲା ତାଙ୍କର ମୂଳ ଲକ୍ଷ୍ୟ। ସେଥିପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ ବୋଲି ସ୍ଥାନୀୟ ଦୋଛିଆଁ ହାଇସ୍କୁଲରେ ସୋମବାର ସ୍ୱର୍ଗତ ସାମନ୍ତରାୟଙ୍କ ୩୨ତମ ଶ୍ରାଦ୍ଧୋତ୍ସବ ସଭାରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ସାମନ୍ତରାୟ ତାଙ୍କର ଶ୍ରଦ୍ଧାଞ୍ଜଳି ସଭାରେ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ କମଳ ଲୋଚନ ପ୍ରଧାନ, ପ୍ରଧାନ ଶିକ୍ଷକ ଅଜୟ କୁମାର ସେଠୀ ପ୍ରମୁଖ ସ୍ୱର୍ଗତ ସାମନ୍ତରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଶଶିଶେଖର ମାନ୍ଧାତା, ଶରତ ଚନ୍ଦ୍ର ସାମନ୍ତରାୟ, ସଂଗ୍ରାମ କେଶରୀ ସାମନ୍ତରାୟ ଓ ପ୍ରସନ୍ନ କୁମାର ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାତ୍ୟା ତିତ୍‌ଲି ଯିବାର ୧୦ ମାସ
# କ୍ଷତିଗ୍ରସ୍ତ ଚାଷୀ ପାଇଲେନି ବୀମା ରାଶି

**ଖୋର୍ଦ୍ଧା ଅଫିସ,୨୨।୮**

- ବୀମା କମ୍ପାନୀ ବଦଳି ଗଲାଣି
- ୫.୪୫ କୋଟି ପ୍ରିମିୟମ ରାଶି ନେଇଗଲା କମ୍ପାନୀ
- ଶସ୍ୟ ବୀମା କରି ଚାଷୀ ହନ୍ତସନ୍ତ

ପ୍ରାକୃତିକ ବିପର୍ଯ୍ୟୟ ଓ ଅନ୍ୟ କୌଣସି କାରଣରୁ ଫସଲ ନଷ୍ଟ ହେଲେ କ୍ଷତିପୂରଣ ପାଇବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଚାଷୀ କରିଥିଲେ। ହେଲେ ତିତ୍‌ଲି ବାତ୍ୟା ଯିବାର ୧୦ ମାସ ବିତି ଯାଇଥିଲେ ହେଁ କ୍ଷତିଗ୍ରସ୍ତ ଚାଷୀ ବୀମା କ୍ଷତିପୂରଣ ପାଇ ପାରୁନାହାନ୍ତି। ଇତି ମଧ୍ୟରେ ବୀମା କମ୍ପାନୀ ବି ବଦଳି ସାରିଲାଣି। ଏଭଳିସ୍ଥଳେ ଖୋର୍ଦ୍ଧା ଜିଲାରୁ ୫ କୋଟି ୪୪ ଲକ୍ଷ ୬୦ ହଜାର ଟଙ୍କା ପ୍ରିମିୟମ ନେଇ ଇନ୍ସୁରାନ୍ସ କମ୍ପାନୀ ଲାଭରେ ରହିଲେ। ସେପଟେ କ୍ଷତିପୂରଣ ପାଇବା ପାଇଁ ଚାଷୀ ବିକ୍ଷୋଭ, ଆନ୍ଦୋଳନ କରିଥିଲେ ମଧ୍ୟ ବୀମା ସହାୟତା ରାଶି ପାଇ ପାରିଲେ ନାହିଁ। ଅନ୍ୟପକ୍ଷେ ତିତ୍‌ଲି ଯାଇ ବାତ୍ୟା ଫନୀ ଚାଷୀର ମେରୁଦଣ୍ଡ ଭାଙ୍ଗି ସାରିଲାଣି। ତଥାପି ବୀମା କମ୍ପାନୀର ଚାଷୀଙ୍କ କ୍ଷତିପୂରଣ ଦେବାକୁ ମନେପଡୁନାହିଁ।

ଖୋର୍ଦ୍ଧା ଜିଲାର ୧୦ଟି ବ୍ଲକ ଅଞ୍ଚଳରେ ୬୮,୮୫୬ ଋଣୀ ଚାଷୀ ଓ ୬,୭୨୦ ଅଣଋଣୀ ଚାଷୀ ଏପରି ମୋଟରେ ୭୫,୫୭୬ ଚାଷୀ ୨୦୧୮ ଖରିଫରେ ଶସ୍ୟ ବୀମା ପାଇଁ ନାମ ପଞ୍ଜୀକରଣ କରିଥିଲେ। ଏଠାକାର ଚାଷୀଙ୍କର ୫୦,୬୬୬ ହେକ୍ଟର ଜମି ପାଇଁ ୫ କୋଟି ୪୪ ଲକ୍ଷ ୬୦ ହଜାର ଟଙ୍କା ବୀମା କମ୍ପାନୀ ପ୍ରିମିୟମ ନେଇଥିଲେ। ହେଲେ ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମାରାଶି ଦେଲେ ନାହିଁ। ତିତ୍‌ଲି ଯୋଗୁ ୨୦୧୮ର ଖରିଫ ଚାଷ ଉଜୁଡି ଯାଇଥିଲା। ବେଗୁନିଆ, ବୋଲଗଡ ଓ ଜଟଣୀ ବ୍ଲକର ୯୮୨.୬ ହେକ୍ଟର ଜମିର ଚାଷୀ ବୀମା କ୍ଷତିପୂରଣ ପାଇବାକୁ ସରକାରୀ ରିପୋର୍ଟରେ ସ୍ଥିରୀକୃତ ହୋଇଥିଲା। ଏଥିରେ ବେଗୁନିଆ ବ୍ଲକର ୫ଟି ପଞ୍ଚାୟତ ୧୫ଟି ଗାଁର ୩୯୭ ହେକ୍ଟର, ବୋଲଗଡ ବ୍ଲକ ୨ ପଞ୍ଚାୟତର ୯ଟି ଗାଁର ୪୪୫. ୫୪ ହେକ୍ଟର ଓ ଜଟଣୀ ବ୍ଲକ ୩ ପଞ୍ଚାୟତର ୧୪୦ ହେକ୍ଟର ଜମି ରହିଛି। ସେହିପରି ମହାନଦୀରେ ବନ୍ୟା ଯୋଗୁ ରାଜୁଆ ଓ ଦୟାନଦୀ ଉପକୂଳରେ ଥିବା ଖୋର୍ଦ୍ଧା ବ୍ଲକର ୪ଟି ପଞ୍ଚାୟତ ୨୦ଟି ଗାଁର ୬୨୫ ହେକ୍ଟର ଜମିର କ୍ଷତିଗ୍ରସ୍ତ ଚାଷୀ ବୀମାରାଶି ପାଇବାକୁ ଦରକାର ବୋଲି କୃଷି ବିଭାଗର ତଥ୍ୟ କହୁଛି। ତେବେ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷତିପୂରଣ ପାଇବା ଶୀତଳଭଣ୍ଡାରରେ ରହି ଯାଇଛି। ଦେଖାଯାଉ ସରକାର ଓ ପ୍ରଶାସନ କେତେଦୂର ଚାଷୀଙ୍କୁ ଗୁରୁତ୍ୱ ଦେଉଛନ୍ତି ତାହା ଜଣାପଡିବ। ଏ ନେଇ ଉପକୃଷିନିର୍ଦ୍ଦେଶକ ଭାସ୍କର ବାରିକ କୁହନ୍ତି, ତିତ୍‌ଲି ଯାଇ ଫନୀ ଗଲାଣି। ତେବେ ଚାଷୀ ୨୦୧୮ ଖରିଫ ଋତୁର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା ଅର୍ଥ ପାଇ ପାରିଲେନି। ଇନ୍ସୁରାନ୍ସ ପାଇବାକୁ କୃଷି ବିଭାଗ ପକ୍ଷରୁ ଜିଲାପାଳଙ୍କ ଆପ୍ରୁଭ କରାଯାଇ ଆବଶ୍ୟକ କାଗଜାତ ସରକାରଙ୍କୁ ଦିଆଯାଇଥିଲା। ହେଲେ ଏଯାବତ୍ କିଛି ଜଣାପଡୁନି। ଇତି ମଧ୍ୟରେ ପ୍ରିମିୟମ ଟଙ୍କା ନେଇଥିବା କମ୍ପାନୀ ବଦଳରେ ଏବେ ରିଲିୟାନ୍ସ କମ୍ପାନୀ ବୀମା ଦାୟିତ୍ୱ ନେଇଛି ବୋଲି ସୂଚନା ଦେଇଛନ୍ତି।


ଭତ୍ତା ପାଇ ନ ଥିବା କଳାକାରମାନେ।।

## ଭତ୍ତା ନ ପାଇ ଦୁର୍ଦ୍ଦିନରେ ୨୧୧ କଳାକାର

**କୃଷ୍ଣପ୍ରସାଦ,୨୨।୮(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ କିଛିବର୍ଷ ଧରି ୨୧୧ କଳାକାର ଭତ୍ତା ପାଇ ଅସୁଥିଲେ। ତେବେ ଏମାନଙ୍କ ଭତ୍ତା ବନ୍ଦ କରିଦିଆ ଯାଇଥିବାରୁ ଗୁରୁବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଏମାନେ ୧୨ଶହ ଟଙ୍କା କଳାକାର ଭତ୍ତା ପାଇବା ପରେ ୫୦୦ ଟଙ୍କାର ବାର୍ଦ୍ଧକ୍ୟ ଭତ୍ତା ବନ୍ଦ ହୋଇଯାଇଥିଲା। ତେବେ ଗତ ୬ ମାସ ଧରି ପ୍ରତିମାସରେ କଳାକାର ଭତ୍ତା ନ ପାଇବାରୁ ଗରିବ, ରୋଗାକ୍ରାନ୍ତ ଓ ଭିନ୍ନକ୍ଷମ ହିତାଧିକାରୀମାନେ ଦୁର୍ଦ୍ଦିନ ମଧ୍ୟରେ ଜୀବନ ବିତାଉଛନ୍ତି। ନିଜର ସାଧାରଣ ଆବଶ୍ୟକତା ପୂରଣ କରିବାରେ ଅସମର୍ଥ ହେବା ସହ ଔଷଧ କିଣିବାକୁ ମଧ୍ୟ ଅର୍ଥାଭାବର ଶିକାର ହୋଇ ଦୁଃଖ ଓ ଦୁର୍ଦ୍ଦଶା ଭୋଗ କରୁଛନ୍ତି। କୃଷ୍ଣପ୍ରସାଦ ବ୍ଲକସ୍ଥିତ ଆଖଣ୍ଡଳେଶ୍ୱର ପାଇକ ଆଖଡ଼ାସଂଘର ସମ୍ପାଦକ ସୁବାସ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ବିଡିଓ ଅଭିମନ୍ୟୁ ମାଝିଙ୍କୁ ଏ ନେଇ ହିତାଧିକାରୀମାନେ ବକେୟା ଭତ୍ତା ପ୍ରଦାନ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ କଳାକାରମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଭଗବାନ ବରାଳ, ଜଗନ୍ନାଥ ପଲେଇ, ପଞ୍ଚାନନ ତରେଇ, ଗଙ୍ଗାଧର ପଲେଇ, କୃଷ୍ଣଚନ୍ଦ୍ର ପଲେଇ, ଧନେଶ୍ୱର ଦଳେଇ, ପର୍ଶୁରାମ ପ୍ରଧାନ, ଭାବଗ୍ରାହୀ ଜେନା, ଏକାଦଶୀ ବିଶ୍ୱାଳ, କେଲୁ ଚରଣ ଜେନା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଚାଲିଥିବା କାର୍ଯ୍ୟର ସମୀକ୍ଷା କଲେ କୃଷି ଉପସଚିବ
# କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କ ସମସ୍ୟା ବୁଝିବାକୁ ନିର୍ଦ୍ଦେଶ

**ଖୋର୍ଦ୍ଧା ଅଫିସ, ୨୨।୮**

ଖୋର୍ଦ୍ଧା ଜିଲା ନୋଡାଲ ଅଧିକାରୀ ତଥା କୃଷି ଉପସଚିବ ଅସୀମା ପଟ୍ଟନାୟକ ଗୁରୁବାର ଖୋର୍ଦ୍ଧା ଜିଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହ କୃଷି, ମୃତ୍ତିକା ସଂରକ୍ଷଣ ଓ ଉଦ୍ୟାନ ବିଭାଗରେ ଚାଲିଥିବା ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। କୃଷି ଉପସଚିବ ପ୍ରଥମେ ଖୋର୍ଦ୍ଧା ଶିଳ୍ପାଞ୍ଚଳକୁ ଯାଇ କଦଳୀ ସଂରକ୍ଷଣ କେନ୍ଦ୍ରକୁ ଅନୁଧ୍ୟାନ କରିଥିଲେ। ପରେ ଟାଙ୍ଗୀ ବ୍ଲକ କମାଗୁରୁକୁ ଯାଇ ମୃତ୍ତିକା ସଂରକ୍ଷଣ ବିଭାଗର ସହାୟତାରେ ହୋଇଥିବା ପତିତ ଜମିରେ ବିଭିନ୍ନ ପନିପରିବା ଚାଷ ଓ ଅନ୍ତଃ ଚାଷକୁ ଦେଖିଥିଲେ। କାଜୁ ଗଛ ଲଗାଇଥିଲେ। ଚାଷୀଙ୍କ ସହ ଆଲୋଚନା କରିଥିଲେ। ସେହିଭଳି କମାଗୁରୁ ପଞ୍ଚାୟତରେ ଆଲୋଚନା ବେଳେ ଅଧିକାଂଶ ଚାଷୀ ଉଦ୍ୟାନ କୃଷିର ସହକାରୀ ଉଦ୍ୟାନ ଅଧିକାରୀଙ୍କ ବିରୋଧରେ ଉପସଚିବଙ୍କୁ କହିଥିଲେ। କ୍ଷେତ୍ର କର୍ମଚାରୀ ଓ ଅଧିକାରୀ କ୍ଷେତ୍ର ପରିଦର୍ଶନ ଓ ଚାଷୀଙ୍କ ସହ ଆଲୋଚନା କରୁ ନ ଥିବା ଏଠାରେ ଅଭିଯୋଗ ଉଠିଥିଲା। ଏଭଳିସ୍ଥଳେ ସହକାରୀ ଉଦ୍ୟାନ ଅଧିକାରୀ ଟାଙ୍ଗୀଙ୍କ ଉପରେ ଉପସଚିବ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ବେଗୁନିଆ ବ୍ଲକର ସାରୁଅଠାରେ ସବୁଜ ବିପ୍ଳବର ଧାଡି ରୁଆ ପ୍ରଦର୍ଶନ କ୍ଷେତ୍ରକୁ ଅନୁଧ୍ୟାନ କରିଥିଲେ। କାଠଖୁଣ୍ଟିଆଠାରେ ହୋଇଥିବା ସମନ୍ୱିତ କୃଷି ପ୍ରଦର୍ଶନ କ୍ଷେତ୍ରକୁ ବୁଲି ଦେଖିଥିଲେ। ସନ୍ଧ୍ୟାରେ ମୃତ୍ତିକା ସଂରକ୍ଷଣ ବିଭାଗର ସମ୍ମିଳନୀ କକ୍ଷରେ ସରକାରଙ୍କ ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ, କାଳିଆ, ରାଜ୍ୟ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପରି କୃଷି ବିଭାଗର ବିଭିନ୍ନ ଯୋଜନାର ସୁଫଳ କୁଫଳ ପଚାରି ବୁଝିଥିଲେ। ଉଦ୍ୟାନ ମିଶନ ଓ ଏମଜିଏନ୍ଆରଇଜିଏସ୍‌ରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗରେ ମଧ୍ୟ ଏମଜିଏନ୍ଆରଇଜିଏସ୍‌ରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ସମୀକ୍ଷା ବୈଠକରେ କୃଷି ଉପନିର୍ଦ୍ଦେଶକ ଭାସ୍କର ବାରିକ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଗୋପାଳକୃଷ୍ଣ ରଥ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ବି.କେ. ପୃଷ୍ଟି, ଖୋର୍ଦ୍ଧା ଜିଲା କୃଷି ଅଧିକାରୀ ନାରାୟଣ ସେଠୀ, ଭୁବନେଶ୍ୱର ଜିଲା କୃଷି ଅଧିକାରୀ ଦୁର୍ଯ୍ୟୋଧନ ଷଡଙ୍ଗୀ, ଟାଙ୍ଗୀ ଜିଲା କୃଷି ଅଧିକାରୀ ବିଜୟ ମହାନ୍ତି, ଜିଲା ଯୋଜନା ଅଧିକାରୀ ସୁବ୍ରତ ରଥ, ବିଭିନ୍ନ ବ୍ଲକରୁ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


କୃଷି ଉପସଚିବ କାଠଖୁଣ୍ଟିଆଠାରେ ଚାଷ କାର୍ଯ୍ୟ ବୁଲି ଦେଖୁଛନ୍ତି।

## ରାସ୍ତାରେ ଚାନ୍ଦା ଆଦାୟ, ଯାତ୍ରୀ ହନ୍ତସନ୍ତ

**କୃଷ୍ଣପ୍ରସାଦ,୨୨।୮(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଛକ ଓ ରାସ୍ତାଘାଟରେ ଜୋର୍ ଜବରଦସ୍ତ ଯାନବାହନ ଅଟକାଇ ଗଣେଶ ପୂଜା ଚାନ୍ଦା ଆଦାୟ କରାଯାଉଥିବ ଅଭିଯୋଗ ହେଉଛି। ପୋଲିସ ନିଷ୍କ୍ରିୟତା ଯୋଗୁ କୃଷ୍ଣପ୍ରସାଦ ଥାନା ଅଞ୍ଚଳ ମାଲୁଦ ଫାଣ୍ଡି ନିକଟ ପଞ୍ଚୁଦୋଳ ପଡ଼ିଆ ଛକରେ ୧୦ରୁ ୧୫ ଯୁବକ ରାସ୍ତାରେ ଯାନବାହନ ଅଟକାଇ ଚାନ୍ଦା ମାଗୁଛନ୍ତି। ଗୋପାଳପୁର ଛକ, ବଉଳଭୂଇଁ ଛକ, ମୋରଡ଼ା, ବଡଅଁଳ, ଶିଆଳ, ସିପିଆ ଛକରେ ଚାନ୍ଦା ଆଦାୟକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ଚାନ୍ଦା ଆଦାୟବେଳେ ରାସ୍ତା ଅବରୋଧ ହେବା ଯୋଗୁ ଦୁର୍ଘଟଣା ଘଟିବାର ଆଶଙ୍କା ପ୍ରକାଶ ପାଇଛି। ତେଣୁ ପୋଲିସ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରି ବେଆଇନ ଚାନ୍ଦା ଆଦାୟ ବନ୍ଦ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସ୍କୁଲରେ ଜନ୍ମାଷ୍ଟମୀ ଉତ୍ସବ

**ଖୋର୍ଦ୍ଧା ଅଫିସ, ୨୨।୮**

ଖୋର୍ଦ୍ଧା ବିଡିଏ କଲୋନୀସ୍ଥିତ ପ୍ରାରମ୍ଭ ପ୍ଲେ ସ୍କୁଲରେ ଜନ୍ମାଷ୍ଟମୀ ଉତ୍ସବ ଗୁରୁବାର ପାଳିତ ହୋଇଛି। ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଅନ୍ୟପକ୍ଷେ ଛାତ୍ରୀଛାତ୍ରଙ୍କ ମା'ମାନେ ବଂଶୀ ଝୁଲା, ଆକର୍ଷଣୀୟ ମାଠିଆ ପ୍ରସ୍ତୁତି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକମାନେ ସହଯୋଗ କରିଥିଲେ।


ରାଧାକୃଷ୍ଣ ବେଶରେ କୁନି ପିଲାମାନେ।

## ସମବାୟ କର୍ମଚାରୀଙ୍କ ଦାବି ପୂରଣ ପାଇଁ ପ୍ରତିଶ୍ରୁତି

**ଖୋର୍ଦ୍ଧା ଅଫିସ,୨୨।୮**

ସମବାୟ କର୍ମଚାରୀଙ୍କ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିଛି। ଓଡ଼ିଶା ସମବାୟ କର୍ମଚାରୀ ମହାସଂଘର ୫ ଦଫା ଦାବି ଉପରେ ଭୁବନେଶ୍ୱରରେ ନିବନ୍ଧକ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟରେ ମହାସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ସମିତି, ଲ୍ୟାମ୍ପସ୍ କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବାକୁ ସହମତି ପ୍ରକାଶ ପାଇଛି। ସେହିପରି କର୍ମଚାରୀଙ୍କ ୭ ମାସର ବେତନ କମିଶନ ଗ୍ରାଚୁଇଟ୍, ସରେଣ୍ଡର ଲିଭ୍, ଇପିଏଫ୍, ସମିତି ଓ ଲ୍ୟାମ୍ପସ୍‌ରୁ କେନ୍ଦ୍ର ସମବାୟ ବ୍ୟାଙ୍କରୁ ପ୍ରମୋସନ ଉପରେ ୩୦ ପ୍ରତିଶତ ରଖିବା, ବୟସ ସୀମାକୁ ସରକାରୀ କର୍ମଚାରୀଙ୍କ ପରି କୋହଳ କରିବା, ଷଷ୍ଠ ବେତନ ଉପରେ ୧୫୪ ପ୍ରତିଶତ ଓ ପ୍ୟାକ୍ସ ପ୍ରଶାସନ ପାଣ୍ଠି ତୁରନ୍ତ କାର୍ଯ୍ୟକାରୀ କରିବା, ଚାଷୀମାନଙ୍କର ଅଂଶଧନ ସମିତିକୁ ରାଜ୍ୟ ସମବାୟ ବ୍ୟାଙ୍କରୁ ଯଥାଶୀଘ୍ର ଫେରାଇ ଆଣିବାର ଅନୁରୂପ ପ୍ରତିଶ୍ରୁତି ମିଳିଥିବା ମହାସଂଘ ପକ୍ଷରୁ କୁହାଯାଇଛି। ଏଥିରେ ମହାସଂଘର ଉପସଭାପତି ଘନଶ୍ୟାମ ଜେନା, କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ଦାଶ, ସାଧାରଣ ସମ୍ପାଦକ ଦିଗମ୍ବର ନାୟକ ପ୍ରମୁଖ ୯ ଜଣିଆ ପ୍ରତିନିଧି ଦଳ ଥିଲେ।

## ନାବାଳିକା ଅପହରଣ କରି ଜେଲ ଗଲେ ଯୁବକ

**ଖୋର୍ଦ୍ଧା ଅଫିସ, ୨୨।୮:** ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଜଙ୍କିଆ ଥାନା ପୋଲିସ ମୋଟା ଗାଁର ତୁଗୁଲା ସାମନ୍ତରାୟ(୨୨)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ତୁଗୁଲା ଫେବୃୟାରୀରେ ଜନୈକା ନାବାଳିକାଙ୍କୁ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ନଂ. ୧୬/୧୯ରେ ମାମଲା ରୁଜୁ କରିବା ସହ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରୀ ମାଇନା କରାଇଥିଲା।

## ଡିଇଓଙ୍କ ସହ ଓଷ୍ଟାର ଆଲୋଚନା
# ଶିକ୍ଷକ, କର୍ମଚାରୀଙ୍କ ସମସ୍ୟା ଉଠିଲା

**ଖୋର୍ଦ୍ଧା ଅଫିସ, ୨୨।୮**

ଖୋର୍ଦ୍ଧା ଶିକ୍ଷା ଅଧିକାରୀ (ଡିଇଓ) ବୃନ୍ଦାବନ ଶତପଥୀଙ୍କ ସହ ଓଷ୍ଟା ଖୋର୍ଦ୍ଧା ଜିଲା ଶାଖା କାର୍ଯ୍ୟକାରୀ କମିଟିର ଆଲୋଚନା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ଶିକ୍ଷକ ଓ କର୍ମଚାରୀମାନଙ୍କର ଦୀର୍ଘଦିନର ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ପ୍ରତ୍ୟେକ ମାସର ୭ ତାରିଖ ମଧ୍ୟରେ ଦରମା ପ୍ରଦାନ ବ୍ୟବସ୍ଥା, ସରକାରୀ ଓ ନୂତନ ସରକାରୀ ବିଦ୍ୟାଳୟର ଆର୍‌ଏସିପି ଓ ଇନ୍‌କ୍ରିମେଣ୍ଟ ସେପ୍ଟେମ୍ବର ୧୫ ମଧ୍ୟରେ କରିବା, କ୍ରୀଡା ଶିକ୍ଷକମାନଙ୍କର ଉଚ୍ଚ ବେତନକୁ ଅଗଷ୍ଟ ୨୬ ମଧ୍ୟରେ ଅନୁମୋଦନ କରିବା ଓ ଅନୁମୋଦନ ପାଇଁ ଡିପିଆଇଙ୍କୁ ପ୍ରେରଣ କରିବା ଦାବି ଉଠିଥିଲା। ସେହିପରି ସଂସ୍କୃତ ଶିକ୍ଷକଙ୍କ ଉଚ୍ଚ ବେତନ ଅନୁମୋଦନ, ଖାଲି ପଦବୀ ପୂରଣ, ଚୁକ୍ତି ଭିତ୍ତିକ ଶିକ୍ଷକଙ୍କ ଇନ୍‌କ୍ରିମେଣ୍ଟ ଅନୁମୋଦନ, ମୃତ୍ୟୁକାଳୀନ ଥଇଥାନ ବ୍ୟବସ୍ଥା, ଅବସର ଶିକ୍ଷକମାନଙ୍କର ଅବସରକାଳୀନ ସୁବିଧା ପ୍ରଦାନ, ନୂତନ ଅନୁଦାନ ବିଦ୍ୟାଳୟର ଇନ୍‌କ୍ରିମେଣ୍ଟ ଏରିୟର ଓ ବକେୟା ୪୬ ଦିନର ଦରମା ପ୍ରଦାନ ଆଦି ସମସ୍ୟାର ଅନୁରୂପ ଭାବେ ଆଲୋଚନାରେ ସ୍ଥାନ ପାଇଥିଲା। ଏଥିରେ ଖୋର୍ଦ୍ଧା ଜିଲା ସମ୍ପାଦକ ସୁଧାକର ମହାପାତ୍ର, ଓଷ୍ଟାର ସମ୍ପାଦକ ରଞ୍ଜନ ଦାଶ, ସନ୍ତୋଷ କୁମାର ଭଞ୍ଜ ଯୁଗ୍ମ ସମ୍ପାଦକ, ମଧୁସୂଦନ ଦେ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଶିଶିର ଦାଶ, ଜିଲା ଉପଦେଷ୍ଟା ସନ୍ତୋଷ ଚନ୍ଦ୍ର କର, ଉପେନ୍ଦ୍ର ଦାଶଙ୍କ ସମେତ କାର୍ଯ୍ୟକାରୀ କମିଟିର ୧୨ ଜଣ ସଭ୍ୟ ଓ ୧୦ଟି ବ୍ଲକର ବ୍ଲକ ସମ୍ପାଦକ ଆଲୋଚନାରେ ସକ୍ରିୟ ଭାଗ ନେଇଥିଲେ। ଡିଇଓଙ୍କ କାର୍ଯ୍ୟାଳୟର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ, ମୁଖ୍ୟ କିରାଣି ରବୀନ୍ଦ୍ର କୁମାର ବାରିକ, ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଓଷ୍ଟା ଖୋର୍ଦ୍ଧା ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ ବୈଠକକୁ ପରିଚାଳନା କରିଥିବା ବେଳେ ଜିଲା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ।

## ସାଗରଗାଁ ପଞ୍ଚାୟତରେ କ୍ଷମତା ଏକ୍ସପ୍ରେସ କାର୍ଯ୍ୟକ୍ରମ

**ବୋଲଗଡ଼,୨୨।୮(ଡି.ଏନ.ଏ.)**

ଭିନ୍ନକ୍ଷମ ସଶକ୍ତିକରଣ ଓ ସାମାଜିକ ସୁରକ୍ଷା ପାଇଁ ବୋଲଗଡ଼ ବ୍ଲକ ସାଗରଗାଁ ପଞ୍ଚାୟତଠାରେ ଗୁରୁବାର କ୍ଷମତା ଏକ୍ସପ୍ରେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମ, ବୟସ୍କ, ଶିଶୁମାନଙ୍କର ଶାରୀରିକ ଅକ୍ଷମତା ନିରୂପଣ ଓ ନିଦାନ ପାଇଁ ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ହୋଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିବାବେଳେ ଏବିଡିଓ ରତିକାନ୍ତ ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ସୁବାସ ରାୟଗୁରୁ ଓ ବିଭିନ୍ନ ବିଭାଗ ଡାକ୍ତରମାନେ ଉପସ୍ଥିତ ଥିଲେ। ଏଥିରେ ୨୦୩ ଜଣ ନାମ ପଞ୍ଜୀକୃତ କରିଥିଲେ। ଭିନ୍ନକ୍ଷମ ଭାବେ ଚିହ୍ନଟ କରାଯାଇଥିବା ୧୪୭ ଜଣଙ୍କ ନାମ ୟୁଡିଆଇଡି ପୋର୍ଟାଲରେ ପଞ୍ଜୀକୃତ କରାଯାଇଛି। ଡାକ୍ତରମାନେ ୨୯ଜଣଙ୍କ ଚକ୍ଷୁ, ୮୦ ଜଣଙ୍କ ଶ୍ରବଣଜନିତ ସମସ୍ୟା ସମ୍ପର୍କରେ ପରୀକ୍ଷା କରିଥିଲେ। ବାକ୍‌ଶକ୍ତି ସମସ୍ୟା ଭୋଗୁଥିବା ୨୬ ଜଣ ଭିନ୍ନକ୍ଷମଙ୍କୁ ସହାୟକ ଯନ୍ତ୍ର ତଥା ଉପକରଣ ଯୋଗାଇ ଦିଆଯାଇଛି। ୨୯ ଜଣଙ୍କୁ ଚିକିତ୍ସା ଯୋଗାଇ ଦେବା ସହ ଶତାଧିକ ଲୋକଙ୍କୁ ସ୍ୱାସ୍ଥ୍ୟଭିତ୍ତିକ ପରାମର୍ଶ ପ୍ରଦାନ କରାଯାଇଛି। ଏହି ଅବସରରେ ୬ ଭିନ୍ନକ୍ଷମଙ୍କୁ ଭତ୍ତା ପ୍ରଦାନ ନିମନ୍ତେ ସୁପାରିସ କରାଯାଇଛି।


ଭିନ୍ନକ୍ଷମ ନାମ ପଞ୍ଜୀକୃତ ପାଇଁ ଲୋକଙ୍କ ଧାଡ଼ି ଲାଗିଛି।

## ଚଢ଼ା ଦରରେ ସାର ବିକ୍ରି
# ଚଢ଼ାଉ ନାହିଁ, ଚାଷୀ ଅସନ୍ତୋଷ

**ବେଗୁନିଆ,୨୨।୮ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ରସାୟନିକ ସାର ଚଢାଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ଭଳି ଏ ବର୍ଷ ସମାନ ଅବସ୍ଥା ସୃଷ୍ଟି ହୋଇଥିବା ବେଳେ କୃଷି ବିଭାଗ ପକ୍ଷରୁ ଚଢାଉ କି ପଦକ୍ଷେପ ନିଆଯାଉନାହିଁ। ଫଳରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ଧାନ ତଳୁ ରୁଆ ସମୟରେ କାଦୁଅରେ ତଳି ସାର ଦିଆଯାଇଥାଏ। ମୁଖ୍ୟତଃ ୟୁରିଆ, ଗ୍ରୋମୋର ସାରର ବ୍ୟବହାର ହୋଇଥାଏ। ୟୁରିଆ ସାର ୪୫ କିଗ୍ରା ପ୍ରତି ସରକାରୀ ମୂଲ୍ୟ ୨୬୮ ଟଙ୍କା ଥିବା ବେଳେ ୩୫୦ରୁ୪୫୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଗ୍ରୋମୋର ୫୦ କିଗ୍ରା ବସ୍ତା ପ୍ରତି ୧୧୨୫ ଟଙ୍କା ମୂଲ୍ୟ ଧାର୍ଯ୍ୟ ହୋଇଥିବାବେଳେ ୧୪୦୦ରୁ ୧୪୪୦ ଟଙ୍କାରେ ବିକ୍ରି ହେଉଛି। ବସ୍ତା ପ୍ରତି ଶହେରୁ ୩୦୦ ଟଙ୍କା ଅଧିକ ଦରରେ ସାର ବିକ୍ରି କରି ବ୍ୟବସାୟୀମାନେ ଚାଷୀଙ୍କୁ ଶୋଷଣ କରିବାରେ ଲାଗିଛନ୍ତି। ସେହିପରି କେତେଜଣ ରିଟେଲର ପଏଣ୍ଟରେ ଟଙ୍ଗା ଯାଇଥିବା ଦର ତାଲିକାର କୌଣସି ସରକାରୀ ନିୟାମାନୁସାରେ ନିର୍ଦ୍ଦିଷ୍ଟତା ରହୁନାହିଁ। ସାର ବସ୍ତାରୁ ପାଉଁଶ ଗୁଣ୍ଡ, ଲୁଣ ଦାନା, କାଗଜ ଗୁଣ୍ଡ ଆଦି ବାହାରୁ ଥିବାର ନଜରକୁ ଆସିଛି। ଅନ୍ୟପକ୍ଷରେ କେତେଜଣ ବ୍ୟବସାୟୀ କଟକ, ଜଟଣୀ, ବ୍ରହ୍ମପୁରରୁ ସାର କିଣି ପରିବହନ ଖର୍ଚ୍ଚ ବାବଦକୁ ଚଢା ଦର ଚାଷୀଙ୍କଠାରୁ ନେବାକୁ ପଡୁଛି ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି। ଅନେକ ରିଟେଲର ପଏଣ୍ଟର ମେଶିନ ଅଚଳ ଯୋଗୁ ଚାଷୀ ଟିପ ଚିହ୍ନ ଦେଇ ପାରୁନାହାନ୍ତି। ସେହିପରି କୋ-ଅପରେଟିଭ ସୋସାଇଟ୍ ମାଧ୍ୟମରେ ସବ୍‌ସିଡି ସାର ଯୋଗାଣ ମଧ୍ୟ ଅନେକ ସମୟରେ ଚାଷୀ ଉପକୃତ ହୋଇ ପାରୁନାହାନ୍ତି। ବହୁ ସମୟରେ ସୋସାଇଟ୍ ବନ୍ଦ ରହୁଥିବାରୁ ଚାହିଦା ମୁତାବକ ସାର ନାହିଁ ଉତ୍ତର ମିଳୁଛି। ପ୍ରକାଶ ଯେ, ବ୍ଲକର୨୧ ପଞ୍ଚାୟତର ପ୍ରାୟ ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଚଳିତ ଖରିଫ ଋତୁରେ ପ୍ରାୟ ୧୩ ହଜାର ୩୦ ହେକ୍ଟର ଜମିରେ ଧାନ ଚାଷ ଏବଂ ୨୮୬୦ ହେକ୍ଟର ଜମିରେ ପରିବା ଚାଷ କରାଯାଉଛି। ୧୩ଟି ସମବାୟ ସଂସ୍ଥା ମାଧ୍ୟମରେ ସବ୍‌ସିଡି ସାର ଯୋଗାଣ କରାଯାଉଛି। ସେହିପରି ବ୍ଲକରେ ଜଣେ ସାର ହୋଲସେଲର ଥିବାବେଳେ ୪୨ଟି ସ୍ୱୀକୃତି ପ୍ରାପ୍ତ ରିଟେଲର ଅଛନ୍ତି। ସେଥିମଧ୍ୟରୁ ବିଭିନ୍ନ କାରଣ ଦର୍ଶାଇ ପ୍ରାୟ ୮ଟି ରିଟେଲର ୨ ବର୍ଷ ହେଲା ସାର ବିକ୍ରୟ କରୁନାହାନ୍ତି। ବିକ୍ରି କରୁ ନ ଥିବା ୪ ରିଟେଲର ପଏଣ୍ଟର ସ୍ୱୀକୃତି ପତ୍ର ମଧ୍ୟ ରଦ୍ଦ କରାଯାଇ ନ ଥିବା ଜଣାପଡିଛି। ଚଢା ଦରରେ ସାର ବିକ୍ରୟକୁ ରୋକ୍ ଲଗାଇବାକୁ ଅଞ୍ଚଳର ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ କୃଷୀ ଅଧିକାରୀ ରତିକାନ୍ତ ପଟ୍ଟନାୟକ କୁହନ୍ତି, ଚଢା ଦରରେ ସାର ବିକ୍ରି ହେଉଥିବା ଚାଷୀ ଅଭିଯୋଗ କରିନାହାନ୍ତି। ସମବାୟ ସମିତିରୁ ଚାଷୀମାନେ ଉପଯୁକ୍ତ ଦର ସହ ପ୍ରକୃତ ଅସଲି ସାର କିଣି ଚାଷ କାର୍ଯ୍ୟରେ ଲଗାଇ ପରିବେ। ବ୍ୟତିକ୍ରମ ଖବର ଆମ ପାଖୁ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



# ବିବାଦୀୟ ହେବାକୁ ଚାହୁଁନି ପ୍ରଶାସନ

## ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ପ୍ରସଙ୍ଗ

- ମେଘନାଦ ପାଚେରି ପାର୍ଶ୍ୱ ଉଚ୍ଛେଦ କାର୍ଯ୍ୟ ସରିଲା
- ରାମଦୟା ପରିଷଦ ରୋଷେଇ ଘରକୁ ନେଇ ଚର୍ଚ୍ଚା
- ବାଦ୍ ପଡ଼ିଥିବା ମଠ, ମନ୍ଦିରର ସୌନ୍ଦର୍ଯ୍ୟକରଣ ହେବ



ମେଘନାଦ ପାଚେରି ପାର୍ଶ୍ୱ କୋଠାକୁ ଉଚ୍ଛେଦ କରାଯାଉଛି।

ପୁରୀ ଅଫିସ, ୨୨।୮

ମେଘନାଦ ପାଚେରିକୁ ଲାଗି ରହିଥିବା ସରକାରୀ ଓ ବେସରକାରୀ ନିର୍ମାଣ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଛି। କେବଳ କେତେକ ମନ୍ଦିର ଓ ମଠକୁ ଛାଡ଼ି ବାକି ସମସ୍ତ ନିର୍ମାଣକୁ ଭାଙ୍ଗିଦେଇଛି ପ୍ରଶାସନ। ଉତ୍ତର ପାର୍ଶ୍ୱରେ ଗୋଟିଏ, ଦକ୍ଷିଣ ଓ ପଶ୍ଚିମ ପାର୍ଶ୍ୱରେ ୨ଟି ଲେଖାଏ ମନ୍ଦିର ରହିଥିବାବେଳେ ପୂର୍ବ ପାର୍ଶ୍ୱରେ ରାମଦୟା ପରିଷଦ, ବଡ଼ଛତା ମଠ ଏବଂ ଛାଉଣୀ ମଠକୁ ଛାଡ଼ି ଦିଆଯାଇଛି। ଧର୍ମୀୟ ଭାବନା ଓ ମହାପ୍ରଭୁଙ୍କ ନୀତିକାନ୍ତି ସହ ଜଡ଼ିତ ମଠ, ମନ୍ଦିରକୁ ନ ଭାଙ୍ଗି ଏଗୁଡ଼ିକର ସଂରକ୍ଷଣ ଏବଂ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। କିନ୍ତୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର ଓ ସ୍ଥାପନ କରାଯିବା ନେଇ ଏ ପର୍ଯ୍ୟନ୍ତ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିନି ପ୍ରଶାସନ। ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଯେଉଁଠି ଅଛି (ସୂଚନାକେନ୍ଦ୍ର ଛାତ ଉପରେ) ସେଠାରୁ ସ୍ଥାନାନ୍ତର ନ କରିବା ଲାଗି ଗୋପବନ୍ଧୁପ୍ରେମୀ ଅଡ଼ି ବସିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଅନ୍ୟତ୍ର ସ୍ଥାନାନ୍ତର ଲାଗି ପ୍ରଶାସନ ଯେଉଁ ଯୋଜନା କରୁଥିଲା ସେଥିରୁ ଓହରି ଯିବାକୁ ସ୍ଥିର କରିଛି। କାରଣ ବର୍ତ୍ତମାନ ପରିସ୍ଥିତିରେ କୌଣସି ବିବାଦରେ ପଶିବାକୁ ପ୍ରଶାସନ ଚାହୁଁ ନ ଥିବା ଜଣାପଡ଼ିଛି।

ଶ୍ରୀମନ୍ଦିରର ସୁରକ୍ଷା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୌନ୍ଦର୍ଯ୍ୟକରଣ ପାଇଁ ମୁକ୍ତ ହୋଇଛି ମେଘନାଦ ପାଚେରି। ପାଚେରିକୁ ଲାଗି ରହିଥିବା ସରକାରୀ ଓ ବେସରକାରୀ ନିର୍ମାଣକୁ ଉଚ୍ଛେଦ କରିଛି ପ୍ରଶାସନ। ସୋମବାର ଆରମ୍ଭ ହୋଇଥିବା ଏହି ଉଚ୍ଛେଦ ଅଭିଯାନ ଚତୁର୍ଥ ଦିନରେ ବି ଚାଲିଥିଲା। ବଳକା ରହିଥିବା କିଛି ନିର୍ମାଣକୁ ଗୁରୁବାର ଭଙ୍ଗା ଯାଇଥିଲା। ବିଶେଷକରି ରାମଦୟା ପରିଷଦ ପଛ ପାର୍ଶ୍ୱରେ ତିଆରି ହୋଇଥିବା ଘରକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇ ମେଘନାଦ ପାଚେରିଠାରୁ ଛଡ଼ାଇ ଦିଆଯାଇଥିଲା। ତେବେ ରାମଦୟା ପରିଷଦ ପଛ ପାର୍ଶ୍ୱରେ ଥିବା ବରଗଛ ମୂଳ ଏବଂ ରୋଷେଇ ଘରକୁ ନେଇ ଦିନତମାମ୍ ଚର୍ଚ୍ଚା ଚାଲିଥିଲା। ରୋଷେଇ ଘରକୁ କେହି ଗୁପ୍ତ କୋଠରି ବୋଲି କହୁଥିବା ବେଳେ ବରଗଛକୁ ତଡ଼ାଯିବା ପରେ ତା' ମୂଳରୁ ଶ୍ରୀମନ୍ଦିରକୁ ଗୁପ୍ତ ସୁଡ଼ଙ୍ଗ ରହିଥିବା କହୁଥିଲେ। ତେବେ ପ୍ରଶାସନିକ ଅଧିକାରୀ, ଏଏସ୍ଆଇ ଏବଂ ରାମଦୟା ପରିଷଦର ସମ୍ପାଦକ ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ।

ରାମଦୟା ପରିଷଦର ସମ୍ପାଦକ ତଥା ବଡ଼ଛତା ମଠ ମହନ୍ତ ଜଗନ୍ନାଥ ଦାସ ମହାରାଜ କହିଛନ୍ତି, ଏହା ଗୁପ୍ତ କୋଠରୀ ନୁହେଁ। ବିଭିନ୍ନ ସମୟରେ ସାଧୁସନ୍ଥ ଆସିଲେ ସେମାନଙ୍କ ପାଇଁ ଏହି ଘରେ ରୋଷେଇ କରାଯାଉଥିଲା। ଏହାର ଛାତ ଉପରେ ଥିବା ଘରେ ସେମାନେ ବିଶ୍ରାମ ନେଉଥିଲେ। ସେହିପରି ସୁଡ଼ଙ୍ଗ ପ୍ରସଙ୍ଗରେ କହିଥିଲେ, ଶତାୟୁ ବରଗଛ ଉପାଡ଼ି ଦେବା ପରେ ତା' ମୂଳରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏହାକୁ ସୁଡ଼ଙ୍ଗ କହି ଭ୍ରାନ୍ତ ଧାରଣା ସୃଷ୍ଟି କରାଯାଉଛି। ସେହିପରି ଏଏସ୍ଆଇ ପକ୍ଷରୁ ମଧ ଗୁପ୍ତ କୋଠରି ଚର୍ଚ୍ଚାକୁ ଖଣ୍ଡନ କରାଯାଇଛି। ଏହା ପୁରୁଣା ନୁହେଁ, ନୂଆ ନିର୍ମାଣ ବୋଲି କୁହାଯାଇଥିବା ବେଳେ ଉପଜିଲାପାଳ ଭବତାରଣ ସାହୁ ମଧ ଗୁପ୍ତ କୋଠରି ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି। ଗୁପ୍ତ କୋଠରି କିମ୍ବା ସୁଡ଼ଙ୍ଗ ନାହିଁ ବୋଲି ସେ କହିଛନ୍ତି। ତେବେ ଏଏସ୍ଆଇ ଓ ଶ୍ରୀମନ୍ଦିର ପ୍ରଶାସନ ଅଜ୍ଞାତରେ କିପରି ମେଘନାଦ ପାଚେରିକୁ ଲାଗି କୋଠରି ତିଆରି ହୋଇଥିଲା ବୋଲି ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଶାସନ ଯେଉଁ କେତେକ ମଠ, ମନ୍ଦିରକୁ ବାଦ୍ ଦେଇଛି ସେଗୁଡ଼ିକ ମଧ୍ୟରୁ କିଛି ଭାଙ୍ଗିବାକୁ ଯୋଜନା କରାଯାଇଛି। ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ପାଇଁ ଏଥିମଧ୍ୟରୁ କେତେକକୁ ଭାଙ୍ଗି ସାଇଜ୍ କରାଯିବ। କେବଳ ଠାକୁରଙ୍କ ବିଜେସ୍ଥଳୀକୁ ସମ୍ମାନର ସହ ସୁରକ୍ଷିତ ରଖାଯାଇ ବଳକା ଅଂଶକୁ ଉଚ୍ଛେଦ କରାଯିବ ବୋଲି ଶୁଣିବାକୁ ମିଳୁଛି। ମାତ୍ର ଏ ନେଇ ପ୍ରଶାସନ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

## ଜିଲାପାଳଙ୍କ ସହ ଆଲୋଚନା କଲେ ଭାଜପା ପ୍ରତିନିଧି

ପୁରୀ ଅଫିସ, ୨୨।୮

ଶ୍ରୀମନ୍ଦିର ମେଘନାଦ ପାଚେରି ନିକଟରୁ ୭୫ମିଟର ଉଚ୍ଛେଦ ନିଷ୍ପତ୍ତି ବିରୋଧରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ୮ଜଣିଆ ପ୍ରତିନିଧି ମଣ୍ଡଳୀ ଗୁରୁବାର ଜିଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ମଠ ମନ୍ଦିରର ସୁରକ୍ଷା, ଭାଙ୍ଗିବା ପୂର୍ବରୁ ସହରବାସୀଙ୍କୁ ବ୍ଲୁ ପ୍ରିଣ୍ଟ ପ୍ରଦାନ, ବିସ୍ଥାପିତଙ୍କୁ ଥଇଥାନ, ପ୍ରତି ମଠକୁ ଐତିହ୍ୟ ଘୋଷଣା, ଜନସାଧାରଣଙ୍କ ଭୂ ସମ୍ପତ୍ତିର ସୁରକ୍ଷା ସହ ଶ୍ରୀମନ୍ଦିରର ସୁରକ୍ଷା ଓ ବିକାଶର ପ୍ରକୃତ ତଥ୍ୟ ଉପସ୍ଥାପନ, ବୁଦ୍ଧିଜୀବୀ, ସେବାୟତ ନିଯୋଗ, ଜାଗା ଆଖଡା ଓ ସାହି ମୁଖିଆମାନଙ୍କ ସହ ଆଲୋଚନା କରାଯିବା ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା। ଆଲୋଚନାବେଳେ ବିଧାୟକଙ୍କ ସହ ଦଳର ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଜଗଦ୍ଦେବ, ରାଜ୍ୟ ସମ୍ପାଦକ ଚଣ୍ଡୀପ୍ରସାଦ ସିଂହ, ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ନଗର ସଭାପତି ନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉଠାଦୋକାନୀଙ୍କୁ ପ୍ରଥମେ ଥଇଥାନ କରିବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଥିଲେ। ଜିଲାପାଳ କହିଥିଲେ, ବର୍ତ୍ତମାନ ସୁଦ୍ଧା ସରକାରଙ୍କ ବ୍ଲୁ ପ୍ରିଣ୍ଟ ପହଞ୍ଚିନାହିଁ। ଏହା ପହଞ୍ଚିବା ପରେ ସମସ୍ତଙ୍କ ସହ ଆଲୋଚନା କରାଯିବ। ସମସ୍ତ ଉଠାଦୋକାନୀ ଓ ବାସହରାଙ୍କୁ ଥଇଥାନ କରାଯିବ। ଏ ନେଇ କେହି ଚିନ୍ତିତ ହେବାର ନାହିଁ ବୋଲି ଜିଲାପାଳ ଆଶ୍ୱାସନା ଦେଇଥିଲେ।



ଜନ୍ମାଷ୍ଟମୀ ନୀତି ଲାଗି ସାକ୍ଷୀଗୋପାଳ ମନ୍ଦିରକୁ ସଜାଯାଇଛି।

## ଜନ୍ମାଷ୍ଟମୀ ଲାଗି ସାକ୍ଷୀଗୋପାଳ ମନ୍ଦିର ଚଳଚଞ୍ଚଳ

ସାକ୍ଷୀଗୋପାଳ, ୨୨।୮(ଡି.ଏନ୍.ଏ.)

ସାକ୍ଷୀଗୋପାଳ ମନ୍ଦିରରେ ଶୁକ୍ରବାର ଶ୍ରୀକୃଷ୍ଣ ଜନ୍ମୋତ୍ସବ ସମାରୋହରେ ପାଳିତ ହେବ। ଏଥି ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପରମ୍ପରା କ୍ରମେ ମନ୍ଦିରରେ ଶିଶୁ କୃଷ୍ଣଙ୍କ ଜନ୍ମବିଧି ପାଳନ ନିମନ୍ତେ ଅଭିମନ୍ତ୍ରିତ ଜଳ କଳସ ପାଣିପୂଜା ଅନୁଷ୍ଠିତ ହୋଇଛି। ମନ୍ଦିରର ପୁରାଣ ପଣ୍ଡିତ, ପୁରୋହିତ, ପୂଜାପଣ୍ଡା, ପାଳିଆପତ୍ରୀ ଓ ଆପଟ ସେବାୟତ ପାଣିପୂଜାରେ ସାମିଲ ହୋଇଥିଲେ। ପ୍ରତିବର୍ଷ ପରି ମନ୍ଦିର ସିଂହଦ୍ୱାର ସମ୍ମୁଖରେ ସେବାୟତ ସଂଘ ଆନୁକୂଲ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଯଜ୍ଞ ମଣ୍ଡପରେ ବୈଦିକ ବ୍ରହ୍ମଣ ମଣ୍ଡଳୀ ଅଧିବାସ, ମଣ୍ଡପ ସଂସ୍କାର, ଘଟ ସ୍ଥାପନ ଓ ଅଗ୍ନି ସ୍ଥାପନ କରିଛନ୍ତି। ଅଧ୍ୟାତ୍ମିକ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଆକର୍ଷଣୀୟ ମଞ୍ଚସଜ୍ଜା ଶେଷ ହୋଇଛି। ରବିବାର ନିଶାର୍ଦ୍ଧରେ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ଜନ୍ମବିଧି ପାଳନ, କୋରାଭୋଗ ଆଦି ସହ ଶିଶୁ କୃଷ୍ଣଙ୍କୁ ଦୋଳାୟମାନ କରାଯିବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ସୂଚନାଯୋଗ୍ୟ ସାକ୍ଷୀଦେବାକୁ ବୃନ୍ଦାବନରୁ ଚାଲିଚାଲି ଆସିଥିବା ଗୋପାଳ ସାକ୍ଷୀଗୋପାଳ ଭାବରେ ବିରାଜମାନ ହୋଇଥିବାରୁ ଜନ୍ମାଷ୍ଟମୀ ଅବସରରେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କର ସମାଗମ ହୋଇଥାଏ।

## ବେଳାଭୂମି ଅପରିଷ୍କାର କଲେ ଜରିମାନା ଗଣିବେ ପର୍ଯ୍ୟଟକ

ପୁରୀ ଅଫିସ, ୨୨।୮



ପୁରୀକୁ ପ୍ରତ୍ୟହ ଦେଶ, ବିଦେଶର ପର୍ଯ୍ୟଟକ ଆସିଥାନ୍ତି। ଏଠାରେ ରହିଛି ମନୋରମ ବେଳାଭୂମି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପରେ ସଂଖ୍ୟାଧିକ ପର୍ଯ୍ୟଟକଙ୍କ ଖାସ୍ ଆକର୍ଷଣ ସାଜିଥାଏ ଏହି ବେଳାଭୂମି। ଏହାର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ଦି ଘେରା ବୁଲି ଆସିଲେ ଅନେକ ଖୁସି ହୋଇଯାନ୍ତି। ସେହିପରି ପୁରୀ ସମୁଦ୍ରରେ ସ୍ନାନ କରିବାର ମଜା ନିଆରା। ବେଳାଭୂମି ସ୍ୱଚ୍ଛ ଓ ସୁନ୍ଦର ରଖିବା ଲାଗି ପୁରୀ ଜିଲା ପ୍ରଶାସନ ପ୍ରୟାସ ଚଳାଇଛି। ମୋ ବିଚ୍ ଅଭିଯାନରେ ବେଳାଭୂମିକୁ ସଫେଇ କରାଯାଉଛି। ତେବେ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଯେପରି ବେଳାଭୂମିକୁ ଅପରିଷ୍କାର ନ କରିବେ ସେଥିଲାଗି ସେମାନଙ୍କୁ ସଚେତନ କରିବ ପୁରୀ ପୌରସଂସ୍ଥା। ଏଥିପାଇଁ ବେଳାଭୂମି କଡ଼େ କଡ଼େ ଲାଗିଥିବା ହାଇମାଷ୍ଟ ଲାଇଟ୍‌ରେ ମାଇକ୍ ଲଗାଯାଇଛି।

ଏ ସମ୍ପର୍କରେ ପୌରସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି, ପୁରୀ ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଲାଗି ଯୋଜନା ହୋଇଛି। ବେଳାଭୂମିକୁ ବୁଲି ଆସୁଥିବା କୌଣସି ପର୍ଯ୍ୟଟକ ଯେପରି ପ୍ଲାଷ୍ଟିକ, ପଲିଥିନ କିମ୍ବା ଅନ୍ୟ କୌଣସି ଆବର୍ଜନା ବେଳାଭୂମିରେ ନ ପକାନ୍ତି ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିଲାଗି ପର୍ଯ୍ୟଟକଙ୍କୁ ସଚେତନ କରାଯିବ। ସ୍ୱଚ୍ଛତା ବିଷୟରେ ରେକର୍ଡିଂ କରାଯାଇ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯିବ। ସେହିପରି ନୋ ପାର୍କିଂ ଜୋନ୍‌ରେ କେହି ଗାଡି ରଖିବେ ନାହିଁ। ଯଦି ଏ ସବୁକୁ କେହି ନ ମାନନ୍ତି ତେବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

## ରେଳଷ୍ଟେଶନରୁ ୨ ସମଲିଙ୍ଗୀ ଯୁବତୀ ଉଦ୍ଧାର

ପୁରୀ ଅଫିସ, ୨୨।୮

ଦୁଇଜଣ ସମଲିଙ୍ଗୀ ଯୁବତୀଙ୍କୁ ଗୁରୁବାର ପୁରୀ ରେଳଷ୍ଟେଶନରୁ ଆରପିଏଫ୍ ପୋଲିସ ଉଦ୍ଧାର କରିଛି। ପରେ ଦୁହିଁଙ୍କୁ ନିଜ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, କିଛିଦିନ ତଳେ ଗଞ୍ଜାମ ଜିଲାର ଦୁଇଜଣ ଯୁବତୀ ପରସ୍ପର ସଂସ୍ପର୍ଶରେ ଆସିଥିଲେ। ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ଗଢି ଉଠିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଯୁବତୀଙ୍କ ବିବାହ ଠିକ୍ କରିଥିଲେ ପରିବାର ଲୋକେ। ଏ ସଂକ୍ରାନ୍ତରେ ଯୁବତୀ ଦ୍ୱୟ ଜାଣିବା ପରେ ଘରୁ ଲୁଚି ପୁରୀ ଚାଲି ଆସିଥିଲେ। ଗୁରୁବାର ସେମାନେ ପୁରୀ ରେଲୱେ ଷ୍ଟେଶନରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ବେଳେ ପ୍ଲାଟଫର୍ମରେ ଡ୍ୟୁଟି କରୁଥିବା ଆରପିଏଫ୍ ଏସ୍ଆଇ ପ୍ରଣବ ନାୟକ ଦୁହିଁଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ଏହି ସମୟରେ ସେମାନେ ଘଟଣା ସମ୍ପର୍କରେ କହିଥିଲେ ବୋଲି ଥାନା ଅଧିକାରୀ ଅନିଲ କୁମାର ସିଂ ପ୍ରକାଶ କରିଛନ୍ତି। ଏ ନେଇ ଉଭୟଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଗତ ୧୮ତାରିଖରେ ଜଣେ ଯୁବତୀଙ୍କ ନିଖୋଜ ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ସେମାନଙ୍କ ପରିବାର ଲୋକେ ଥାନାରେ ପହଞ୍ଚିବା ପରେ ଉଭୟଙ୍କୁ ହସ୍ତାନ୍ତର କରାଯାଇଛି।

## ବର୍ଷାଦିନ ଆସିଲେ ଅଧାଦିନ ସ୍କୁଲ ଯାଇପାରନ୍ତି ନାହିଁ ଛାତ୍ରୀଛାତ୍ର



ଛାତ୍ରୀମାନେ କର୍ଦ୍ଦମାକ୍ତ ରାସ୍ତାରେ ବିଦ୍ୟାଳୟକୁ ଆସୁଛନ୍ତି।

ବ୍ରହ୍ମଗିରି, ୨୨।୮ (ଡି.ଏନ୍.ଏ.)

ପୁରୀ ଜିଲା ବ୍ରହ୍ମଗିରି ବ୍ଲକରେ ଦେଖିବାକୁ ମିଳିଛି ଉପାନ୍ତ ଇଲାକାର ଚିତ୍ର। ଗାଁରେ ସବୁଦିନିଆ ରାସ୍ତା ଖଣ୍ଡେ ନ ଥିବାରୁ ବର୍ଷାଦିନ ଆସିଲେ ସମସ୍ୟା ବଢିଯାଏ। ଫଳରେ ବର୍ଷା ଋତୁରେ ଏହି ଗାଁର ଅଧିକାଂଶ ଛାତ୍ରୀଛାତ୍ର ଅଧାଦିନ ସ୍କୁଲ ଯାଇପାରନ୍ତି ନାହିଁ। ପ୍ରକାଶ ଥାଉକି, ଏହି ବ୍ଲକର ଶେଷ ସୀମାରେ ରହିଛି ନିଖିରା ଗୋବିନ୍ଦପୁର ଗାଁ। ଏହି ଗାଁରେ ବସବାସ କରନ୍ତି ୩ ହଜାରରୁ ଊର୍ଦ୍ଧ୍ୱ ଲୋକ। କିନ୍ତୁ ଏହି ଗାଁକୁ ଯାତାୟାତ ପାଇଁ ଭଲ ରାସ୍ତାଟିଏ ନାହିଁ। ପ୍ରାୟ ୨କିଲୋମିଟରର ଥିବା ମାଟି ରାସ୍ତାଟି ଗ୍ରାମବାସୀଙ୍କ ନିତିଦିନିଆ ରାସ୍ତା ପାଲଟିଛି। କିନ୍ତୁ ବର୍ଷା ହେଲେ ଏଠାକାର ଲୋକଙ୍କ ସମସ୍ୟା ଦ୍ୱିଗୁଣିତ କରେ। ସରକାର ଗମନାଗମନ ପାଇଁ ତତ୍ପର ଥିବା ସମୟରେ ଏହି ଗାଁକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ପକ୍କାରାସ୍ତା ତ ଦୂରର କଥା ପାଦଚଲା ପାଇଁ ମୋରମ ରାସ୍ତାଟେ ଏପର୍ଯ୍ୟନ୍ତ ହୋଇପାରିନି। ଫଳରେ ସାମାନ୍ୟ ବର୍ଷାରେ ଏହି ରାସ୍ତାଟି କାଦୁଅ ପୂର୍ଣ୍ଣ ହୋଇଯାଏ। ଯଦ୍ୱାରା ଗାଁଠାରୁ ଦୂରରେ ଥିବା ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଅଧିକ ବର୍ଷାରେ ଅଧାଦିନ ବିଦ୍ୟାଳୟକୁ ଯାଇ ପାରନ୍ତି ନାହିଁ। ଏ ସମ୍ପର୍କରେ ଗ୍ରାମର ଦୀନବନ୍ଧୁ ସାହୁ କୁହନ୍ତି ଆମେ ୩୦ ବର୍ଷ ହେଲା ଦେଖି ଆସୁଛୁ ଆମ ଗାଁର ରାସ୍ତା ଅବସ୍ଥା ଏହିଭଳି ଦୟନୀୟ ହୋଇପଡିଛି। ଏଥିରେ ସରକାର ମୋରମ ଗଣ୍ଡେ ପକାଉ ନାହାନ୍ତି। ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନି। ସେହିଭଳି ଗ୍ରାମର ପ୍ରୀତି ପ୍ରିୟଦର୍ଶିନୀ ପ୍ରଧାନ ଓ ଆଶୁତୋଷ ପ୍ରଧାନ କୁହନ୍ତି, ଆମ ଗାଁ ରାସ୍ତା ଏତେ ଖରାପ ଯେ ବର୍ଷାହେଲେ ଯାତାୟାତ କରିବା ଅସମ୍ଭବ। ସ୍କୁଲ ଯିବାବେଳେ ସମୟେ ସମୟେ ରାସ୍ତାରେ କାଦୁଅରେ ଗୋଡ ଖସି ଆମେ ପଡିଯାଉ। ଫଳରେ ଆମ ଡ୍ରେସ, ବହିପତ୍ର କାଦୁଅ ହେବା ଯୋଗୁ ଆମକୁ ଅଧାବାଟରୁ ଘରକୁ ଫେରିବାକୁ ପଡେ। ବର୍ଷାଦିନେ ଆମର ଅଧିକାଂଶ ସମୟ ସ୍କୁଲ ଯିବା ବନ୍ଦ ହୁଏ। ଏ ନେଇ ବ୍ରହ୍ମଗିରି ବ୍ଲକ ବିଡିଓ ଭାସ୍କର ଚନ୍ଦ୍ର ରଇତ କୁହନ୍ତି, ଏହି ରାସ୍ତା ସମ୍ପର୍କରେ ଅଭିଯୋଗ ପାଇଛି। ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ କରୁଥିଲା। କାହିଁକି କାମ ବନ୍ଦ ଅଛି ତାହାର କାରଣ ଜାଣିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

ପୁରୀ ଅଫିସ, ୨୨।୮: ଶାଶୁଘର ଲୋକଙ୍କ ଦ୍ୱାରା ନିର୍ଯାତିତା ଜଣେ ମହିଳା ଗୁରୁବାର ପୁରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ନ୍ୟାୟ ଦେବାକୁ ସେ ଗୁହାରି ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ, ଚନ୍ଦନପୁର ଥାନା ଅଞ୍ଚଳର ଜଣେ ଯୁବତୀ ବର୍ଷକ ତଳେ ସଦର ଥାନା ଅଧୀନ କପିଳେଶ୍ୱରପୁର ଗ୍ରାମର ଜଣେ ଯୁବକଙ୍କୁ ବିବାହ କରିଥିଲେ। କିଛିଦିନ ତଳେ ପୀଡ଼ିତାଙ୍କ ସହ ତାଙ୍କ ସ୍ୱାମୀଙ୍କ ସମ୍ପର୍କୀୟ ଭାଇ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ସେ ଗର୍ଭ ଧାରଣ କରିଥିଲେ। ଏ ନେଇ ସେ ଶାଶୁଘର ଲୋକଙ୍କୁ ଜଣାଇବା ପରେ ଘଟଣାର ଆପୋଷ ସମାଧାନ ହୋଇଥିଲା। ତେବେ ସପ୍ତାହକ ତଳେ ସମ୍ପୃକ୍ତ ଯୁବକ କୌଶଳ କ୍ରମେ ପୀଡ଼ିତାଙ୍କୁ ପୁରୀ ଆଣି ଏକ ଘରୋଇ ହସ୍‌ପିଟାଲରେ ଗର୍ଭ ନଷ୍ଟ କରିଥିଲେ। ଏହାପରଠୁ ଶାଶୁଘର ଲୋକେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଛନ୍ତି। ବୁଧବାର ରାତିରେ ସେମାନେ ତାଙ୍କୁ ଗାଳିଗୁଲଜ କରି ଧକ୍କା ମାରି ଘରୁ ବାହାର କରିଦେଇଥିଲେ। ବିଳମ୍ବିତ ରାତି ହୋଇଥିବାରୁ ସେମାନଙ୍କୁ ବହୁ ନେହୁରା ହେବା ସତ୍ତ୍ୱେ କିଛି ଶୁଣି ନ ଥିଲେ। ଏ ସଂକ୍ରାନ୍ତରେ ପୀଡ଼ିତା ଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ତାଙ୍କୁ ଥାନାରୁ ତଡ଼ି ଦେଇଥିଲା। ଅଭିଯୁକ୍ତ ଯୁବକ ଓ ତାଙ୍କ ଶାଶୁଘର ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସେ ଏସ୍‌ପିଙ୍କୁ ଗୁହାରି ଜଣାଇଛନ୍ତି।

### ୧୪୪ ଧାରା ସତ୍ତ୍ୱେ ଗୃହ ନିର୍ମାଣ, ଥାନାରେ ମାମଲା

ଗୋପ, ୨୨।୮(ଡି.ଏନ୍.ଏ.): ଗୋପ ଥାନା ଅଧୀନ ସୋବନପୁର ଗ୍ରାମର ରବୀନ୍ଦ୍ର କୁମାର ପ୍ରଧାନ ଜଣେ ଭିନ୍ନକ୍ଷମ ବ୍ୟକ୍ତି। ତାଙ୍କର ସୋବନପୁର ବଜାର ଉପରେ ଥିବା ଜାଗାକୁ ମଡ଼ାଇ ଜନୈକ ବ୍ୟକ୍ତି ଗୃହ ନିର୍ମାଣ କରୁଥିବା ନେଇ ରବୀନ୍ଦ୍ର ଗୋପ ତହସିଲରେ ମୋକଦ୍ଦମା ରୁଜୁ କରିଛନ୍ତି। ମାତ୍ର ସେଠାରେ ୧୪୪ ଧାରା ଜାରି ହୋଇଥିବାବେଳେ ଏହାକୁ ଉଲ୍ଲଂଘନ କରି ସଂପୃକ୍ତ ଗ୍ରାମର ବିଜୟ ବେହେରା ଗୃହ ନିର୍ମାଣ କରୁଛନ୍ତି। ଗତ ମଙ୍ଗଳବାର ଅପରାହ୍ନରେ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ରବୀନ୍ଦ୍ର ଏହାକୁ ବାରଣ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବିଜୟ ବେହେରା, ଅଜୟ ବେହେରା ଓ ପୁଅ ରାଜା ବେହେରା ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏ ନେଇ ରବୀନ୍ଦ୍ର ଗୋପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ କେସ୍ (ନଂ. ୧୧୨/୧୯) ରୁଜୁ କରି ତଦନ୍ତ କରୁଥିବା ଥାନାଧିକାରୀ ସୁଧୀର ସାହୁ କହିଛନ୍ତି।

### ମହିଳାଙ୍କୁ ହତ୍ୟା ଧମକ

ପୁରୀ ଅଫିସ, ୨୨।୮: କୁମ୍ଭାରପଡ଼ା ଥାନା ଅଧୀନ ପତିତପାବନ ଲେନ୍‌ରେ ଜଣେ ମହିଳାଙ୍କୁ ହତ୍ୟା ଧମକ ଦିଆଯାଇଛି। ଏ ନେଇ ସମ୍ପୃକ୍ତ ମହିଳା ଲକ୍ଷ୍ମୀ ବେହେରା କୁମ୍ଭାରପଡ଼ା ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି। ଏତଲାରେ ଦର୍ଶାଯାଇଛି ଯେ, ବୁଧବାର ଲକ୍ଷ୍ମୀଙ୍କ ପୁଅ କାହ୍ନା ତାଙ୍କ ଘରକୁ ବିଦ୍ୟୁତ ତାର ସଂଯୋଗ ନେଉଥିଲେ। ଏହି ସମୟରେ କେତେଜଣ ଯୁବକ ଆସି କୌଣସି କାରଣକୁ ନେଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାର କିଛି ସମୟ ପରେ ସେମାନେ ଆସି ମାଆ, ପୁଅ ଏଠାରୁ ଘର ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ। ସନ୍ଧ୍ୟାରେ ସେମାନେ ଘରେ ପଶି ଆସବାବପତ୍ର ଫିଙ୍ଗାଫିଙ୍ଗି କରିଥିଲେ। ଲକ୍ଷ୍ମୀ ଏହାର ବିରୋଧ କରିବାରୁ ସମ୍ପୃକ୍ତ ଯୁବକମାନଙ୍କ ମଧ୍ୟରୁ ଜଣେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଥିଲେ। ଅନ୍ୟଜଣେ ବେକରେ ଖଣ୍ଡା ଲଗାଇ ଏ ଜାଗା ଛାଡ଼ି ନ ଗଲେ, ହତ୍ୟା କରି ଅଖାରେ ପୁରାଇ ସମୁଦ୍ରରେ ଫିଙ୍ଗି ଦେବୁ ବୋଲି ଧମକ ଦେଇଥିବା ଲକ୍ଷ୍ମୀ ଅଭିଯୋଗ କରିଛନ୍ତି।

### ବିଧାୟକଙ୍କ ଅଭିଯୋଗ ଶୁଣାଣି

ଡେଲାଙ୍ଗ, ୨୨।୮(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ଅଫିସ୍ ପରିସରରେ ପିପିଲି ବିଧାୟକ ପ୍ରଦୀପ ମହାରଥୀ ଗୁରୁବାର ଅଭିଯୋଗ ଶୁଣାଣି କରିଥିଲେ। ଇନ୍ଦିରା ଅବାସ, ଅଙ୍ଗନୱାଡି ଗୃହ, ନିର୍ମାଣ ଶ୍ରମିକ ଗୃହ, ଲେବର କାର୍ଡ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଓ ଭତ୍ତା ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଏ ନେଇ ଆସନ୍ତା ୮ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ମୋଟ ୧୭ଟି ଅଭିଯୋଗ ଆସିଥିଲା।

## ପଞ୍ଚଶୀଳ ନୀତି ଅର୍ଥନୈତିକ ବିକାଶରେ ବାଟ କଢ଼ାଇଥିଲା

ସାକ୍ଷୀଗୋପାଳ, ୨୨।୮ ( ଡି.ଏନ୍. ଏ.)

ସାକ୍ଷୀଗୋପାଳ କଲେଜରେ 'ଓଡ଼ିଶାରେ ଗାନ୍ଧିଜୀ' ଶୀର୍ଷକ ଏକ ଆଲୋଚନା ଗୁରୁବାର କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗ ପକ୍ଷରୁ ଆୟୋଜିତ ଏହି ଆଲୋଚନା ଚକ୍ରର ମୁଖ୍ୟଅତିଥି ଭାବରେ ପୂର୍ବତନ ଉଚ୍ଚଶିକ୍ଷା ଅତିରିକ୍ତ ନିର୍ଦ୍ଦେଶକ ପ୍ର. ଡକ୍ଟର ଅମୀୟ କୁମାର ମହାନ୍ତି ଯୋଗଦେଇଥିଲେ। ଗାନ୍ଧିଜୀଙ୍କ ପଞ୍ଚଶୀଳ ନୀତି ଗ୍ରାମୀଣ ବିକାଶର ଧାରା ଓଡ଼ିଶାର ଅଭାବୀ ଲୋକଙ୍କର ଅର୍ଥନୈତିକ ବିକାଶର ବାଟ କଢ଼ାଇଥିଲା ବୋଲି ସେ କହିଥିଲେ। କାଟିଖାଅ, କୁଟିପିନ୍ଧ ବାର୍ତ୍ତା ଓ ଭାଇଚାରା ସମ୍ପର୍କରେ ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂରକରି ସତ୍ୟ, ଅହିଂସା ମାର୍ଗ ଅନୁସରଣ କରିବାକୁ ଦିଗ୍‌ଦର୍ଶନ ଦେଇଥିଲା। ସବୁରି ପଛରେ ଶିକ୍ଷାହିଁ ସମାଜିକ ବିକାଶର ମାନ ବୋଲି ଉତ୍କଳମଣିଙ୍କ ଚିନ୍ତା ଚେତନାକୁ ଗାନ୍ଧିଜୀ ଓଡ଼ିଶା ଆସିବା ସମୟରେ ଉଚ୍ଚ ପ୍ରଶଂସା କରିଥିବା କହିଥିଲେ। ସେହି ମହାପୁରଷଙ୍କ ଦାୟାଦ ଭାବରେ ଆମେ ନିଜକୁ ଗଢ଼ି ତୋଳିବାକୁ ସେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପୁରୀ ଏସ୍‌ସିଏସ୍ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ର.ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବରେ ପ୍ର.ଚିନ୍ତାମଣି ମିଶ୍ର, ପ୍ର.ରତିକାନ୍ତ ପରିଡା ଯୋଗଦେଇ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ନରେନ୍ଦ୍ର ନାଥ ବେହେରା ସ୍ୱାଗତ ଅଭିଭାଷଣ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ର.ନିହାର ରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ସେମିନାର କରାଯାଇଥିଲା। ଏହି ଅବସରରେ ଇତିହାସ ସମ୍ମାନର ଛାତ୍ରୀ କରିସ୍ମା ବରାଳ ଓ ଛାତ୍ର ରାକେଶ ଜେନା ନିଜର ସନ୍ଧାଠ କରିଥିଲେ। ପ୍ରାରମ୍ଭରେ ଅଧାପିକା ସସ୍ମିତା ପ୍ରଧାନ ବେଦ ପାଠ କରିଥିଲେ।

## କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

କଣାସ, ୨୨।୮(ସ୍ୱ.ପ୍ର.)

- ଡାକ୍ତରଖାନା ପରିସର ଗୋରୁଗୁହାଳ
- ଡାକ୍ତର ନ ଥିବାରୁ ଆସୁନାହାନ୍ତି ରୋଗୀ



ପୁରୀ ଜିଲା କଣାସ ବ୍ଲକ ଏକ ଅନୁନ୍ନତ ଅଞ୍ଚଳ ରୂପେ ପରିଚିତ। ବ୍ଲକର ୧୦୮ଟି ପଡା ଗ୍ରାମର ୧ଲକ୍ଷ ୬୦ ହଜାର ଲୋକଙ୍କ ଚିକିତ୍ସା ପାଇଁ କଣାସଠାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମନ୍ଦାରବସ୍ତ, ସାହୁପଡା, ଗଡିଶାଗୋଦା, ନନ୍ଦିଗୋଦା, ବୀରକିଶୋରଠାରେ ୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। କିନ୍ତୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବାକୁ ନେଇ ନାନା ସମସ୍ୟା ଦେଖାଯାଇଛି। ଅଧିକାଂଶ କେନ୍ଦ୍ରରେ ଡାକ୍ତରଠାରୁ ଆରମ୍ଭ କରି ସୁଇପର ପର୍ଯ୍ୟନ୍ତ ବହୁ ପଦବୀ ଖାଲିଥିବାବେଳେ ରୋଗୀମାନେ ଜୀବନକୁ ଆଶା ଛାଡ଼ି ଚିକିତ୍ସା କରାଉଛନ୍ତି।

କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ଜଣ ଡାକ୍ତର ରହିବାଥିବାବେଳେ ମାତ୍ର ୩ଜଣ ହିଁ ସଦ୍ୟ ନିଯୁକ୍ତି ପାଇଛନ୍ତି। ଏହାସହ ଶିଶୁରୋଗ ବିଶେଷଜ୍ଞ, ସ୍ତ୍ରୀରୋଗ, ଚକ୍ଷୁରୋଗ, ସଲ୍ୟରୋଗ ବିଶେଷଜ୍ଞ ପଦବୀ ଖାଲି ପଡିଥିବାବେଳେ ସାହୁପଡା, ଗଡିଶାଦୋଗ, ନନ୍ଦିଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମୂଳରୁ ଡାକ୍ତର ହିଁ ନାହାନ୍ତି। ସେହିଭଳି ୨ଟି ଆଟେଣ୍ଡାଣ୍ଟ, ୨ଟି ଷ୍ଟାପ ନର୍ସ, ୧ ପିଏଚ୍ଇଓ, ୧ ଏଲଏଭି ଏବଂ ଜଣେ ସୁପରଭାଇଜର ପଦବୀ ଖାଲିଥିବାବେଳେ ୯ଜଣ ପୁରୁଷ ଓ ୭ ମହିଳା ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲି ପଡିଛି। କମସଂଖ୍ୟକ ଡାକ୍ତର ଥିବାରୁ ବହୁ ରୋଗୀ ଭୟକରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁ ନ ଥିବାରୁ ଅଧିକାଂଶ ସମୟ ଖଟିଆଗୁଡିକ ଖାଲିପଡି ରହୁଛି। ଯଦିଓ ରୋଗୀମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସନ୍ତି ସେମାନଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ପୁରୀ କିମ୍ବା ଭୁବନେଶ୍ୱର ପଠାଇ ଦିଆଯାଉଛି। ଯଦ୍ୱାରା ରୋଗୀ ସାଙ୍ଗରେ ଯାଉଥିବା ପରିବାର ଲୋକେ ବହୁ ଖର୍ଚ୍ଚାନ୍ତ ହୁଅନ୍ତି। ବିଶେଷଭାବେ ଗରିବ ଲୋକମାନଙ୍କୁ ଏହା ବହୁ ବାଧୁଛି। ଅନ୍ୟପକ୍ଷରେ ମାଗଣାରେ ଔଷଧ ଦେବାପାଇଁ ନିରାମୟ କେନ୍ଦ୍ର ଖୋଲାଯାଇଥିଲେ ମଧ ତାହା ୨୪ଘଣ୍ଟା ଖୋଲୁ ନ ଥିବାରୁ ରୋଗୀମାନେ ବାହାରୁ ଟଙ୍କାଦେଇ ଔଷଧ କିଣୁଛନ୍ତି। ସେହିଭଳି ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମୁଖ ଗେଟଟି ୬ମାସ ହେବ ତିଆରି ଚାଲିଥିବାରୁ ଉକ୍ତ ଗେଟ୍ ଦେଇ ବହୁ ବୁଲା ଗାଈ ଓ ଷଣ୍ଢ ଭିତରେ ପଶି ଦୌରାତ୍ମ୍ୟ ସୃଷ୍ଟି କରୁଛନ୍ତି। ଯାହାଦ୍ୱାରା ପ୍ରତ୍ୟେକ ଦିନ ଡାକ୍ତରଖାନା ପରିସରରେ ଛୋଟବଡ ଦୁର୍ଘଟଣାମାନ ହେଉଛି। ଏ ସମ୍ପର୍କରେ ଭାରପ୍ରାପ୍ତ ଅଧିକାରୀ ଅଭିନାଶ ପାତ୍ର କୁହନ୍ତି, ଆବଶ୍ୟକ ଅନୁଯାୟୀ ଡାକ୍ତର ଓ କର୍ମଚାରୀ ନ ଥିବାରୁ ନିରାମୟ କେନ୍ଦ୍ର ୨୪ ଘଣ୍ଟା ଖୋଲାଯାଇ ନ ଥିବାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛୁ। ଡାକ୍ତର, କର୍ମଚାରୀ ନିଯୁକ୍ତ ପାଇଁ ବାରମ୍ବାର ଉଚ୍ଚ ଅଧିକାରୀଙ୍କୁ ଚିଠି ଲେଖିଲେ ମଧ ସୋମାନେ କୌଣସି ବ୍ୟବସ୍ଥା କରୁନାହାନ୍ତି। ତେଣୁ ଏଥିପ୍ରତି ସ୍ୱାସ୍ଥ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ କଣାସ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।